# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar




ରାଜ୍ୟଗୋଷ୍ଠୀ କ୍ରୀଡ଼ା ହକି ସେମିରେ ଭାରତ ।୧୧



ପୁଣି ଥରେ ପରଦାକୁ ଫେରିବେ ମନ୍ଦାକିନୀ ।୧୨


RNI Regd. No.ORI ORI 2004/12956 Postal Regd. No. BN/294/21-23 Published Simultaneously from Bhubaneswar, Angul & Berhampur. www.odishabhaskar.com

ଊନବିଂଶ ବର୍ଷ ସଂଖ୍ୟା-୧୪୩ Vol. 19 No-143 5 AUGUST 2022 FRIDAY BHUBANESWAR ଶୁକ୍ରବାର, ୫ ଅଗଷ୍ଟ ୨୦୨୨ ପୃଷ୍ଠା-୧୨ ମୂଲ୍ୟ:୭.୦୦


## ସଂକ୍ଷେପରେ...

### ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ



ଭୁବନେଶ୍ୱର, ୪।୮, (ଭାସ୍କର ନ୍ୟୁଜ୍) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଠାରୁ ଦିଲ୍ଲୀ ଗସ୍ତରେ ଯାଉଛନ୍ତି। ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନୀତି ଆୟୋଗ ବୈଠକରେ ସେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ସେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ଦେବାକୁ ଦାବି ଦୋହରାଇବେ। ଏହା ସହିତ କେନ୍ଦ୍ର ଠାରୁ ପାଇବାକୁ ଥିବା ବକେୟା ଅର୍ଥ ନେଇ ମଧ୍ୟ ଆଲୋଚନା କରିବେ। ଏଥିସହ ରେଳ, ଟେଲିକମ୍ ଏବଂ ଗ୍ରାମାଞ୍ଚଳରେ ବ୍ୟାଙ୍କିଂ କ୍ଷେତ୍ରକୁ ସୁଦୃଢ଼ କରିବାକୁ ସେ ଦାବି କରିବେ। ସୂଚନାଯୋଗ୍ୟ ଯେ, ଗତ ସପ୍ତାହରେ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ। ଏପରିକି ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ସେ ପ୍ରଶଂସା କରିଥିଲେ।

### ଭୂକମ୍ପରେ ଥରିଲା ଛତିଶଗଡ଼

ରାୟପୁର, ୪।୮ : ଗୁରୁବାର ସକାଳେ ଛତିଶଗଡ଼ର ସୂରଜପୁର ଅଞ୍ଚଳରେ ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୩.୦ ରେକର୍ଡ କରାଯାଇଛି। ଏହାର କେନ୍ଦ୍ରସ୍ଥଳ ଭୂପୃଷ୍ଠ ଠାରୁ ୧୦ କି.ମି. ଗଭୀରରେ ଥିବା ସୂଚନା ଦିଆଯାଇଛି। ଭୂକମ୍ପ ଝଟ୍‌କା ଅନୁଭୂତ ହେବା ପରେ ଲୋକେ ଭୟଭୀତ ହେବା ସହ ଘରୁ ପଦାକୁ ବାହାରି ଆସିଥିଲେ। ତେବେ ଏଥିରେ କାହାର କିଛି କ୍ଷୟକ୍ଷତି ହୋଇନାହିଁ କିମ୍ବା କେହି ମୃତାହତ ହୋଇନାହାନ୍ତି ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସେନ୍‌ସେକ୍ସ: ୫୮,୨୯୮.୮୦

ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୨ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

### ୪।୮ ର ମତାମତ

ଆମେରିକା ସଂସଦର ବାଚସ୍ପତିଙ୍କୁ ଚୀନ୍ ବିରୋଧ କରିବା ଉଚିତ୍ କି ?




### ଆଜିର ପ୍ରସଙ୍ଗ

ଚୀନ୍-ତାଇୱାନ ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବା ଉଚିତ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ତୀର୍ଯ୍ୟକ

ଅର୍ଜିତ ଅନିର୍ବାଣ



ରହି ହେଉନାହିଁ ସହି ହେଉନାହିଁ
ଶିରାବଣେ ନାହିଁ ବରଷା,
ଚାଷୀ କାନ୍ଦୁଛନ୍ତି ତୁହାଇ ତୁହାଇ
ଲଘୁଚାପ ଏକା ଭରସା ।
ବୁଡ଼ି ବୁଡ଼ି ଯାଏ ବେଉସା,
ଚାଷକାମ ଯିଏ କରି ଆସୁଥିଲେ
ତାଙ୍କୁ ଲୋଡ଼ା ଏବେ ପଇସା !!

## ତାଇୱାନ ଉପକୂଳରେ ଯୁଦ୍ଧ ସ୍ଥିତି

# ଚୀନର କ୍ଷେପଣାସ୍ତ୍ର ମାଡ଼

- ତାଇୱାନ ସୀମାରେ ଉତ୍ତେଜନା
- ପ୍ରତିରକ୍ଷା ଜୋନ୍‌ରେ ଚୀନର ୨୭ ଯୁଦ୍ଧ ବିମାନ
- ଯୁଦ୍ଧାଭ୍ୟାସ କରିବେ ଭାରତ-ଆମେରିକା
- ଜୋର୍‌ଦାର ହେଲା ମିସାଇଲ୍ ଡ୍ରିଲ୍



ନୂଆଦିଲ୍ଲୀ, ୪।୮ : ତାଇୱାନକୁ ନେଇ ଦୁଇ ମହାଶକ୍ତି ଚୀନ ଓ ଆମେରିକା ମଧ୍ୟରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଛି। ବିଶେଷ କରି ଆମେରିକାର ସିନେଟର ବାଚସ୍ପତି ନାନ୍ସି ପେଲୋସି ତାଇୱାନ ଗସ୍ତ କରି ଫେରିଯିବା ପରେ ଚୀନ ରକ୍ତଚାଉଳ ଚୋବାଇ ହେବା ସହ ତାଇୱାନକୁ ଟାର୍ଗେଟ କରିଛି। ତାଇୱାନ ଉପରେ ରାଗ ଶୁଝାଇବା ପାଇଁ ଚୀନ ସେନା ତାଇୱାନକୁ ଚାରିପଟୁ ଘେରି ରହିଛନ୍ତି। ଚୀନର ୨୭ଟି ଯୁଦ୍ଧ ବିମାନ ତାଇୱାନର ପ୍ରତିରକ୍ଷା ଜୋନ୍‌ରେ ପ୍ରବେଶ କରିଛନ୍ତି। ଡ୍ରାଗନ ସେନା ତାଇୱାନର ଚାରିପଟେ ୬ଟି ନୋ ଏଣ୍ଟ୍ରି ଜୋନ୍ ଘୋଷଣା କରିଛି। ତାଇୱାନ ସୀମାରେ ଯେଉଁ ଯୁଦ୍ଧ ବିମାନ ଚୀନର ଦେଖାଦେଇଛି ସେଥିମଧ୍ୟରେ ୫ଟି ଜେ-୧୬, ୧୬ଟି ସୁ-୩୦ ଓ ଜେ-୨୦ ଯୁଦ୍ଧ ବିମାନ ରହିଛି। ଏହାସହ ଚୀନ ଉତ୍ତର, ଦକ୍ଷିଣ-ପଶ୍ଚିମ ଓ ଦକ୍ଷିଣ-ପୂର୍ବ ଦିଗରେ ତାଇୱାନର ଜଳ ଓ ଆକାଶମାର୍ଗରେ ସମରାଭ୍ୟାସ ଆରମ୍ଭ କରିଛି। ଏପରିକି ସମୁଦ୍ରରେ କ୍ଷେପଣାସ୍ତ୍ର ପରୀକ୍ଷଣ କରିଥିବା ନେଇ ସୂଚନା ଦିଆଯାଇଛି। ଆସନ୍ତା ସପ୍ତାହ ଯାଏ ଏହି ସମରାଭ୍ୟାସ ଜାରି ରହିବ ବୋଲି ଚୀନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ତାଇୱାନ ମଧ୍ୟ ନିଜର ସୁରକ୍ଷା ପାଇଁ ତା'ର ଏୟାର ଡିଫେନ୍ସ ସିଷ୍ଟମ୍‌କୁ ସକ୍ରିୟ କରିଛି। ଚୀନ ବଡ଼ ଧରଣର ସମରାଭ୍ୟାସ ଆରମ୍ଭ କରିଥିବାରୁ ଏହାକୁ ନେଇ ବିଶ୍ୱ ସମୁଦାୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆମେରିକା ସିନେଟ୍ ବାଚସ୍ପତି ନାନ୍ସି କହିଛନ୍ତି ଯେ, ତାଇୱାନ ସହ ଆମେରିକା ସବୁବେଳେ ଛିଡ଼ା ହେବ। ସେହିପରି ଚୀନ ସହ ବଢ଼ୁଥିବା ବିବାଦ ଭିତରେ ଆମେରିକା ଓ ଅନ୍ୟାନ୍ୟ ଦେଶ ମଧ୍ୟ ଏକାଠି ହୋଇ ସମରାଭ୍ୟାସ ଆରମ୍ଭ କରିଛନ୍ତି। ଇଣ୍ଡୋନେସିଆର ଜାକର୍ତ୍ତା ଠାରେ ଆରମ୍ଭ ହୋଇଥିବା ଏହି ମିଳିତ ସମରାଭ୍ୟାସ ୧୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିରେ ଆମେରିକା, ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ, ଜାପାନ ଓ ସିଙ୍ଗାପୁର ସମେତ ୧୪ଟି ଦେଶ ସାମିଲ ହୋଇଛନ୍ତି। ୫ ହଜାରରୁ ଊର୍ଦ୍ଧ୍ୱ ସେନା ଏଥିରେ ଅଂଶଗ୍ରହଣ କରିଛନ୍ତି। ତେବେ ଚୀନର ସମରାଭ୍ୟାସ ଆରମ୍ଭ ପରେ ଜବାବ ଦେବା ପାଇଁ ଆମେରିକା ବି ପ୍ରସ୍ତୁତ ହୋଇଛି। ଏହିକ୍ରମରେ ଆମେରିକା ତାଇୱାନ ସୀମାକୁ ଯୁଦ୍ଧ ବିମାନ ପଠାଇଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଧ୍ୟ ସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖିବା ସହ ଫିଲିପାଇନ୍ସକୁ ନିଜର ୟୁଏସ୍‌ଏସ୍ ରୋନାଲ୍ଡ ରିଗାନ ଯୁଦ୍ଧ ଜାହାଜ ପଠାଇଛନ୍ତି। ତାଇୱାନ ରାଷ୍ଟ୍ରପତି ମଧ୍ୟ ସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖିବା ସହ ଯେ କୌଣସି ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ଥିବା କହିଛନ୍ତି। ବୁଧବାର ନାନ୍ସି ତାଇୱାନରେ କହିଥିଲେ ଯେ, ସେମାନେ ତାଇୱାନବାସୀଙ୍କ ସହ ରହିଛନ୍ତି ଓ ଏହାପ୍ରତି ଆମର ପ୍ରତିବଦ୍ଧତା ରହିଛି। ଅନ୍ୟପକ୍ଷରେ ଚୀନର ସେନା ତାଇୱାନ ସୀମାରେ ମିସାଇଲ ମାଡ଼ କରିଥିବାରୁ ଏହାକୁ ନିନ୍ଦା କରାଯାଇଛି। ଏହି ମିସାଇଲ୍‌ଟି ତାଇୱାନ ନିକଟ ପାଣିରେ ପଡ଼ିଯାଇଥିଲା। ● ପୃଷ୍ଠା ୮ ଦେଖନ୍ତୁ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉପାୟନ ପ୍ରଦାନ କରି ସମ୍ମାନିତ କରୁଛନ୍ତି ୟୁନିୟନ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଏ ମନି ମେଖଲାଇ

# ଜଷ୍ଟିସ ଲଳିତ ପରବର୍ତ୍ତୀ ପ୍ରଧାନ ବିଚାରପତି



ନୂଆଦିଲ୍ଲୀ, ୪।୮ : ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ ଉଦୟ ଉମେଶ ଲଳିତ ହେବେ ପରବର୍ତ୍ତୀ ପ୍ରଧାନ ବିଚାରପତି। ସେ ବର୍ତ୍ତମାନର ପ୍ରଧାନ ବିଚାରପତି ଜଷ୍ଟସ ଏନ୍.ଭି.ରମନ୍ନାଙ୍କ ସ୍ଥାନ ନେବେ। ଏନେଇ ଜଷ୍ଟିସ ରମନ୍ନା ତାଙ୍କ ନାମ ସୁପାରିଶ କରିଛନ୍ତି। ଆଇନ୍ ଏବଂ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଚିଠି ମିଳିବା ପରେ ପ୍ରଧାନ ବିଚାରପତି ଏହି ସୁପାରିଶ କରିଛନ୍ତି। ଜଷ୍ଟିସ ଲଳିତ ଚଳିତ ମାସ ୨୭ ତାରିଖରେ ଦେଶର ୪୯ତମ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ। ସେ ମୁସଲମାନ ସମ୍ପ୍ରଦାୟର ତିନି ତଲାକ ଭଳି ପ୍ରଥା ଉପରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେବା ସହ ଅନେକ ଐତିହାସିକ ରାୟ ଦେଇ ଚର୍ଚ୍ଚାରେ ରହିଥିଲେ। ଜଷ୍ଟିସ ଲଳିତ ଯେ କି ଦ୍ୱିତୀୟ ପ୍ରଧାନ ବିଚାରପତି ହେବାକୁ ଯାଉଛନ୍ତି ଯିଏ କି ସୁପ୍ରିମ୍‌କୋର୍ଟ ବାର୍‌ରୁ ସିଧାସଳଖ ପଦୋନ୍ନତି ପାଇ ପ୍ରଧାନ ବିଚାରପତି ହେବେ। ଜଷ୍ଟିସ ଲଳିତ ୨୦୧୪ ଅଗଷ୍ଟ ୧୩ ତାରିଖରେ ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ କାର୍ଯ୍ୟକାଳ ମାତ୍ର ୭୪ ଦିନ ରହିବ। ସେ ସିଜେଆଇ ଭାବରେ ଜଷ୍ଟିସ ଚନ୍ଦ୍ରଚୂଡ଼, ଜଷ୍ଟିସ କୌଲ, ଜଷ୍ଟିସ ନାଜିର ଏବଂ ଜଷ୍ଟିସ ଇନ୍ଦିରା ବାନାର୍ଜୀଙ୍କୁ ନେଇ ଗଠିତ କଲେଜିୟମ୍‌ର ନେତୃତ୍ୱ ନେବେ। ଜଷ୍ଟିସ ଲଳିତ ନଭେମ୍ବର ୮ ତାରିଖରେ ପ୍ରଧାନ ବିଚାରପତି ପଦରୁ ଅବସର ଗ୍ରହଣ ● ପୃଷ୍ଠା ୮ ଦେଖନ୍ତୁ

## ଶିଳ୍ପପତି ମହିମା ମିଶ୍ରଙ୍କ ଘରେ ସିବିଆଇ

# କଟକ, ପାରାଦୀପରେ ଚଢ଼ାଉ



### ୨୫ ଲକ୍ଷର ଲାଞ୍ଚ ନେଇ ଖୋଳତାଡ଼

### ସିବିଆଇ ହେପାଜତରେ ମହିମାଙ୍କ ବଡ଼ ପୁଅ

### ପୋର୍ଟ ଟ୍ରଷ୍ଟର ଅଧିକାରୀ ଓ ଠିକାଦାର ଅଟକ

କଟକ/ପାରାଦୀପ, ୪।୮, (ଭାସ୍କର ନ୍ୟୁଜ୍) : ବିଶିଷ୍ଟ ଶିଳ୍ପପତି ମହିମା ମିଶ୍ରଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଗୁରୁବାର ସକାଳୁ ସିବିଆଇ ଚଢ଼ାଉ ଆରମ୍ଭ ହୋଇଛି। କୋଇଲା ପ୍ଲଟ୍ ଆବଣ୍ଟନ ନେଇ ୨୫ ଲକ୍ଷ ଟଙ୍କାର ଲାଞ୍ଚ କାରବାର ସମ୍ପର୍କରେ ଏହି ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ସିବିଆଇ ଟିମ୍ ଶ୍ରୀ ମିଶ୍ରଙ୍କ କଟକ ଓଡ଼ିଆ ବଜାରସ୍ଥିତ ବାସଭବନ, ଲିଙ୍କରୋଡ୍‌ସ୍ଥିତ ଓଏସ୍‌ଏଲ୍ କାର୍ଯ୍ୟାଳୟ, ପାରାଦୀପସ୍ଥିତ ଓଏସ୍‌ଏଲ୍ ଅଫିସ ଏବଂ ପାରାଦୀପର ଏକ ଗେଷ୍ଟ ହାଉସ୍‌ରେ ଏକକାଳୀନ ଚଢ଼ାଉ କରିଥିଲେ। ଗେଷ୍ଟହାଉସ୍ ଠାରେ ପାରାଦୀପ ପୋର୍ଟର ଜଣେ ବରିଷ୍ଠ ଅଧିକାରୀ ଓ ଜଣେ ଠିକାଦାରଙ୍କୁ ପଚରା ଉଚୁରା କରିବା ସହ ସେମାନଙ୍କୁ ଉଠାଇ ଆଣିଥିବା ସୂଚନା ମିଳିଛି। ତେବେ ଚଢ଼ାଉ ସମ୍ପର୍କରେ ଶ୍ରୀ ମିଶ୍ର କହିଛନ୍ତି ଯେ, କ'ଣ ପାଇଁ ସିବିଆଇ ଚଢ଼ାଉ କରିଛି ତାହା ସେ ଜାଣିନାହାନ୍ତି। ଆମେ କୌଣସି ପ୍ରକାରର ବେଆଇନ୍ କାମ କରିନାହୁଁ। ଆଇନ୍ ବ୍ୟବସ୍ଥା ଉପରେ ମୋର ଯଥେଷ୍ଟ ଭରସା ରହିଛି। ତେବେ ମିଳିଥିବା ସୂଚନାନୁଯାୟୀ, ସିବିଆଇ ଚଢ଼ାଉ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ଉଭୟ ପାରାଦୀପ ପୋର୍ଟର ଅଧିକାରୀ ଓ ଠିକାଦାରଙ୍କ ଠାରୁ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ ହୋଇଥିବା ସୂଚନା ମିଳିଛି। ତେବେ ଅଧିକ ପଚରା ଉଚୁରା ପାଇଁ ● ପୃଷ୍ଠା ୮ ଦେଖନ୍ତୁ

## ଦୁର୍ଘଟଣା ନୁହେଁ ପ୍ରତିଶୋଧ

# ବଚସାରୁ ଟ୍ରକ୍ ଚଢ଼ାଇ ହତ୍ୟା

- ନିଜ ଆଡୁ ପୋଲିସର ମାମଲା
- ଅଭିଯୁକ୍ତ ଡ୍ରାଇଭର ଗିରଫ
- ହତ୍ୟା ମାମଲା ରୁଜୁ, ତଦନ୍ତ ଜାରି

ଯାଜପୁର/ଧର୍ମଶାଳା, ୪।୮, (ଭାସ୍କର ନ୍ୟୁଜ୍) : ବୁଧବାର ଅପରାହ୍ଣରେ ଯାଜପୁର ଜିଲ୍ଲା ୫୩ ନଂ ଜାତୀୟ ରାଜପଥର ଜେନାପୁର ବରଡ଼ା ଛକ ନିକଟରେ ଟ୍ରକ୍ ଦୁର୍ଘଟଣାରେ ମା'-ଝିଅଙ୍କ ମୃତ୍ୟୁ ଘଟଣା ଏବେ ନୂଆ ମୋଡ଼ ନେଇଛି। ଏହା ଦୁର୍ଘଟଣା ନୁହେଁ ବରଂ ପ୍ରତିଶୋଧରୁ ହତ୍ୟା ବୋଲି ଜଣାପଡ଼ିଛି। ଏହି ଘଟଣାରେ ଜେନାପୁର ଥାନା ପୋଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ଅଭିଯୁକ୍ତ ଟ୍ରକ୍ ଡ୍ରାଇଭରକୁ ଗିରଫ କରିଛି। ମିଳିଥିବା ସୂଚନାନୁଯାୟୀ, କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଅଞ୍ଚଳରେ ନିଜ ବାପାଙ୍କ ଶୁଦ୍ଧି କ୍ରିୟା କାମ ସାରି ଫେରୁଥିବାବେଳେ ଏହି ଅଘଟଣ ଘଟିଥିଲା। ଏଥିରେ ସୁକିନ୍ଦା ଅଞ୍ଚଳର ଅଶୋକ ଚକ୍ରବର୍ତ୍ତୀଙ୍କ ପତ୍ନୀ ଶ୍ରୀତିକା ଚକ୍ରବର୍ତ୍ତୀ ଓ ତାଙ୍କ ଝିଅ ଲିପିକା ଚକ୍ରବର୍ତ୍ତୀଙ୍କର ମୃତ୍ୟୁ ଘଟିଥିଲା। ସୂଚନାନୁଯାୟୀ, ଶ୍ରୀତିକା ଓ ଲିପିକା ସ୍କୁଟିରେ ଫେରୁଥିବାବେଳେ ସେହି ରାସ୍ତାରେ ଆସୁଥିବା ଏକ ୧୦ ଚକିଆ ଟ୍ରକ୍ ସେମାନଙ୍କ ଗାଡ଼ିକୁ ସାଇଡ ମାରିଥିଲା। ଏଥିରୁ ଅଳ୍ପକେ ବର୍ତ୍ତିଯାଇଥିଲେ ମା ଓ ଝିଅ। ଏହାପରେ ମା ଓ ଝିଅ ଦ୍ରୁତ ଗତିରେ ଆସି ଆରୁହା ଛକ ନିକଟରେ ଟ୍ରକ୍‌ଟିକୁ ଅଟକାଇବା ସହ ଟ୍ରକ୍ ଚାଳକ ସହ ଯୁକ୍ତିତର୍କ କରିଥିଲେ। ଏପରିକି ଝିଅ ଲିପିକା ଡ୍ରାଇଭରକୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଗଣ୍ଡଗୋଳ ବଢ଼ୁଥିବା ଦେଖି ସ୍ଥାନୀୟ ଲୋକେ ଏଥିରେ ହସ୍ତକ୍ଷେପ କରିଥିଲେ ଓ ସମସ୍ତଙ୍କୁ ବୁଝାଶୁଝା କରିବା ପରେ ସମସ୍ତେ ନିଜ ନିଜ ରାସ୍ତାରେ ● ପୃଷ୍ଠା ୮ ଦେଖନ୍ତୁ






ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ) : ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ବିଶ୍ୱସ୍ତନ୍ୟପାନ ସପ୍ତାହ ପାଳନ ହୋଇଯାଇଛି । ମେଡିକାଲ ସମ୍ମିଳନୀ କକ୍ଷରେ ଅଧିକ୍ଷକ ତଥା ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡାକ୍ତର କମଳାକାନ୍ତ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡା ଆଦିତ୍ୟ କୁମାର ସାହୁ ଓ ଡା ସସ୍ମିତା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ପାଇଁ ମାତୃ ସ୍ତନ୍ୟପାନର ଆବଶ୍ୟକତା, ଉପଯୋଗୀତା ଓ ଏହାର ଅଭାବରେ ଶିଶୁର ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋକପାତ କରିବା ସହ ଯେ କୌଣସି କାରଣ ପାଇଁ ଶିଶୁକୁ ଏହି ପ୍ରାକୃତିକ ଖାଦ୍ୟରୁ ବ▯ିତ କରାଯିବା ଉଚିତ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ । ଆଜିର ମାତୃଜାତି ଏହି ଦାଇତ୍ୱ ପ୍ରତି କ୍ରମେ ବିମୁଖ ହେଉଥବାରୁ ଏହାର ନିରାକରଣ ପାଇଁ ବ୍ୟାପକ ଜନସଚେତନତା ଲୋଡା ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିର ଗୁରୁମା ସୁସ୍ମିତା ସ୍ୱାଇଁଙ୍କ ନେତୃତ୍ୱରେ ଶିଶୁମାନେ ଚିତ୍ରାଙ୍କନ, କୁଇଜ ଓ ରଙ୍ଗୋଲି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ ।।

# ଅଗ୍ନିକାଣ୍ଡରେ ୪ ବଖରା ପାଉଁଶ



ଭଂଜନଗର,(ଭାସ୍କର ନ୍ୟୁଜ): ସ୍ଥାନୀୟ ବ୍ଲକ ତୁରୁମୁ ପଞ୍ଚାୟତର ବେରୁଆଁବାଡି ଗାଁ ରେ ଅଗ୍ନିକାଣ୍ଡ ଘଟି ୪ ଟି ପରିବାର ର ୪ ବଖରା ପୋଡ଼ି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଖବରପାଇ ଭଞ୍ଜନଗର ଅଗ୍ନିଶମ ବିଭାଗ କର୍ମଚାରୀ ମାନେଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ । ଅଗ୍ନିକାଣ୍ଡରେ ପ୍ରକୃତ କାରଣ ଜଣା ପଡିନଥିବା ବେଳେ , ଚୁଲି ନିଆଁ ରୁ ଅଗ୍ନିକାଣ୍ଡ ଘଟିଥିବା , ସନ୍ଦେହ କରାଯାଉଛି । କ୍ଷତିଗ୍ରସ୍ତ ପରିବାରଙ୍କ ମଧରେ ପଞ୍ଚୁ ଗୌଡ , ସନ୍ତୋଷ ଗୌଡ , ଶୁଶାନ୍ତ ଗୌଡ ଏବଂ ଅରୁଣ ଗୌଡ ଙ୍କ ବହୁ ପରିମାଣର ଆସବାବ ପତ୍ର , ଘରୋଇ ଉପକରଣ ଓ କୃଷି ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି । ସମସ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ଗୁରୁବାର ସୁଧା ସରକାରୀ ସହାୟତା ପହଞ୍ଚି ନଥିବା ଅଗ୍ନି ବିପନ୍ନ ପରିବାର ଅଭିଯୋଗ କରିଛନ୍ତି ।ଏହି ଅଗ୍ନିକାଣ୍ଡ ଖବର ପାଇ ଭଞ୍ଜନଗର ବିଜେପି ୫ ଜଣିଆ ପ୍ରତିନିଧି ଦଳ ବେରୁଆଁବାଡି ଗ୍ରାମରେ ଘଟିଥିବା କ୍ଷତି ଗ୍ରସ୍ତ ଅଗ୍ନି ବିପନ୍ନ ଲୋକଙ୍କୁ ଭେଟି ଘଟଣା ବିଷୟରେ ଆଲୋଚନା କରିବା ସହ ଶୁଖିଲା ଖାଦ୍ୟା ବଣ୍ଟନ କରିବା ସହ ଅତିଶୀଘ୍ର ସରକାରୀ ସାହାଯ୍ୟ ଯୋଗାଇ ପାଇଁ ପ୍ରଶାସନ ନିକଟରେ ଦାବୀ କରାଯିବ । ପ୍ରତିନିଧି ଦଳରେ ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ,ଯୁବନେତା ଅଯୋଧ୍ୟା ମହାପାତ୍ର,ନିଳମାଧବ ପାତ୍ର,ରବିନ୍ଦ୍ର କୁମାର ଗୌଡ଼,ସନ୍ତୋଷ ତିଆଡ଼ି,ସନ୍ତୋଷ ପାଳ,ବିନାୟକ ତ୍ରିପାଠୀ, ଶିବ ମହାପାତ୍ର ସମେତ କିଛି ବିଜେପି କର୍ମ ଉପସ୍ଥିତ ଥିଲେ ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଇଘର, ପାପଡାହାଣ୍ଡି (ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ସାନବାର୍ଲି ପଞ୍ଚାୟତ ବଡ଼ବାର୍ଲି ଗ୍ରାମରେ ଆଜି ଜଣେ ଯୁବକଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର କରାଯାଇଛି । ତାଙ୍କ ନାମ ମାଳିଙ୍ଗ ଯାନୀ(୩୬) । ବୃଦ୍ଧ ବାପା ସନୁ ସାନ୍ତାଙ୍କ ସହ ସେ ଘରେ ରହୁଥିଲେ । ଗାଁ ନିକଟ ତେନ୍ତୁଳି ଗଛରୁ ତାଙ୍କ ଝୁଲନ୍ତା ଶବ ଆଜି ସକାଳେ ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ ଖବର ପାଇ ପାପଡାହାଣ୍ଡି ଥାନା ଅଧିକାରୀ ଆର. ପ୍ରଧାନ, ଏଏସଆଇ ଲାବନ୍ୟ ବିମଳ,ମଇଦଳ ପୁର ଫାଣ୍ଡି ଅଧିକାରୀ ଡି ଦେବି କୁମାର ପହଞ୍ଚି କେସ ନମ୍ବର ୧୧/୨୨ ରେ ମାମଲା ରୁଜୁ କରି ଶବ ବ୍ୟାବଚ୍ଛେଦ ଲାଗି ନବରଙ୍ଗପର ମୁଖ୍ୟ ଚିକିତ୍ସାଳୟ କୁ ପଠାଇଛନ୍ତି । ଗତ ବର୍ଷ ମା କୁ ହରାଇବା ପରେ ପରେ ସ୍ତ୍ରୀ ଚାଲିଯାଇଥିବାରୁ ମାନସିକ ଅବସ୍ଥା ଠିକ ନ ଥିବାରୁ ସେ ଆତ୍ମ ହତ୍ୟା କରିଥିବା ସୂଚନା ଦେଇଛନ୍ତି ଗ୍ରାମବାସୀ ।

## କୁମ୍ଭକର୍ଣ୍ଣ ନିଦ୍ରାରେ ଜିଲ୍ଲା ଶିଶୁ ସୁରକ୍ଷା ସମିତି

# ନାବାଳିକାର ବିବାହକୁ ନେଇ ସାଧାରଣରେ ଚର୍ଚ୍ଚା

ଜଗତସିଂହପୁର(ଭାସ୍କର ନ୍ୟୁଜ) : ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଯଶୋବନ୍ତପୁର ଗ୍ରାମର ଜଣେ ଅସବର୍ଣ୍ଣ ନାବାଳିକାର ବିବାହକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ହେଉଛି । ସୂଚନା ମୁତାବକ ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଯଶୋବନ୍ତପୁର ଅଞ୍ଚଳର ଜଣେ ଦିନ ମଜୁରିଆଙ୍କ ନବମ ଶ୍ରେଣୀରେ ପଢୁଥିବା ନାବାଳିକା ଝିଅ କୁ ଗତ ତିନିମାସ ତଳୁ ପରିବାରର ଜ୍ଞାତସାରରେ ସ୍ଥାନୀୟ ଚାରିପୋଲିଆ ଅଞ୍ଚଳର ଜଣେ ଯୁବକ ସହିତ ବିବାହ କରାଯାଇଛି । କିନ୍ତୁ ଲୋକ ଦେଖାଣିଆକୁ ଝିଅ ତାଙ୍କର ସମ୍ପର୍କୀୟ ଙ୍କ ଘରେ ରହୁଛି ବୋଲି ନାବାଳିକାର ବାପା ବୁଲି ବୁଲି କହିଚାଲିଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଜଣେ ନାବାଳିକା କୁ ଏଭଳି ସ୍ଥିତିରେ ବେଆଇନ ଭାବେ ବିବାହ କରାଯାଇଥିଲେ ସୁଦ୍ଧା ସମ୍ବନ୍ଧିତ ଶିଶୁ ବିକାଶ ଯୋଜନା ଅଧିକାରୀ ଙ୍କ ପାଖରେ କିଭଳି ଏହି ସମ୍ବେଦନଶୀଳ ଘଟଣା ର ଖବର ପହଞ୍ଚି ପାରିଲା ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପଟରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ଶିଶୁ ମଙ୍ଗଳ କମିଟି କିଭଳି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ହେଉଛି । ଜଗତସିଂହପୁର ଭଳି ଏକ ଶିକ୍ଷିତ ଜିଲ୍ଲାରେ ଯଦି ଏଭଳି ଘୃଣ୍ୟ କାର୍ଯ୍ୟ ହେଉଛି ଯାହାର ଖବର ପ୍ରଶାସନ ତଥା ସମ୍ପୃକ୍ତ ବିଭାଗ ପାଖରେ ରହୁନାହିଁ, ତେବେ ରାଜ୍ୟର ଅନ୍ୟାନ୍ୟ ଅନୁନ୍ନତ ଜିଲ୍ଲାରେ କିଭଳି ସ୍ଥିତି ରହୁଥିବ ତାହା ସହଜରେ ଅନୁମେୟ । ତେଣୁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଶିଶୁ ମଙ୍ଗଳ ବିଭାଗ ନିଦରୁ ଉଠି ଯଥାଶୀଘ୍ର ଏହି ସମ୍ବେଦନଶୀଳ ଘଟଣା ର ତଦନ୍ତ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧ ଦିବସ ପାଳିତ




ଭଞ୍ଜନଗର,(ଭାସ୍କର ନ୍ୟୁଜ): ଭଞ୍ଜନଗର ବ୍ଲକ ବୁଦୁଲି ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଅପରାହ୍ଣରେ ନନ୍ଦିନୀ ଶତପଥୀ ସ୍ମୃତି ସଂସଦ ଏବଂ ବିଦ୍ୟାଳୟ ପକ୍ଷରୁ ମିଳିତ ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଷୋଡ଼ଷତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ଏହି ଅବସରରେ ପରିବେଶ ସଚେତନତା ଉପରେ ଏକ ସଭା ହେବାସହ ଚାରାରୋପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆୟୋଜିତ ଉତ୍ସବରେ ସ୍ମୃତି ସଂସଦର ସଭାପତି କୃତିବାସ ବିଶ୍ୱାଳ ଅଧକ୍ଷତା କରି ନନ୍ଦିନୀ ଦେବୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ ବୋଲି କହିଥିଲେ । ଭଞ୍ଜନଗର ଏନ୍ ଏ ସି ସାଂସଦ ପ୍ରତିନିଧି ପଞ୍ଚାନନ ପାଳ ମୁଖ୍ୟ ଅତିଥି, ପ୍ରଧାନ ଶିକ୍ଷୟତ୍ରୀ ଗାୟତ୍ରୀ ପଣ୍ଡା ମୁଖ୍ୟବକ୍ତା,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିଲୋଚନ ଜେନା, ଉପଦେଷ୍ଟା ବାମଦେବ ବିଶୋଇ, ଗଞ୍ଜାମ ଜିଲ୍ଲା ହାଇସ୍କୁଲ କର୍ମଚାରୀ ସଂଘର ବରିଷ୍ଠ କର୍ମକର୍ତ୍ତା ପ୍ରମୋଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ ସଭାକୁ ସଂଯୋଜନା କରିଥିଲେ । ସମ୍ପାଦକ ବାବୁଲା ପ୍ରଧାନ, ଶିକ୍ଷୟତ୍ରୀ ରମିତା କୁମାରୀ ସାହୁ, ରତ୍ନମାଳା ଶତପଥୀ, ସଂଯୁକ୍ତ କୁମାରୀ ବିଶୋଇ, ପ୍ରିୟଙ୍କା ପ୍ରଧାନ, ସସ୍ମିତା ସିଅ, ସୋନାଲିକା ପ୍ରଧାନ, ସୁଧାଂଶୁ ବାଳା ବିଶ୍ୱାଳ ,ଶିକ୍ଷକ ସୁଶାନ୍ତ କୁମାର ସାହୁ, ମନ୍ମଥ କୁମାର ବିଶୋଇ, କାଳି ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ବିଦ୍ୟାଳୟ ସଭାପତି ତ୍ରିଲୋଚନ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ ।

# ଜିଲ୍ଲା କୃଷକ ସଂଗଠନର ପକ୍ଷରୁ ଧାରଣା

ରଘୁନାଥପୁର,(ଭାସ୍କର ନ୍ୟୁଜ୍): ଗତବର୍ଷ ମହାବାତ୍ୟା ଜୱାଦ ଓ ପ୍ରବଳ ବର୍ଷାରେ ଜଗତ୍‌ସିଂପୁର ଜିଲ୍ଲାରେ ଦୁଇ ଦୁଇଥର ବ୍ୟାପକ ଫସଲହାନୀ ହୋଇଥିଲା ।ଚାଷୀକୁଳ ମୁଣ୍ଡରେ ହାତଦେଇ ବସିଥିଲା ବେଳେ ସରକାରଙ୍କ ପକ୍ଷରୁ ଚାଷୀ ମାନଙ୍କ ପାଇଁ ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରା ଯାଇଥିଲା । ଜିଲ୍ଲାର ୮ଟି ବ୍ଲକ ମଧ୍ୟରୁ ୭ଟି ବ୍ଲକରେ ଏହି ସହାୟତା ରାଶି ପ୍ରଦାନ ସରିଥିଲେ ମଧ୍ୟ ରଘୁନାଥପୁର ବ୍ଲକରେ ଏହାକୁ ପ୍ରଦାନ କରିବାରେ ଅହେତୁକ ବିଳମ୍ବ ନେଇ ଆଜି ଜଗତ୍‌ସିଂହପୁର ଜିଲ୍ଲା କୃଷକ ସଂଗଠନର ସଭାପତି ଗୋବିନ୍ଦ ଜେନା, ସଂପାଦକ ଇଂ ବାବାଜି ଚରଣ ଜେନା,ସଂଘର ପରିଚାଳନା ସଦସ୍ୟ ପାର୍ଥଶଖା ପାଲଟା ସିଂ,ତପନ ମହାନ୍ତି,ରାଜେଶ ସ୍ୱାଇଁ,ଅଶୋକ ନାୟକ,ଦିଲ୍ଲିପ ରଥ,ପ୍ରଭାକର ପାତ୍ର,ଗଙ୍ଗାଧର ଜେନା,ପ୍ରକାଶ ଜେନା,ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଶତାଧୀକ ଚାଷୀ ରଘୁନାଥପୁର ତହସିଲ ଘେରାଉ କରିଥିଲେ । ତେବେ ଏହି ରାଶି ଆବଣ୍ଟନ ପାଇଁ ଗତକାଲି ଠାରୁ ଜଗତ୍‌ସିଂହପୁର ଆକ୍ସିସ ବ୍ୟାଙ୍କ ଶାଖାକୁ ହସ୍ତାନ୍ତର କରାଯାଇ ସାରିଛି ଏବଂ ଆସନ୍ତା ଚାରିଦିନ ମଧ୍ୟରେ କ୍ଷତିଗ୍ରସ୍ତ ଚାଷିମାନେ ସହାୟତା ରାଶି ପାଇ ପାରିବେ ବୋଲି ତହସିଲଦାର ରୁପାଲିକା ଦାଶ କହିବାରୁ ଧାରଣାକାରୀ ମାନେ ତତ୍କ୍ଷଣାତ ଧାରଣାରୁ ଓହରି ଆସିଥିଲେ ।



# ଦୁର୍ଘଟଣାରେ ଜଣେ ମୃତ, ୩ ଆହତ

କରଞ୍ଜିଆ,(ଭାସ୍କର ନ୍ୟୁଜ): ମଟରସାଇକେଲ ଦୁର୍ଘଟଣାରେ ଜଣେ ମୃତ ଏବଂ ୩ ଆହାତ ହୋଇଥିବା ଜଣାପଡିଛି । ଘଟଣା ଏହିକି ଯେ କରଞ୍ଜିଆ ୱାର୍ଡ ନମ୍ବର ୧୫ କରଞ୍ଜିଆ-ରରୁଆଁ ରାସ୍ତା ଟାଇଲ ଫେକ୍ଟାରୀ ନିକଟରେ ବାରିଆ ଥାନା କୁଦସାହି ଗ୍ରାମର ଗୌରମୋହନ ଜେରାଇ (୧୯)ପିତା ମୃତ୍ୟୁଞ୍ଜୟ ଜେରାଇ,ବାବୁଲୁ ତିରିଆ (୧୮)ପିତା ନନ୍ଦ ତିରିଆ, ଓ ଝରଣା ତିରିଆ(୧୬)ପିତା ମିଥୁନ ତିରିଆ ସେମାନଙ୍କ ଘରୁ ଝରଣାକୁ କରଞ୍ଜିଆରୁ ରାହାଙ୍ଗଗଡ଼ୁ,ଚୈଦ୍ୱ।ର ବିଦ୍ୟାଳୟକୁ ଯିବାପାଇଁ ବସରେ ବସାଇବା ପାଇଁ ମଟରସାଇକେଲ ନମ୍ବର ଓଡି ୦୯-ଏଲ-୨୯୪୬ ଯୋଗେ ଆସୁଥିବା ସମୟରେ ଅପରପଟରୁ ସାଇକେଲ ରେ କରଞ୍ଜିଆ ଗଡସାହି ବାସିନ୍ଦା ଗୁଲା ଦେହରୀଙ୍କ ସହ (୫୦) ମୁହାଁମୁହିଁ ଧକ୍କା ହୋଇଥିଲା । ନିକଟସ୍ଥ ଲୋକମାନେ ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ । କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଡ଼ାକ୍ତର ଗୁଲା ଦେହରୀଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଅନ୍ୟ ମାନଙ୍କ ପ୍ରାଥମିକ ଚିକିତ୍ସା କରାଯାଉଥିବା ବେଳେ ଘଟଣାସ୍ଥଳରେ କରଞ୍ଜିଆ ପୋଲିସ ପହଁଞ୍ଚି ମଟରସାଇକେଲ ଓ ସାଇକେଲ ଜବତ କରି ତଦନ୍ତ ଜାରି ରଖିଛି ଏବଂ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ଠାକୁରାଣୀଙ୍କ ଦାନବାକ୍ସ ଚୋରି ଅଭିଯୋଗ

ଡେଲାଙ୍ଗ,(ଭାସ୍କର ନ୍ୟୁଜ): ଡେଲାଙ୍ଗ ଥାନା ଅନ୍ତର୍ଗତ ଡାକପଡ଼ା ଗ୍ରାମର ଆରାଧ ଦେବୀ ମା ବାଙ୍କି ଠାକୁରାଣୀଙ୍କ ଦାନବାକ୍ସକୁ କୌଣସି ଦୁର୍ବୃତ୍ତ ଚୋରି କରି ନେଇଥିବା ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି ।ମିଳିଥିବା ସୂଚନା ଅନୁଯାୟୀ,ଠାକୁରାଣୀଙ୍କ ପୂଜକ ବୁଧବାର ସନ୍ଧ୍ୟାରେ ଦେବୀଙ୍କ ଦୈନନ୍ଦିନ ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ ଆଦି ଶେଷ କରି ଘରକୁ ଯିବାପରେ ବିଳମ୍ବିତ ରାତିରେ କୌଣସି ଦୁର୍ବୃତ୍ତ ମନ୍ଦିର ପରିସରରେ ପଶି ଦାନବାକ୍ସକୁ ଚୋରି କରି ନେଇଥିବା ଆଜି ସକାଳେ ଜଣା ପଡ଼ିଥିଲା ।ବାକ୍ସରେ ପ୍ରାୟ ୩୦ ରୁ ୪୦ ହଜାର ଟଙ୍କା ଦାନରାଶି ଥିବା ନେଇ ଗ୍ରାମବାସୀମାନେ ଅନୁମାନ କରିଛନ୍ତି । ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ୱାର୍ଡସଭ୍ୟ ଅମିନ ରାଉତ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ତୁରନ୍ତ ଅଭିଯୁକ୍ତକୁ ଗିରଫ କରି ଦାନବାକ୍ସ ଉଦ୍ଧାର କରିବାକୁ ଗ୍ରାମବାସୀ ଥାନାଧିକାରୀଙ୍କୁ ନିବେଦନ କରିଛନ୍ତି ।ତେବେ ଥାନାଧିକାରୀ ଅନିଲ କୁମାର ମହାନ୍ତି ଘଟଣାର ଗୁରୁତ୍ୱ ପ୍ରତି ଦୃଷ୍ଟି ଦେଇ ଏ ସଂକ୍ରାନ୍ତରେ ୨୦୮/୨୨ରେ ଏକ ମାମଲା ରୁଜୁ କରିଥିବାବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ସୂଚନା ଦେଇଛନ୍ତି ।

## ଡାକ୍ତରଙ୍କୁ ଗାଳିଦେଇ ଜେଲ ଗଲେ ୪ ଜଣ

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କିଚିତ୍ସା ପାଇଁ ଆସି ଡାକ୍ତରଙ୍କୁ ଗାଳି ଓ ଧମକ ଦେବା ଅଭିଯୋଗରେ ଚାରିଜଣ ଜେଲ ଯାଇଥିବା ଜଣାଯାଇଛି । ମଙ୍ଗଳବାର ଅପରାହ୍ଣରେ ଘଟିଥିବା ଏହି ଘଟଣାରେ ଡାକ୍ତର ସୌମ୍ୟରଞ୍ଜନ ରାଉତଙ୍କ ଅଭିଯୋଗ କ୍ରମେ ଥାନାରେ ୨୯୩/୨୨ ନଂ ମାମଲା ରଜୁ ହୋଇଥିଲା । ସେହିପରି ମଙ୍ଗଳବାର ଡାକ୍ତରଖାନାରୁ ଫେରି ସଂପୃକ୍ତ ଅଭିଯୁକ୍ତମାନେ ରାଜପଥ ଠିକାସଂସ୍ଥା ଡିବିଏଲ କମ୍ପାନୀର ଗାଡ଼ିଚାଳକ ରାମ ନାରାୟଣଙ୍କୁ ମାରଧର କରିବା ଅଭିଯୋଗରେ ମଧ ୨୯୨/୨୨ନଂ ମାମଲା ରଜୁ ହୋଇଥିଲା । ଉଭୟ ଘଟଣାର ଅଭିଯୁକ୍ତ ଦକ୍ଷିଣବାଡ ଗ୍ରାମର ହରେକୃଷ୍ଣ ଯେନା, ପିଙ୍କୁ ବାରିକ, ବିକ୍ରମ ଯେନା ଓ ଉତ୍ତରବାଡ଼ ଗ୍ରାମର ପ୍ରଶାନ୍ତ ଯେନାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

## ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତୁରାରେ କୋଟି କୋଟି ଟଙ୍କା ଚଳୁ !

ରଘୁନାଥପୁର,(ଭାସ୍କର ନ୍ୟୁଜ୍): ଜଳସେଚନ ଉତ୍ତର ବିଭାଜନ, ଜଗତପୁର ପକ୍ଷରୁ ମହାନଦୀ ଉତ୍ତର ପାର୍ଶ୍ୱ ବନ୍ଧ ପିଁପୁର ଠାରୁ ମାହାଳହାଟ ୫କିମି ରାସ୍ତାର ନବିକରଣ ପାଇଁ ପ୍ରାୟ ୯କୋଟି ମୁଲ୍ୟର ଟେଣ୍ଡର କରା ଯାଇଥିଲା । କାର୍ଯ୍ୟ ସାରିବା ଅବଧି ଆସନ୍ତା ଅକ୍ଟୋବର ୫ ତାରିଖ ରହିଥିଲା । ଟେଣ୍ଡର ପ୍ରକ୍ରିୟାରେ ଠିକା ନେଇଥିବା ଠିକାଦାର ଜଣକ ଏହି ରାସ୍ତାର କାର୍ଯ୍ୟ ଗତ ୧ ମାସ ତଳୁ ଆରମ୍ଭ କରି ପୂର୍ବରୁ ଭାଙ୍ଗି ଯାଇଥିବା ଏହି ରାସ୍ତାର ପୁରୁଣା ମେଣ୍ଟାଲ ଉପରେ ଡଷ୍ଟ ପକାଇ ଅତି ନିମ୍ନ ମାନର କାର୍ଯ୍ୟ କରିବା ସହ ମାହାଳହାଟ ଠାରୁ ମାହାଳହାଟ ଛକ ପର୍ଯ୍ୟନ୍ତ ୫୦୦ ମିଟର ପିଚୁ କରି କାର୍ଯ୍ୟକୁ ପକାଇ ରଖିଥିଲେ । ନିମ୍ନମାନର କାର୍ଯ୍ୟ ସହିତ ବିଳମ୍ବ କାର୍ଯ୍ୟ ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୫୦ଟି ଗ୍ରାମର ଜନସାଧାରଣ ନାହିଁ ନଥିବା ହଇରାଣ ସାଙ୍ଗକୁ ଛୋଟବଡ ଦୁର୍ଘଟଣାର ଶିକାର ହେଉଥିଲେ । ଏହାକୁ ଦୃଷ୍ଟିରେ ରଖି ଉତରକୂଳ ପୂର୍ବତନ ସରପଞ୍ଚ ଦିଲ୍ଲିପ କୁମାର ବିଶ୍ୱାଳଙ୍କ ସମେତ ସ୍ଥାନୀୟ ଜନସାଧାରଣ ବିରୋଧ କରିଥିଲେ ।ଏଥିନେଇ ସେଠାରେ ଗଣ୍ଡଗୋଳ ହେବା ସହିତ ଠିକାଦାରଙ୍କ ସମର୍ଥିତ ବ୍ୟକ୍ତିମାନେ ସ୍ଥାନୀୟ ବିରୋଧୀ ମାନଙ୍କୁ ମାଡ ମାରିବା ସହ କିଶନନଗର ଥାନାରେ ୧୩୧/୨୨ରେ ମିଥ୍ୟା ମାମଲା ରଜୁ କରିଥିବା ଜଣାଯାଇଛି । ତେବେ ଏ ବାବଦରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ଅତି ତରବରିଆ ଭାବେ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ଯନ୍ତ୍ରୀଙ୍କ ଅନୁପସ୍ଥିତରେ, ଅତି ପ୍ରବଳବର୍ଷା ହେଉଥିବା ବେଳେ ଗତ ଚାରିଦିନ ତଳେ ଏକାଥରେ ଏକାଧିକ ଟ୍ରକରେ ପିଚୁ ଗୋଳା ଯାଇଥିବା ଗୋଡି ଆଣି ଫେବର ମେଶିନରେ ବାକିଥିବା ସାଢେ ଚାରି କିଲୋମିଟର ଖରାପ କାମକୁ ପିଚୁ କରି ଘୋଡେଇ ଦିଆ ଯାଇଥିବା ଅଭିଯୋଗ ହୋଇଛି । ଏତେ ନିମ୍ନ ମାନର କାର୍ଯ୍ୟରେ ଯନ୍ତ୍ରୀଙ୍କ ଅନୁପସ୍ଥିତ ଆଗକୁ କୋଟି କୋଟି ଟଙ୍କା ମହାଘୋଟାଲାରେ ବିଭାଗର ସଂପୃକ୍ତି ନେଇ ସ୍ଥାନୀୟ ଅଞ୍ଚଳରେ ସନ୍ଦେହ ସୃଷ୍ଟି ହୋଇଛି । ଏହି କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଗଲେ ଏକ ମହାଘୋଟାଲାର ପର୍ଦ୍ଦାଫାସ ହୋଇ ପାରନ୍ତା ବୋଲି ସ୍ଥାନୀୟ ଜନସାଧାରଣ ଦାବୀ କରିଛନ୍ତି ।

# ଶିକ୍ଷୟିତ୍ରୀଙ୍କ ବେକରୁ ସୁନା ଚେନ୍ ଲୁଟ୍

କୁଜଙ୍ଗ,(ଭାସ୍କର ନ୍ୟୁଜ): ଆଜି ଅପରାହ୍ନରେ ପାଟପୁର-ବଡବନ୍ଧ ଷ୍ଟେସନ ରାସ୍ତାରେ ଚାଲି ଚାଲି ଯାଉଥିବା ଜଣେ ଶିକ୍ଷୟିତ୍ରୀଙ୍କ ବେକରୁ ମୂଲ୍ୟବାନ ସୁନାଚେନ ଲୁଟିନେଇଥିବା ନେଇ କୁଜଙ୍ଗ ଥାନା ଅଭିଯୋଗ ହୋଇଛି । ବାଲିତୁଠ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ପ୍ରତିମା ସ୍ୱାଇଁ ବିଦ୍ୟାଳୟସାରି ରେଳ ଯୋଗେ ନିଜ ଘରକୁ ଯିବା ପାଇଁ ବଡବନ୍ଧ ଷ୍ଟେସନକୁ ଯାଉଥିଲେ । ବଡବନ୍ଧ ଗ୍ରାମ ଛକ ନିକଟେର ଶିକ୍ଷୟିତ୍ରୀ ଏକୁଟିଆ ଯାଉଥିବା ଦେଖି ଗୋଟିଏ ବାଇକ୍‌ରେ ଦୁଇ ବାଇକ ଆରୋହୀ ଦ୍ରୁତ ଗତିରେ ତାଙ୍କୁ ପଛପଟୁ ଧକ୍କା ଦେବା ସହ ବେକରୁ ୧୮ ଗ୍ରାମର ସୁନାଚେନ ଲୁଟି ନେଇଥିଲେ । ସମ୍ପୃକ୍ତା ଶିକ୍ଷୟତ୍ରୀ ତେଳ ପଡି ଯାଇ ଆହତ ହୋଇଥିବା ବେଳ ତାଙ୍କୁ ଉଦ୍ଧାର କରାଯାଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା କରାଯାଇଛି । ଏହି ନେଇ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ ପେର କୁଜଙ୍ଗ ପୁଲିସ ଛାନଭିନ୍ ଚଳାଇଛି ।

# ସାମ୍ବାଦିକଙ୍କ ଆକ୍ରମଣରେ ସାମ୍ବାଦିକ ଆହତ



କରଞ୍ଜିଆ, (ଭାସ୍କର ନ୍ୟୁଜ): ଅସାମାଜିକ କଥା କଥିତ ସାମ୍ବାଦିକ ବିଜୟ କୁମାର ଗିରି ଗତ ୧-୦୮-୨୦୨୨ରିଖ ଦିନ ଓଡିଶା ଭାସ୍କରର ପ୍ରତିନିଧିଙ୍କୁ ମରଣାତ୍ମକ ଆକ୍ରମଣ କରି ଥିଲା ସେ ନେଇ ଓଡିଶା ଭାସ୍କରର ପ୍ରତିନିଧି ଥାନାର ଦ୍ୱାରସ୍ଥ ହୋଇ କଥା କଥିତ ସାମ୍ବାଦିକ ବିଜୟ କୁମାରଙ୍କ ନାମରେ ରରୁଆଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । କଥା କଥିତ ସାମ୍ବାଦିକ ବିଜୟ କୁମାର ଗିରିଙ୍କ ନାମରେ୮୭/୨୨ରେ ଏକ ମାମଲା ମଧ୍ୟ ରୁଜୁ ହେଲା । ଘଟଣାରୁ ଜଣା ପଡ଼େ କଥା କଥିତ ସାମ୍ବାଦିକ ବିଜୟ କୁମାର ଗିରି ସାମ୍ବାଦିକତାକୁ ଢାଲ କରି ବିଭିନ୍ନ ସମୟରେ ସରକାରୀ କାମ ହାତେଇ ଅନୀୟମିତତା କରି ଅସାଧୁ ଉପାୟରେ ଟଙ୍କା ରୋଜଗାର କରୁଥିଲେ ସେମିତି ଏକ କାମ ହେଉଛି ସୁକ୍ରୁଲି ଗ୍ରାମ ପଞ୍ଚାୟତର କଲ୍ୟାଣ ମଣ୍ଡପ ଗୃହକୁ ହାତେଇ ଥିଲେ । କିନ୍ତୁ ପାଞ୍ଚ ବର୍ଷରୁ ଉର୍ଦ୍ଧ ହେଲାଣି ସମ୍ପୂର୍ଣ୍ଣ କରି ପାରି ନ ଥିଲେ । ସେହି ଖବରକୁ ବର୍ତ୍ତମାନର ଓଡ଼ିଶା ଭାସ୍କର ପ୍ରତିନିଧି ଅନିୟମିତତା ହୋଇଥିବା ଏବଂ ବର୍ଷ ବର୍ଷ ଧରି ଅଧପନ୍ତରିଆ ହୋଇ ପଡିଥିବା ନେଇ ଖବର ବାହାର କରିଥିଲେ । କେବଳ ସେ ବାହାର କରି ନ ଥିଲେ ନିଜେ ସାମ୍ବାଦିକ ବଲାଉଥିବା ଖବର କାଗଜ ଏବଂ ଅନ୍ୟ ଖବର କାଗଜ ଏମିତିକିଯେ ବୈଦୁତିକ ଗଣମାଧମରେ ପ୍ରସାରିତ ହୋଇଥିଲା । ସେହି ଦିନ ପାଖରୁ ବର୍ତ୍ତମାନର ଓଡ଼ିଶା ଭାସ୍କର ପ୍ରତିନିଧିଙ୍କ ଉପରେ ରାଗ ରଖି ପ୍ରତିଷଧ ପରାୟଣ ହୋଇ ଘୁରି ବୁଲୁଥିଲା । ବିଭିନ୍ନ ସମୟରେ କମେଣ୍ଟ କରି ଆସୁଥିଲା ବର୍ତ୍ତମାନର ଓଡିଶା ଭାସ୍କର ପ୍ରତିନିଧି ଯେବେଠୁ ଆସିଲା ମୋର ରୋଜଗାର ସବୁ ବନ୍ଦ କରିଦେଲା ବୋଲି କହି ଆସୁଥିଲା । ୦୧-୦୮-୨୦୨୨ ତାରିଖ ଦିନ ଏକୁଟିଆ ପାଇ ମାଡ଼ ମାରି ଲହୁ ଲୁହାଣ କଲା । ବର୍ତ୍ତମାନର ଓଡ଼ିଶା ଭାସ୍କର ପ୍ରତିନିଧି ଥାନାରେ ଲିଖିତ ଅଭିଯୋଗ କଲେ କିନ୍ତୁ । କଥା କଥିତ ସାମ୍ବାଦିକ ବିଜୟ କୁମାର ଗିରି ଥାନାକୁ ଯାଇ ପାରିଲେ ନାହିଁ । କାରଣ କଥା କଥିତ ସାମ୍ବାଦିକ ବିଜୟ କୁମାର ଗିରିନାମରେ ପୂର୍ବରୁ ଅନେକ ମାମଲା ଥାନାରେ ରହିଛି । କିଛି ଉପାୟ ନ ପାଇ ନିଜ ସ୍ତ୍ରୀ କୁ ପଠାଇ ବର୍ତ୍ତମାନର ଓଡିଶା ଭାସ୍କର ପ୍ରତିନିଧିଙ୍କ ନାମରେ୮୮/୨୨ରେ ମାମଲା ରୁଜୁ କରିଛନ୍ତି । ସେ ମୟୁରଭଂଜର ଐତିହାସିକ ପୀଠ ଖିଚିଂରେ ଥିବା ସରକାରୀ କେଣ୍ଟିକୁ ମଧ ନିଲାମରେ ନେଇଛନ୍ତି ନିଲାମ ନେବା ପ୍ରାୟ ବର୍ଷେରୁ ଅଧିକ ହେଲାଣି ଗୋଟିଏ ଦିନ ପାଇଁ ବି ଖୋଲା ହୋଇନି । ଯାହାଫଳରେ ଖିଚିଙ୍ଗ ଆସୁଥିବା ପର୍ଯ୍ୟଟକମାନେ ଖାଇବାକୁ ନ ପାଇ ଦୂର ଦୁରକ୍ଷନ୍ତକୁ ଯାଉଛନ୍ତି । ସବୁ ଜାଣି ଶୁଣି ସ୍ଥାନୀୟ ପ୍ରଶାସନ ଚୁପ୍ ଚାପ ବସିଛି । ଦୂର ଦୁରକ୍ଷନ୍ତରୁ ଆସୁଥିବା ପର୍ଯ୍ୟଟକ ଐତିହାସିକ ପୀଠ ରେ ଗଣ୍ଡେ ଖାଇବାକୁ ନ ପାଇବା ଫଳରେ ଖିଚିଙ୍ଗର ମର୍ଯ୍ୟାଦା ହାନି ହେଉଛି ।


**MANAPPURAM ASSET FINANCE LTD.** Regd. Office: Door No. III/105, Opp: Nattika Firka Co -Op Rural Bank, Valapad (P O)-680567 Thrissur Dt Kerala CIN : U65921KL1987PLC004810

ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନୀନ ନିଲାମ ନିମ୍ନଲିଖିତ ଶାଖାରେ ଏବଂ ଧାର୍ଯ୍ୟ ତାରିଖରେ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବକେୟାଦାର ଗ୍ରାହକ ମାନଙ୍କର ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚିତ କରାଇବା ପରେ ମଧ ସେମାନେ ସେମାନଙ୍କର ଋଣରାଶି ପୈଠ କରିବାରେ ବିଫଳ ହୋଇଛନ୍ତି । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ (www.maafin.in) ପ୍ରଦର୍ଶିତ କରାଯିବ । ଧାର୍ଯ୍ୟ ତାରିଖରେ ନିଲାମ ନକରାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ଆଗାମୀ ଦିନ ମାନଙ୍କରେ ନିଲାମ କରାଯିବ, ଯାହାର ବିଶଦବିବରଣୀ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ ପ୍ରଦର୍ଶିତ କରାଯିବ ।
ତାଲିକାଭୁକ୍ତ ସ୍ୱର୍ଣ୍ଣ ଋଣ ଗୁଡିକ ଆମର ନିମ୍ନଲିଖିତ ଶାଖାରେ 16.08.2022 ତାରିଖ ଦିନ ସକାଳ ୧୦ ଘଟିକା ଠାରୁ ନିଲାମ କରାଯିବ ।

BALICHANDRAPUR: 0433690700000969 ,1263 ,1271 ,1294 ,1303 ,1332 ,1335 ,1342 ,1366 ,1369 ,1377 ,1383 ,1384 ,1398 ,1411 ,1424 ,1428. ବନାମାଳିପୁର: 0433560700002792 ,3691 ,3755 ,3758 ,3846 ,3905 ,3916 ,3918 ,3936 ,3946 ,3948 ,3966 ,4052 ,4074. ବ୍ରାହ୍ମଗିରି: 0433800700001607 ,3314 ,3457 ,3489 ,3697 ,3740 ,3762 ,3849 ,3889 ,4019. BRAHMAGIRI: 0433570700006957 ,07036 ,11108 ,11139 ,11169 ,11415 ,11816 ,12212 ,13043 ,13360 ,13362 ,13438 ,13469 ,13508 ,13511 ,13519 ,13530 ,13569 ,13575 ,13577 ,13578 ,13626 ,13627 ,13639 ,13640 ,13644 ,13650 ,13653 ,13656 ,13694 ,13704 ,13719 ,13733 ,13756 ,13775 ,13780 ,13781 ,13782 ,13795 ,13796 ,13839. ଚାନ୍ଦପୁର: 0433350700087052 ,90791 ,90798 ,90826 ,90868 ,90907 ,90984 ,91065 ,91148 ,91161 ,91170 ,91179 ,91189 ,91273 ,91274 ,91299 ,91301 ,91326 ,91331 ,91351 ,91353 ,91383 ,91386 ,91389 ,91562 ,91563 ,91573 ,91644 ,91772. ଚନ୍ଦ୍ରଶେଖରପୁର: 0431590700049574 ,49894 ,54565 ,54645 ,54672 ,54996 ,54997 ,55014 ,55088 ,55264 ,55321 ,55325 ,55329 ,55330 ,55331 ,55379 ,55397 ,55404 ,55405 ,55406 ,55414 ,55416 ,55417 ,55421 ,55422 ,55446 ,55462 ,55491 ,55492 ,55503 ,55504 ,55550 ,55560 ,55600 ,55605 ,55606 ,55634 ,55637 ,55638 ,55640 ,55641 ,55678 ,55679 ,55689 ,55731 ,55737 ,55741 ,55746. DUMDUMA: 0433790700001188 ,2005 ,2078 ,2107 ,2153 ,2174 ,2178 ,2184 ,2189 ,2190 ,2196 ,2234 ,2236 ,2262 ,2263 ,2271 ,2292 ,2297 ,2303. ଏରସାମା: 0433370700032490 ,32842 ,32969 ,33518 ,35024 ,35691 ,36037 ,38218 ,38241 ,40589 ,41233 ,41500 ,41591 ,41633 ,41751 ,41802 ,41805 ,41806 ,41830 ,41880 ,41884 ,41906 ,41907 ,41908 ,41909 ,41918 ,41942 ,41962 ,41998 ,42008 ,42010 ,42016 ,42017 ,42022 ,42028 ,42091 ,42114 ,42214 ,42225 ,42271 ,42276 ,42278 ,42281 ,42290 ,42325 ,42326 ,42344 ,42413 ,42418 ,42492 ,42495 ,42573 ,42580. ଗ୍ରାଣ୍ଡରୋଡପୁରୀ: 0432000700087727 ,101171 ,101545 ,101661 ,102549 ,102666 ,105674 ,105781 ,106527 ,106548 ,106549 ,106625 ,106632 ,106663 ,106671 ,106674 ,106681 ,106705 ,106706 ,106707 ,106709 ,106710 ,106712 ,106713 ,106715 ,106716 ,106720 ,106726 ,106733 ,106745 ,106761 ,106812 ,106821 ,106825 ,106826 ,106827 ,106833 ,106837 ,106859 ,106869 ,106882. KALAPATHAR: 0433820700000459 ,530 ,729 ,766 ,779 ,780 ,787 ,794 ,795 ,807. ùLû¡ûð: 0433050700080391 ,80432 ,80704 ,80749 ,81065 ,81363 ,81919 ,83155 ,89331 ,91095 ,91185 ,91189 ,91202 ,91206 ,91208 ,91209 ,91232 ,91234 ,91355 ,91393 ,91459 ,91462 ,91463 ,91483 ,91495 ,91537 ,91542 ,91547 ,91573 ,91574 ,91618 ,91633 ,91648 ,91650 ,91651 ,91661 ,91675 ,91706 ,91709 ,91754 ,91770 ,91836 ,91888 ,91889. କୁଜଙ୍ଗ: 0433030700063709 ,63887 ,63944 ,64010 ,64018 ,64083 ,64258 ,64259 ,64542 ,64543 ,64725 ,64738 ,65785 ,68163 ,69497 ,69512 ,70451 ,70820 ,70825 ,70833 ,70849 ,70853 ,70898 ,70903 ,70904 ,70910 ,70993 ,70998 ,71021 ,71046 ,71104 ,71118 ,71125 ,71135 ,71136 ,71137 ,71154 ,71167 ,71173 ,71251 ,71260 ,71261 ,71262 ,71271 ,71288 ,71321 ,71333 ,71335 ,71345 ,71346 ,71349 ,71356 ,71362 ,71378 ,71432 ,71433 ,71435 ,71450 ,71463 ,71490 ,71519 ,71528 ,71533. ମଧୁପାଟଣା: 0431580700050297 ,50639 ,50669 ,50677 ,52809 ,52947 ,53772 ,53778 ,53781 ,53814 ,53817 ,53818 ,53827 ,53837 ,53841 ,53845 ,53858 ,53861 ,53862 ,53864 ,53878 ,53894 ,53902 ,53906 ,53923 ,53929 ,53930 ,53931 ,53940 ,53943 ,53944 ,53970 ,53987 ,53991 ,54003 ,54004 ,54010 ,54034 ,54041 ,54044 ,54047 ,54048 ,54051 ,54053 ,54055 ,54070 ,54071 ,54084 ,54092 ,54117 ,54124. MARSHAGHAI: 0433680700001528 ,2068 ,2071 ,2087 ,2098 ,2128 ,2135 ,2138 ,2141 ,2157 ,2158 ,2159 ,2161 ,2189 ,2235 ,2252 ,2254. NACHUNI: 0433810700006031 ,06119 ,06970 ,12264 ,12405. ନିଶିଣ୍ଟାକେ ାଇଲି: 0433360700010308 ,10318 ,10322 ,10349 ,10385 ,10393 ,10394 ,10444 ,10447 ,10454 ,10458 ,10465 ,10470 ,10472 ,10473 ,10483 ,10506 ,10535 ,10539 ,10553 ,10561 ,10562 ,10563 ,10577 ,10597 ,10613 ,10615. ଫୁଲନଖରା: 0431800700050461 ,50463 ,50897 ,53927 ,54052 ,54082 ,54493 ,54520 ,54543 ,54553 ,54565 ,54599 ,54626 ,54628 ,54744 ,55054 ,55300 ,55311 ,55316 ,55320 ,55325 ,55327 ,55329 ,55330 ,55347 ,55357 ,55358 ,55361 ,55367 ,55374 ,55377 ,55391 ,55392 ,55393 ,55397 ,55403 ,55404 ,55419 ,55426 ,55428 ,55429 ,55430 ,55432 ,55437 ,55438 ,55440 ,55441 ,55442 ,55444 ,55445 ,55447 ,55449 ,55458 ,55460 ,55462 ,55465 ,55480 ,55484 ,55486 ,55494 ,55498 ,55501 ,55503 ,55504 ,55509 ,55512 ,55516 ,55517 ,55518 ,55522 ,55523 ,55524 ,55525 ,55526 ,55527 ,55531 ,55532 ,55536 ,55539 ,55550 ,55551 ,55553 ,55557 ,55559 ,55562 ,55566 ,55567 ,55575 ,55579 ,55580 ,55582 ,55589 ,55596 ,55605 ,55607 ,55612 ,55613 ,55616 ,55617 ,55618 ,55619 ,55621 ,55625 ,55633 ,55653 ,55657 ,55668 ,55673 ,55684 ,55689. ରଘୁନାଥପୁର: 0433130700021421 ,23223 ,23246 ,23247 ,23283 ,23340 ,23363 ,23368 ,23377 ,23378 ,23387 ,23391 ,23418 ,23421 ,23422 ,23423 ,23428 ,23443 ,23444 ,23472 ,23477 ,23487 ,23516. ରାହାମା: 0433040700042821 ,43389 ,44137 ,44393 ,44492 ,48683 ,48724 ,50052 ,50068 ,50071 ,50072 ,50152 ,50160 ,50202 ,50238 ,50246 ,50279 ,50314 ,50320 ,50322 ,50340 ,50342 ,50347 ,50348 ,50349 ,50350 ,50359 ,50361 ,50362 ,50363 ,50365 ,50368 ,50369 ,50373 ,50376 ,50377 ,50378 ,50390 ,50417 ,50418 ,50419 ,50422 ,50423 ,50424 ,50437 ,50451 ,50454 ,50457 ,50461 ,50464 ,50467 ,50468 ,50469 ,50476 ,50506 ,50531 ,50532 ,50576 ,50577 ,50579 ,50591 ,50638 ,50640 ,50663 ,50678. ରଣପୁର: 0433150700053731 ,54483 ,60131 ,60849 ,61367 ,62624 ,63260 ,63312 ,63340 ,63605 ,63694 ,63698 ,63740 ,63755 ,63763 ,63768 ,63772 ,63783 ,63786 ,63787 ,63788 ,63789 ,63790 ,63817 ,63822 ,63823 ,63827 ,63893 ,63897 ,63910 ,63941 ,63965 ,63968 ,63970 ,63997 ,64039 ,64082. ସାକ୍ଷୀଗୋପାଳ: 0431900700103829 ,104005 ,104148 ,104534 ,109044 ,109197 ,109356 ,109435 ,109513 ,109948 ,110254 ,110308 ,110330 ,110331 ,110332 ,110335 ,110354 ,110361 ,110393 ,110394 ,110395 ,110405 ,110408 ,110414 ,110417 ,110424 ,110427 ,110428 ,110434 ,110443 ,110450 ,110453 ,110454 ,110459 ,110468 ,110472 ,110474 ,110475 ,110476 ,110480 ,110498 ,110505 ,110512 ,110518 ,110534 ,110536 ,110558 ,110563 ,110595 ,110642 ,110666 ,110669 ,110684 ,110697 ,110721 ,110737. ସାମନ୍ତରାପୁର: 0431600700045912 ,46784 ,51500 ,51546 ,52772 ,52810 ,53284 ,53868 ,53889 ,53935 ,54589 ,56498 ,57374 ,57508 ,57525 ,57577 ,57587 ,57803 ,58101 ,58132 ,58232 ,58349 ,58406 ,58439 ,58440 ,58448 ,58449 ,58454 ,58455 ,58457 ,58459 ,58471 ,58478 ,58502 ,58504 ,58513 ,58514 ,58518 ,58527 ,58528 ,58532 ,58539 ,58541 ,58545 ,58552 ,58553 ,58554 ,58566 ,58567 ,58593 ,58594 ,58595 ,58597 ,58598 ,58599 ,58604 ,58609 ,58611 ,58612 ,58613 ,58617 ,58618 ,58620 ,58624 ,58628 ,58632 ,58634 ,58644 ,58652 ,58654 ,58656 ,58659 ,58674 ,58676 ,58677 ,58678 ,58693 ,58703 ,58704 ,58724 ,58727 ,58750 ,58753 ,58754 ,58756 ,58758 ,58759 ,58765 ,58768 ,58772 ,58775 ,58794 ,58807 ,58809 ,58810 ,58811 ,58812 ,58814 ,58818 ,58822 ,58826 ,58827 ,58829 ,58830 ,58839 ,58842 ,58843 ,58846 ,58849 ,58850 ,58855 ,58860 ,58869 ,58870 ,58900 ,58905 ,58907 ,58908 ,58912 ,58919.

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 7894922339 ନମ୍ବରକୁ ଯୋଗାଯୋଗ କରନ୍ତୁ ।

ମାନାପୁରମ୍ ଆସେଟ୍ ଫାଇନାନ୍ସ ଲିମିଟେଡ୍‌ର
କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ



କଟକ(ଭାସ୍କର ନ୍ୟୁଜ୍): ବିଜେପିର କାଠଯୋଡ଼ି ମଣ୍ଡଳରେ ମଣ୍ଡଳ ସଭାପତି ରତନ ମହାନ୍ତିଙ୍କ ନେତୃତ୍ୱରେ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜନୈତିକ ଚିଠା ପ୍ରସ୍ତାବରେ କଟକ ସିଏମସି ତଥା ରାଜ୍ୟ ବିଜୁ ଜନତା ଦଳର ଅପାରଗ ପଣିଆ ଓ ଦୁର୍ନୀତିକୁ ଘୋର ବିରୋଧ କରାଯାଇଥିଲା। କଟକରେ ମଶା, ପରିମଳ, ନାଳ ନର୍ଦ୍ଦମା, ପଙ୍କ ଉଦ୍ଧାର, ରାସ୍ତା ଘାଟ ଅବ୍ୟବସ୍ଥା, ବର୍ଷା ଜଳ ନିଷ୍କାସନ, ବିଜୁଳି ବିଭ୍ରାଟ, ଦୂଷିତ ପାନୀୟ ଜ୍ୱଳ ଓ ଜଳ ଯୋଗାଣରେ ଘୋର ଅନିୟମିତତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଶିଥିଳତା ଆଦି ବିଷୟ ନେଇ କଟକ ମହାନଗର ନିଗମ ତଥା ଜିଲ୍ଲା ପ୍ରଶାସନକୁ ନିନ୍ଦା କରି ଏଗୁଡ଼ିକୁ ତୁରନ୍ତ ସୁଧାରିବାକୁ ମଣ୍ଡଳ ନେତାମାନେ ଦାବୀ ରଖିଥିଲେ।

# ୧୧ ନୂଆ ପୁଞ୍ଜିନିବେଶ ପ୍ରକଳ୍ପ ଅନୁମୋଦିତ

## ପ୍ରକଳ୍ପଗୁଡ଼ିକର ବର୍ଜ୍ୟବସ୍ତୁ ପରିଚାଳନା ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶିଳ୍ପାୟନ ମାଧ୍ୟମରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ଦୃତ ଆର୍ଥିକ ପ୍ରଗତି ହାସଲ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ପ୍ରଗତିଶୀଳ ଶିଳ୍ପ ନୀତି, ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥା, ଓ ବ୍ୟବସାୟ ଅନୁକୂଳ ବାତାବରଣ ଯୋଗୁ ଓଡ଼ିଶା ନୂଆ ପୁଞ୍ଜିନିବେଶ ପ୍ରସ୍ତାବ ଆକର୍ଷିତ କରିବାରେ ଆଗୁଆ ରାଜ୍ୟ ହୋଇ ରହିଛି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ଏକକ ବାତାୟନ(ସିଙ୍ଗିଲ୍ ୱିଣ୍ଡୋ) କମିଟି ବୈଠକରେ ୧୧ ଟି ନୂଆ ପୁଞ୍ଜିନିବେଶ ପ୍ରକଳ୍ପକୁ ନିତୀଗତ ଅନୁମୋଦନ ଦିଆଯାଇଛି । ଏହି ସବୁ ପ୍ରକଳ୍ପ ମାଧ୍ୟମରେ ୨୨୫୩.୧୫ କୋଟି ଟଙ୍କାର ନୂଆ ପୁଞ୍ଜିନିବେଶ ହେବା ସହ ୩,୮୧୭ ଜଣଙ୍କ ନିମନ୍ତେ ପ୍ରତକ୍ଷ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟିହେବ । ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ପ୍ରକଳ୍ପ ଗୁଡିକର ବୈଷୟିକ, ଆର୍ଥିକ ଏବଂ ଭିତିଭୂମି ସଂପର୍କିତ



ବିଷୟ ଉପସ୍ଥାପନ ପୂର୍ବକ କହିଥିଲେ ଯେ ପ୍ରକଳ୍ପ ଗୁଡିକ ମୁଖ୍ୟତଃ ଆଲୁମିନିଅମ୍ ଓ ଷ୍ଟିଲ୍ ଡ଼ାଉନଷ୍ଟ୍ରିମ୍, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଖାଦ୍ୟ ପ୍ରକ୍ରିୟାକରଣ, ତୈଳ ଓ ଗ୍ୟାସ୍, ବୈଦୁତିକ ପଦାର୍ଥ ଉତ୍ପାଦନ ଏବଂ ମାନୁଫାକ୍ଚରିଂ ସେକ୍ଟର ଅନ୍ତର୍ଭୁକ୍ତ । ପ୍ରତିଷ୍ଠା ହେବାକୁ ଥିବା ଏହି ଶିଳ୍ପାନୁଷ୍ଠାନମାନେ ଯେପରି ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବେ ତାହା ନିଶ୍ଚିତ କରାଇବା ପାଇଁ ମଧ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହମନ୍ତ କୁମାର ଶର୍ମା, ପର୍ଯ୍ୟଟନ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର, ଇସ୍ପାତ ଓ ଖଣି ବିଭାଗ ପ୍ରମୁଖ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜବିହାରୀ ଧଳ, ଇପିକଲ୍ ପରିଚାଳନା ନିର୍ଦ୍ଦେଶକ ଭୁପିନ୍ଦର ସିଂ ପୁନିଆଙ୍କ ସମେତ ସଂପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବୈଷ୍ଣବ ମହାନ୍ତିଙ୍କ ଦୁଇଟି ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ନବୀନ ନିବାସ ଠାରେ ବୈଷ୍ଣବ ପ୍ରସାଦ ମହାନ୍ତିଙ୍କ ଲିଖିତ ଦୁଇଟି ପୁସ୍ତକ ଶେଷ ଚିଠି ଓ ଭାଗବତ କଥାମୃତ ଉନ୍ମୋଚନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଶ୍ରୀ ମହାନ୍ତିଙ୍କୁ ତାଙ୍କର ସାରସ୍ୱତ କୃତି ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ଆଗାମୀ ଦିନରେ ଏହା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଶେଷ ଚିଠି ଏକ କ୍ଷୁଦ୍ର ଗଳ୍ପ ସଂକଳନ । ଏଥିରେ ଉପକୂଳ ଓଡିଶାର ଅର୍ଦ୍ଧ ଶତାବ୍ଦୀ ତଳର ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ଅବସ୍ଥାର ନିଛକ ଚିତ୍ର ପ୍ରତିଫଳିତ ହୋଇଛି। ୨୩ଟି ଗଳ୍ପର ସମାହାରରେ ପ୍ରକାଶିତ ଏହି ପୁସ୍ତକଟି ପାଠକକୁ ହଜି ଯାଇଥିବା ଏକ ସମୟର ପରିଧିକୁ ଫେରାଇ ନେବାରେ ସକ୍ଷମ ହୋଇପାରିଛି । ବିଶିଷ୍ଟ ସାହିତ୍ୟିକ ରାମଚନ୍ଦ୍ର ବେହେରା ଏହି ପୁସ୍ତକର



'ଭୂମିକା' ଲେଖିଛନ୍ତି । ଭାଗବତ କଥାମୃତ ଏକ ଆଧାତ୍ମିକଧର୍ମୀ ପୁସ୍ତକ । ଏଥିରେ ଭାଗବତର ବିଭିନ୍ନ ପ୍ରସଙ୍ଗକୁ ଆଧାର କରି ୪୪ଟି ଆଧାତ୍ମିକ କଥାବସ୍ତୁ ସ୍ଥାନ ପାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ପୁସ୍ତକରେ ନିଜର ଅଭିମତ ରଖିଛନ୍ତି । ଏହି ଦୁଇଟିଯାକ ପୁସ୍ତକ ଭୁବନେଶ୍ୱରର ଅପୂର୍ବା ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି । ଲେଖକ ବୈଷ୍ଣବ ପ୍ରସାଦ ମହାନ୍ତି ସୂଚନା ଓ ଲୋକସଂପର୍କ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ତଥା ମୁଖ୍ୟମନ୍ତ୍ରୀଙ୍କ ଲୋକସଂପର୍କ ଅଧିକାରୀ ଭାବରେ ଦୀର୍ଘ ଦିନ କାର୍ଯ୍ୟ କରିଥିଲେ ।

## ଭିନ୍ନ ରୂପରେ ଅସ୍ଥି, ଖଞ୍ଜା ଦିବସ ପାଳିତ

# ର୍ୟାମ୍ପ ୱାକ୍‌ରେ ଚାଲିଲେ ୨୦ରୁ ଅଧିକ ଆଣ୍ଠୁ ପ୍ରତିରୋପଣ କରିଥିବା ରୋଗୀ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲ୍ ଠାରେ ଜାତୀୟ ଅସ୍ଥି ଓ ଖଞ୍ଜା ଦିବସକୁ ଭିନ୍ନ ରୂପରେ ପାଳନ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆଣ୍ଠୁ ପ୍ରତିରୋପଣ କରିଥିବା ୨୦ରୁ ଅଧିକ ରୋଗୀ ର୍ୟାମ୍ପ ୱାକ୍‌ରେ ଚାଲିଥିଲେ। ଏଥିନେଇ କେୟାର ହସ୍ପିଟାଲ୍ ପରିସରରେ ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜିତ ହୋଇଥିଲା। ରୋଗୀମାନେ ଡାକ୍ତରଙ୍କ ପରାମର୍ଶ ନେବା ସହ ପରୀକ୍ଷା ମଧ କରିଥିଲେ। ହସ୍ପିଟାଲ୍‌ର ଅସ୍ଥି ଶଲ୍ୟ ବିଶେଷଜ୍ଞ ତଥା ସ୍ପୋର୍ଟ୍ସ ରିହାବିଲିଟେସନ୍ ବିଭାଗ ମୁଖ୍ୟ ଡା. ସନ୍ଦୀପ ସିଂ ଅତ୍ୟାଧୁନିକ ପଦ୍ଧତିରେ କିଭଳି ଆଣ୍ଠୁ ପ୍ରତିରୋପଣ କରାଯାଉଛି ସେ ସମ୍ପର୍କରେ ଆଲୋଚନା କରିବା ସହ ଯନ୍ତ୍ରଣାମୁକ୍ତ ଜୀବନ ପାଇଁ ଖାଦ୍ୟପେୟ ଓ ଜୀବନଶୈଳୀ କିଭଳି ହେବା ଉଚିତ ସେନେଇ ପରାମର୍ଶ ଦେଇଥିଲେ। ହସ୍ପିଟାଲ୍‌ରେ ଏଚ୍‌ସିଓଓ କିସ୍‌ଲେ ଆନନ୍ଦ ବିଭିନ୍ନ ପ୍ରକାରର ଅସ୍ଥିଗତ ସମସ୍ୟା ପାଇଁ କେୟାର ହସ୍ପିଟାଲ୍ ଭୁବନେଶ୍ୱରରେ ଉପଲବ୍ଧ ଅତ୍ୟାଧୁନିକ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ। ସାଧାରଣ ପରିଚାଳକ ଡା. ଲୋକନାଥ ଦାସ ଗରିବ ରୋଗୀଙ୍କ ପାଇଁ କେୟାର ହସ୍ପିଟାଲ୍‌ରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ।



ବିଜେଡିର ରାଜ୍ୟ ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ଦୁଇ ନେତାଙ୍କ ବିଜେଡିରେ ଯୋଗଦାନ

# ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନନ୍ଦିନୀ ଶତପଥୀଙ୍କ ଷୋଡ଼ଶ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ରାଜଭବନ ନିକଟସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ଭଣ୍ଡାରୀପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ମହାନଗରପାଳ ମିହିର ମହାନ୍ତି, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ଆବାହକ ପ୍ରବୀର ମହାନ୍ତି, ଉଇ ଫର ଭୁବନେଶ୍ୱରର କର୍ମକର୍ତ୍ତା, ଉତ୍କଳ ସମ୍ମିଳନୀ ସଭାପତି ପ୍ରଫେସର ଡକ୍ଟର ଅଦ୍ୱୈତ କୁମାର ପାତ୍ର, ବର୍ଷିୟାନ୍ ନାରୀ ନେତ୍ରୀ ଉଷାରାଣୀ ମହାନ୍ତି, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ମହାପାତ୍ରଙ୍କ ସମେତ ବହୁ ନାରୀନେତ୍ରୀ ଓ ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ରହି ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ବିପଦସଂକୁଳ ଅବସ୍ଥାରେ ଯାତ୍ରା କରୁଛନ୍ତି ସ୍କୁଲ ପିଲା

ବାରଙ୍ଗ(ଭାସ୍କର ନ୍ୟୁଜ୍): ବିପଦ ସଂକୁଳ ଅବସ୍ଥାରେ ସ୍କୁଲ ପିଲା ମାନଙ୍କୁ ନେବା ଆଣିବା ନକରିବା ପାଇଁ ରାଜ୍ୟ ସରକାର ନିୟମ କରିଛନ୍ତି କିନ୍ତୁ ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକ ଅଜାଣତରେ ଛୋଟ ଛୋଟ ପିଲାଙ୍କୁ ବିପଦ ପୂର୍ଣ୍ଣ ଓ ଅସୁରକ୍ଷିତ ଭାବରେ ଅଟୋ ରିକ୍ସା ଓ ଖୋଲାମେଲା ଗାଡିରେ ନିଆଯାଉଛି । ଏହି ଦୃଶ୍ୟ ଦେଖିବାକୁ ମିଳିଛି କଟକ-ବାଙ୍କୀ ମୁଖ୍ୟ ରାସ୍ତାର ପାଟପୁର ଗ୍ରାମ ନିକଟରେ । ତେବେ ଛାତ୍ରଛାତ୍ରୀଙ୍କ ବ୍ୟାଗରେ ଲେଖା ।ଉକ୍ତ ସ୍କୁଲଟି ବାରଙ୍ଗ ବ୍ଲକ କ୍ରିଷ୍ଣା ମଡେଲ ସ୍କୁଲରେ ପିଲାଙ୍କୁ ଜାଣାପଡିଛି ।ସ୍କୁଲ ପରିବହନକୁ ନିଶ୍ଚିତ ୨୦୧୬ରେ ସ୍ୱତନ୍ତ୍ର ଅଟୋଭଳି ତିନି ଚକିଆ ପରିବହନରୁ ସମ୍ପୂର୍ଣ୍ଣ ଜିଲ୍ଲା ପ୍ରଶାସନ ଯାତାୟତ କରୁଥିବା



ଯାଇଥିବା ସ୍କୁଲର ନାମ ଜଣାପଡିଥିଲା ଅନ୍ତର୍ଗତ ପାଟପୁରରେ ଥିବା ଘରୋଇ ବିପଦ ସଂକୁଳରେ ନିଆଯାଉଥିବା ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ କରିବାକୁ ସରକାର ଗାଇଡ ଲାଇନ କରିଥିଲେ। ଯାନରେ ସ୍କୁଲ ପିଲାଙ୍କ ବାଦ ଦିଆଯାଇଥିଲା । ଏଣୁ ବିପଦ ସଂକୁଳରେ ଛୋଟ ଛୋଟ ସ୍କୁଲ ପିଲାଙ୍କ ପ୍ରତି ଦୃଷ୍ଟି ଦେବା ଅଭିଭାବକ ଓ ଅଞ୍ଚଳବାସୀମାନେ ଦାବି କରିଛନ୍ତି । ଏସଂକ୍ରାନ୍ତରେ ବାରଙ୍ଗ ବ୍ଲକ ଶିକ୍ଷାଧିକାରୀ ବିଭୁତି ଭୂଷଣ ବେହେରାଙ୍କୁ ପଚାରିବାରୁ ସେହି ବିଦ୍ୟାଳୟଟି ଆମ ଅଧିନରେ ନାହିଁ ବୋଲି କହିବା ସହ ଗଣଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ବୋଲି ପ୍ରକାଶ କରିଛନ୍ତି ।

# ଅଭିନେତା ବାବୁସାନ୍ ମହାନ୍ତିଙ୍କ ଆଗୁଆ ଜାମିନ ଶୁଣାଣିର ଅନ୍ତ

କଟକ(ଭାସ୍କର ନ୍ୟୁଜ୍): କଟକ ସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟଳୟରେ ଓଲିଉଡର ଅଭିନେତା ବାବୁସାନ୍ ମହାନ୍ତିଙ୍କ ଆଗୁଆ ଜାମିନ ଶୁଣାଣିରେ ଅନ୍ତ ଘଟିଛି । ସେ ଯାଞ୍ଚରେ ସହଯୋଗ କରୁଥିବାରୁ ତାଙ୍କୁ ଗିରଫ କରାଯିବ ବୋଲି କୋର୍ଟ ମନେ କରି ନାହାନ୍ତି । ତେଣୁ ଆଗୁଆ ଜାମିନ ଆବେଦନର ଆବଶ୍ୟକତା ନ ଥିବା କୋର୍ଟ ହୃଦବୋଧ କରିଛନ୍ତି। କୋର୍ଟରେ ସରକାରୀ ଓକିଲ ଓ ବାବୁସାନଙ୍କ ଓକିଲ ଉଭୟ ଜଣାଇଥଲେ ଯେ ସେ ଯାଞ୍ଚରେ ସହଯୋଗ କରୁଛନ୍ତି। ଏହା ପରେ କୋର୍ଟ ଏହି ଆବେଦନର ଅନ୍ତ ଘଟାଇଛନ୍ତି । ବାବୁସାନଙ୍କ ଓକିଲ ଧରଣୀଧର ନାୟକ ଏହି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଅଭିନେତା ବାବୁସାନ୍ ମହାନ୍ତି ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ମାସ ୨୩ ତାରିଖ ଦିନ

## ଯାଞ୍ଚରେ ସହଯୋଗ କରୁଥିବାରୁ ଗିରଫ ହେବେନି



ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ସହ ବାବୁସାନ ଭୁବନେଶ୍ୱର ବିମାନବନ୍ଦରକୁ ଯାଉଥିବା ବେଳେ ବାବୁସାନଙ୍କ ପତ୍ନୀ ତୃପ୍ତି ଶତପଥୀ ବାବୁସାନଙ୍କୁ ମାରିବା ସହ ପ୍ରକୃତିଙ୍କୁ ଟଣାଓଟରା କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ମାମଲା ଆଗକୁ ବଢ଼ିଥିଲା। ପ୍ରକୃତି ମିଶ୍ରଙ୍କ ବାପା ମନ୍ମଥ ମିଶ୍ର ତୃପ୍ତି ଶତପଥୀ ଓ ତାଙ୍କ ବାପାଙ୍କ ନାମରେ ଥାନାରେ ଏତଲା ଦେଲା ପରେ ତୃପ୍ତି ମଧ ଭୁବନେଶ୍ୱରସ୍ଥିତ ଖାରବେଳ ନଗର ଥାନାରେ ଏତଲା ପ୍ରକୃତିଙ୍କ ବିରୋଧରେ ଦେଇଥିଲେ। ତୃପ୍ତିଙ୍କ ଅଭିଯୋଗକୁ ନେଇ ପୋଲିସ ମାମଲା ରୁଜୁ କରିଥିଲା।

## ଅନୁଭବଙ୍କ ସୁରକ୍ଷାକର୍ମୀଙ୍କୁ ଜାତିଆଣ ଆକ୍ଷେପ ମାମଲା

# ବର୍ଷାଙ୍କୁ ମିଳିଲା ଅନ୍ତରୀଣ ସୁରକ୍ଷା

କଟକ(ଭାସ୍କର ନ୍ୟୁଜ୍): ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା। ମିଳିଛି । ଅନୁଭବଙ୍କ ସୁରକ୍ଷା କର୍ମୀଙ୍କୁ ଜାତିଆଣ ଆକ୍ଷେପ କରିଥିବା ନେଇ ଅଭିଯୋଗ କରିଥିଲେ । ଏହି ମାମଲାରେ ଆଗୁଆ ଜାମିନ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବର୍ଷା।। ଉଲ୍ଲେଖନୀୟ ଯେ ସାଂସଦ ଅନୁଭବଙ୍କ କର୍ମଚାରୀଙ୍କୁ ଜାତିସୂଚକ ଗାଳି ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଦିଲ୍ଲୀ ପୋଲିସ ବର୍ଷାଙ୍କୁ ସମନ କରିଥିଲା । ବର୍ଷାଙ୍କ ସହ ତାଙ୍କ ଝିଆରୀ ଓ ମାଆଙ୍କୁ ବି ସମନ ହୋଇଥିଲା



# ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମୂଳକ ମନୋଭାବ ସୃଷ୍ଟି କରିବା 'ଆଠଗଡ ସୁପର ୩୦'ର ମୂଳଲକ୍ଷ୍ୟ

କଟକ(ଭାସ୍କର ନ୍ୟୁଜ୍): ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମୂଳକ ମନୋଭାବ ସୃଷ୍ଟି କରିବା 'ଆଠଗଡ ସୁପର ୩୦'ର ମୂଳ ଲକ୍ଷ୍ୟ । ୫-ଟି ସଂସ୍କାର ମାଧ୍ୟମରେ ଶିକ୍ଷାୟତନର ଗୁଣାତ୍ମକମାନ ଓ ଭିତ୍ତିଭୂମି ବିକାଶ ନିମନ୍ତେ ସରକାର ବଦ୍ଧପରିକର ବୋଲି ଆଠଗଡ ବିଶ୍ୱନାଥ ବିଦ୍ୟାପୀଠ ଠାରେ ଅନୁଷ୍ଠିତ 'ଆଠଗଡ ସୁପର ୩୦' ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶାର କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି । ଏଭଳି କାର୍ଯ୍ୟକ୍ରମ ଜିଲ୍ଲାର ଅନ୍ୟାନ୍ୟ ଶିକ୍ଷାୟତନକୁ ପରିବ୍ୟାପ୍ତ ହେବ ବୋଲି କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଏବଂ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ୟୋକ୍ତା ଡଃ. ଭବାନୀ ଶଙ୍କର ଚୟନୀ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି ।



ଶିକ୍ଷାୟତନରେ ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ଓ ମାନସିକ ବିକାଶ କ୍ଷେତ୍ରରେ ଏହାଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ସଙ୍ଗେସଙ୍ଗେ ଛାତ୍ରଛାତ୍ରୀ ମାନଙ୍କର ପ୍ରତିଭାକୁ ପରିପ୍ରକାଶ କରିବାରେ ସୁପର ୩୦ କାର୍ଯ୍ୟକ୍ରମ ଏକ ପ୍ରକୃଷ୍ଟ ମଞ୍ଚରୂପେ ପରିଗଣିତ ହେବ ବୋଲି ଆଠଗଡ ଉପଜିଲ୍ଲାପାଳ ହେମନ୍ତ କୁମାର ସ୍ୱାଇଁ ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ କହିଲେ ଯେ ସମଗ୍ର ରାଜ୍ୟରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଜିଲ୍ଲାର ସଫଳତାର ହାରକୁ ବିଚାରକୁ ନେଇ କଟକ ଜିଲ୍ଲା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସମ୍ପର୍କରେ ସୂଚନା ଦେଇଥିଲେ । ଓରିକ୍ଲିନର କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ବି.ସି ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ସୁପର୩୦ ଅନ୍ତର୍ଗତ ଶିକ୍ଷକ/ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ବିନାମୂଲ୍ୟରେ ପୃଷ୍ଟିକର ହର୍ଲିକ୍ସ ପାନୀୟ ଯୋଗାଇବେ ବୋଲି ଘୋଷଣା କରିଥିଲେ ।

# ରାଜ୍ୟରେ ବୁଷ୍ଟର ଡୋଜ ନେବାକୁ ଆଗ୍ରହ ଦେଖାଉ ନାହାନ୍ତି ଲୋକ

## ସ୍ୱାସ୍ଥ୍ୟ ବିଭାଗର ଉଦବେଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ବୁଷ୍ଟର ଡୋଜ ନେବା ପାଇଁ ଲୋକ ମାନେ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ବର୍ତ୍ତମାନ ସୁଦ୍ଧା ରାଜ୍ୟର ୮୭ ପ୍ରତିଶତ ଲୋକେ ବୁଷ୍ଟର ଡୋଜ ନେଇ ନାହାନ୍ତି । ରାଜ୍ୟର ୨ କୋଟି ୮୨ ଲକ୍ଷ ଲୋକେ ବୁଷ୍ଟର ଡୋଜ ନେଇ ନାହାନ୍ତି । ଏହାକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଦବେଗ ପ୍ରକାଶ କରାଯାଇଛି । ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା କେବଳ ୪୨ ଲକ୍ଷ ୭୦ ହଜାର ୪୮୭ ଲୋକେ ବୁଷ୍ଟର ଡୋଜ ନେଇଛନ୍ତି। ଯାହାକି ମାତ୍ର ୧୩ ପ୍ରତିଶତ। ସେହିପରି ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ରାଜ୍ୟର ୨୫ ଲକ୍ଷ ଲୋକ ନେଇ ନାହାନ୍ତି ଦ୍ୱିତୀୟ ଡୋଜ ଟିକା। କଟକ, ଖୋର୍ଦ୍ଧା, ଜଗତସିଂହପୁର, ସୁନ୍ଦରଗଡ଼, ପୁରୀ, ଅନୁଗୁଳ ଭଳି ଜିଲ୍ଲାରେ ପ୍ରଥମ ଡୋଜ ୯୦ ପ୍ରତିଶତରୁ କମ ଟିକାକରଣ ହୋଇଛି। ତେବେ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଉଥିବା ମାଗଣା ଟିକାକରଣକୁ ଆଉ କମ ଦିନ ବାକିଥିବାରୁ ସମସ୍ତଙ୍କୁ ତୁରନ୍ତ ବୁଷ୍ଟର ଡୋଜ ନେବା ଲାଗି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଅନୁରୋଧ କରିଛନ୍ତି। ରାଜ୍ୟରେ କୋଭିସିଲଡ ଟିକା କମ ରହିଥିବାରୁ ସ୍ୱାସ୍ଥ୍ୟ ବିଭାଗ କେନ୍ଦ୍ରକୁ ଚିଠି ଲେଖିଛି।

### ରାଜଧାନୀରେ ୧୨୩ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ଗୁରବାର ମୋଟ ୧୨୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଣ୍ଟାରେ ଆଉ ୧୩୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୧୦୬ ଜଣ ସୁସ୍ଥ ହୋଇଛନ୍ତି।

# ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକାର ସଂଶୋଧନ ନେଇ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଗୁରୁବାର ୧୬ଟି ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନରଙ୍କର ଭୁବନେଶ୍ୱରସ୍ଥିତ ମଧୁସୂଦନ ଏକାଡେମୀଠାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୩ ସହ ଲୋକପ୍ରତିନିଧି ଆଇନ ୧୯୫୦/୧୯୫୧ରେ କରାଯାଇଥିବା ସଂଶୋଧନ ସଂପର୍କରେ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ତ୍ରୁଟିଶୂନ୍ୟ ଭୋଟର ତାଲିକାର ପ୍ରସ୍ତୁତି ଓ ଲୋକ ପ୍ରତିନିଧି ଆଇନ ୧୯୫୦/୧୯୫୧ରେ କରାଯାଇଥିବା ସଂଶୋଧନ ସଂପର୍କରେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଡେପୁଟୀ କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଓ ଜିଲ୍ଲାସ୍ତରରେ ନିର୍ବାଚନ କାର୍ଯ୍ୟରେ ସଂପୃକ୍ତ ଥିବା କର୍ମକର୍ତ୍ତାମାନଙ୍କୁ ଅବଗତ କରାଇଥିଲେ । ଜିଲ୍ଲାସ୍ତରରେ ସ୍ୱତନ୍ତ୍ର କ୍ୟାମ୍ପ ଅନୁଷ୍ଠିତ କରାଯାଇ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ମାଧ୍ୟମରେ ନୂତନ ଭୋଟରମାନଙ୍କଠାରୁ ଫର୍ମ ସଂଗ୍ରହ ଏବଂ ଏହାର ଡିଜିଟାଇଜେସନ୍ କରିବା, ଲୋକପ୍ରତିନିଧି ଆଇନ ୧୯୫୦/୧୯୫୧ରେ କରାଯାଇଥିବା ସଂଶୋଧନ, ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ନିମନ୍ତେ ସଂଶୋଧିତ ହୋଇଥିବା ନୂତନ ଫର୍ମ, ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ନିମନ୍ତେ ୪ଟି ଯୋଗ୍ୟତାସୂଚକ ତାରିଖ, ଭୋଟର ତାଲିକାରେ ସ୍ୱେଚ୍ଛାକୃତ ଭାବେ ଆଧାର ସଂଯୋଗୀକରଣ ନିମନ୍ତେ ନୂତନ ଫର୍ମ ନଂ ୬(ଖ) ସଂପର୍କରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ରଘୁରାମ ଆଁ. ଆୟାର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ସଂଘମିତ୍ରା ଶତପଥୀ, ଭୁବନେଶ୍ୱରର ଆସିଷ୍ଟାଣ୍ଟ କଲେକ୍ଟର ସମୀର ଦାସ, କଳାହାଣ୍ଡିର ଡେପୁଟି କଲେକଟର ସୁଶ୍ରୀ ପ୍ରଧାନ, ଏଏସ୍‌ଇ ଇଦ୍ରିଶ ଅଲ୍ଲୀ ଖାନ୍ ପ୍ରମୁଖ ଉପସ୍ଥିତ ରହି ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ବଲାଙ୍ଗୀର, ନୂଆପଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ୮୬ ଜଣ ଅଧିକାରୀ ଅଂଶଗ୍ରହଣ କରିଥିଲେ ।

# ବିପଦର ବନ୍ଧୁ ସେବା ସଂଗଠନ ପକ୍ଷରୁ ସେବାକାର୍ଯ୍ୟ

କଟକ(ଭାସ୍କର ନ୍ୟୁଜ୍): କଟକ ସଦର ମାଟିର ଅଗ୍ରଣୀ ସାମାଜିକ ସଂଗଠନ ବିପଦର ବନ୍ଧୁ ସେବା ସଂଗଠନ କିଶୋରନଗର ପକ୍ଷରୁ ପ୍ରହରାଜପୁର କୁଲସାହି ଗ୍ରାମର ହାସନ ଅଲ୍ଲାଉଦ୍ଦିନଙ୍କୁ ସହାୟତା ପ୍ରଦାନ କରାଯାଇଛି । ଉକ୍ତ ଅସହାୟ ପରିବାରକୁ ପଡ଼ି ସାମଗ୍ରୀ, ବସ୍ତ୍ର, ଫଳ ଓ ଆର୍ଥିକ ସହାୟତା ଆଦି ପ୍ରଦାନ କରାଯାଇଛି । ଏହି ମହତ୍ ସେବା କାର୍ଯ୍ୟରେ ଖୀତିନ୍ଦ୍ର ମିତ୍ର,କାଙ୍ଗାଳି ଚରଣ ବେହେରା, ସେକ ଫାଜ୍ ଅଲ୍ଲୀ, ଚିତ୍ତ ରଞ୍ଜନ ବେହେରା, ବିମଳା ପ୍ରସାଦ ସାହୁ, ଆଲୋକ ମଣ୍ଡଳ, ଭୈରବ ଚନ୍ଦ୍ର ସେଠୀ, ସୁଧାକର ସେଠୀ, ସେକ୍ ସରୱର ଅଲ୍ଲୀ, ନାରାୟଣ ଦାସ, ଦେବ ନାରାୟଣ ମହାନ୍ତି, ଜଗନ୍ନାଥ ମଲିକି ପ୍ରମୁଖ ସଂଗଠନ ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।





କନ୍ଧମାଳ, (ଭାସ୍କର ନ୍ୟୁଜ୍): ଫିରିଙ୍ଗିଆ ଥାନା ଅନ୍ତର୍ଗତ ବନ୍ଧଗଡ଼ ଗାଁ ନିକଟରେ ଥିବା ଏକ ଆମ୍ବଗଛରୁ ଜଣେ ବିବାହିତାଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ସେ ହେଲେ ବନ୍ଧଗଡ଼ ଗ୍ରାମର ଦିନେଶ ଦେହୁରୀଙ୍କ ସ୍ତ୍ରୀ ସରିତା ଦଳବେହେରା। ତାଙ୍କ ବାପାଙ୍କ ଘର ବାଲିଗୁଡ଼ା ଥାନା ଅନ୍ତର୍ଗତ ଜାର୍ଗିଭଟା ଗ୍ରାମରେ। ଛଅ ମାସ ତଳେ ସେ ବିବାହ କରିଥିଲେ। ଗତକାଲି ଭୋର ସମୟରେ ସେ ଘର କାମ ସାରି ପାଣି ଆଣିବାକୁ ବାହାରକୁ ଯାଇ ଆଉ ଘରକୁ ଫେରି ନଥିଲେ। ଘର ଲୋକେ ବହୁ ଖୋଜାଖୋଜି କରିବା ପରେ ଗାଁପାଖ ଜଙ୍ଗଲ ଭିତରେ ଥିବା ଏକ ଆମ୍ବ ଗଛରେ ମହିଳାଜଣକ ଝୁଲୁଥିବା ଦେଖିବାକୁ ପାଇ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଫିରିଙ୍ଗିଆ ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ପ୍ରଦୀପ କୁମାର ରାଉଳ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରେ ମାଜିଷ୍ଟ୍ରେଟ୍ଙ୍କ ଉପସ୍ଥିତିରେ ଜିଲ୍ଲା ଫରେନ୍‌ସିକ ଟିମ୍ ସହାୟତାରେ ଶବକୁ ଉଦ୍ଧାର କରାଯିବା ସହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଝିଅକୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଶ୍ୱଶୁରଘର ଲୋକେ ହତ୍ୟା କରିଛନ୍ତି ବୋଲି ମହିଳାଙ୍କ ପରିବାର ଅଭିଯୋଗ ଆଣିଛନ୍ତି। ଏ ନେଇ ତାଙ୍କ ଦାଦା ବୃଷଭ ଅମାତ ଏକ ଲିଖିତ ଅଭିଯୋଗ କରିବା ପରେ ଫିରିଙ୍ଗିଆ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସ୍ୱାମୀ ଦିନେଶ ଦେହୁରୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଥିବା ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ପ୍ରକାଶ କରିଛନ୍ତି।



## କାଲିମେଳା ମିନି ଷ୍ଟାଡିୟମ ଜମି ବିକ୍ରି ମାମଲା

# ଦୋକାନ-ବଜାର-ସାପ୍ତାହିକ ହାଟ ବନ୍ଦ



କାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଳା ତହସିଲ କାର୍ଯ୍ୟାଳୟ ପାଚେରୀକୁ ଲାଗି ରହିଥିବା କାଲିମେଳା ମୌଜାର ଜମି କିଣାବିକା ଯୋଗୁଁ ବଳିପଡିଲା କାଲିମେଳା ମିନି ଷ୍ଟାଡିୟମ। ଏହାକୁ କେନ୍ଦ୍ରକରି ସ୍ଥାନୀୟ ଲୋକ ପ୍ରତିନିଧି ଯଥା କାଲିମେଳା ସମିତି ଅଧକ୍ଷା ସୁବାସିନି ସୋଡ଼ି, ପୂର୍ବତନ ମାଲକାନଗିରି ବିଧାୟକ ମୁକୁନ୍ଦ ସୋଡ଼ି, କାଲିମେଳା ଜିଲ୍ଲା ପରିଷଦ ଜୋନ୍-୨ର ସଭ୍ୟା ମମତା ପଡିଆମି, କାଲିମେଳା ଗ୍ରାମପଞ୍ଚାୟତର ସରପଞ୍ଚ ପୃଥ୍ୱୀରାଜ ମାଝୀ ଓ ସମିତି ସଭ୍ୟା ଚମ୍ପା ମଲିକ ସମେତ ଅନ୍ୟମାନେ କାଲିମେଳା ତହସିଲଠାରୁ ଆରମ୍ଭ କରି ସଚିବ ରାଜସ୍ୱ ବିଭାଗ ଓଡ଼ିଶା ପର୍ଯ୍ୟନ୍ତ ଲିଖିତରେ ଅଭିଯୋଗ କରିଛନ୍ତି। ଉକ୍ତ ଜମି ଗୁଗଲ ମ୍ୟାପରେ ଷ୍ଟାଡିୟମ ବୋଲି ସ୍ପଷ୍ଟ ଚିହ୍ନିତ ହେଉଥିବା ବେଳେ ଏଠାରେ ସରକାରୀ କିମ୍ବା ବେସରକାରୀ କୌଣସି କାର୍ଯ୍ୟକ୍ରମ, ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟକ୍ରମ, ସ୍ଥାନୀୟ କିମ୍ବା ଅନ୍ତଃରାଜ୍ୟ କ୍ରୀଡ଼ା ଉତ୍ସବ, ରାଜନେତା କିମ୍ବା ପ୍ରଶାସନିକ ଅଧିକାରୀଙ୍କ ହେଲିକପ୍ଟର ଅବତରଣ ଭୋଳି ଅନେକ କାମ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବ୍ୟବହାର ହେଉଅଛି। ଏହାର ଉନ୍ନତିକରଣ ପାଇଁ ପ୍ରଶାସନ ପକ୍ଷରୁ ଲକ୍ଷାଧିକ ବ୍ୟୟରେ ଏଠାରେ ଦର୍ଶକ ଗ୍ୟାଲେରୀ, ଖେଳାଳି ଆଶ୍ରୟ ଘର, ଗେଟ୍, ସଭାମଞ୍ଚ, ଫ୍ଲାଗ ପୋଷ୍ଟ ଇତ୍ୟାଦି ନିର୍ମାଣ କରାଯାଇଛି। ଏସବୁ ନିର୍ମାଣ ସମୟରେ ଉକ୍ତ ଜମି ଏମ୍‌ପିଭି-୭୫ ଗ୍ରାମର ମନୋରଞ୍ଜନ ରାୟଙ୍କ ଜମି, ଯାହାର ଖାତା ନଂ ୬୫୦/୧୬୩୦, ପ୍ଲଟ ନଂ ୩୦୦୩ ଓ ଏରିଆ ହେ. ୦.୫୨୬୦ ଏବଂ ବିମଳ ବିଶ୍ୱାସଙ୍କ ବାପାଙ୍କ ନାମରେ ଥିବା ଜମି, ଯାହାର ଖାତା ନଂ ୬୫୦/୧୬୨୯, ପ୍ଲଟ ନଂ ୩୦୦୪ ଓ ଏରିଆ ହେ. ୦.୫୮୦୦ ରହିଥିବା ଜଣାପଡିଛି । ତେବେ ମନୋରଞ୍ଜନ ରାୟଙ୍କ ଜମିକୁ ଏମଭି-୧ ଗ୍ରାମର ରାମ ପ୍ରସାଦ ଭଦ୍ର ଏବଂ ବିମଳ ବିଶ୍ୱାସଙ୍କ ଜମିକୁ ଏମଭି-୪୫ ଗ୍ରାମର ଆନନ୍ଦ ମାଲାକାର କ୍ରୟ କରିଥିଲେ। ଏବଂ କାଲିମେଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗତ ୩୧.୫.୨୦୨୨ ତାରିଖ ଦିନ ଦୁଇ କ୍ରେତା ପଟ୍ଟା ପାଇଥିଲେ। ପରବର୍ତ୍ତୀ ସମୟରେ ଗତ ୧.୮.୨୦୨୨ ତାରିଖ ଦିନ ସୁପରଭାଇଜର ରାମକୃଷ୍ଣ ପଟ୍ଟନାୟକ ସମେତ ଅନ୍ୟ କର୍ମଚାରୀ ଉକ୍ତ ଜମିକୁ ଡିମାରକେସନ କରି ଦୁଇ କ୍ରେତାଙ୍କୁ ଜମିର ଏରିଆ ଚିହ୍ନଟ କରାଇଥିବା ଜଣାପଡିଛି। ସେହି ଦିନ ହିଁ ଉଭୟ କ୍ରେତା ନିଜ ନିଜ ଜମିରେ ଚାଷ କରିବା ଆରମ୍ଭ କରିଥିଲେ। ଯାହାଫଳରେ ମିନି ଷ୍ଟାଡିୟମର ଚଟାଣ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଥିଲା। ଖବର ପାଇ କାଲିମେଳାର ପୁରୁଣା ଭୈରବୀ ଯୁବକ ସଂଘର କାର୍ଯ୍ୟକର୍ତ୍ତା ଏବଂ ସର୍ବସାଧାରଣ ବହୁସଂଖ୍ୟାରେ ଘଟଣା ସ୍ଥଳରେ ପହଞ୍ଚି ମିନି ଷ୍ଟାଡିୟମ ଦଖଲକୁ ବିରୋଧ କରିଥିଲେ। ଅପରପକ୍ଷରେ ବ୍ୟକ୍ତିଗତ ଜମିରେ ପ୍ରଶାସନ ମିନି ଷ୍ଟାଡିୟମର ଉନ୍ନତିକରଣ ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟବରାଦ କରାଯାଇଅଛି। ପଟ୍ଟାଦାରଙ୍କୁ କାଲିମେଳା ତହସିଲ ପକ୍ଷରୁ ପଟ୍ଟା ଆବେଦନ ରଦ୍ଦ କରାଯାଇଥିଲା, ପରେ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଅପିଲ କରି ଯୋଗ୍ୟ ବିବେଚିତ ହୋଇଥିଲେ ବୋଲି କାଲିମେଳା ତହସିଲଦାର ଦୁର୍ଗା ପ୍ରସାଦ ଦୋରା କହିଛନ୍ତି। ବର୍ତ୍ତମାନ କାଲିମେଳାରେ ଆଉ ଖେଳ ପଡିଆ ନାହିଁ। କାରଣ ଷ୍ଟାଡିୟମ ବିକ୍ରି ହୋଇଯାଇଛି। ଜମି କିଣିଥିବା ଲୋକମାନେ ବର୍ତ୍ତମାନ ଏହି ଷ୍ଟାଡିୟମରେ ଟ୍ରାକ୍ଟର ଲଗାଇ ଚାଷ କରିଛନ୍ତି ଓ ଷ୍ଟାଡିୟମର ଖେଳ ପଡିଆ ହଳ ଲଗାଇ ଖୋଳି ଦେଇଛନ୍ତି। ଯାହାର ପ୍ରତିବାଦରେ ଆଜି କାଲିମେଳା ଭୈରବୀ ଯୁବକ ସଂଘ, ଗ୍ରାମବାସୀ, ସମାଜ ସେବୀ ଓ ଅଞ୍ଚଳର ଲୋକମାନେ ଆଜି କାଲିମେଳା ସଦରର ଦୋକାନ ବଜାର ସହିତ ଆଜିର ଗୁରୁବାର ସାପ୍ତାହିକ ହାଟ ମଧ୍ୟ ବନ୍ଦ କରାଇଛନ୍ତି। ଏନେଇ କାଲିମେଳା ଛକ ନିକଟରେ ଟେଣ୍ଟ ମାରି ଧାରଣାରେ ବସିଛନ୍ତି। ଯଦି ସମସ୍ୟାର ସମାଧାନ ନ ହୁଏ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।

# ବାହୁଦା ନଦୀରୁ ମେଗା ପ୍ରୋଜେକ୍ଟ ନ ଉଠିଲେ ଚାଷ ଜମି ପଡିଆ ପଡିବ



ଚିକିଟି, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ତହସିଲରେ ଜଳସେଚନର ମୁଖ୍ୟ ଅଙ୍ଗ କହିଲେ ବାହୁଦା କେନାଲ ଅଟେ। ଏହି କେନାଲକୁ କଣ୍ଟାଇଝୁଲି ପାହାଡର ଏକ ଝରଣା ଆସି ଦେଖାଳି ନିକଟରେ ତାର କାୟା ବିସ୍ତାର କରି ନଦୀର ରୂପ ନେଇଛି। ଏହି ନଦୀର ମଧ୍ୟଭାଗରେ କଳିଙ୍ଗ ଦୋଳା ନିକଟରେ ବାହୁଦା କେନାଲର ସୃଷ୍ଟି ହୋଇ ଏହାର ବାମ, ଦକ୍ଷିଣ ପାର୍ଶ୍ୱ କେନାଲ ସୀମାନ୍ତ ଆନ୍ଧ୍ରପ୍ରଦେଶ ପର୍ଯ୍ୟନ୍ତ ଲମ୍ବି ଏହି ଅଞ୍ଚଳର ଚାଷୀଙ୍କ ଚାଷ ଜମିକୁ ପାଣି ଯୋଗାଉଛି। ବର୍ତ୍ତମାନ ଏହି କେନାଲର ଉତ୍ପତ୍ତି ନିକଟରେ ଓଡ଼ିଶାର ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ତତ୍ୱାବଧାନରେ ନିଜର ନିର୍ବାଚନ ମଣ୍ଡଳୀ ଦିଗପହଣ୍ଡି ଅଞ୍ଚଳ ସକାଶେ ଉଠା ଜଳସେଚନ ବିଭାଗ ଦ୍ୱାରା ଏକ ମେଗା ଜଳସେଚନ ପ୍ରଜେକ୍ଟ ନିର୍ମାଣ କରାଯାଇ ତାହା କାର୍ଯ୍ୟକାରୀ ହୋଇଛି। ଏହି ମେଗା ପ୍ରଜେକ୍ଟରେ ଏକ ବିଶାଳ କାୟ କୁଣ୍ଡ କରାଯାଇ ମୋଟର ଦ୍ୱାରା ଜଳ ଉଠାଯାଇ ଦିଗପହଣ୍ଡି ଅଞ୍ଚଳର ସହ ସହ ହେକ୍ଟର ଚାଷ ଜମିକୁ ଛଡ଼ା ଯାଉଛି। ଏହି ପ୍ରଜେକ୍ଟଠାରୁ ଉକ୍ତ ଅଞ୍ଚଳ ପ୍ରାୟ ୩୫ କିମି ଦୂରରେ ଥାଇ ମଧ୍ୟ ବାହୁଦା ନଦୀର ଜଳକୁ ବ୍ୟବହାର କରି ପାରୁଛନ୍ତି। କିନ୍ତୁ ଏଠାରେ ଥିବା କେନାଲରେ ପାଣି ନ ଥିବାରୁ ଏଠାକାର ଚାଷୀ ବର୍ତ୍ତମାନ ସୁଦ୍ଧା ଜମିରେ ହଳ କରି ପାରୁ ନାହାନ୍ତି। ଗତ ବର୍ଷ ଓଡ଼ିଶାର ପୂର୍ବତନ ବାଚସ୍ପତି ଚିନ୍ତାମଣିଦ୍ୟାନ ସମ୍ପନ୍ତରା ଚାଷୀମାନଙ୍କ ଦୁଃଖ ଦେଖି ନ ପାରି ଏହି ପ୍ରକଳ୍ପ ଜାଗାକୁ ଯାଇ ବନ୍ଦ କରିବାରୁ ଚାଷୀ ନିଜ ଜମିକୁ ପାଣି ପାଇ ପାରିଥିଲେ। ପରେ ପରେ ଏହି ପ୍ରକଳ୍ପ ନିଜର କାର୍ଯ୍ୟପନ୍ଥା ଅପଣାଇବା ପରେ ଏହି ବର୍ଷ ଏଠାକାର ଚାଷୀମାନଙ୍କ ଅବସ୍ଥା ଗତ ବର୍ଷ ପରି ହେବାରେ ଲାଗିଛି। ଗତ ପଚିଶ ବର୍ଷ ହେଲା ଚିକିଟି ଅଞ୍ଚଳରେ ଏକମାତ୍ର ନେତ୍ରୀ ଶାସନ କରିଆସୁଥିବା ବେଳେ ଅଂଚଳରେ ଚାଷୀର ଦୁଃଖ ଦୂର କରିବା ସକାଶେ କୌଣସି ଜଳସେଚନ ପ୍ରକଳ୍ପ କରି ନ ଥିବା ଅତ୍ୟନ୍ତ ଦୁଃଖ ଦାୟକ ବୋଲି ବୁଦ୍ଧି ଜୀବୀମହଲରେ ଚର୍ଚ୍ଚା ଜୋର ଧରିଛି। ଗତ କାଲି ଚିକିଟି ନିର୍ବାଚନ ମଣ୍ଡଳୀର ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନରଞ୍ଜନଦ୍ୟାନ ସାମନ୍ତରା ଉକ୍ତ ମେଗା ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ବିଧାୟିକାଙ୍କ ବିକାଶ ଉପରେ ପ୍ରଶ୍ନ ଉଠାଇଥିବା ବେଳେ ଖୁବ ଶୀଘ୍ର ଏହି ପ୍ରକଳ୍ପ ବନ୍ଦ ନକଲେ ଚିକିଟି ଅଞ୍ଚଳର କୌଣସି ଚାଷ ଜମିରେ ଧାନ ଫସଲ ହୋଇପାରିବ ନାହିଁ ବୋଲି ପ୍ରକାଶ କରିଥିଲେ। ଆଜକୁ ବହୁ ବର୍ଷ ହେଲା ଏଠାରେ ଅନେକ ଜଳସେଚନ ପ୍ରକଳ୍ପର ଉତ୍ସ ଥାଇ ମଧ୍ୟ କୌଣସିର ବିକାଶ ହୋଇ ପାରୁ ନାହିଁ ଏହା ଏକ ଲଜ୍ୟାର ବିଷୟ ବୋଲି ମଧ୍ୟ ପ୍ରକାଶ କରିଛନ୍ତି। ଏଣୁ ଆଗାମୀ ଦିନରେ ଅଞ୍ଚଳର ଚାଷୀ ଯଦି ଜଳ ସେଚନର ସୁବିଧା ନ ପାଇବ ତେବେ ବର୍ତ୍ତମାନ ଠାରୁ ଅଧିକ ଦାଦନ ବାହାରିବେ।

# ଲୁଡୁ ଖେଳରୁ ମହାଭାରତ ଛୁରା ମାଡ଼ରେ ୬ ଗୁରୁତର

ବାସୁଦେବପୁର, (ଭାସ୍କର ନ୍ୟୁଜ୍) ଭଦ୍ରକ ଜିଲ୍ଲା ବାସୁଦେପୁର ବ୍ଲକ କସିଆ ସାମୁଦ୍ରିକ ଥାନା ଅନ୍ତଗତ ବିଦେଇ ପୁର ମୁନି ପାଦ ଥରେ ଲୁଡୁ ଖେଳକୁ କେନ୍ଦ୍ର କରି ଗଣ୍ଡଗୋଳରେ ଛୁରା ମାଡ଼ ହୋଇଛି। ଏହି ଛୁରା ମାଡ଼ରେ ଅନନ୍ତ ଦାସ (୬୦), ରଂଗଲା ଦାସ (୫୬) ଗୁରୁତର ହୋଇଥିବା ବେଳେ ପୂଜା ଦାସ, ଲିଜା ଦାସ, ରାହୁଲ ଦାସ, ଦିପୁନ ମଳିକ ମାଡ଼ ଖାଇ ଆହତ ହୋଇଛନ୍ତି। ସୂଚନା ମୁତାବକ, ମୁନିପଦା ନିକଟରେ ଥିବା ବାତ୍ୟା ଆଶ୍ରୟ ସ୍ଥଳୀରେ ରାହୁଲ ଦିପୁନ ଓ ରାଜ ନାମକ ଯୁବକ ମୋବାଇଲରେ ଲୁଡୁ ଖେଳୁଥିବା ସମୟରେ ସ୍ଥାନୀୟ ଦୁଇ ଜଣ ଯୁବକ ସେଠାରେ ପହଁଚି ଏଠାରେ ବସି ଲୁଡୁ ଖେଳି ପାରିବନି ବୋଲି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟା କଟି ହୋଇଥିଲା। ସ୍ଥାନୀୟ ଯୁବକ ଦୁଇ ଜଣ ଲୁଡୁ ଖେଳୁଥିବା ପିଲାମାନଙ୍କୁ ମାଡ଼ ମାରିଥିଲେ। ଖବର ପାଇ ରାହୁଲଙ୍କ ବାପା, ମା ଭଉଣୀ, ଆସି ଘଟଣା ସ୍ଥଳରେ ପହଞ୍ଚି ଉତେଜିତ ଦୁଇ ଯୁବକଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥିଲେ। ହେଲେ ଉକ୍ତ ଯୁବକ ଦୁଇ ଜଣ ଏକ ଧାରୁଆ ଛୁରୀ ଆଣି ବୁଝାଉ ଥିବା ଅନନ୍ତ ଓ ତାଙ୍କ ସ୍ତ୍ରୀ ରଙ୍ଗଲତାଙ୍କୁ ଛୁରା ମାଡ଼ କରିଥିଲେ। ଅନନ୍ତଙ୍କ ଦୁଇ ହାତରେ ଛୁରା ମାଡ଼ ଲାଗିଥିବା ବେଳେ ରଙ୍ଗଲତା ଦେହରେ ପଶି ଯାଇଥିଲା। ସ୍ଥାନୀୟ ଲୋକେ ପହଞ୍ଚିବାରୁ ଛୁରା ମାଡ଼ କରିଥିବା ଦୁଇ ଯୁବକ ସ୍ଥାନ ଛାଡି ପଳାଇ ଯାଇଥିଲେ। ଆମ୍ବୁଲାନ୍ସ ଯୋଗେ ଆହତ ଓ ଗୁରୁତରଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ।

# ସ୍ୱର୍ଗତ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଜୟନ୍ତୀ ସମାରୋହ




ବଲାଙ୍ଗିର, (ଭାସ୍କର ନ୍ୟୁଜ୍): ଆଜିର ଶିକ୍ଷା ବ୍ୟବସ୍ଥା ଜୀବିକା ପାଇଁ। ସମାଜ ଉପଯୋଗୀ ଶିକ୍ଷା ବ୍ୟବସ୍ଥା ଲାଗୁ ନ ହେଲେ ସାମାଜିକ ଦୁଃସ୍ଥିତିରୁ ଆମେ ମୁକୁଳି ପାରିବା ନାହିଁ। ଏଣୁ ଆମର ଆଗାମୀକୁ ସୁନ୍ଦର କରିବାକୁ ହେଲେ ଉତ୍ତର ଦାୟିତ୍ୱ ନିଜେ ନେବାକୁ ପଡିବ। ଶିକ୍ଷା ହିଁ ଆମକୁ ସେ ଦିଗରେ ଅଗ୍ରସର ହେବାକୁ ସାମର୍ଥ୍ୟ ଦେବ ବୋଲି ମତ ଦେଇଛନ୍ତି ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳ ସଚିବ ଡ. ନୃପରାଜ ସାହୁ। ଜିଲ୍ଲା ସାମ୍ବାଦିକ ସଂଘ ଓ କୃଷ୍ଣଚନ୍ଦ୍ର ପଣ୍ଡା ସ୍ମୃତି କମିଟିର ମିଳିତ ସହଯୋଗରେ ସ୍ଥାନୀୟ ସାମ୍ବାଦିକ ଭବନରେ ଜନସେବୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ୧୦୬ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିବା ବେଳେ ଏହି ଅବସରରେ 'ସାଂପ୍ରତିକ ଶିକ୍ଷା ଓ ସାମାଜିକ ଉତ୍ତର ଦାୟିତ୍ୱ' ଶୀର୍ଷକରେ ସ୍ମାରକୀ ବକ୍ତୃତା ଆୟୋଜିତ ହୋଇଯାଇଛି। ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର ଉପ-ସଭାପତି ଆନନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଉଦ୍‌ଘାଟକ ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳ ସଚିବ ଡ. ନୃପରାଜ ସାହୁ ଯୋଗଦାନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ ଏବଂ ମୁଖ୍ୟବକ୍ତା ଭାବେ ଆଇଆଇପିଏ ର ସହକାରୀ ପ୍ରାଧ୍ୟାପକ ଡ. ସୁଜିତ କୁମାର ପୃଷ୍ଟେ ଯୋଗ ଦେଇଥିଲେ। ସଂଘର ସଭାପତି ହରିନାରାୟଣ ପୂଜାରୀ ଏବଂ ସାଧାରଣ ସଂପାଦକ ବଳରାମ ମିଶ୍ର ଅତିଥିମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସ୍ୱର୍ଗତ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସ୍ମୃତିଚାରଣ କରି ଉଦ୍‌ଘାଟକ ଡ. ସାହୁ ପୌରାଣିକ କଥାବସ୍ତୁ ଆଧାରରେ ସାଂପ୍ରତିକ ଶିକ୍ଷା ଓ ସାମାଜିକ ଉତ୍ତର ଦାୟିତ୍ୱ ସଂପର୍କରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଧରୁଆ ଶିକ୍ଷା ବ୍ୟବସ୍ଥା ପ୍ରତି ରହିଥିବା ସାମାଜିକ ପ୍ରତିବଦ୍ଧତା ସଂପର୍କରେ ଆଲୋକପାତ କରିବା ସହ ନିଜ ବକ୍ତବ୍ୟରେ ସ୍ୱର୍ଗତ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ସହକାରୀ ପ୍ରାଧ୍ୟାପକ ଡ. ପୃଷ୍ଟେ ଭାରତୀୟ ଶିକ୍ଷା ଆଦର୍ଶ ସଂପର୍କରେ ଆଲୋଚନା କରି ଆଗାମୀ ସମୟରେ ଶିକ୍ଷାର ରୂପରେଖ ଓ ଆମ ସମସ୍ତଙ୍କ ଏଥିପ୍ରତି ରହିଥିବା ଦାୟିତ୍ୱ ସଂପର୍କରେ ବିଷଦ୍ ଭାବରେ ଆଲୋକପାତ କରିଥିଲେ। ବରିଷ୍ଠ ସାମ୍ବାଦିକ ବୀରେନ୍ଦ୍ର କୁମାର ଝାଙ୍କର ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ସନ୍ଦୀପ କୁମାର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

# ପୋତି ହେଇଗଲାଣି ନାଳିଆ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବ୍ଲକରେ ଡେଙ୍ଗୁ ଆକ୍ରାନ୍ତ ପରେ ବ୍ଲକ ପ୍ରଶାସନ ଆକ୍‌ସନ୍ ମୁଡକୁ ଆସି ଅଞ୍ଚଳର ପ୍ରତ୍ୟେକ ଗଳି କନ୍ଦି ନାଳିଆ ଗୁଡିକ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ସଫେଇ କରାଇଥିଲା। ହେଲେ ଏତେ ଟଙ୍କା ଖର୍ଚ୍ଚ ହୋଇ ମଧ୍ୟ କିଛି ଡ୍ରେନ୍ ଏଯାଏଁ ଅଳିଆ ଆବର୍ଜନାରେ ପୋତି ହୋଇ ରହିଥିବା ସାଧାରଣରେ ଅଭିଯୋଗ ହୋଇଛି। ଏନେଇ ପଞ୍ଚାୟତ ନିର୍ବାହି ଅଧିକାରି ପ୍ରମୋଦ ମହାପାତ୍ରଙ୍କୁ ଅଜିତ ବାଘ ନିଜ ଘର ସମୁଖରେ ଥିବା ନାଳିଆରୁ କଣ ପାଇଁ ଅଳିଆ ହଟା ଯାଇନି ବୋଲି ପଚାରିବାରୁ ସମ୍ପୃକ୍ତ ନିର୍ବାହି ଅଧିକାରି କୁଆଡେ ନାଲି ଆଖି ଦେଖାଇଥିବା ଅଜିତ ବାଘ କହିଛନ୍ତି। ଅପର ପଟେ ଯେଉଁ ସବୁ ନାଳିଆରୁ ଆବର୍ଜନା କଢା ଯାଇଥିଲା ତାହା ଟ୍ରାକ୍ଟରରେ ଲୋଡ କରି ଅଧପାନ୍ତରିଆ ରୂପେ ପଡି ରହିଥିବା ନୂତନ ବସଷ୍ଟାଣ୍ଡ ପାଚେରି ସମୁଖରେ ପକା ଯାଇଛି। ଏନେଇ ଆମେ ପିଓ ମହାପାତ୍ରଙ୍କୁ ପଚାରିବାରୁ ଆମେ ପକେଇନୁ କାମ ନେଇଥିବା ବ୍ଲକର ଯନ୍ତ୍ରୀକୁ ଯାଇ ପଚାର ବୋଲି କହିଛନ୍ତି। ବର୍ତ୍ତମାନ ଏତେ ଟଙ୍କା ଖର୍ଚ୍ଚ କରି ନାଳିଆ ଗୁଡିକ ସଫା ହୋଇଥିଲେ ମଧ୍ୟ କିଛି ଦିନ ଧରି ଲଗାଣ ବର୍ଷାରେ ବଜାର ଉପର ଜଳ ମଗ୍ନ ହୋଇ ଉଠୁଛି। ପ୍ରତ୍ୟେକ ବର୍ଷ ନାଳିଆ ସଫେଇ ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବା ଅପେକ୍ଷା ଏକ ମାଷ୍ଟର୍ ପ୍ଲାନ କଲେ ସମସ୍ତ ନାଳିଆ ଗୁଡିକ ସଫା ରହିବା ସହ ବର୍ଷା ଦିନେ ନାଳିଆ ପାଣି ରାସ୍ତା ଉପରେ ଅତିବାହିତ ହେବନି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଝିଅକୁ ଆଡମିସନ କରିବାକୁ କହି ଶିକ୍ଷକଙ୍କ ଆକାଉଣ୍ଟରୁ ୩ ଲକ୍ଷ ଲୁଟ୍

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି ବ୍ରହ୍ମପୁର ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ। ଏଥିରେ ଶିକ୍ଷିତ ବ୍ୟକ୍ତିମାନେ ହିଁ ଠକେଇର ଶିକାର ହୋଇଛନ୍ତି। ଜଣେ ଉଚ୍ଚ ଶିକ୍ଷିତ ଅର୍ଥାତ କମ୍ପ୍ୟୁଟର ସେଣ୍ଟରର ଜଣେ ଶିକ୍ଷକଙ୍କ ବ୍ୟାଙ୍କ ଏକାଉଣ୍ଟରୁ ୩ ଲକ୍ଷ ୧୦ ହଜାର ୪୮୭ ଟଙ୍କା ସାଇବର ଠକମାନେ ନେଇ ଯାଇଛନ୍ତି। ଏ ନେଇ ଆଇନା ବନ୍ଧ ସାହିର କମ୍ପ୍ୟୁଟର ସେଣ୍ଟରର ଶିକ୍ଷକ ଲିଙ୍ଗରାଜ ମହାରଣା ବ୍ରହ୍ମପୁର ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନା କେସ ନଂ ୨୭/୨୨ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ସୂଚନାଯୋଗ୍ୟ କି, ସହରର ଏକ କମ୍ପ୍ୟୁଟର ସେଣ୍ଟରରେ ଶିକ୍ଷକ ଭାବେ କାର୍ଯ୍ୟରତ ଲିଙ୍ଗରାଜ ମହାରଣାଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ଫୋନ କଲ ଆସିଥିଲା । ଲିଙ୍ଗରାଜ ପଢ଼ାଉଥିବା କମ୍ପ୍ୟୁଟର ସେଣ୍ଟରରେ ଫୋନ କରିଥିବା ବ୍ୟକ୍ତି ଜଣକ ତାଙ୍କ ଝିଅକୁ କମ୍ପ୍ୟୁଟର କୋର୍ସରେ ପାଠ ପଢ଼ିଇବାକୁ ଚାହୁଁଛନ୍ତି କହି କମ୍ପ୍ୟୁଟର କୋର୍ସ ବିଷୟରେ ଲିଙ୍ଗରାଜଙ୍କ ଠାରୁ ସମ୍ପୂର୍ଣ୍ଣ ତଥ୍ୟ ବୁଝି ନେଇଥିଲା । ଏପରି କି କୋର୍ସ ପାଇଁ କେତେ ଟଙ୍କା ଫିସ୍ ରହିଛି ଏବଂ କେତେ ଟଙ୍କା ଅଗ୍ରୀମ ଭାବେ ପୈଠ କରିବାକୁ ହେବ ଫୋନ କରିଥିବା ବ୍ୟକ୍ତି ଜଣକ ପଚାରି ବୁଝିଥିଲେ। ଏହାର କିଛି ଘଣ୍ଟା ପରେ ଅନ୍ୟ ଜଣେ ବ୍ୟକ୍ତି ପୁଣି ଲିଙ୍ଗରାଜ ନିକଟକୁ କଲ କରି ଫୋନ - ଯେ ଆକାଉଣ୍ଟକୁ ୨୫୦୦୦ ଟଙ୍କା ପଠାଇବେ ବୋଲି କହିଥିଲେ। ଆଉ ତାଙ୍କ କହିବା ଅନୁସାରେ ଲିଙ୍ଗରାଜ ନିଜ ଫୋନ ପେ' ଆକାଉଣ୍ଟରେ କ୍ରେଡିଟ କାର୍ଡ ବିଲ ପେମେଣ୍ଟ ଅପସନକୁ ଯାଇ ନିଜର ଦୁଇଟି କ୍ରେଡିଟ କାର୍ଡର ତଥ୍ୟ ଦାଖଲ କରିଥିଲେ। ସେହିପରି ନିଜ ଫୋନ ପେ' ଆକାଉଣ୍ଟର ପିନ୍ ଦାଖଲ କରିଥିଲେ ଯେହେତୁ ଲିଙ୍ଗରାଜ ସେଣ୍ଟରେ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି ତେଣୁ ସେ ଏହାକୁ ନେଇ ସନ୍ଦେହ କରି ନଥିଲେ। ହେଲେ କ୍ରେଡିଟ କାର୍ଡ ଦାଖଲ କରିବା ପରେ ଲିଙ୍ଗରାଜଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୭ ଥରରେ ୩ ଲକ୍ଷ ୧୦ ହଜାର ୪୮୭ ଟଙ୍କା କଟିଯାଇଥିଲା। ଯାଞ୍ଚ ପରେ ସେ ସାଇବର ଠକେଇର ଶିକାର ହୋଇଥୁବା ଜାଣିପାରିଥିଲେ। ଏ ନେଇ ସାଇବର ଥାନାରେ ଅଭିଯୋଗ କରିଥିଲେ।

# ପିସିସି ପାଖରେ ଫେରାଦ ହେଲେ କଂଗ୍ରେସ କର୍ମୀ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଆସନ୍ତା ୨୦୨୪ ନିର୍ବାଚନ ପାଇଁ ଏବେଠାରୁ ଅଣ୍ଟା ଭିଡିଲାଣି କଂଗ୍ରେସ ଦଳ। ଏନେଇ ନିର୍ବାଚନ ମଣ୍ଡଳସ୍ତରୀୟ କଂଗ୍ରେସ କର୍ମୀମାନେ ଭୁବନେଶ୍ୱର ଯାଇ ପିସିସି ସଭାପତି ସରତ ପଟ୍ଟନାୟକଙ୍କୁ ସାକ୍ଷାତ କରି ଫେରିଛନ୍ତି। ଜଣେ ଉଚ୍ଚ ଶିକ୍ଷିତ କାଣ୍ଡିଡେଟ୍ ପାଇଁ ପିସିସିଙ୍କ ଆଗରେ ଫେରାଦ ହୋଇଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନରେ ପବିତ୍ର ସାଉନ୍ତା ସବୁ କ୍ଷେତ୍ରରେ ସହଯୋଗ କରିଥିଲେ। ଏପରିକି ଦିନ ରାତି ଏକ କରି କଂଗ୍ରେସ ଦଳ ପାଇଁ କାର୍ଯ୍ୟ କରିଥିଲେ। ତାଙ୍କ ଅହରହ ଚେଷ୍ଟାରେ ୭ଟି ଜିଲ୍ଲା ପରିଷଦ ଆସନରୁ ୫ଟି ଆସନ ହାତେଇବାରେ ଦଳ ସାମର୍ଥ୍ୟ ହୋଇ ପାରିଥିଲା। ପବିତ୍ର ସାଉନ୍ତା ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତି। ତେଣୁ ତାଙ୍କୁ ଆଗାମୀ ନିର୍ବାଚନରେ ଲକ୍ଷ୍ମୀପୁର ବିଧାୟକ ପ୍ରାର୍ଥୀ ଭାବେ ଚୟନ କରାଗଲେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ସମୂହ ପିସିସିଙ୍କୁ ଜଣାଇ ଥିଲେ। ଏନେଇ ସମସ୍ତଙ୍କ କଥା ସୁଣିବା ପରେ ଆଗାମୀ ଦିନରେ ତମେ ତମର ଚେଷ୍ଟା ଜାରି ରଖ, ଲୋକଙ୍କ ନିକଟତର ହୁଅ, ସଂଗଠନ ମଜଭୁତ କରିଚାଲ ସମୟ ଆସିଲେ ତମକୁହିଁ ଚୟନ କରାଯିବ ବୋଲି ପିସିସି କହିଥିବା ଶ୍ରୀ ସାଉନ୍ତା କହିଛନ୍ତି। ପିସିସିଙ୍କ ସହ ସାକ୍ଷାତ ସମୟରେ ଲକ୍ଷ୍ମୀପୁର, ଦସମନ୍ତପୁର, ବନ୍ଧୁଗାଁ ଓ ନାରାୟଣପାଟଣା ବ୍ଲକ ସଭାପତି, ସାଂସଦ ପ୍ରତିନିଧି, କଂଗ୍ରେସ ସମର୍ଥୀତ ୫ ଜଣ ଜିଲ୍ଲାପରିଷଦ ପ୍ରାର୍ଥୀଙ୍କ ସମେତ ଅନେକ କର୍ମୀମାନେ ଉପସ୍ଥିତ ଥିଲେ।

# ହାଟପଦା ଶ୍ମଶାନରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ହେବ



ବଲାଙ୍ଗୀର, (ଭାସ୍କର ନ୍ୟୁଜ୍): ହାଟପଦା ପଡ଼ା ମୁଖ୍ୟ ଶ୍ମସାନରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଉପଲବ୍ଧ କରିବା ପାଇଁ ଆବଶ୍ୟକୀୟ ଯନ୍ତ୍ରାଂଶ ସାରଞ୍ଜାମ ରାଜ୍ୟ ପର୍ଯ୍ୟଟନ ନିଗମର ଉଦ୍ୟମ କ୍ରମେ ରଚି କମ୍ପାନୀ ପ୍ରଦାନ କରିଥିବା ଜଣାଯାଇଛି। ଗତ ମଇ ୯ରେ ବଲାଙ୍ଗୀର ଯାଦବ ସମାଜ ପକ୍ଷରୁ ପ୍ରଶାନ୍ତ ମହାକୁର ଓ ବଲାଙ୍ଗୀର ବାସୀଙ୍କ ପକ୍ଷରୁ ସାମ୍ବାଦିକ ବିଭୁ କଲ୍ୟାଣ ଗତତ୍ୟା ରାଜ୍ୟ ପର୍ଯ୍ୟଟନ ନିଗମର ପୂର୍ବ ଅଧକ୍ଷା ଶ୍ରୀମୟୀ ମିଶ୍ରଙ୍କୁ ସାକ୍ଷାତ କରି ବଲାଙ୍ଗୀର ହାଟପଦା ପଡ଼ା ଶ୍ମସାନରେ ଏକ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରିବା ପାଇଁ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଶ୍ରୀମତି ମିଶ୍ରଙ୍କ ଉଦ୍ୟମ କ୍ରମେ ଆବଶ୍ୟକୀୟ ଯନ୍ତ୍ର ଯୋଗାଇ ଦିଆଯାଇଥିବା କଥା ପର୍ଯ୍ୟଟନ ନିଗମ ପକ୍ଷରୁ ପ୍ରଶାନ୍ତ ମହାକୁରଙ୍କୁ ସୂଚନା ପ୍ରଦାନ କରାଯାଇଛି। ବଲାଙ୍ଗୀର ଜନତାଙ୍କ ବୃହତ୍ତର ସ୍ୱାର୍ଥ୍ୟ ଦୃଷ୍ଟିରୁ ଏହାକୁ ଅତିଶୀଘ୍ର ସ୍ଥାପନ କରିବା ପାଇଁ ପୌର ପରିଷଦ ଅଧକ୍ଷା ଶ୍ରୀମତୀ ଲିକା ସାହୁଙ୍କୁ ନିବେଦନ କରାଯାଇଥିବା ମହାକୁର ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବଲାଙ୍ଗୀର ଶ୍ମସାନ ମାନଙ୍କରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନାହିଁ। ଶବଦାହ ପାଇଁ ଶ୍ମସାନକୁ ଯାଉଥିବା ଲୋକେ ପିଇବା ପାଣିର ଘୋର ଅଭାବ ଯୋଗୁଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଶ୍ମଶାନରେ ପିଇବା ପାଣିର ବ୍ୟବସ୍ଥା ପାଇଁ ଦୀର୍ଘ ଦିନରୁ ଅନେକ ଅନୁଷ୍ଠାନ ଦାବି କରୁଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଫଳପ୍ରସୁ ହୋଇ ନଥିଲା। ଅତିଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରାଗଲେ ଜନତା ଉପକୃତ ହେବେ ବୋଲି ଯାଦବ ନେତା ମହାକୁର ଜଣାଇଛନ୍ତି।

# ବ୍ରହ୍ମପୁର ଡାକ ମଣ୍ଡଳର ହୀରକ ଜୟନ୍ତୀ ପାଳିତ




ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଚଳିତ ଅଗଷ୍ଟ ପହିଲା ସୋମବାର ଦିନ ବ୍ରହ୍ମପୁର ଡାକ ମଣ୍ଡଳର ୭୫ ତମ ପ୍ରତିଷ୍ଠା ଦିବସ ତଥା ହୀରକ ଜୟନ୍ତୀ ବ୍ରହ୍ମପୁର ହେଡ ପୋଷ୍ଟ ଅଫିସ ପ୍ରାଙ୍ଗଣରେ ପାଳିତ ହୋଇ ଯାଇଅଛି। ଏହି ଅବସରରେ ବ୍ରହ୍ମପୁର ଡାକ ମଣ୍ଡଳର ବରିଷ୍ଠ ଡାକ ଅଧୀକ୍ଷକ ତାରିଣୀ ଚରଣ ପାଢୀଙ୍କର ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ପୋଲିସ୍ ଆଇଜି ସତ୍ୟବ୍ରତ ଭୋଇ, ସମ୍ମାନୀତ ଅତିଥି ଭାବେ ଡାକ ବିଭାଗର ସିନିୟର ଆକାଉଣ୍ଟସ୍ ଅଫିସର୍ ରାଧାକାନ୍ତ ସାବତ, ମୁଖ୍ୟ ବକ୍ତା ଭାବେ ବ୍ରହ୍ମପୁର ଡାକ ମଣ୍ଡଳର ଅବସରପ୍ରାପ୍ତ ବରିଷ୍ଠ ଡାକ ଅଧୀକ୍ଷକ ଦିବାକର ପଟ୍ଟନାୟକ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କର ସିନିୟର ମ୍ୟାନେଜର ବିଷ୍ଣୁ ପ୍ରସାଦ ରଥ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଞ୍ଚାସୀନ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପ୍ରକାଶ ଥାଉ କି, ୧୯୪୮ ମସିହା ଅଗଷ୍ଟ ପହିଲାରେ ବ୍ରହ୍ମପୁର ଡାକ ମଣ୍ଡଳର ପ୍ରତିଷ୍ଠା ହୋଇଥିଲା। ସେହି ବର୍ଷ ଠାରୁ କ୍ରମାନ୍ୱୟରେ ବ୍ରହ୍ମପୁର ଡାକ ମଣ୍ଡଳର ପ୍ରତିଷ୍ଠା ଦିବସ ପ୍ରତି ବର୍ଷ ପାଳିତ ହୋଇ ଆସୁଅଛି। ଚଳିତ ବର୍ଷ କୋଭିଡ କଟକଣାକୁ ଦୃଷ୍ଟିରେ ରଖି ହୀରକ ଜୟନ୍ତୀ ନିରାଡମ୍ବର ଭାବରେ ପାଳିତ ହୋଇ ଯାଇଅଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭୋଇ ପୋଷ୍ଟମ୍ୟାନମାନଙ୍କର ଉତ୍ସର୍ଗୀକୃତ ସେବାକୁ ପ୍ରଶଂସା କରିଥିଲେ। ସମ୍ମାନୀତ ଅତିଥି ଶ୍ରୀ ସାବତ ଡାକ ବିଭାଗର କର୍ମଚାରୀଙ୍କୁ ଜନସଂପର୍କ ବୃଦ୍ଧି ନିମନ୍ତେ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଶ୍ରୀ ପଟ୍ଟନାୟକ ମତପୋଷଣ କରିଥିଲେ ଯେ, ଡାକ କର୍ମଚାରୀଙ୍କ ମୂଳମନ୍ତ୍ର ହେଉଛି 'ଡାକ ସେବା ହିଁ ଜନ ସେବା' ଓ ଗ୍ରାହକ ହିଁ ଏହାର ମୂଳ ଆଧାର। ଦେଶରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ 'ଆଜାଦୀ କା ଅମୃତ ମହୋତ୍ସବ' ପାଳିତ ହେଉଥିବା ସ୍ଥଳେ ବ୍ରହ୍ମପୁର ଡାକ ମଣ୍ଡଳର ୭୫ ତମ ପ୍ରତିଷ୍ଠା ଦିବସ ପାଳନ ଏକ ଦୁର୍ଲ୍ଲଭ ସଂଯୋଗ ଯାହା ଆମ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସିନିୟର୍ ମ୍ୟାନେଜର ଶ୍ରୀ ରଥ ମଧ୍ୟ ଜାତୀୟ ସଞ୍ଚୟ ଯୋଜନାର ସଫଳ ରୂପାୟନ ଏବଂ ବ୍ୟାଙ୍କିଂ ସେବା କ୍ଷେତ୍ରରେ ବ୍ରହ୍ମପୁର ଡାକ ମଣ୍ଡଳର ଉଲ୍ଲେଖନୀୟ ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ପରିଶେଷରେ, ୨୦୨୧-୨୨ ଆର୍ଥିକ ବର୍ଷ ନିମନ୍ତେ ବ୍ରହ୍ମପୁର ଡାକ ମଣ୍ଡଳର ଶ୍ରେଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କୁ ମଞ୍ଚାସୀନ ଅତିଥିମାନେ ପୁରସ୍କୃତ କରିଥିଲେ। ବିଜେତାଙ୍କ ମଧ୍ୟରେ ଶ୍ରେଷ୍ଠ ଉପଡ଼ାକମଣ୍ଡଳ ଅଧିକାରୀ ଭାବେ ତତ୍କାଳୀନ ଛତ୍ରପୁର ସହକାରୀ ଡାକ ଅଧିକ୍ଷକ କିରଣମାଳା ପଣ୍ଡା, ଶ୍ରେଷ୍ଠ ପୋଷ୍ଟମାଷ୍ଟର ଭାବେ ସନ୍ତୋଷ କୁମାର ବେହେରା, ଶ୍ରେଷ୍ଠ ପୋଷ୍ଟାଲ ଆସିଷ୍ଟାଣ୍ଟ ଭାବେ ଶ୍ରୀରାମ ଜୟରାମ ମହାପାତ୍ର, ଶ୍ରେଷ୍ଠ ସିଷ୍ଟମ୍ ଆଡମିନିଷ୍ଟ୍ରେଟର ଭାବେ ପି. ଦୀପକ କୁମାର ପାତ୍ର, ଶ୍ରେଷ୍ଠ ମେଲ୍ ଓଭରସିୟର ଭାବେ ରଜନୀ କୁମାର ପାଢ଼ୀ, ଶ୍ରେଷ୍ଠ ପୋଷ୍ଟମ୍ୟାନ ଭାବେ ସୌଦାଗର ପରିଡ଼ା, ଶ୍ରେଷ୍ଠ ଏମଟିଏସ ଭାବେ ବାଳକୃଷ୍ଣ ସାହୁ, ଶ୍ରେଷ୍ଠ ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଭାବେ ଦୟାନିଧି ସେଠୀ, ଶ୍ରେଷ୍ଠ ମହିଳା ଗ୍ରାମୀଣ ଡାକ ସେବକ ଭାବେ ଏସ. ସ୍ୱପ୍ନା କୁମାରୀ ପୃଷ୍ଟି ପୁରସ୍କୃତ ହୋଇଥିଲେ। ଏହାବାଦ ଜାତୀୟ ସଞ୍ଚୟ ଯୋଜନା ଅଧୀନରେ ସର୍ବାଧିକ ଆକାଉଣ୍ଟ ଖୋଲିବା ନିମନ୍ତେ ଗୋଷାଣୀ ନୁଆଗାଁ ସବ୍ ପୋଷ୍ଟ ମାଷ୍ଟର ପ୍ରଦୀପ୍ତ କୁମାର ସାହୁଙ୍କୁ ପ୍ରଥମ ପୁରସ୍କାର, ଭାଟକୁମରଡ଼ା ସବ୍ ପୋଷ୍ଟ ମାଷ୍ଟର ଏନ୍. ଗଙ୍ଗାଧର ରେଡ୍ଡୀଙ୍କୁ ଦ୍ୱିତୀୟ ପୁରସ୍କାର ଏବଂ ନବୀନ ସବ୍ ପୋଷ୍ଟ ଅଫିସର ସବ୍ ପୋଷ୍ଟ ମାଷ୍ଟର ସନ୍ତୋଷ କୁମାର ବେହେରାଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସର୍ବମୋଟ ୪୫ ଜଣ ଡାକ କର୍ମଚାରୀ ପୁରସ୍କୃତ ହୋଇଥିଲେ। ଏହା ସହ ଜାତୀୟ ସ୍ତରରେ 'ମେଘଦୂତ' ପୁରସ୍କାର ପ୍ରାପ୍ତ ମର୍ଦ୍ଦକୋଟ ଶାଖା ଡାକପାଳ କୀର୍ତ୍ତନ ନାୟକଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇ ଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ଡାକ ଅଧୀକ୍ଷକ ମଧ୍ୟରେ ଚକ୍ରଧର ନାୟକ, ସଞ୍ଜୟ ଦୋରା, ସ୍ମିତା ମହାପାତ୍ର ଏବଂ ଡାକ ନୀରିକ୍ଷକଙ୍କ ମଧ୍ୟରେ ଗଙ୍ଗା ନାରାୟଣ ମହାଳିକ ଓ ଲିଙ୍ଗରାଜ ପ୍ରଧାନଙ୍କ ସମେତ ସମସ୍ତ ଡାକ କର୍ମଚାରୀ ତଥା ଶତାଧିକ ଗ୍ରାହକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉପସ୍ଥାପିକା ବନ୍ଦନା ମିଶ୍ର ସଞ୍ଚାଳନ କରିଥିବା ବେଳେ ଜାତୀୟ ଡାକ କର୍ମଚାରୀ ସଂଘର ମଣ୍ଡଳ ଶାଖା ସମ୍ପାଦକ କେଦାରନାଥ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



ଖଇରପୁଟ,(ଭାସ୍କର ନ୍ୟୁଜ୍):କୁଡୁମୁଲୁଗୁମ୍ମା ଅନ୍ତର୍ଗତ ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ବନମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରିନ୍ସପାଲ ମହେଶ୍ୱର ସାହୁ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ମହୋତ୍ସବରେ ବିଶେଷ ଅତିଥି ଭାବେ ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତ ସରପଞ୍ଚ ମଙ୍ଗଳା ମାଢୀ, ସ୍ଥାନୀୟ ସମବାୟ ସମିତିର ସଭାପତି ଗୋପୀ ପାଙ୍ଗୀ, ସମାଜସେବୀ ଭଗବାନ ସାହୁଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ବିଦ୍ୟାଳୟ ପରିସରରେ ପାଖାପାଖି ୧୫୦ଗୋଟି ଚାରା ରୋପଣ କରାଯାଇଥିବା ଜଣାପଡ଼ିଛି। ଉକ୍ତ ଚାରା ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଭାବେ ଆମ୍ବ, ପଣସ, ଅଁଳା, ପିସ୍ତା ବାଦାମ, ଚାକୁଣ୍ଡା ପ୍ରଭୃତି ଚାରା ବିଦ୍ୟାଳୟ ର ପାଚେରି କଡେ କଡେ ଲଗାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ବିଶେଷ କରି ଛାତ୍ର ଛାତ୍ରୀଙ୍କ ଭିତରେ ଚାରା ଲଗାଇବାରେ ବହୁତ ଉତ୍ସୁକତା ଦେଖିବାକୁ ମିଳିଥିଲା ଓ ସାମୂହିକ ସପଥ ନେଇଥିଲେ ଯେ ଗଛଟି ସମ୍ପୂର୍ଣ୍ଣ ଭାବେ ବଢ଼ିବା ପର୍ଯ୍ୟନ୍ତ ସେମାନେ ଏହାର ବ୍ୟାପକ ଯତ୍ନ ନେବେ ।

# ଆର. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍): ପାଳିରେ ଚାଲିଛି ଆର. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଆଜି ଜଣେ ଡାକ୍ତର ତ କାଲି ଜଣେ ଡାକ୍ତର । ଯାହାକୁନେଇ ହନ୍ତସନ୍ତ ହେଉଛନ୍ତି ରୋଗୀ । ଡାକ୍ତରମାନେ ପାଳିରେ ଡାକ୍ତରଖାନା ଚଳାଉଥିବାରୁ ରୋଗୀମାନେ ଚିକିତ୍ସା ପାଇଁ ଆସି ପ୍ରତିଦିନ ଜଣେ ଜଣେ ଡାକ୍ତରଙ୍କୁ ଦେଖା କରି ଭିନ୍ନଭିନ୍ନ ଔଷଧ ନେଇ ଖର୍ଚ୍ଚାନ୍ତ ହେବା ସହ ହଇରାଣ ହେଉଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସ୍ୱାସ୍ଥ୍ୟସେବା ସୁଧାର ଆଣିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର ଗଜପତି ଜିଲ୍ଲା ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷ ବର୍ଷ ଧରି ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଯାହାକୁ ନେଇ ସାଧାରଣ ଗରିବ ରୋଗୀଟିଏ ଚିକିତ୍ସା ଅବହେଳାରୁ ନାହିଁନଥିବା ଦୁର୍ଦ୍ଦଶାରେ ପଡୁଥିବା ବେଳେ ଶେଷରେ ଅର୍ଥ ଅଭାବରୁ ମୃତ୍ୟୁମୁଖରେ ପଡୁଛି । ଗୋଟିଏ ପଟେ ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଦେଖା ଦେଇଛି । ଏହି ଡାକ୍ତରଖାନା ଉପରେ ଆର.ଉଦୟଗିରି ବ୍ଲକ ସହ ନୂଆଗଡ ବ୍ଲକର ଅଧିକାଂଶ ପଞ୍ଚାୟତର ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବାବେଳେ ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏପରି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ରୋଗୀମାନେ ମୃତ୍ୟୁ ମୁଖକୁ ଠେଲି ହୋଇ ଯାଉଛନ୍ତି । ଏପରିକି ଶିଶୁ ମୃତ୍ୟୁହାର ଏବଂ ମାତୃ ମୃତ୍ୟୁହାର ରୋକିବା ପାଇଁ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରିବା ସହିତ ସରକାରୀ ଡାକ୍ତରଖାନାରେ ପ୍ରତ୍ୟେକ ମଙ୍ଗଳବାର ଗର୍ଭବତୀ ମହିଳାମାନଙ୍କୁ ମାଗଣାରେ ଚିକିତ୍ସା କରିବା ପାଇଁ ନିୟମ ରହିଥିବା ବେଳେ ଆର.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ତାହାର ସଂପୂର୍ଣ୍ଣ ବ୍ୟତିକ୍ରମ ଦେଇଥିବା ଲୋକମାନେ ଅଭିଯୋଗ କରୁଛନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଆସୁଥିବା ଓ ଔଷଧକୁ ବାହରେ ବିକ୍ରି କରିଦେଇ ରୋଗୀ ଔଷଧ ମେଡିକାଲକୁ ଗଲେ ଔଷଧ ଜିଲ୍ଲାରୁ ଆସିନି ଦୋକାନରୁ କିଣିବାକୁ ପରାମର୍ଶ ଦିଅନ୍ତି । ବାରମ୍ବାର ବାରମ୍ବାର ଆୟୁସ୍ ଡାକ୍ତର ଏବଂ ଫାର୍ମାସିଷ୍ଟ ବିରୋଧରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ହେଲେ ଏମାନଙ୍କୁ କାହିଁକି କାର୍ଯ୍ୟଅନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ଚର୍ଚ୍ଚା ଚାଲିଛି । ନିଯୁତ ପାଇଥିବା ଆୟୁସ୍ ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଯାଇ ଲୋକଙ୍କୁ ଘରେ ଗର୍ଭବତୀ ମହିଳା ଡେଲିବରି କରୁଥାର ଦେଖିବାକୁ ମିଳୁଛି । କିଛି ମହିଳାଙ୍କ ଗର୍ଭ ନଷ୍ଟ କରନ୍ତି, ଚିକିତ୍ସା କରି ଭଲକରି ଦୁଇ ପଇସା ଆଦାୟ କରିଥିବା ନେଇ ଅଭିଯୋଗ ହେଉଛି । ଆସୁଥିବା ରୋଗୀଙ୍କୁ ମେଡିକାଲରେ ଚିକିତ୍ସା ନ ପାଇ ଡାକ୍ତର ଘରେଇ କ୍ଲିନିକ୍‌ରେ ଚିକିତ୍ସା ହେବାକୁ ବାଧ୍ୟ ହେଉଛନ୍ତି । ପ୍ରତିଦିନ ସକାଳେ ଏଠାକାର ଆୟୁଷ ଡାକ୍ତରଙ୍କ ଘରେ ଚିକିତ୍ସା ଲମ୍ବାଲାଇନ ଲାଗୁଥିବା ଦେଖିବାକୁ ମିଳୁଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନୀୟ ଯୁବକଙ୍କ କବଜାରେ ରୋଗୀ ସେବା ଚାଲିଥିବା ଅଭିଯୋଗ ହେଉଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନେ କିଛି ଯୁବକୁ ରଖି ଡାକ୍ତର ଯେଉଁ ବ୍ୟକ୍ତି ଅଭିଯୋଗ କଲେ କିମ୍ବା ଖବରକାଗଜ ପ୍ରକାଶକଲେ ଡାକ୍ତରମାନେ ରଖିଥିବା ଗୁଣ୍ଡାମାନଙ୍କୁ ପଠାଇ ପାଟି ବନ୍ଦ କରିବାକୁ ଚେଷ୍ଟା କରନ୍ତି ଯେଉଁମାନେ ଚୁପ ନ ରହିଲେ ଡାକ୍ତରଙ୍କ ପାଖରେ ଥିବା ପାଳୁତ ଗୁଣ୍ଡାମାନଙ୍କ ଦ୍ୱାରା ଆକ୍ରମଣ କରିବାକୁ ପଠାନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଡାକ୍ତରାଣୀ ସରକାରୀ କାମ ଆଳ ଦେଖାଇ ମାସ ଅଧିକାଂଶ ସମୟ ତାଙ୍କର ବ୍ରହ୍ମପୁର କ୍ଲିନିକ୍‌ରେ ରୋଗୀ ସେବାରେ ବ୍ୟସ୍ତ ରହୁଛନ୍ତି । ଡାକ୍ତରଖାନା ପଚାରିଲେ କର୍ମଚାରୀ କହନ୍ତି ମ୍ୟାଡମ୍ ଅଫିସ୍ କାମରେ ଯାଇଛନ୍ତି ବୋଲି ଉତ୍ତର ମିଳୁଛି । ସେହି ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ଡାକ୍ତର ନଥିବାରୁ ଗତମାସରେ ସ୍ଥାନୀୟ ଖ୍ରୀଷ୍ଟିଆନସାହିର ଯୁବକ ଏବଂ ଶବରପୋଲି ପଞ୍ଚାୟତର କାଳକ ଚିକିତ୍ସା ସୁବିଧା ନପାଇ ମୃତ୍ୟୁ ହୋଇଥିଲା। ଏହା ନେଇ ସ୍ଥାନୀୟ ସାହିବାସିନ୍ଦାମାନେ ଆର. ଉଦୟଗିରି - ବ୍ରହ୍ମପୁର ରାସ୍ତା ୧୦ ଘଣ୍ଟା ଧରି ଅବରୋଧ କରିରଥିଲେ ଏହାପରେ ସ୍ଥାନୀୟ ବିଡିଓ, ତହସିଲଦାର ଓ ଥାନା ଅଧିକାରୀ ଲୋକଙ୍କୁ ବହୁବୁଝା ସୁଜାପରେ ରାସ୍ତାରୋକ ହଟିଥିଲା । ହେଲେ ମଧ୍ୟ ଜିଲ୍ଲାପ୍ରଶାସନଙ୍କ ଚେତାପଶୁନୀ କଣ କଲେ ଜିଲ୍ଲାପ୍ରଶାସନଙ୍କ ଚେତାପସିବ । ଏଥିପ୍ରତି ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏବଂ ୫ଟି ସଚିବ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଲୁଟ୍, ଆସାମୀ ଗିରଫ




ମାଲକାନଗିରି,(ଭାସ୍କର ନ୍ୟୁଜ୍):ସରକାରୀ ଚାକିରି କରାଇଦେବା ନାଁରେ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟି ଆସାମୀ ଗିରଫ ହୋଇଛନ୍ତି । ତଥ୍ୟ ମୁତାବକ ବାଲେଶ୍ୱର ଜିଲ୍ଲା ଗେଙ୍ଗୁଟି ଥାନା ଜମ୍ବେଶ୍ୱରପୁର ଗ୍ରାମ ନିବାସୀ ଚିନ୍ମୟ କୁମାର ମହାପାତ୍ର ନାମକ ବ୍ୟକ୍ତି ଗତ ଜୁଲାଇ ୨୦୨୦ରେ ମାଲକାନଗରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ବିମନପାଲ୍ଲୀ ଗ୍ରାମର କୃଷ୍ଣଚନ୍ଦ୍ର ବାରିକ ନାମକ ବ୍ୟକ୍ତିଙ୍କ ସହ ଫୋନ୍ ଯୋଗେ ପରିଚୟ ହୋଇଥିଲା । ସେହିଦିନ ଠାରୁ ସବୁଦିନେ ଏହି ଦୁଇଜଣ ଫୋନ୍ ଯୋଗେ କଥାବାର୍ତ୍ତା ହେବା ସହ ଦୁଇଜଣଙ୍କ ମଧ୍ୟରେ ବନ୍ଧୁତ୍ୱ ବଢ଼ିଥିଲା । କିଛି ମାସ ପରେ ଚିନ୍ମୟ ବିମନପାଲ୍ଲୀ ଗ୍ରାମର କୃଷ୍ଣଚନ୍ଦ୍ରଙ୍କ ଘରକୁ ଆସି ତାଙ୍କୁ ଏଫ୍‌ସିଆଇ (ଭାରତୀୟ ଖାଦ୍ୟ ଯୋଗାଣ)ରେ ସରକାରୀ ଚାକିରି କରାଇଦେବେ ବୋଲି କହିଥିଲେ। ଏହି ବାବଦକୁ ୬ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ । ତାଙ୍କର କଥାକୁ ବିଶ୍ୱାସ କରି କୃଷ୍ଣଚନ୍ଦ୍ର ନଗଦ ଆକାରରେ ଓ ବ୍ୟାଙ୍କ ମାଧ୍ୟମରେ ବିଭିନ୍ନ କିସ୍ତିରେ ଚିନ୍ମୟଙ୍କୁ ଟଙ୍କା ପଠାଇ ଥିଲେ। ଟଙ୍କା ପାଇଲା ପରେ ଚିନ୍ମୟ କୃଷ୍ଣଚନ୍ଦ୍ରଙ୍କୁ ଫୋନ୍ କରି ନଥିଲେକି କୃଷ୍ଣ ମଧ୍ୟ ଫୋନ୍ କଲେ ତାଙ୍କର ଫୋନ୍‌କୁ ଗ୍ରହଣ କରି ନଥିଲେ। ଫଳରେ ଗତ ୦୨.୦୬.୨୦୨୨ ତାରିଖରେ କୃଷ୍ଣଚନ୍ଦ୍ର ମାଥିଲି ଥାନାରେ ଏକ ଅଭିଯୋଗ କରିଥିଲେ। ତାଙ୍କର ଅଭିଯୋଗକୁ ଆଧାର କରି ମାଥିଲି ପୋଲିସ ଏହାର ତଦନ୍ତ ଆରମ୍ଭ କରିଥଇଲେ। ମାଲକାନଗିରି ସାଇବର ସେଲ୍ ମାଧ୍ୟମରେ ପୋଲିସ ଚିନ୍ମୟଙ୍କ ଠିକଣା ଜାଣି ପାରିଥିଲେ । ଚିନ୍ମୟ ଭୁବନେଶ୍ୱର ଓ କଟକ ମଧ୍ୟରେହିଁ ରହୁଥିବା ଜାଣିଲା ପରେ ଏକ ପୋଲିସ ଟିମ ସେଠାକୁ ଯାଇ ଶେଷରେ କଟକରେ ଚିନ୍ମୟଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଗିରଫ କରି ପଚରା ଉଚୁରା କରିବା ପରେ ଚିନ୍ମୟ ୬ ଲକ୍ଷ ଟଙ୍କା ନେଇଥିବା କହିଥିଲେ। ଏଥିସହ ଆଉ ଚାରିଜଣଙ୍କ ଠାରୁ ମଧ୍ୟ ୧୪ ଲକ୍ଷ ଟଙ୍କା ନେଇଥିବା ସ୍ୱୀକାର କରିଥିଲେ। ତେବେ ଚିନ୍ମୟ ବର୍ତ୍ତମାନ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ସାମଗ୍ରୀ ଯୋଗାଇବା କାର୍ଯ୍ୟ କରୁଥିବା ବେଳେ ଭୁବନେଶ୍ୱରରେ ତାଙ୍କର ସ୍ତ୍ରୀ ଓ ସନ୍ତାନ ଥିବା କହିଛନ୍ତି । ସେ ମୋଟ ୨୦ ଲକ୍ଷ ଟଙ୍କା ଚାକିରି କରାଇଦେବା କହି ନେଇଥିବା ସ୍ୱୀକାର କରିଛନ୍ତି। ମାଥିଲି ପୋଲିସ ତାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଦୁଇଟି ମୋବାଇଲ, ତିନୋଟି ଏଟିଏମ୍ କାର୍ଡ ଓ ଗୋଟିଏ ଆଧାର କାର୍ଡ ଜବତ କରିଥିବା ମାଲକାନଗିରି ଏସ୍‌ପି ନିତିଶ୍ ୱାଧୱାନୀ ସୂଚନା ଦେଇଛନ୍ତି।

## ନାବାଳିକା ଦୁଷ୍କର୍ମ ଘଟଣା

# ଅଭିଯୁକ୍ତକୁ ଧରିବାରେ ସଫଳ ହେଲା ପୋଲିସ

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା କାଶୀନଗର ଥାନା ଅଞ୍ଚଳର ଶିଆଳୀ ପଞ୍ଚାୟତ ଅନ୍ତର୍ଗତ ହରିପୁର ଗ୍ରାମରେ ଜନୈକା ନାବାଳିକା ଦୁଷ୍କର୍ମ କରିବା ସହ ଆତ୍ମସତ୍ୱା କରି ଫେରାର ହୋଇଯାଇଥିବା ସେହି ଗ୍ରାମର କଳାକା ମହିନ୍ଦ୍ରା (୨୭)କୁ କାଶୀନଗର ପୋଲିସ ଆନ୍ଧ୍ରର ବିଡ଼ିକା ପେଟାରୁ ଗିରଫ କରିବାରେ ସଫଳ ହୋଇଛି । ଗଜପତି ଏସ୍‌ପି ଜୟରାମ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ କାଶୀନଗର ଥାନା ଅଧିକାରୀ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ଏକ ଟିମ ଆମ୍ ଗୋପନ କରିଥିବା ମହିନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାର ଶ୍ରୀ ସାହୁ ସୂଚନା ଦେଇଛନ୍ତି । କିନ୍ତୁ ପୀଡିତା ନ୍ୟାୟ ପାଇବାରେ ବିଳମ୍ବ ହୋଉଥିବାରୁ ପୀଡିତାଙ୍କ ପରିବାର ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଳମ୍ବରେ ହେଲେ କାଶୀନଗର ପୋଲିସ ଦୁଷ୍କର୍ମକାରୀକୁ ଗିରଫ କରିପାରିଥିବାରୁ ଉକ୍ତ ଗ୍ରାମର ଜନସାଧାରଣ ସନ୍ତୋଷ ପ୍ରକାଶ କରିଛନ୍ତି।

# ବିଦ୍ୟାଳୟରେ ଚାରା ରୋପଣ

ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ଅନ୍ତର୍ଗତ ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବନ ମହୋତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରିନ୍ସପାଲ ମହେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ମହୋତ୍ସବରେ ବିଶେଷ ଅତିଥି ଭାବେ ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତ ସରପଞ୍ଚ ମଙ୍ଗଳା ମାଢୀ, ସ୍ଥାନୀୟ ସମବାୟ ସମିତିର ସଭାପତି ଗୋପୀ ପାଙ୍ଗି, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ବିଦ୍ୟାଳୟ ପରିସରରେ ପାଖାପାଖି ୧୫୦ ଗୋଟି ଚାରା ରୋପଣ କରିଥିଲେ। ଏହାପରେ ସମସ୍ତେ ସାମୁହିକ ସପଥ ନେଇଥିଲେ ଯେ ଗଛଟି ସମ୍ପୂର୍ଣ୍ଣ ଭାବେ ବଢିବା ପର୍ଯ୍ୟନ୍ତ ସେମାନେ ଏହାର ଯତ୍ନ ନେବେ ।

# ଜରାଜୀର୍ଣ୍ଣ ସାଂସ୍କୃତିକ କାର୍ଯ୍ୟାଳୟ




କନ୍ଧମାଳ,(ଭାସ୍କର ନ୍ୟୁଜ୍):କନ୍ଧମାଳ ଜିଲ୍ଲା ଫୁଲବାଣୀ ସହରର କାରମେଲ ସ୍କୁଲ ସମ୍ମୁଖରେ ଥିବା ସାଂସ୍କୃତିକ କାର୍ଯ୍ୟାଳୟଟି ସାଂସ୍କୃତିକ ଅଧିକାରୀ ଓ କର୍ମଚାରୀଙ୍କ ଅଣଦେଖା ଫଳରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବାର ଦେଖିବାକୁ ମିଳିଛି। କହିବାକୁ ଗଲେ ଏହି ମନ୍ଦିର ପରିସର କାର୍ଯ୍ୟାଳୟକୁ ପ୍ରତିଦିନ ଅଧିକାରୀ ଓ କର୍ମଚାରୀ ଆସନ୍ତି କିନ୍ତୁ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ଲାଗିଥିବା ସାଂସ୍କୃତିକ କାର୍ଯ୍ୟାଳୟ ଲାଇଟ ଭାଙ୍ଗିଗଲାଣି ହେଲେବି ପ୍ରତିଦିନ ଦେଖି ଏତେ ଦାୟୀତ୍ୱବାନ ଅଧିକାରୀ ଓ କର୍ମଚାରୀ ଅଛନ୍ତି ତିଆରି କରିପାରୁନାହାନ୍ତି କି ପରିବେଶ ସୁନ୍ଦର ମଧ୍ୟ କରିବାରେ ବିଫଳ ହେଉଛନ୍ତି। ସେହିପରି ମଧ୍ୟ ଜିଲ୍ଲାର କଣ ସବୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ହେଉଛି କଳାକାରମାନଙ୍କୁ ଜଣାଉନାହାନ୍ତି କି ନୋଟିସ ବୋର୍ଡ଼ରେ କିଛି ଲଗାଉନାହାନ୍ତି ବୋଲି କଳାକାରମାନେ ପ୍ରକାଶ କରୁଛନ୍ତି। ଏହାଦ୍ୱାରା ଜିଲ୍ଲାର କଳାକାରମାନେ ସରକାରଙ୍କ ସମସ୍ତ ସୁବିଧାରୁ ବଞ୍ଚିତ ହେଉଛନ୍ତି । କନ୍ଧମାଳ ଜିଲ୍ଲାପାଳ ଏହି ସାଂସ୍କୃତିକ କାର୍ଯ୍ୟାଳୟ ଓ ଅଧିକାରୀଙ୍କ ପ୍ରତି ଦୃଢ ପଦକ୍ଷେପ ନେଲେ କାଳାକାରମାନେ ସମସ୍ତ ପ୍ରତିଯୋଗିତା ଜାଣିପାରିବେ ଓ କାର୍ଯ୍ୟାଳୟ ପରିବେଶ ସୁନ୍ଦର ହେବା ସହିତ କାର୍ଯ୍ୟାଳୟର ଲାଇଟବୋର୍ଡ଼ଟି ଠିକ ହୋଇପାରିବ।

## ମହିଳାଙ୍କ ସ୍ୱାବଲମ୍ବୀ ପାଇଁ ଋଣ ପ୍ରଦାନ

# ୧୭ ଏସ୍‌ଏଚ୍‌ଜି ହେବେ ରୋଜଗାରକ୍ଷମ



ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଡିଆରଡିଏ କାର୍ଯ୍ୟାଳୟରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୭ ଗୋଟି ମହିଳା ସ୍ୱଂୟ ସହାୟକ ଗୋଷ୍ଠୀଙ୍କୁ ଚୟନ କରି ମୋଟ ୪୮ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି । ମହିଳାଙ୍କ ବିକାଶ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ହାତକୁ ନେଇଥିବା ବେଳେ ସ୍ୱଂୟ ସହାୟକ ଗୋଷ୍ଠୀମାନଙ୍କୁ ବିଭିନ୍ନ ଆର୍ଥିକ ସହାୟତା ଏବଂ ସ୍ୱଳ୍ପ ସୁଧରେ ଋଣ ପ୍ରଦାନ କରୁଛନ୍ତି । ଫଳରେ ଅନେକ ମହିଳା ବର୍ତ୍ତମାନ ସ୍ୱାବଲମ୍ବୀ ହୋଇ ପାରିଥିବା ସହ ନିଜ ଘରର ଆର୍ଥିକ ସ୍ଥିତିକୁ ସୁଦୃଢ଼ ମଧ୍ୟ କରିଛନ୍ତି । ଏହି କ୍ରମରେ ମାଲକାନଗିରି ଜିଲ୍ଲାରେ ମଧ୍ୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଋଣ ଓ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବା ବେଳେ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରୁ ମୋଟ ୧୭ ଗୋଟି ମହିଳା ସ୍ୱଂୟ ସହାୟକ ଗୋଷ୍ଠୀଙ୍କୁ ଡିଆରଡିଏ କାର୍ଯ୍ୟାଳୟ ପରିସରରେ ସ୍ୱାବଲମ୍ବୀ ହେବା ନିମନ୍ତେ ଋଣ ପ୍ରଦାନ କରାଯାଇଛି । ଇଣ୍ଡିଆ ବ୍ୟାଙ୍କ ମାଲକାନଗିରି ଶାଖା ପକ୍ଷରୁ ମୋଟ ୪୮ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିବା ବେଳେ ଏହାକୁ ବିନିମୟ କରି ମହିଳାମାନେ ଯେଭଳି ରୂପେ ରୋଜଗାରକ୍ଷମ ହୋଇ ପାରିବେ ସେ ନେଇ ସେମାନଙ୍କ ସହ ଆଲୋଚନା କରାଯାଇଛି । ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଏମ.ଭି-୮୫ ଗ୍ରାମର ଶାନ୍ତି ମାତା ସ୍ୱୟଂ ସହାୟକ ଗୋଷ୍ଠିକୁ ସର୍ବାଧିକ ୧୦ ଲକ୍ଷ ଟଙ୍କାର ଋଣ ଏକ ଶିଲେଇ କେନ୍ଦ୍ର କରିବା ପାଇଁ ପ୍ରଦାନ କରାଯାଇଛି । ଏହି ଅବସରରେ ମାଲକାନଗିରି ପିଡିଡିଆରଡିଏ ବାଳ ମୁକୁନ୍ଦ ଭୂୟାଁ, ଓଏଲଏମ ଅଧିକାରୀ ପବିତ୍ର ମୋହନ ବାରାହା, ବ୍ୟାଙ୍କ ପରିଚାଳନ ଓ ମିଶନ୍ ଶକ୍ତିର କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ । ଆର୍ଥିକ ସହାୟତା ପାଇ ଏହି ମହିଳା ସ୍ୱଂୟ ସହାୟକା ଗୋଷ୍ଠୀର ସଦସ୍ୟାମାନେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଚାକିରି ଦେବା ନାଁରେ ଚଳୁ କଲେ ୨୧ ଲକ୍ଷ



ଖଇରପୁଟ, (ଭାସ୍କର ନ୍ୟୁଜ୍):ମାଲକାନଗିରି ସରକାରୀ ଚାକିରି ଆଶାରେ ମାଲକାନଗିରି ଜିଲ୍ଲା ମାଥିଲି ଅଞ୍ଚଳରୁ ଠକାମୀର ଶୀକାର ହୋଇଛନ୍ତି ଶିକ୍ଷିତ ୪ ଯୁବକ ଏବଂ ଜଣେ ମହିଳା । ସରକାରୀ ପଦ ପଦବିରେ ନିଯୁକ୍ତି ଦେବାକୁ କହି ରଖି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ୨୧ ଲକ୍ଷ ଚଳୁ କରିଦେଲେ ଚିନ୍ମୟ ମହାପାତ୍ର । ବର୍ତ୍ତମାନ ସଂପୃକ୍ତ ଠକକୁ ମାଲକାନଗିରି ପୋଲିସ ଧରିବାରେ ସକ୍ଷମ ହୋଇଛି । ମହାଠକ ଚିନ୍ମୟ ମହାପାତ୍ର ବାଲେଶ୍ୱରର ଜିଲ୍ଲା ଗେଙ୍ଗୁଟି ଅଞ୍ଚଳର ବାସିନ୍ଦା । କିଛିଦିନ ହେବ ଭୁବନେଶ୍ୱରସ୍ଥିତ ଓଏସ୍‌ଏ ନିକଟରୁ ତାଙ୍କୁ ପୋଲିସ ଦ୍ୱାରା ଗିରଫ କରାଯାଇଛି । ମାଥିଲି ଅଞ୍ଚଳର କିଛି ଯୁବକ ଓ ଜଣେ ମହିଳାଙ୍କୁ ଏଫ୍‌ସିଆଇ, ବିଏସ୍‌ଏସ୍‌ଓ, ଏସ୍‌ଆଇ, କିରାଣୀ ଏବଂ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ କରାଇ ଦେବାପାଇଁ ପୃଥକ ପୃଥକ ଭାବେ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିଲେ ଚିନ୍ମୟ ମହାପାତ୍ର । ମହାଠକଙ୍କ ପ୍ରଭୋଚନାରେ ପଡି ଲକ୍ଷ ଲକ୍ଷ ଟଙ୍କା ଦେଇଥିବା ଅଭିଯୋଗକାରୀ ବାରମ୍ବାର ଟଙ୍କା ମାଗି ହତାଶ ହେବାପରେ ପୋଲିସ ଥାନାରେ ଅଭିଯୋଗ କରିଥିଲେ । ଯୁବକ ଯୁବତୀଙ୍କ ଅଭିଯୋଗ ଆଧାରରେ ପୋଲିସର ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱରରୁ ଉକ୍ତ ଠକକୁ ଠାବ କରି କାବୁକରିବାରେ ସକ୍ଷମ ହୋଇଛି। ଗତକାଲି ମାମଲା ଦାୟର ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ ମଧ୍ୟ କରିଛି ମାଥିଲି ପୋଲିସ।

# ସାପ କାମୁଡ଼ାରେ ଯୁବତୀ ଗୁରୁତର

ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ଡାବୁଗାଁ ବ୍ଲକ ବୋରିଗାଁ ଗ୍ରାମର ନୂଆଗୁଡା ଅଞ୍ଚଳର ମନ୍ନତି ଭତ୍ରା ବୟସ ଚାଳିଶି, ସେ ବୁଧବାର ରାତ୍ର ଶୋଇଥିବା ସମୟରେ ଗୁରୁବାର ସକାଳ ପ୍ରାୟ ୪ଟା ସମୟରେ କଲାଟି ନାମକ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା, ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେଉଥିବା ଦେଖି, ସ୍ୱାମି ବେଣୁ ଭତ୍ରା ୧୦୮ ଯୋଗେ ସକାଳ ୭ଟା ସମୟରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ, ସ୍ୱାସ୍ଥ୍ୟ କେନ୍ଦ୍ରରେ କିଛି ସମୟ ରହିବା ପରେ ମଧ୍ୟ ସ୍ୱାସ୍ଥ୍ୟବସ୍ଥାରେ ପରିବର୍ତ୍ତନ ଆସୁନଥିବା ଦେଖି ଡାକ୍ତର,ରୋଗୀ ମନ୍ନତି ଭତ୍ରାଙ୍କୁ ନବରଙ୍ଗପୁରକୁ ୧୦୮ଯୋଗେ ସ୍ଥାନାନ୍ତର କରିଥିଲେ।

# ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଏଥିରେ ଗଜପତି ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ପ୍ରମୁଖ ମଞ୍ଚାସିନ ଥିଲେ। ମୋଟ ୫୮ ଗୋଟି ଅଭିଯୋଗ ଆସିଥିଲା ବେଳେ ସାମୁହିକ ୪ଗୋଟି ଓ ବ୍ୟକ୍ତିଗତ ୫୪ଗୋଟି ଆସିଥିଲା । ସେଥିରୁ ୭ଗୋଟିର ତୁରନ୍ତ ପଦକ୍ଷେପ ନିଆଯାଇ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକୁ ତୁରନ୍ତ ପଦକ୍ଷେପ ନେବା ସକାଶେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରେଡ଼କ୍ରସ ପକ୍ଷରୁ ସହାୟତା ୬ଜଣଙ୍କୁ ୨୯୦୦୦ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି।

# କଳା ସଂସ୍କୃତି ସହାୟକ ଯୋଜନାର ସମୀକ୍ଷା ବୈଠକ



କଲ୍ୟାଣସିଂହପୁର,(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଆଞ୍ଚଳିକ କଳା ଓ ସଂସ୍କୃତି କ୍ଷେତ୍ରକୁ ବ୍ୟବସ୍ଥିତ ଓ ବ୍ୟାପକ ପ୍ରୋତ୍ସାହନ ଦେବା କାର୍ଯ୍ୟ କରିବା ସହ ବିଭାଗ ଓଡ଼ିଶାର ପୁରାତନ ସାଂସ୍କୃତିକ ପରମ୍ପରା ଓ ପ୍ରାଚୀନ କଳାକୃତି ଗୁଡ଼ିକର ସଂରକ୍ଷଣ ପାଇଁ କାର୍ଯ୍ୟ କରି ଆସୁଅଛି। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ କାର୍ଯ୍ୟାଳୟର ସଦ୍‌ଭାବନା ଗୃହଠାରେ ଜିଲ୍ଲା କଳା ସଂସ୍କୃତି ସଂଯୋଜକ ପ୍ରଦୀପ କୁମାର ମାଲ୍ ବିଶଇଙ୍କ ଅଧ୍ୟକ୍ଷତାରେ ବ୍ଲକ ସ୍ତରୀୟ ମୁଖ୍ୟମନ୍ତ୍ରୀ କଳା ସଂସ୍କୃତି ସହାୟକ ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ପାରମ୍ପାରିକ ଲୋକକଳା ଲୋକନାଟ୍ୟ, ଭାଗବତ ଟୁଙ୍ଗୀ, କୀର୍ତ୍ତନ ମଣ୍ଡଳୀ ଧୀରେ ଲୋପ ପାଇବାକୁ ବସିଲାଣି ତାକୁ ଲୋକଲୋଚନ କରିବା ସହ ସାଂସ୍କୃତିକ ଦଳମାନଙ୍କୁ ଅନ୍ତର୍ଭୁକ୍ତ କରି ପଞ୍ଜୀକୃତ ହୋଇ ମୁଖ୍ୟମନ୍ତ୍ରୀ କଳା ସହାୟତା ଯୋଜନାରେ କିପରି ଲାଭାନ୍ୱିତ ହେବେ ସେ ବିଷୟରେ ଆଲୋଚନା ହୋଇଥିଲା। ମୁଖ୍ୟତଃ ଆଞ୍ଚଳିକ କଳାକାରଙ୍କୁ କଳାକାର ଭତ୍ତା ପାଇବା ପାଇଁ ତାଙ୍କ ଯୋଗ୍ୟତା ବିଷୟରେ ଆଲୋକପାତ ହୋଇଥିଲା। ଉକ୍ତ ବୈଠକରେ ଜିଲ୍ଲା କଳା ସଂସ୍କୃତି ଅଧିକାରୀ ପ୍ରଦୀପ ମାଲ୍ ବିଶଇଙ୍କ ସହ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଳରାମ ପାତ୍ର, ବ୍ଲକ ପ୍ରକଳ୍ପ ପରିଚାଳକ ଓଡ଼ିଶା ଜୀବିକା ମିଶନ କଳ୍ପତରୁ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୟାନିଧି ବାତ୍ରା, ବ୍ଲକ କଳାକାର ସଂଘ ଉପ ସଭାପତି ସନ୍ତୋଷ କୁମାର ବଛା ମଞ୍ଚାସିନ ରହିଥିଲେ। କଳାକାରଙ୍କ ମଧ୍ୟରେ କୀର୍ତ୍ତନ ମଣ୍ଡଳୀ ଗୁରୁ, ଭାଗବତ ଟୁଙ୍ଗୀ ସଦସ୍ୟ, ପାରମ୍ପରିକ ବାଜା ବାଦକ ଓ ଅନେକ ନୃତ୍ୟ ଦଳ ଉପସ୍ଥିତ ରହିଥିଲେ।

# ଅଭାବନୀୟ ଶିକ୍ଷା ବ୍ୟବସ୍ଥା: ୮ ଶ୍ରେଣୀକୁ ୨ ଶିକ୍ଷକ




ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୫୩ ମସିହାରେ ମୋହନା ବ୍ଲକ ଅନ୍ତର୍ଗତ ଲବାରସିଂ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା।ଏହାପରେ ୨୦୦୮ରେ ଏହି ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ମିଳିଲା। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ସେଥିମଧ୍ୟରୁ ୪୪ଜଣ ଛାତ୍ରୀ ଓ ୫୬ଜଣ ଛାତ୍ର । ଆଠଟି ଶ୍ରେଣୀର ପିଲାଙ୍କୁ ପାଠ ପଢାଉଛନ୍ତି ମାତ୍ର ୨ଜଣ ଶିକ୍ଷକ। ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ କାର୍ଯ୍ୟୀ ଓ ସହକାରୀ ଶିକ୍ଷକ ଅନ୍ତର୍ଯ୍ୟାମୀ ପାଇକ। ପ୍ରଧାନ ଶିକ୍ଷକ ଯଦି ବିଦ୍ୟାଳୟ କାର୍ଯ୍ୟରେ ବାହାରକୁ ଗଲେ କିମ୍ବା ଘରୋଇ କାମରେ ଛୁଟି ନେଇ ଅନୁପସ୍ଥିତ ରହିଲେ ତେବେ ସହକାରୀ ଶିକ୍ଷକ ୮ଟି ଶ୍ରେଣୀକୁ ଶିକ୍ଷାଦାନ କରନ୍ତି। ଯାହା ଗ୍ରହଣୀୟ ନୁହେଁ ବରଂ ହାସ୍ୟାସ୍ପଦ । ଶିକ୍ଷକ ଅଭାବ ଜନିତ ଅବ୍ୟବସ୍ଥା ଯୋଗୁଁ ହ୍ରାସ ପାଉଛି ପିଲାଙ୍କ ଶୈକ୍ଷିକ ଦକ୍ଷତା ଓ ଶିକ୍ଷାଦାନ । ସରକାରଙ୍କ ସର୍ବଶିକ୍ଷା ଅଭିଯାନ, ନୂତନ ଶିକ୍ଷାନିତୀ ଅଧିକାର ଅଧିନୀୟମ, ମଧ୍ୟାହ୍ନ ଭୋଜନ ଆଦି ମାଳମାଳ ଯୋଜନା ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ଓ ମାନସିକ ବିକାଶର ଅଭିବୃଦ୍ଧି ସକାଶେ ପ୍ରଣୟନ କରିଛନ୍ତି। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ରାଜକୋଷରୁ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି। କିନ୍ତୁ ଛାତ୍ରୀଛାତ୍ରମାନେ ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଯାହା ଫଳରେ ପିଲାଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ରହିଥିବା ବିଦ୍ୟାଳୟ ଗୁଡିକରେ ନିୟମିତ ଶିକ୍ଷକଙ୍କ ଅଭାବ ଯୋଗୁଁ ବିଦ୍ୟାଳୟ ଗୁଡିକରେ ପାଠ ପଢୁଥିବା ଛାତ୍ରୀ ଛାତ୍ରମାନେ ପାଠ ପଢା ପ୍ରତି ବିମୁଖ ହୋଇ ବାହାରେ ବିଭିନ୍ନ ପ୍ରକାରର କାମରେ ନିୟୋଜିତ ହୋଇଥିବା ଦେଖିବାକୁ ମିଳୁଛି। ଲବାରସିଂ ପଞ୍ଚାୟତର ସରପଞ୍ଚ ଯମୁନା ରଇତ ଓ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ କାର୍ଯ୍ୟୀ ବିଦ୍ୟାଳୟରେ ଶିକ୍ଷକ ନିୟୋଜିତ କରିବା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରିଆସୁଥିଲେ ମଧ୍ୟ ସେ ପଦବୀ ପୂରଣ କରୁନାହାନ୍ତି ବୋଲି କହିଛନ୍ତି। ଏଣୁ ପ୍ରଶାସନିକ ସ୍ତରରେ ବିଦ୍ୟାଳୟରେ ପାଠପଢୁ ଥିବା ଛାତ୍ରୀ ଛାତ୍ରମାନଙ୍କର ଭବିଷ୍ୟତକୁ ଦୃଷ୍ଟିରେ ରଖି ଶିକ୍ଷାର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବିଦ୍ୟାଳୟରେ ଖାଲିପଡିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବଦାସ ତାମରାପୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଯଥାଶୀଘ୍ର ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରାଯିବ ବୋଲି କହିଛନ୍ତି।

# ୫-ଟିରେ ସାମିଲ ହେଲା ୪ ହାଇସ୍କୁଲ

ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ୍):କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକଭଳି ଉପାନ୍ତ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟ ରଖି ରାଜ୍ୟ ସରକାର ୪ଟି ବିଦ୍ୟାଳୟକୁ ୫-ଟିରେ ସାମିଲ କରିଛନ୍ତି। ସେଗୁଡିକ ହେଲା କମ୍ବୁଗାଣ୍ଡା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କାତୁଲପେଟା ଉଚ୍ଚ ବିଦ୍ୟାଳୟ, ଆଲମଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ନିଲାବାଡି ଓଡ଼ିଶା ଆଦର୍ସ ବିଦ୍ୟାଳୟ। କମ୍ବୁଗାଣ୍ଡା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଥମରୁ ଦଶମ ଯାଏ ୨୧୬ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଶିକ୍ଷକ ସଂଖ୍ୟା ମାତ୍ର ୪ଜଣ। କାତୁଲୁ ପେଟା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୯୯ ଜଣ ଛାତ୍ର ଛାତ୍ରୀଙ୍କ ପାଇଁ ୮ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଥିବାବେଳେ ଆଲମଣ୍ଡା ସରକାରୀ ଉଚ୍ଚ ବଦ୍ୟାଳୟ ଠାରେ ନବମରୁ ଦଶମ ଶେଣୀ ପର୍ଯ୍ୟନ୍ତ ୭୮ଜଣ ଛାତ୍ର ଛାତ୍ରୀଙ୍କ ପାଇଁ ମୋଟ ୪ ଜଣ ଶିକ୍ଷକ। ସେହିପରି ନିଲାବାଡି ଆଦର୍ଶ ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ୩୮୦ ଜଣ ଛାତ୍ର ଛାତ୍ରୀଙ୍କ ପାଇଁ ରହିଛନ୍ତି ୧୧ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ। ଏ ସମସ୍ତ ସ୍କୁଲ ଅପଗ୍ରେଡ୍ ହେଲା ପରେ ଛାତ୍ର ଛାତ୍ରୀମାନେ ସ୍ମାର୍ଟ କ୍ଲାସ ରୁମ୍, ସାଇନ୍ସ ଲାବୋରଟାରି, ଉନ୍ନତମାନର ଖେଳ ପଡିଆ, ଲାଇବ୍ରେରୀ ଭଳି ଅନେକ ସୁବିଧା ପାଇ ପାରିବେ। ଏତେ ଟଙ୍କା ଖର୍ଚ୍ଚରେ ସ୍ମାର୍ଟ ସ୍କୁଲ୍‌ମାନ ସରକାର ତିଆରି କରୁଛନ୍ତି ହେଲେ ଏହାର ତଦାରଖ ଦାୟୀତ୍ୱରେ କେହି ରହୁ ନଥିବାରୁ ସବୁ କାମ ନିମ୍ନ ମାନରେ ହେଉଛି। ତେଣୁ କାମ ଆରମ୍ଭ ହୋଇ ହସ ତାନ୍ତର ହେଲା ପର୍ଯ୍ୟନ୍ତ ପ୍ରତ୍ୟେକ ଜିନିଷର ମାନ ପରୀକ୍ଷା କରାଯାଉ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିବା ବେଳେ ଆଗକୁ ଏସବୁ ବିଦ୍ୟାଳୟରେ ପାସହାର କେତେ ସତକଡା ରହୁଛି ତାହା ଦେଖିବାକୁ ବାକି ରହିଲା।



ଏକାଗ୍ର ହୁଅ, କୁଳୀନ ହୁଅ, ବୁଦ୍ଧିମାନ ହୁଅ ଏବଂ ଲଜ୍ଜାଶ୍ରୀ ହୁଅ।

-ମହାବୀର



ତୁମେ ତୁମର କର୍ତ୍ତବ୍ୟ ସମ୍ପାଦନ କର, ତାହା ତୁମକୁ ଶାନ୍ତି ପ୍ରଦାନ କରିବ।

- ଶ୍ରୀ ରାମକୃଷ୍ଣ



# ସରକାରଙ୍କ ର୍ୟାଗିଂ ବିରୋଧୀ ପଦକ୍ଷେପ ସଠିକ୍ କାର୍ଯ୍ୟକାରିତା ଲୋଡ଼ା

ଆମ ଦେଶର ଶିକ୍ଷା ବ୍ୟବସ୍ଥାରେ 'ର୍ୟାଗିଂ' ଏକ ପୁରୁଣା ବ୍ୟାଧି ରୂପେ ଅନେକ ଦିନରୁ ପ୍ରଚଳିତ ହୋଇ ଆସିଛି। ଉଚ୍ଚଶିକ୍ଷା ଲାଭ କରିବା ଆଶାରେ କଲେଜ ଓ ବିଶ୍ୱବିଦ୍ୟାଳୟର ଦ୍ୱାର ମାଡ଼ିବା ସଙ୍ଗେ ସଙ୍ଗେ ନବାଗତ ଛାତ୍ରଛାତ୍ରୀଙ୍କୁ ର୍ୟାଗିଂର ଶିକାର ହେବାକୁ ପଡ଼ିଥାଏ। ବହୁ କ୍ଷେତ୍ରରେ ର୍ୟାଗିଂ ଆଳରେ ନବାଗତ ଓ ନବାଗତାଙ୍କୁ ମାନସିକ ତଥା ଶାରୀରିକ ସ୍ତରରେ ନିର୍ଯାତନା ଦିଆଯିବାର ଅଭିଯୋଗ ନଜରକୁ ଆସିଥାଏ। ଏଭଳି ନିର୍ଯାତନାକୁ ସହ୍ୟ ନକରିପାରି ଅନେକ ନିରୀହ ଛାତ୍ରଛାତ୍ରୀ ଜୀବନର ସୁଖ ସ୍ୱପ୍ନକୁ ଜଳାଞ୍ଜଳି ଦେଇ ପାଠପଢ଼ା ବନ୍ଦକରି ଘରକୁ ଫେରିଯିବାର ଦୃଷ୍ଟାନ୍ତ ମଧ୍ୟ ରହିଛି। କିଛି ଛାତ୍ରଛାତ୍ରୀ ଯନ୍ତ୍ରଣା ଓ ଅପମାନ ସହ୍ୟ ନକରି ଆତ୍ମହତ୍ୟା କରିବା ଖବର ବେଳେବେଳେ ଗଣମାଧ୍ୟମ ପୃଷ୍ଠା ମଣ୍ଡନ କରୁଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ର୍ୟାଗିଂ ବଡ଼ ବାଧକ ସାଜିଥିବା ବେଳେ ଏହାକୁ ବନ୍ଦ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇ ଆସୁଛି। ଅଭିଭାବକ ମହାସଂଘ ଓ ବିଭିନ୍ନ ଛାତ୍ର ସଂଗଠନ ଏହି ବ୍ୟାଧି ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ ହେଁ ସରକାରଙ୍କ ପକ୍ଷରୁ ଏଥିନେଇ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ଅଳ୍ପଦିନ ପୂର୍ବେ ବି.ଜେ.ବି. କଲେଜର ଜଣେ ଛାତ୍ରୀ ସିନିୟରଙ୍କ ଦ୍ୱାରା ନିର୍ଯାତିତ ହେଉଥିବା ଅଭିଯୋଗ କରି ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିବା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏହି ଘଟଣା ଏବେ ତଦନ୍ତ ପରିସରଭୁକ୍ତ ଥିବାବେଳେ ରାଜ୍ୟ ସରକାର ବୁଧବାର ଦିନ ର୍ୟାଗିଂ ରୋକିବାକୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଅନୁଯାୟୀ ନାମଲେଖା ସମୟରେ ନୂଆ ପିଲାଙ୍କୁ ର୍ୟାଗିଂ ବିରୋଧୀ ପଦକ୍ଷେପ ସମ୍ପର୍କରେ ଅବଗତ କରାଯିବ। ଅନ୍‌ଲାଇନ୍ କିମ୍ବା ଅଫ୍‌ଲାଇନରେ ଛାତ୍ରଛାତ୍ରୀ ଓ ଅଭିଭାବକ ଅଣ୍ଡରଟେକିଂ ବାଧ୍ୟତାମୂଳକ ହେବ। ଅଣ୍ଡରଟେକିଂ ବିଭାଗୀୟ ୱେବ ସାଇଟ୍‌ରେ ରହିବ। କୌଣସି ଛାତ୍ରଛାତ୍ରୀ ର୍ୟାଗିଂରେ ଜଡ଼ିତ ରହିବେ ନାହିଁ ବୋଲି ଅଣ୍ଡରଟେକିଂ ଲେଖିଦେବେ। ଯଦି ର୍ୟାଗିଂ ସହିତ ଜଡ଼ିତ ଥିବା ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଅଭିଯୁକ୍ତ ଛାତ୍ରଛାତ୍ରୀଙ୍କୁ ପୋଲିସ୍ ଗିରଫ କରିବ। ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ର୍ୟାଗିଂ ବିରୋଧରେ ପୋଷ୍ଟର ଏବଂ ଏଥିନେଇ ସଚେତନତାମୂଳକ ବାର୍ତ୍ତା ଶିକ୍ଷାନୁଷ୍ଠାନ ପରିସରରେ ଲଗାଯିବ। ପିଲାମାନଙ୍କୁ ସଚେତନ କରିବା ପାଇଁ ପଥପ୍ରାନ୍ତ ନାଟକ ଆଦିର ମଧ୍ୟ ଆୟୋଜନ କରାଯିବ। ସମସ୍ତ ଶିକ୍ଷାନୁଷ୍ଠାନରେ ଆଣ୍ଟିର୍ୟାଗିଂ ସ୍କ୍ୱାର୍ଡ଼ ଗଠନ କରାଯାଇ ଏହାର ସଠିକ୍ ପରିଚାଳନା ଦିଗ ପ୍ରତି ଧ୍ୟାନ ଦିଆଯିବ। ଉଚ୍ଚଶିକ୍ଷା ସଚିବ ବୁଧବାର ଦିନ ସରକାରୀ ନିଷ୍ପତ୍ତି ନେଇ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି, ସମସ୍ତ ସରକାରୀ ଡିଗ୍ରୀ କଲେଜ ଅଧ୍ୟକ୍ଷ, ଶିକ୍ଷକ ଶିକ୍ଷା କଲେଜର ଅଧ୍ୟକ୍ଷ ଏବଂ ସମସ୍ତ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇ ଦେଇଛନ୍ତି। ବିଳମ୍ବରେ ହେଲେ ମଧ୍ୟ ଶିକ୍ଷା କ୍ଷେତ୍ରରେ ରହିଥିବା ଏହି ବ୍ୟାଧି ନେଇ ସରକାର କିଛିଟା ପଦକ୍ଷେପ ଗ୍ରହଣ କରିବା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। ପୂର୍ବରୁ ଏଭଳି କାର୍ଯ୍ୟାନୁଷ୍ଠାନ କରାଯାଇଥିଲେ ହୁଏତ କେତେକ ଅମୂଲ୍ୟଜୀବନ ରକ୍ଷା ପାଇଥାନ୍ତା। ସରକାରୀ ଘୋଷଣା କେବଳ କାଗଜପତ୍ରରେ ସୀମିତ ନରହି ବାସ୍ତବ କ୍ଷେତ୍ରରେ ଦୃଢ଼ତାର ସହ କାର୍ଯ୍ୟକାରୀ କରିବାର ସମୟ ଆସିଛି। ଶିକ୍ଷାକ୍ଷେତ୍ରରେ ରହିଥିବା କଳଙ୍କିତ ପ୍ରଥାର ପରିସମାପ୍ତି ଘଟିବା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏକାନ୍ତ ଜରୁରୀ।

# ଓଡ଼ିଶା ପାଇଁ ମୋଦିଙ୍କ ସକାରାତ୍ମକ ଦୃଷ୍ଟିଭଙ୍ଗୀ



**ଧର୍ମେନ୍ଦ୍ର ପ୍ରଧାନ**
ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁ ଭାରତର ପଞ୍ଚଦଶତମ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରି ଓଡ଼ିଆ ଅସ୍ମିତାର ପ୍ରତୀକ ପାଲଟି ଯାଇଛନ୍ତି। ସେ ପ୍ରଥମ ଓଡ଼ିଆ ତଥା ପ୍ରଥମ ଆଦିବାସୀ ମହିଳା ଯିଏ ଭାରତବର୍ଷର ସର୍ବୋଚ୍ଚ ସାମ୍ବିଧାନିକ ପଦ ମଣ୍ଡନ କରିଛନ୍ତି । ଏହା ଓଡ଼ିଶାବାସୀଙ୍କ ପାଇଁ କେବଳ ଗୌରବର ବିଷୟ ନୁହେଁ, ଭାରତର ବଞ୍ଚିତ, ଅବହେଳିତ ଓ ଅନଗ୍ରସର ବର୍ଗଙ୍କ ପାଇଁ ଗରିମାର କଥା । ଓଡ଼ିଶାର ଏକ ଆଦିବାସୀ ବହୁଳ ଜିଲ୍ଲା ମୟୂରଭଞ୍ଜର ଏକ ଅଖ୍ୟାତ ପଲ୍ଲୀର ସୁକନ୍ୟା ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରର ପ୍ରଥମ ନାଗରିକର ମର୍ଯ୍ୟାଦା ପ୍ରଦାନ କରିବାରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ବନଫୁଲର ମହକରେ ସମଗ୍ର ଭାରତବର୍ଷକୁ ମହକିତ କରିବା କଥା କେବଳ ମୋଦିଜୀ ହିଁ ଚିନ୍ତା କରିପାରନ୍ତି ଏବଂ ତା'ର ବାସ୍ତବ ରୂପାୟନ ମଧ୍ୟ କରିପାରନ୍ତି ।

ସାଧାରଣ ଲୋକମାନେ କାଳେକାଳେ ଅସାଧାରଣ ପ୍ରତିଭାର ଅଧିକାରୀ ହୋଇଥା'ନ୍ତି । ଶେଷ ତଳ ପାହାଚରେ ଥିବା ଅନେକଙ୍କ ପାଖରେ ଥାଏ ଅସୀମ ଶକ୍ତି ଓ ସାମର୍ଥ୍ୟ । କିନ୍ତୁ ଏପରି ପ୍ରତିଭାମାନେ ବଣମଲ୍ଲୀ ପରି ବଣରେ ଫୁଟି ମଉଳି ଯାଆନ୍ତି । ରହି ଯାଆନ୍ତି ଜନ ସମାଜର ଆଢୁଆଳରେ । ଲୋକ ହିତ ପାଇଁ ସେମାନଙ୍କ ଶକ୍ତି ମଧ୍ୟ ବିନିଯୋଗ କରାଯାଇପାରେ ନାହିଁ । ତେଣୁ ଏପରି ବଣମଲ୍ଲୀମାନଙ୍କୁ ଖୋଜିବା ଏବଂ ଚିହ୍ନଟ କରିବା ସମାଜ ଆଗରେ ସବୁବେଳେ ଏକ ବଡ଼ ଆହ୍ୱାନ ।

ଭାରତବର୍ଷ ଅନାଦି କାଳରୁ ବିବିଧ ଜାତି, ବର୍ଣ୍ଣ ଓ ଗୋଷ୍ଠୀର ବାସସ୍ଥାନ । ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର ଜାତି ତଥା ଅସ୍ୱଚ୍ଛଳ ବର୍ଗ ଭାରତବର୍ଷର ଜନସଂଖ୍ୟାର ଏକ ପ୍ରମୁଖ ଅଂଶ । ପୁଣି ଅବସ୍ଥିତି ଭିତ୍ତିରେ କେତେକ ଅଞ୍ଚଳ ମଧ୍ୟ ପଛୁଆ ରାଜ୍ୟ ଭାବରେ ପରିଗଣିତ । ଆମ ସମାଜରେ ପଛରେ ପଡ଼ିଥିବା ପଛୁଆ ବର୍ଗ ଏବଂ ପଛୁଆ ରାଜ୍ୟକୁ ଆଗକୁ ନ ଆଣିଲେ ଦେଶର ସନ୍ତୁଳିତ ବିକାଶ ଅସମ୍ଭବ ।

ଭାରତର ସର୍ବାଙ୍ଗୀନ ବିକାଶ ପଛରେ ଥିବା ଏହି ସହଜ ସତ୍ୟକୁ ଅନେକ ଶାସକ ବୁଝି ମଧ୍ୟ ବୁଝିପାରନ୍ତି ନାହିଁ । ସେମାନେ ସାମାଜିକ ନ୍ୟାୟ ବିଷୟରେ ଦୀର୍ଘ ସମୟ ଭାଷଣ ଦିଅନ୍ତି କିନ୍ତୁ କାର୍ଯ୍ୟରେ କରି ଦେଖାନ୍ତି ନାହିଁ । ଆଦିବାସୀମାନଙ୍କ ପାରମ୍ପରିକ ନୃତ୍ୟରେ ଭାଗ ନିଅନ୍ତି କିନ୍ତୁ ସେମାନଙ୍କ ବିକାଶକୁ ତ୍ୱରାନ୍ୱିତ କରନ୍ତି ନାହିଁ। କିନ୍ତୁ ଗତ ୮ ବର୍ଷ ହେବ, ଏପରି ଦୃଷ୍ଟିଭଙ୍ଗୀରେ ବ୍ୟାପକ ପରିବର୍ତ୍ତନ ଆସିଛି । ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ନ୍ୟାୟ ଓ ସନ୍ତୁଳିତ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି ।

ଭୌଗୋଳିକ ଦୃଷ୍ଟିରୁ ଭାରତର ପୂର୍ବ ଭାଗ ବିକାଶ କ୍ଷେତ୍ରରେ ପଛରେ ପଡ଼ିଛି । ବିହାର, ଓଡ଼ିଶା ଓ ଝାଡ଼ଖଣ୍ଡ ଆଦି ରାଜ୍ୟ ଅନ୍ୟ ରାଜ୍ୟ ତୁଳନାରେ ଅନଗ୍ରସର। ମାନ୍ୟବର ମୋଦିଜୀ ଭାରତର ସନ୍ତୁଳିତ ବିକାଶକୁ ଆଖି ଆଗରେ ରଖି ପୂର୍ବ ଭାରତର ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ପୁଣି ପୂର୍ବ ଭାରତରେ ଓଡ଼ିଶା ତାଙ୍କର ଏକ ପ୍ରିୟ ରାଜ୍ୟ । କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜି, ପ୍ରାକୃତିକ ଓ ଖଣିଜ ସମ୍ପଦ ପାଇଁ ଯେ ଓଡ଼ିଶା ତାଙ୍କ ଦୃଷ୍ଟି ଆକର୍ଷଣ କରିଛି, ତା' ନୁହେଁ ବରଂ ଓଡ଼ିଶାର ବିକାଶ ପ୍ରତି ସେ ସର୍ବଦା ସମ୍ବେଦନଶୀଳ। ପ୍ରାଚୁର୍ଯ୍ୟ ଓ ସମ୍ଭାବନାରେ ପରିପୂର୍ଣ୍ଣ ଓଡ଼ିଶାର ବିକାଶ କରିବା ପାଇଁ ମୋଦିଜୀଙ୍କ ପ୍ରତିବଦ୍ଧତାର ତୁଳନା ନାହିଁ । ଓଡ଼ିଶାର ପ୍ରତିଭାମାନଙ୍କୁ ସ୍ୱୀକୃତି ଦେବାରେ ତାଙ୍କର କାର୍ପଣ୍ୟ ନାହିଁ । ଓଡ଼ିଶାବାସୀଙ୍କ ଆଶା-ଆକାଂକ୍ଷା ପୂରଣ କରିବାରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ତତ୍ପରତାର ପଟାନ୍ତର ନାହିଁ ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ । ୨୦୧୩ ମସିହାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ସେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ପୁରୀ ଆସିଥିଲେ । ପ୍ରଧାନମନ୍ତ୍ରୀ ଭାବରେ ୨୦୧୬ ମସିହା ଫେବୃୟାରୀ ମାସରେ ପୁରୀ ଆସି ଦିଅଁ ଦର୍ଶନ କରିଥିଲେ । ତାଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ପ୍ରଥମ ଥର ପାଇଁ ନବକଳେବର ନିମନ୍ତେ କେନ୍ଦ୍ର ସରକାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀ ମହୋଦୟ ନବକଳେବର ସ୍ମାରକୀ ମୁଦ୍ରାକୁ ଅନୁମୋଦନ ମଧ୍ୟ କରାଇଥିଲେ । ଓଡ଼ିଶାର ପର୍ବପର୍ବାଣି ପ୍ରତି ତାଙ୍କର ଅପ୍ରମିତ ଶ୍ରଦ୍ଧା ରହିଛି । ମହାବିଷୁବ ସଂକ୍ରାନ୍ତି, ରଜ ସଂକ୍ରାନ୍ତି, ରଥଯାତ୍ରା ଓ ନୂଆଁଖାଇ ଆଦି ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କ ଓଡ଼ିଶା ପ୍ରୀତିର ପରିଚୟ ଦେଇ ଆସୁଛନ୍ତି । ଓଡ଼ିଶା ଯେ କଳା ଓ ସଂସ୍କୃତିର ଉତ୍କର୍ଷ ଭୂମି, ଏହା ତାଙ୍କୁ ଭଲ ଭାବରେ ଜଣା । ମାଣବସା ଗୁରୁବାର, ଛଉ ନୃତ୍ୟ ଓ ରାବଣ ଛାୟାକୁ ସୂକ୍ଷ୍ମ ଐତିହ୍ୟ (ଇନଟେଞ୍ଜିବୁଲ ହେରିଟେଜ୍)ର ମାନ୍ୟତା ତାଙ୍କର ହିଁ ଅବଦାନ । ୨୦୧୮ ମସିହାରେ ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ସହିତ 'ବାଲିଯାତ୍ରା' ବିଷୟରେ ଆଲୋଚନା କରି ସେ ଓଡ଼ିଶାର ଏହି ଐତିହାସିକ ପର୍ବ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରିଛନ୍ତି ।

ଦିଲ୍ଲୀରେ ଓଡ଼ିଆମାନଙ୍କୁ ସ୍ୱୀକୃତି ଦେବାରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ଅବଦାନ ଯେ ସବା ଉପରେ, ଏହା ଅବିସମ୍ବାଦିତ । ପୂର୍ବରୁ ଓଡ଼ିଶାରୁ ଜଣେ ଦୁଇ ଜଣ କେନ୍ଦ୍ରମନ୍ତ୍ରୀ ପଦ ପ୍ରାପ୍ତ ହୋଇଥିଲେ । ତାହା ପୁଣି ରାଷ୍ଟ୍ରମନ୍ତ୍ରୀ ପାହ୍ୟାରେ । ୨୦୧୪ ପୂର୍ବରୁ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀଙ୍କ ସଂଖ୍ୟାରେ ଓଡ଼ିଶାର ସ୍ଥାନ ଥିଲା ନଗଣ୍ୟ । କିନ୍ତୁ ମୋଦିଜୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଜୁଏଲ ଓରାମଙ୍କ ଠାରୁ ଅଶ୍ୱିନୀ ବୈଷ୍ଣବଙ୍କ ପର୍ଯ୍ୟନ୍ତ ଓଡ଼ିଶାର ଅନେକ ନେତା କ୍ୟାବିନେଟ୍ ମନ୍ତ୍ରୀ ହୋଇଛନ୍ତି। ଆଦିବାସୀ ନେତା ବିଶେଶ୍ୱର ଟୁଡୁ କେନ୍ଦ୍ରରେ ରାଷ୍ଟ୍ର ମନ୍ତ୍ରୀ ପଦ ମଣ୍ଡନ କରିଛନ୍ତି । ତା' ପୂର୍ବରୁ ପ୍ରତାପ ଷଡ଼ଙ୍ଗୀ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ପଦରେ ଅବସ୍ଥାପିତ ହୋଇଥିଲେ । ମୋଦିଜୀ ଦ୍ରୌପଦୀ ମୁର୍ମୁ, ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ରାଜ୍ୟପାଳ ପଦବୀରେ ଅଧିଷ୍ଠିତ କରାଇଛନ୍ତି ।

ପୂର୍ବରୁ ପଦ୍ମ ପୁରସ୍କାର ତାଲିକାରେ ଓଡ଼ିଆ ଲୋକଙ୍କର ନାଁ ଖୋଜି ନିରାଶ ହେବାକୁ ପଡୁଥିଲା । କେବେ କେମିତି ଗୋଟେ ନାଁ ଆଖିରେ ପଡୁଥିଲା । କିନ୍ତୁ ୨୦୧୫ ମସିହା ପର ଠାରୁ ଲଗାତାର ଓଡ଼ିଶାର ପ୍ରତିଭାମାନେ ପଦ୍ମ ସମ୍ମାନ ପାଇ ଆସୁଛନ୍ତି । ମନୋଜ ଦାସ, ପ୍ରତିଭା ରାୟଙ୍କ ପରି ସାହିତ୍ୟିକମାନେ ପଦ୍ମଭୂଷଣ ସମ୍ମାନ ପାଇଥିବା ବେଳେ ପ୍ରସ୍ତର ଶିଳ୍ପୀ ସୁଦର୍ଶନ ସାହୁ ପଦ୍ମ ବିଭୂଷଣ ସମ୍ମାନ ପାଇଛନ୍ତି । ପଦ୍ମ ସମ୍ମାନ ପାଇଥିବା ଅନେକ ଖ୍ୟାତନାମା କବି, ଲେଖକ, ନୃତ୍ୟାଙ୍ଗନା, କଣ୍ଠଶିଳ୍ପୀ, ସ୍ଥପତିଙ୍କର ଏକ ଲମ୍ବା ତାଲିକା ଏଠାରେ ପ୍ରଦାନ କରିବା ଅନାବଶ୍ୟକ । କିନ୍ତୁ ସମାଜ ପାଇଁ, ଜନସେବା ପାଇଁ ତଥା କିଛି ନୂଆ କାମ କରିବା ପାଇଁ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଥିବା ଅଥଚ ଦୃଷ୍ଟି ଆଢୁଆଳରେ ରହିଯାଇଥିବା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିଛନ୍ତି କେନ୍ଦ୍ରର ମୋଦି ସରକାର । ହଳଧର ନାଗ, ମିତ୍ରଭାନୁ ଗୌନ୍ତିଆଙ୍କ ଠାରୁ ଆରମ୍ଭ କରି ଦୈତାରୀ ନାୟକ ଓ ପୂର୍ଣ୍ଣମାସୀ ଜାନିଙ୍କ ପର୍ଯ୍ୟନ୍ତ ଅନେକ ଏକନିଷ୍ଠ ନିରବ ସାଧକମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ କରିଛନ୍ତି ଏବେର କେନ୍ଦ୍ର ସରକାର । ଗୁଣ ଚିହ୍ନିବାରେ ମୋଦି ସରକାର ସଦା ଅଗ୍ରଣୀ ।

ଓଡ଼ିଶା କେବଳ କଳା କାରିଗରୀର ଖଣ୍ଡ ନୁହେଁ, ପ୍ରାକୃତିକ ବିପର୍ଯ୍ୟୟ ଯଥା ବଢ଼ି, ଝଡ଼ି ଓ ମରୁଡ଼ିର ଚରାଭୂଇଁ ମଧ୍ୟ । ସମ୍ରାଟ ଖାରବେଳଙ୍କ ରାଜତ୍ୱର ପ୍ରଥମ ବର୍ଷ ଓଡ଼ିଶାରେ ଭୟଙ୍କର ମହାବାତ୍ୟା ସଂଘଟିତ ହୋଇଥିଲା ବୋଲି ଗବେଷକ ମାନେ ମତ ଦିଅନ୍ତି । ସମ୍ବେଦନଶୀଳ ମୋଦିଜୀ ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଦା ସହାନୁଭୂତିଶୀଳ । ଓଡ଼ିଶାର ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସେ କେବଳ ଆଗୁଆ ସମୀକ୍ଷା କରନ୍ତି ନାହିଁ , ଆବଶ୍ୟକ ଅର୍ଥର ବନ୍ଦୋବସ୍ତ ମଧ୍ୟ କରନ୍ତି । ୨୦୧୯ ମସିହାରେ ଫନୀ ବାତ୍ୟା ସମୟରେ ସେ ଏକ ହଜାର କୋଟି ଟଙ୍କାର ମଧ୍ୟବର୍ତ୍ତୀକାଳୀନ ସହାୟତା ଘୋଷଣା କରିଥିଲେ ଏବଂ ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ଅଗ୍ରୀମ ୩୪୧ କୋଟି ଟଙ୍କା ସହାୟତା ମଞ୍ଜୁର କରାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ଅତିରିକ୍ତ ୩,୩୩୮ କୋଟି ଅର୍ଥାତ୍ ମୋଟ ୪,୬୭୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୋଦି ସରକାର ପ୍ରଦାନ କରିଥିଲେ । ପୁନଶ୍ଚ ୨୦୨୧ ୟସ୍ ବାତ୍ୟା ବେଳେ ମୋଦିଜୀ ଭୁବନେଶ୍ୱର ଆସି ଓଡ଼ିଶାରେ ବାତ୍ୟା ଜନିତ ଜୟକ୍ଷତିର ସମୀକ୍ଷା କରିବା ସହିତ ଆକାଶ ମାର୍ଗରୁ କ୍ଷୟକ୍ଷତିର ସର୍ବେକ୍ଷଣ କରିଥିଲେ। ସରକାର ଦାବି କରିବା ପୂର୍ବରୁ ସେ ୫ଶହ କୋଟି ଟଙ୍କାର ସହାୟତା ରାଶି ମଧ୍ୟ ଘୋଷଣା କରିଥିଲେ । ବିଶ୍ୱ ମହାମାରୀ କୋଭିଡ୍-୧୯ ସମୟରେ ପ୍ରଧାନମନ୍ତ୍ରୀ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ, ସମାଜସେବୀ ନନ୍ଦକିଶୋର ସାହୁ, ବୃନ୍ଦାବନ କଳସ ଏବଂ କିଷାନ ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ।

ଉନ୍ନବିଂଶ ଶତାବ୍ଦୀରେ ବ୍ରିଟିଶ ବିରୋଧୀ ଆନ୍ଦୋଳନ ମଧ୍ୟରେ ପାଇକ ବିଦ୍ରୋହ ଏକ ଗୁରୁତ୍ୱପୂର୍ଣ୍ଣ ମୁକ୍ତି ସଂଗ୍ରାମ। ଏହି ଅଦ୍ୱିତୀୟ ସଂଗ୍ରାମକୁ ଦେଶବ୍ୟାପୀ ପାଳନ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ୨୦୦ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା। ୨୦୧୮ ମସିହା ସେପ୍ଟେମ୍ବର ମାସରେ ରାଉରକେଲା ଠାରେ ମାନ୍ୟବର ପ୍ରଧାନମନ୍ତ୍ରୀ ପାଇକ ଇତିହାସର ସ୍ମାରକୀ ମୁଦ୍ରା ଓ ଡ଼ାକ ଟିକେଟ୍ ଲୋକାର୍ପଣ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟରେ ଗବେଷଣା ଚେୟାର ସ୍ଥାପନ କରିବା ପାଇଁ ମଧ୍ୟ ଘୋଷଣା କରାଯାଇଛି । ୨୦୧୯ ମସିହା ଡ଼ିସେମ୍ବର ମାସରେ ଭାରତର ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ଠାରେ ପାଇକ ବିଦ୍ରୋହ ସ୍ମାରକୀ ପ୍ରତିଷ୍ଠା ନିମନ୍ତେ ଶିଳାନ୍ୟାସ କରିଥିଲେ । ଓଡ଼ିଆ ଜାତିର ବୀରତ୍ୱର ଗାଥାକୁ ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ଦେବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପ୍ରଶଂସନୀୟ ଭୂମିକା ରହିଆସିଛି ।

କଳା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ରାଜ୍ୟସଭାକୁ ମନୋନୀତ କରିବା ଏକ ସାମ୍ବିଧାନିକ ବ୍ୟବସ୍ଥା । ପ୍ରଥମ ଥର ପାଇଁ ବର୍ତ୍ତମାନର କେନ୍ଦ୍ର ସରକାର ବିଶିଷ୍ଟ ସ୍ଥପତି ସ୍ୱର୍ଗତ ରଘୁନାଥ ମହାପାତ୍ର ଏବଂ ଖ୍ୟାତନାମା ଓଡ଼ିଶୀ ନୃତ୍ୟାଙ୍ଗନା ସୋନାଲ ମାନସିଂଙ୍କୁ ରାଜ୍ୟସଭାକୁ ମନୋନୀତ କରିଥିଲେ । ଓଡ଼ିଶା ପ୍ରତି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସକାରାତ୍ମକ ମାନସିକତାର ଏହା ଉଜ୍ଜ୍ୱଳ ଦୃଷ୍ଟାନ୍ତ ।

ମନ୍ କି ବାତ୍ ଆମ ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କର ଏକ ଜନାଦୃତ କାର୍ଯ୍ୟକ୍ରମ । ସେହି କ୍ରମରେ ସେ ଓଡ଼ିଶାର ଅନେକ ନିଷ୍ଠାପର ତଥା ସର୍ଜନଶୀଳ ପ୍ରତିଭାଙ୍କ ସହିତ ବାର୍ତ୍ତାଳାପ କରିଛନ୍ତି । ନୀଳଗିରିର ଆଶାକର୍ମୀ ଯମୁନା ମଣୀ ସିଂ, ଗରିବ ପିଲା ମାନଙ୍କୁ ପାଠ ପଢ଼ାଉଥିବା କଟକର ଚା' ଦୋକାନୀ ସ୍ୱର୍ଗତ ଡ଼ି. ପ୍ରକାଶ ରାଓ, ନର୍ଦ୍ଦଂମା ନିଷ୍କାସନ ସମ୍ପର୍କରେ ମୌଳିକ ପରାମର୍ଶ ଦେଇଥିବା ଭୁବନେଶ୍ୱରର ଶୀତାଂଶୁ ମୋହନ ପରିଡ଼ା, ଚିତ୍ରଶିଳ୍ପୀ ବିଜୟ ବିଶ୍ୱାଳ, ଚିଙ୍ଗାରି ଆପର ସହ ପ୍ରତିଷ୍ଠାତା ବିଶ୍ୱାତ୍ମା ନାୟକ, ସାମରିକ ଓ ଅର୍ଦ୍ଧ ସାମରିକ ତାଲିମଦାତା ସିଲୁ ନାୟକ, କୋଭିଡ ଟୀକାକରଣ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିବା ପୁଷ୍ପା ଶୁକ୍ଲା, କ୍ଷୁଦ୍ର ଜଙ୍ଗଲ ସୃଷ୍ଟି କରିଥିବା ଅମରେଶ ସାମନ୍ତ, ହେନ୍ତାଳ ବନ ସୃଷ୍ଟି କରିଥିବା ବିଜୟ କୁମାର କବି, ୟୁଟ୍ୟୁବର ଚର୍ଚ୍ଚିତ ଚେହେରା ଇସାକ୍ ମୁଣ୍ଡା ଏବଂ ପୁରୀକୁ ପ୍ଲାଷ୍ଟିକ ମୁକ୍ତ କରୁଥିବା ରାହୁଲ ମହାରଣାଙ୍କ ସମ୍ପର୍କରେ ମୋଦିଜୀ ନିଜ 'ମନ କି ବାତ' ରେ ଉଲ୍ଲେଖ କରିଥିଲେ । ଓଡ଼ିଶାର ଏତେ ସଂଖ୍ୟକ ଲୋକଙ୍କ ସହିତ ଭାବ ବିନିମୟ କରିବା ତାଙ୍କ ଓଡ଼ିଶା ପ୍ରୀତିର ପରିଚାୟକ।

ଉଚ୍ଚ ଶିକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାର ଓଡ଼ିଶାକୁ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ୨୦୧୫ ମସିହାରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦେଶରେ ଛଅ ଗୋଟି ନୂଆ ଆଇଆଇଏମ ଖୋଲିବା ପାଇଁ ନିଷ୍ପତି ନିଆଯାଇଥିଲା । ଓଡ଼ିଶା ଭାଗରେ ପଡ଼ିଥିଲା ଗୋଟିଏ, ସମ୍ବଲପୁର ଆଇଆଇଏମ । କେବଳ ଆଇଆଇଏମ ନୁହେଁ, ବ୍ରହ୍ମପୁରରେ ଆଇଜର (ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥା) ଖୋଲିବା ପାଇଁ ନିଷ୍ପତି ନେଇଥିଲେ ମୋଦି ସରକାର ।

ଏବଂ ସର୍ବୋପରି ଦେଶରେ ଓଡ଼ିଆ ଅସ୍ମିତା ପ୍ରତିଷ୍ଠିତ ହୋଇଛି ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ମାଧ୍ୟମରେ । ଆଜି ଦେଶର ରାଷ୍ଟ୍ରପତି ଜଣେ ଓଡ଼ିଆ ଝିଅ, ଆଦିବାସୀ ମହିଳା । ଏହା ଭାରତବର୍ଷର ନେତୃତ୍ୱର ଅଭୂତପୂର୍ବ ପରାକାଷ୍ଠା ନୁହେଁ କି ?

# ବାଘ ରାଜାର କଥା

**ବୈଷ୍ଣବ ମେହେର**
ସିନାପାଲି, ନୂଆପଡ଼ା

ବାଘ ରାଜକୀୟ ଠାଣି ବେଶ ଆକର୍ଷଣୀୟ । ସେଥିପାଇଁ ତ ବାଘ ଜଙ୍ଗଲର ରାଜା । ସେ ମଧ୍ୟ ଭାରତର ଜାତୀୟ ପଶୁ। ଏହି ବଳବାନ ପ୍ରାଣୀ ବାଘର ଜୀବନ କିନ୍ତୁ ବର୍ତ୍ତମାନ ବିପଦରେ। ବିଂଶ ଶତାବ୍ଦୀ ବେଳକୁ ବିଶ୍ୱରେ ପ୍ରାୟ ଏକ ଲକ୍ଷ୍ୟ ବାଘ ଥିବା କୁହାଯାଏ । ଉକ୍ତ ସମୟରେ କେବଳ ଭାରତରେ ୪୦ ହଜାର ବାଘ ରହୁଥିଲେ। କିନ୍ତୁ ୧୯୭୨ ରେ ସ୍ୱାଧିନ ଭାରତର ପ୍ରଥମ ବାଘ ଗଣନା ମୁତାବକ ଦେଶରେ ବାଘ ସଂଖ୍ୟା ଉଦ୍‌ବେଗଜନକ ଭାବରେ ହ୍ରାସ ଘଟି ୧୮୦୦କୁ ଖସି ଆସିଥିବା ଜଣାଗଲା । ସେତେବେଳେ ବାଘର ସୁରକ୍ଷାକୁ ଗୁରୁତ୍ୱର ସହ ଗ୍ରହଣ କରି ସେହିବର୍ଷ ହିଁ ଭାରତ ସରକାର ମହାବଳ ବାଘକୁ ଭାରତର ଜାତୀୟ ପଶୁ ମାନ୍ୟତା ନେଇ ଘୋଷଣା କରିଥିଲେ । ପରବର୍ଷ ୧୯୭୩ ଏପ୍ରିଲ ଏକରୁ ଭାରତ ସରକାରଙ୍କ ତରଫରୁ 'ବ୍ୟାଘ୍ର ପରିଯୋଜନା' ଭଳି ଏକ ଅଭିନବ ବାଘ ସଂରକ୍ଷଣ ପ୍ରକଳ୍ପର ଶୁଭାରମ୍ଭ କରାଗଲା । ପ୍ରାକୃତିକ ପରିବେଶରେ ବାଘଙ୍କ ସଂଖ୍ୟା ବୃଦ୍ଧି, ବିଶେଷ କରି ବିଲୁପ୍ତ ପ୍ରାୟ ମହାବଳ ବାଘର ସୁରକ୍ଷା, ବାଘଙ୍କ ଆଧିପତ୍ୟ ରହିଥିବା ଜଙ୍ଗଲକୁ ପ୍ରାକୃତିକ ଐତିହ୍ୟର ମାନ୍ୟତା ଦେଇ ସେଠାରେ ବାଘଙ୍କ ସଂରକ୍ଷଣ କରିବା ହିଁ ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଶହେ ବର୍ଷ ପୂର୍ବେ ବିଶ୍ୱରେ ଏକ ଲକ୍ଷରୁ ଅଧିକ ବାଘ ରହିଥିବା ବେଳେ ଡବ୍ଲ୍ୟୁଡବ୍ଲ୍ୟୁଏଫ୍‌ର ୨୦୧୮ ଆକଳନରେ ବିଶ୍ୱରେ ମାତ୍ର ୩୯୦୦ ବାଘ ରହିଥିବା ଜଣାପଡ଼ିଥିଲା । ବାଘ ସଂଖ୍ୟା ଦୃତ ହ୍ରାସର ମୁଖ୍ୟ କାରଣ ଭାବରେ ପ୍ରାକୃତିକ ଆବାସର ଧ୍ୱଂସ, ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ସହ ଅବାଧ ବାଘ ଶିକାରକୁ ଦାୟୀ କରାଯାଏ । ୨୦୧୮ ବାଘ ଗଣନାର ଫଳାଫଳ ଅନୁଯାୟୀ ଭାରତରେ ୨୯୬୭ ଟି ମହାବଳ ବାଘ ରହିଥିବା ସ୍ପଷ୍ଟ ହୋଇଛି । ଏହା ସମଗ୍ର ବିଶ୍ୱରେ ଥିବା ବାଘ ସଂଖ୍ୟାର ପାଖାପାଖି ୭୫ ପ୍ରତିଶତ ବୋଲି ଜଣାଯାଏ । ଯଦି ଆମେ ଓଡ଼ିଶାରେ ବାଘର ସଂଖ୍ୟା ଦେଖିବା ତେବେ ୨୦୦୬ରେ ଏଠାରେ ୪୫ଟି ମହାବଳ ଥିବା ବେଳେ ୨୦୧୦ରେ ୩୨, ୨୦୧୪ରେ ୨୮ଟି ବାଘ ଥିବା ଗଣନାରେ ଦର୍ଶାଯାଇଛି। ୨୦୦୬ ତୁଳନାରେ ୨୦୧୮ ପର୍ଯ୍ୟନ୍ତ ବାଘ ସଂଖ୍ୟାରେ ୩୮ ପ୍ରତିଶତ ହ୍ରାସ ଘଟିଛି । ତେବେ ୨୦୧୪ ରୁ ୨୦୧୮ ଏହି ଚାରି ବର୍ଷ ମଧ୍ୟରେ ଓଡ଼ିଶାରେ ବାଘ ସଂଖ୍ୟାରେ କୌଣସି ବୃଦ୍ଧି ନ ଘଟି ୨୮ରେ ସ୍ଥିର ରହିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ଅବଶ୍ୟ ଜାତୀୟ ବାଘ ସୁରକ୍ଷା ଆୟୋଗର ଏହି ରିପୋର୍ଟ ଆମ ରାଜ୍ୟରେ ସହଜରେ ଗ୍ରହଣ ହୋଇ ପାରିନାହିଁ । ଛଅ ବର୍ଷ ମଧ୍ୟରେ ଦେଶରେ ୭୪୧ ଟି ବାଘ ବୃଦ୍ଧି ପାଇଥିବା ବେଳେ ଓଡ଼ିଶାରେ ଆଦୌ ବୃଦ୍ଧି ନ ଘଟିବା ନେଇ ଅନେକ ପ୍ରଶ୍ନ ଉଠିବା ସ୍ୱାଭାବିକ । ଅପରପକ୍ଷେ ମଧ୍ୟପ୍ରଦେଶରେ ସର୍ବାଧିକ ୫୨୬ ବାଘ ଚିହ୍ନଟ କରାଯାଇଥିବା ବେଳେ କର୍ଣ୍ଣାଟକରେ ୫୨୪, ଉତ୍ତରାଖଣ୍ଡରେ ୪୪୨, ମହାରାଷ୍ଟ୍ରରେ ୩୧୨, ତାମିଲନାଡୁରେ ୨୬୪, କେରଳ ଓ ଆସାମରେ ୧୯୦ ଟି ଲେଖାଏଁ, ଉତ୍ତରପ୍ରଦେଶରେ ୧୭୩ ଓ ସୁନ୍ଦରବନରେ ୮୮ ଗୋଟି ବାଘ ରହିଥିବା ଗଣନାରେ ଦର୍ଶାଯାଇଛି । ବର୍ତ୍ତମାନ ଭାରତରେ ୫୦ ଗୋଟି ବ୍ୟାଘ୍ର ଅଭୟାରଣ୍ୟ ରହିଛି ଯାହା ବାଘ ବଂଶ ବୃଦ୍ଧି ପାଇଁ ସହଯୋଗ କରିଆସିଛି । ଭାରତର ଅଭୟାରଣ୍ୟ ଗୁଡ଼ିକରେ ୬୫ ପ୍ରତିଶତ ଓ ଅଭୟାରଣ୍ୟ ବାହାରେ ୩୫ ପ୍ରତିଶତ ବାଘ ରହନ୍ତି । ବିଶ୍ୱରେ ବର୍ତ୍ତମାନ ଭାରତ ସମେତ ବାଂଲାଦେଶ, ଭୂଟାନ, କାମ୍ବୋଡ଼ିଆ, ଚୀନ, ଇଣ୍ଡୋନେସିଆ, ଲାଓ ପିଡ଼ିଆର, ମାଲେସିଆ, ମିଆଁମାର, ନେପାଳ, ଋଷ, ଥାଇଲାଣ୍ଡ ଓ ଭିଏତନାମ ଭଳି ପ୍ରାୟ ୨୦ ଟି ଦେଶରେ ବାଘ ଦେଖାଯାନ୍ତି । ବିଶ୍ୱରେ ନଅ ପ୍ରଜାତିର ବାଘ ମଧ୍ୟରୁ ରୟାଲ ବେଙ୍ଗଲ ବା ମହାବଳ, ସାଇବେରିଆନ୍, ଇନଡ଼ୋଚାଇନିଜ୍, ସାଉଥ ଚାଇନିଜ୍, ସୁମାତ୍ରାନ୍, ମାଲାୟାନ୍ ବର୍ତ୍ତମାନ ଦେଖାଯାଉଥିବା ବେଳେ କାସିଆନ୍, କାଭାନ୍ ଓ ବାଲି ପ୍ରଜାତିର ବାଘ ଏବେ ଲୋପ ପାଇଗଲେଣି ।

ସମଗ୍ର ଜୀବଜଗତ ପାଇଁ ବାଘ ଏକ ଅନନ୍ୟ ସମ୍ପଦ । ପ୍ରାକୃତିର ବିବର୍ତ୍ତନ ଭିତରେ ବାଘ ଭଳି ଶକ୍ତିଶାଳୀ ଜୀବ ଏବେ ଅଣନିଶ୍ୱାସୀ ହୋଇପଡ଼ିଛି । ସଂଘର୍ଷ କରୁଛି ପରିବେଶ ସହ ଖାପଖୁଆଇ ବଞ୍ଚିବାକୁ । ସାଂପ୍ରତିକ ସ୍ଥିତିରେ ଏହି ବଳବାନ ପ୍ରାଣୀକୁ ଉତ୍ତମ ଓ ସୁରକ୍ଷିତ ପରିସର ଯୋଗାଇବା ସବୁଠାରୁ ବଡ଼ ଆହ୍ୱାନ ହୋଇଛି । ବିଶ୍ୱରେ ବାଘ ସୁରକ୍ଷା ଓ ସଂରକ୍ଷଣ କ୍ଷେତ୍ରରେ ଜନସଚେତନତା ଓ ସମର୍ଥନ ସୃଷ୍ଟି କରିବା ଲକ୍ଷ୍ୟରେ ୨୦୧୦ ମସିହା ଠାରୁ ଜୁଲାଇ ମାସ ୨୯ ତାରିଖକୁ 'ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ' ଭାବରେ ପାଳନ କରାଯାଇ ଆସୁଛି । ସେହି ବର୍ଷ ଏନେଇ ଋଷିଆର ସେଂଟପିଟର୍ସ ଠାରେ ବିଶ୍ୱର ପ୍ରଥମ ବ୍ୟାଘ୍ର ଶିଖର ସମ୍ମିଳନୀ ଆୟୋଜନ ମଧ୍ୟ କରାଯାଇଥିଲା।

କେବଳ ଜଙ୍ଗଲ ଧ୍ୱଂସ କରାଯିବା କାରଣରୁ ୯୩ ପ୍ରତିଶତ ବାଘଙ୍କ ବାସସ୍ଥଳୀ ଏବେ ବିପଦରେ ବୋଲି କୁହାଯାଉଛି । ଦ୍ୱିତୀୟତଃ ବାଘ ବାସ୍ତବରେ ଏକ ମୂଲ୍ୟବାନ ପ୍ରାଣୀ। ଏହାର ଛାଲ, ନିଶ, ନଖ, ହାଡ଼, ଦାନ୍ତ ଭଳି ପତ୍ରେ୍ୟକ ଅଙ୍ଗପ୍ରତ୍ୟଙ୍ଗ ଅନ୍ତର୍ଜାତୀୟ ବଜାରରେ ବହୁତ ଦାମରେ ବିକ୍ରୟ ହୁଏ । ବାଘର ଅବୟବ ଗୁଡ଼ିକ ଅନେକ ଜୀବନ ରକ୍ଷାକାରୀ ଔଷଧ୍ୟ ତିଆରିରେ ଉପଯୋଗ ହୋଇଥାଏ । ଫଳରେ ବାଘର ଅଙ୍ଗପ୍ରତ୍ୟଙ୍ଗ ଚୋରା କାରବାର କରୁଥିବା ଜଙ୍ଗଲ ମାଫିଆଙ୍କ ଶିକାର ହୋଇ ବହୁ ସଂଖ୍ୟାରେ ବାଘଙ୍କ ଅକାଳ ମୃତ୍ୟୁ ଘଟୁଛି । ଜଙ୍ଗଲ ମନ୍ତ୍ରାଳୟର ତଥ୍ୟ ଅନୁସାରେ ୨୦୧୨ ରୁ ୨୦୧୭ ମଧ୍ୟରେ ଆମ ଦେଶରେ ହୋଇଥିବା ୪୫ ପ୍ରତିଶତ ବାଘ ମୃତ୍ୟୁ ମଧ୍ୟରୁ ୩୭ ପ୍ରତିଶତ ବାଘକୁ ଶିକାର କରାଯାଇଥିବା ଓ ଅନ୍ୟ ବାଘଙ୍କ ରାସ୍ତା ଓ ଟ୍ରେନ୍ ଦୁର୍ଘଟଣା ରେ ମୃତ୍ୟୁ ଘଟିଥିବା ଦର୍ଶାଯାଇଛି । ଉଦବେଗର ବିଷୟ ଯେ, ବିଶ୍ୱର ବିଭିନ୍ନ ଭାଗକୁ ଚାଲାଣ ହୋଇ ଯାଇଥିବା ବାଘ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରୁ ୮୨ ପ୍ରତିଶତ କେବଳ ଭାରତ ଓ ଥାଇଲାଣ୍ଡର ବୋଲି ଜଣାପଡ଼ିଛି । ତେବେ ଆଶ୍ୱସ୍ତିର ବିଷୟ ଯେ, ଲାଲ ତାଲିକା ଭୁକ୍ତ ବିପଦାପନ୍ନ ପ୍ରାଣୀ ଜାତିର ଆକଳନ କରୁଥିବା ଅନ୍ତର୍ଜାତୀୟ ସଂସ୍ଥାର ତଥ୍ୟ ଅନୁଯାୟୀ ଗତ ୨୦୧୫ ରୁ ଚଳିତ ୨୦୨୨ ମଧ୍ୟରେ ବିଶ୍ୱରେ ବାଘ ସଂଖ୍ୟାରେ ୪୦ ପ୍ରତିଶତ ବୃଦ୍ଧି ଘଟିଛି । ସାତ ବର୍ଷ ତଳେ ବିଶ୍ୱରେ ୩୨୦୦ ବାଘ ରହିଥିବା ବେଳେ ଚଳିତ ବର୍ଷ ୪୫୦୦କୁ ବୃଦ୍ଧି ପାଇଛି । ତେବେ ପ୍ରକାଶ ଯୋଗ୍ୟ ଯେ, ଗତ ୨୦୧୦ର ପ୍ରଥମ ବିଶ୍ୱ ବ୍ୟାଘ୍ର ଶିଖର ସମ୍ମିଳନୀର ନିର୍ଦ୍ଧାରଣ ଅନୁଯାୟୀ ୨୦୨୨ ସୁଦ୍ଧା ବାଘ ସଂଖ୍ୟା ୬୦୦୦ ହେବା କଥା । କିନ୍ତୁ ଏହି ଲକ୍ଷ୍ୟ କାହିଁକି ହାସଲ ହୋଇ ପାରିଲା ନାହିଁ, ସେ ନେଇ ଚଳିତ ବର୍ଷ ହେବାକୁ ଥିବା ଦ୍ୱିତୀୟ ବିଶ୍ୱ ବ୍ୟାଘ୍ର ଶିଖର ସମ୍ମିଳନୀରେ ସମୀକ୍ଷା କରାଯାଇ ବିହିତ ଯୋଜନା ପ୍ରସ୍ତୁତ ପାଇ ଧ୍ୟାନ ଦେବା ଜରୁରି ।

# ପ୍ରଗତିର ଲମ୍ବା ଯାତ୍ରାରେ ବିଏସ୍‌ଏନ୍‌ଏଲ୍

**ବିଷ୍ଣୁ ରଞ୍ଜନ ପାଣିଗ୍ରାହୀ,**
ମହାପ୍ରବନ୍ଧକ (ବିଏସଏନଏଲ),
ଭୁବନେଶ୍ୱର,
ମୋ : ୯୪୩୭୦୫୧୦୮୮

ଅସୁବିଧା ସମୟରୁ ମଣିଷ ଅନେକ ଶିକ୍ଷାଲାଭ କରିଥାଏ। କରୋନା ମହାମାରୀର ଦୁଇବର୍ଷ ଆମକୁ ଅନେକ ଶିକ୍ଷା ଦେଇଛି। ସଠିକ ସମୟରେ ସଠିକ ଓ ତ୍ୱରିତ ନିଷ୍ପତ୍ତି ଯଦିଓ ଦେଶର ଅର୍ଥନୀତିକୁ ସେତେଟା ପ୍ରଭାବିତ କରିପାରିନାହିଁ, ତେବେ କରୋନା କାଳରେ କିଛି ନିର୍ଦ୍ଦିଷ୍ଟ ଘଟଣା ଆମକୁ ଦୂରଦୃଷ୍ଟିପୂର୍ଣ୍ଣ ନିଷ୍ପତ୍ତି ନେବାକୁ କରିଛି ବାଧ। ଏହି କ୍ରମରେ ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରକୁ ଅଧିକ ମଜଭୁତ କରିବା ପାଇଁ ସରକାର ନେଇଛନ୍ତି ନିଷ୍ପତ୍ତି। କରେନା କାଳରେ ସ୍କୁଲ, କଲେଜ ବନ୍ଦ ଯୋଗୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହୋଇଥିଲା। ଅନଲାଇନ ପାଠ ପଢ଼ାକୁ ଗୁରୁତ୍ୱ ଦିଆଯାଇଥିଲା ବେଳେ ଅନେକ ଅଞ୍ଚଳରେ ଇଣ୍ଟରନେଟ ଓ ମୋବାଇଲ ସେବା ନଥିବା ଯୋଗୁ ଅସୁବିଧାରେ ପଡ଼ିଥିଲେ ଛାତ୍ରଛାତ୍ରୀ। କ୍ଷୁଦ୍ର ବ୍ୟବସାୟୀ ମଧ୍ୟ ହାତବାନ୍ଧି ବସିଥିଲେ ସୂଚନା ପ୍ରଯୁକ୍ତି ଜ୍ଞାନ ଓ ସୁବିଧାର ଅଭାବ ପାଇଁ। ଏବେ ସରକାର ସବୁ ଗାଁକୁ ୪-ଜି ମୋବାଇଲ ସେବା ଉପଲବ୍ଧ କରାଇବାର ନିଷ୍ପତ୍ତି ନେଇଛନ୍ତି। ସେହିପରି ବିଏସଏନଏଲକୁ ଲାଭକାରୀ ସଂସ୍ଥାରେ ପରିଣତ ପାଇଁ ନିଆଯାଇଛି ବଡ଼ ପଦକ୍ଷେପ।

ଯେତେବେଳେ ଭାରତୀୟ ବଜାରରେ ଜିଓର ଧମାକାଦାର ଏଣ୍ଟ୍ରି ହେଲା ସେତେବେଳେ ମାଗଣା ନେଟ ସୁବିଧା ପାଇଁ ଖୁସି ହେଉଥିଲେ ଗ୍ରାହକ। ଏବେ ଜିଓ ତା'ର ଅସଲ ରୂପ ଦେଖାଇବା ପରେ ଲୋକେ ପୁଣି ଫେରିବାକୁ ଯାଉଛନ୍ତି ସରକାରୀ ଟେଲିକମ ସେବା କମ୍ପାନୀ ଆଡ଼କୁ। ଜିଓର ପ୍ରବେଶ ପରେ ସବୁଠୁ ବଡ଼ କ୍ଷତି ସହିଥିଲା ବିଏସଏନଏଲ। ମାତ୍ର ବିଏସଏନଏଲ ଯେ ସବୁଠୁ ବିଶ୍ୱାସ ଓ ଭରସାଯୋଗ୍ୟ ସେବା ପ୍ରଦତ୍ତ କମ୍ପାନୀ ତାକୁ ଲୋକେ ଏବେ ବୁଝୁଛନ୍ତି। କମ୍ପାନୀ ପାଇଁ ପ୍ରସ୍ତୁତ କରାଯାଇଥିବା ପ୍ୟାକେଜରେ ୪୪ ହଜାର କୋଟି ଟଙ୍କା ନଗଦ ପାଣ୍ଠି ହୋଇଥିବାବେଳେ ବଳକା ୧.୨୦ ଲକ୍ଷ କୋଟି ଟଙ୍କା ହେଉଛି ଅଣ ନଗଦପାଣ୍ଠିର ସୁବିଧା ସୁଯୋଗ। ସେବାରେ ଉନ୍ନତି, ୪ଜି ସେବା ଆରମ୍ଭ କରିବା, ୯୦୦/୧୦୦୦ ମେଗାହର୍ଜ ସ୍ପେକ୍ଟ୍ରମ ଆବଣ୍ଟନ ପାଇଁ କମ୍ପାନୀକୁ ୪୪,୯୯୩ କୋଟି ଟଙ୍କାର ଇକ୍ୱିଟି ପାଣ୍ଠି ଦିଆଯିବ। ଆତ୍ମନିର୍ଭର ୪ଜି ନେଟୱାର୍କ ବିକଶିତ କରିବା ଲାଗି କମ୍ପାନୀକୁ ୪ ବର୍ଷରେ ୨୨,୪୭୧ କୋଟି ଟଙ୍କା ଦିଆଯିବ। ଆବଶ୍ୟକ ବାଣିଜ୍ୟିକ ସାଧନାର ଅଭାବ ସତ୍ତ୍ୱେ ସରକାରଙ୍କ ସାମାଜିକ ଲକ୍ଷ୍ୟ ପୂରଣ ଲାଗି ବିଏସଏନଏଲ ପକ୍ଷରୁ ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ ଲ୍ୟାଣ୍ଡଲାଇନ ସେବା ପ୍ରଦାନ କରାଯାଉଛି। ୨୦୧୪-୧୫ରୁ ୨୦୧୯-୨୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କମ୍ପାନୀ ପ୍ରଦାନ କରିଥିବା ଲ୍ୟାଣ୍ଡଲାଇନ ସେବାରେ ଯେଉଁ ପାଣ୍ଠିର ଅଭାବ ଦେଖାଦେଇଥିଲା ସେ ବାବଦରେ ସରକାର କମ୍ପାନୀକୁ ୧୩,୭୮୯ କୋଟି ଟଙ୍କା ଦେବେ। ଆଡଜଷ୍ଟେଡ ଗ୍ରସ ରେଭିନ୍ୟୁ ବକେୟା ପୁଞ୍ଜି ବ୍ୟୟ ବ୍ୟବସ୍ଥା ଏବଂ ସ୍ପେକ୍ଟ୍ରମ ଆବଣ୍ଟନ ପାଇଁ ବିଏସଏନଏଲର ପୁଞ୍ଜିକୁ ୪୦,୦୦୦ କୋଟି ଟଙ୍କାରୁ ବଢ଼ାଇ ୧,୫.୦୦୦ କୋଟି ଟଙ୍କା କରାଯିବ। ବିଏସଏନଏଲକୁ ଆର୍ଥିକ ସ୍ତରରେ ଦୃଢ଼ କରିବା ଲାଗି ସରକାର ସୋଭରେନ୍ ଗ୍ୟାରେଣ୍ଟି ପ୍ରଦାନ କରିବେ। କମ୍ପାନୀ ୪୦,୩୯୯ କୋଟି ଟଙ୍କାର ଦୀର୍ଘ ମିଆଦୀ ବଣ୍ଡ ହାସଲ କରିପାରିବ। କମ୍ପାନୀ ୩୩,୪୦୪ କୋଟି ଟଙ୍କାର ଏଜିଆର ବକେୟାକୁ ସରକାର ପରିଶୋଧ କରିବେ। ବିଏସଏନଏଲ ପକ୍ଷରୁ ସରକାରଙ୍କୁ ୭,୫୦୦ କୋଟି ଟଙ୍କାର ଅଂଶଧନ ପୁନଃ ଜାରି କରାଯିବ। ଦେଶର ଅପହଞ୍ଚ ଅଞ୍ଚଳରେ ୪ଜି ମୋବାଇଲ ସେବା ପହଞ୍ଚାଇବା ଲାଗି ପ୍ରସ୍ତୁତ କରାଯାଇଥିବା ୨୩,୩୧୭ କୋଟି ଟଙ୍କା ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରାଯାଇଛି। ପାଞ୍ଚଟି ରାଜ୍ୟର ୪୪ଟି ଆକାଂକ୍ଷୀ ଜିଲ୍ଲାରେ ଥିବା ୭୨୮୭ଟି ଅପହଞ୍ଚ ଇଲାକାରେ ୪ଜି ମୋବାଇଲ ସେବା ପହଞ୍ଚାଇବା ଲାଗି ଗତବର୍ଷ ସରକାର ଏହି ଯୋଜନା ପ୍ରସ୍ତୁତ କରିଥିଲେ। ଏହି ଯୋଜନାରେ ଦେଶରେ ଉପାନ୍ତ ଏବଂ ଅପହଞ୍ଚ ଇଲାକାରେ ଥିବା ୨୪ ହଜାର ୬୮୦ଟି ଗାଁକୁ ୪ଜି ମୋବାଇଲ ସେବା ଯୋଗାଇ ଦିଆଯିବ। ଥଇଥାନ, ନୂଆ ବସତି ସ୍ଥାପନ, ବର୍ତ୍ତମାନର ପରିଚାଳକମାନଙ୍କ ଦ୍ୱାରା ସେବା ପ୍ରତ୍ୟାହାର ଆଦି କାରଣ ପାଇଁ ୨୦% ଅତିରିକ୍ତ ଗାଁକୁ ଏହି ପ୍ରକଳ୍ପ ଅଧୀନରେ ସାମିଲ କରାଯିବାର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ କେବଳ ୨ଜି/୩ଜି ମୋବାଇଲ ସେବା ରହିଥିବା ୬୨୭୯ଟି ଗାଁରେ ମୋବାଇଲ ସେବାକୁ ୪ଜିକୁ ଉନ୍ନତୀକରଣ କରାଯିବ। ବିଏସଏନଏଲ ଦ୍ୱାରା ଆତ୍ମନିର୍ଭର ଭାରତ ୪ଜି ପ୍ରଯୁକ୍ତି ବ୍ୟବସ୍ଥାକୁ ଉପଯୋଗ କରାଯାଇ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ।

ଇତିମଧ୍ୟରେ ବିଏସଏନଏଲର ପୁନରୁତ୍ଥାନ ପାଇଁ ୧.୬୪ ଲକ୍ଷ କୋଟିର ପ୍ୟାକେଜ ମଞ୍ଜୁର କରାଯାଇଛି। ଏଥିସହ ବିଏସଏନଏଲ ଏବଂ ବିବିଏନଏଲର ମିଶ୍ରକୁ ମିଳିଛି ମଞ୍ଜୁରୀ। ଏହାଦ୍ୱାରା ବିବିଏନଏଲର ଦେଶବ୍ୟାପୀ ୫.୬୭ ଲକ୍ଷ କିଲୋମିଟର ଅପ୍ଟିକାଲ ଫାଇଭର ଆସିବ ବିଏସଏନଏଲ ନିୟନ୍ତ୍ରଣକୁ। ସେହିପରି ଅଦ୍ୟାବଧି ଯେଉଁ ୨୯୬୧୬ ଗାଁକୁ ମୋବାଇଲ ସଂଯୋଗ ପହଞ୍ଚି ପାରିନାହିଁ ସେଠାକୁ ଗୁରୁତ୍ୱ ଦେଇ ୨୬୩୧୬ କୋଟିର ପ୍ୟାକେଜ ଘୋଷଣା ହୋଇଛି। ୨୪୬୮୦ ଗାଁକୁ ମିଳିବ ୪-ଜି ମୋବାଇଲ ସେବା। ଅର୍ଥାତ୍ ଦେଶର ପ୍ରତି କୋଣଅନୁକୋଣରେ ମୋବାଇଲ ସେବାକୁ ପହଞ୍ଚାଇବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ବର୍ତ୍ତମାନ ସମୟରେ ମୋବାଇଲ ଏବଂ ଇଣ୍ଟରନେଟର ଆବଶ୍ୟକତା ବେଶ ଅଧିକ। ତେବେ ଭୌଗୋଳିକ ଦୃଷ୍ଟିକୋଣ ଏବଂ ଅନ୍ୟ କାରଣରୁ ଏହି ସୁବିଧା ସମସ୍ତେ ପାଇପାରୁନାହାଁନ୍ତି। ସମସ୍ତଙ୍କ ସୁବିଧା ପାଇଁ ବିଏସଏନଏଲ ଏକ ଗୁରୁତ୍ୱପୂର୍ଣ୍ଣ ଓ ପ୍ରମୁଖ ଭୂମିକା ନେବ ଏଥିରେ ସନ୍ଦେହ ନାହିଁ। ୨୦୧୦ରୁ ବିଏସଏନଏଲ କ୍ଷତିରେ ପଡ଼ିବା ଆରମ୍ଭ ହେଲା। ୨୦୨୦-୨୧ରେ ଏହାର କ୍ଷତି ପରିମାଣ ଥିଲା ୭୪୪୧ କୋଟି। ଯାହା ୨୦୧୯-୨୦ କ୍ଷତିର ଅଧା। ସରକାର ନିୟମିତ ବିଏସଏନଏଲକୁ ଲାଭଦାୟକ ସଂସ୍ଥାରେ ପରିଣତ କରିବା ପାଇଁ ଉଦ୍ୟମ କରୁଛନ୍ତି। ଦୁଇବର୍ଷ ଭିତରେ ବିଏସଏନଏଲକୁ ଲାଭଜନକ ସଂସ୍ଥାରେ ପରିଣତ କରିବାର ଦୃଢ଼ ନିଷ୍ପତ୍ତି ନିଆଯାଇଛି। ତେବେ ଅନେକଙ୍କ ମନରେ ପ୍ରଶ୍ନ ପ୍ରୋତ୍ସାହନ ପ୍ୟାକେଜ ଦେଇଦେଲେ ପୁନରୁଦ୍ଧାର ହୋଇପାରିବ କି ବିଏସଏନଏଲର? ୨୦୧୯ରେ କ୍ୟାବିନେଟ ବିଏସଏନଏଲ ଏବଂ ଏମଟିଏନଏଲର ପୁନରୁଦ୍ଧାର ପାଇଁ ୭୦ ହଜାର କୋଟି ପ୍ୟାକେଜ ଘୋଷଣା କରିଥିଲା। ଏହା ପରଠାରୁ ବିଏସଏନଏଲର ସ୍ଥିତି ପରିବର୍ତ୍ତନ ନିଶ୍ଚିତ ଆସିଛି। ଭାରତ ସଞ୍ଚାର ନିଗମ ଲିମିଟେଡ ପକ୍ଷରୁ ବର୍ଷକ ଭିତରେ ଅପହଞ୍ଚ ଇଲାକା ସମେତ ଗ୍ରାମାଞ୍ଚଳରେ ୪ଜି ମୋବାଇଲ ସେବା ଆରମ୍ଭ କରାଯିବ। ଆତ୍ମନିର୍ଭର ଭାରତ ସ୍କିମ୍ ଅଧୀନରେ ବିବିଏସ୍ ପକ୍ଷରୁ ବିକଶିତ କରାଯାଇଥିବା ବ୍ୟବସ୍ଥାକୁ ବ୍ୟବହାର କରି ୪ଜି ସେବା ପ୍ରଦାନ କରାଯିବ। ସେହିପରି ଓଡ଼ିଶାର ଅଧିକରୁ ଅଧିକ ଗ୍ରାମରେ ପହଞ୍ଚିବା ଲାଗି କମ୍ପାନୀ ପକ୍ଷରୁ ୧୨,୦୦୦ କିମି ଅପ୍ଟିକାଲ ଫାଇବର ବିଛାଯିବ। ବର୍ତ୍ତମାନ ସୁଦ୍ଧା ୧୭୦୦୦ କିଲୋମିଟର ଅପ୍ଟିକାଲ ଫାଇବର କେବୁଲ ବିଛାଇ ସାରିଛି। ଓଡ଼ିଶାରେ ମୋବାଇଲ ଗ୍ରାହକଙ୍କ ମଧ୍ୟରେ ବିଏସଏନଏଲର ୨୦ ପ୍ରତିଶତ ବଜାର ଅଂଶ ରହିଛି। କେନ୍ଦ୍ର ସରକାର ମଞ୍ଜୁର କରିଥିବା ୧.୬୪ ଲକ୍ଷ କୋଟି ଟଙ୍କାର ପୁନରୁଦ୍ଧାର ପ୍ୟାକେଜ ବିଏସଏନଏଲକୁ ଏହାର ନେଟୱାର୍କକୁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବଢ଼ାଇବାରେ ସହାୟକ ହେବ। ଘରୋଇ କମ୍ପାନୀଗୁଡ଼ିକ ସହ ଏହା ପ୍ରତିଦ୍ୱନ୍ଦ୍ୱିତା କରିପାରିବ। ପାଣ୍ଠି ଅଭାବ ଯୋଗୁଁ କମ୍ପାନୀ ଏହାର ନେଟୱାର୍କ ସମ୍ପ୍ରସାରଣ କରିପାରୁନଥିଲା। ନୂଆ ପାଣ୍ଠି ଦ୍ୱାରା କମ୍ପାନୀ ଏହାର ଅପ୍ଟିକାଲ ଫାଇବର ଓ ମୋବାଇଲ ନେଟୱାର୍କକୁ ଅଧିକ ଗ୍ରାମ ଓ ସହରରେ ପହଞ୍ଚାଇପାରିବ। ଏହାଦ୍ୱାରା ଲୋକାମାନେ ଉନ୍ନତ ସେବା ପାଇପାରିବେ ଓ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ। ଗତବର୍ଷ ବିଏସଏନଏଲର ଫଳାଫଳ ମଧ୍ୟ ଉତ୍ସାହଜନକ ଥିଲା। ତେଣୁ ଆଉ କିଛି ସହଯୋଗ ଓ ପ୍ରୋତ୍ସାହନ ମାଧ୍ୟମରେ ବିଏସଏନଏଲର ମୂଳଦୁଆକୁ ମଜଭୁତ କରିବା ପାଇଁ ପୁଣିଥରେ ୧.୬୪ ଲକ୍ଷ କୋଟିର ପ୍ୟାକେଜ ଘୋଷଣା ସ୍ୱାଗତ ଯୋଗ୍ୟ। ତେବେ ଏହି ଲକ୍ଷ ସେତେବେଳେ ସଫଳ ହେବ ଯେତେବେଳେ ବିଏସଏନଏଲ କର୍ମଚାରୀ ଓ ଅଧିକାରୀମାନେ ଏହାକୁ ନିଜର ବୋଲି ଭାବି ଦାୟିତ୍ୱ ନିର୍ବାହ କରିବେ। ଘରୋଇ କମ୍ପାନୀର ଲାଭଖୋର ଏବଂ ଲୁଟ ମନୋବୃତ୍ତିକୁ ଭଲ ଭାବେ ବୁଝି ସାରିଲେଣି ଗ୍ରାହକ। ତେଣୁ ସେମାନଙ୍କ ଭରସା ବିଏସଏନଏଲ ଉପରେ ବଢ଼ିବା ଆରମ୍ଭ ହୋଇଛି। ଆଉ ଏହି ସମୟରେ ସରକାରଙ୍କ ପ୍ରୋତ୍ସାହନ, କର୍ମଚାରୀ ଓ ଅଧିକାରୀଙ୍କ ଗ୍ରାହକ ସେବା ମନୋବୃତ୍ତି ନିଶ୍ଚିତ ଭାବେ ବିଏସଏନଏଲକୁ ପୁଣି ଥରେ ସେହି ବିଶ୍ୱାସ ଓ ଭରସାର ସ୍ଥାନରେ ରଖିବ ଏଥିରେ ସନ୍ଦେହ ନାହିଁ।




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ଗ୍ରାମପଞ୍ଚାୟତର ତରାଣ୍ଡୋସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଇକୋ କ୍ଲବ ଆନୁକୂଲ୍ୟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଆଶୁତୋଷ ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଚାରାରୋପଣ କାର୍ଯ୍ୟକ୍ରମରେ ବାରୋ ପଞ୍ଚାୟତର ସରପଞ୍ଚ ଗୋପୀନାଥ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷର ଚାରା ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସମିତି ସଭ୍ୟ ସୁଶାନ୍ତ କୁମାର ପରିଡ଼ା, ଗଙ୍ଗାଧର ମହାନ୍ତିଙ୍କ ସମେତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ସମେତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।



# ବେଆଇନ କରତକଳ ପାଲଟିଛି କୁଟୀର ଶିଳ୍ପ



କାକଟପୁର, (ଭାସ୍କର ନ୍ୟୁଜ): ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଚାଲିଛି ୨୫ରୁ ଊର୍ଦ୍ଧ୍ୱ ବେଆଇନ କରତକଳ । ସଂରକ୍ଷିତ ଜଙ୍ଗଲସହିତ କେଉଁ ଆବାହମାନ କାଳରୁ ପ୍ରକୃତି ସୃଷ୍ଟି କରିଥିବା ଗୋଲରାଗଡ଼, ଗଡନୟରଛଡାର ଶହ ଶହ ଏକର ଜମିରେଥିବା ମୂଲ୍ୟବାନ ଗଛର ଘଞ୍ଚ ଜଙ୍ଗଲ ଓ ଅଭୟାରଣ୍ୟରୁ ଦିନ ରାତି କାଠ ଚୋରି ହେଉଛି । ଜଙ୍ଗଲ ସହ ବିଭିନ୍ନ ଲୋକର ବାଡ଼ି ବଗିଚାରୁ ଜୀବନ୍ତ ଗଛ ଗୁଡିକ କାଟି ପଦା କରିଦେଉଛନ୍ତି କାଠ ମାଫିଆ । ଅନଧିକୃତ କରତକଳ ଗୁଡିକ ବନ୍ଦ କରିବା ପରିବର୍ତ୍ତେ ଲୋକ ଦେଖାଣିଆ ଭାବେ ଚଢ଼ାଉ କରୁଛି କାକଟପୁର ବ୍ଲକ ଅଧିନସ୍ଥ ପାଣିଛତ୍ର ଠାରେ ଥିବା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ । କାଠ ମାଫିଆଙ୍କ କଥା ଛାଡ଼, ଖୋଦ ଏହି ବିଭାଗର ଜନୈକ ବନଅଧିକାରୀ ଗତ ତିନି ବର୍ଷ ତଳେ ଏହି ବିଭାଗ ଅଧିନରେ ଥିବା ଟଭାଗୋଲରାଗଡ଼ ମେଘା ନର୍ସରୀରୁ ୫୦ରୁ ଊର୍ଦ୍ଧ୍ୱ ବଡ଼ବଡ଼ ଜୀବନ୍ତ ଆକାଶୀ ଗଛ କାଟି କାଠ ମାଫିଆଙ୍କ ସହାୟତାରେ ବାହାରେ ବିକ୍ରି କରିଥିବା ଅଭିଯୋଗରେ ବନଅଧିକାରୀ ଚାକିରିରୁ ନିଲମ୍ବିତ ହୋଇଥିବା ବେଳେ ଫରେଷ୍ଟର ଜଣକ ଅତି ଚତୁରତାର ସହ ଖସି ଯାଇଥିବା ଘଟଣାର ନଜିର ରହିଛି । ବର୍ତ୍ତମାନ ବିଭିନ୍ନ ଅଞ୍ଚଳରୁ ଯେଉଁ ଅବାଧ ଗଛ କଟା ଚାଲିଛି ଏହି ରାକେଟରେ କେତେକ ରାଜନେତା, ବନକର୍ମଚାରୀ, କରତକଳ ମାଲିକ ଏବଂ କାଠ ମାଫିଆ ସଂପୃକ୍ତ ଥିବା ଅଭିଯୋଗ ହେଉଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉଲଂଘନକରି ଜଙ୍ଗଲଠାରୁ ୧୦ କିମି ମଧ୍ୟରେ କାକଟପୁର ଅସ୍ତରଙ୍ଗ ଅଞ୍ଚଳରେ ୨୫ରୁ ଊର୍ଦ୍ଧ୍ୱ କରତକଳ ରହିଛି । କାଠ ଚୋରି ସମେତ ଗଛ କଟା ବୃଦ୍ଧି ଯୋଗୁଁ ଉପରୋକ୍ତ ବ୍ଲକ ଅଞ୍ଚଳରେ ଥିବା ଘଞ୍ଚ ଜଙ୍ଗଲ ବେଳକୁ ବେଳ ହ୍ରାସ ଘଟି ବନ୍ୟପ୍ରାଣୀ ଏବେ ଗାଁ ମୁହାଁ ହେଲଣି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାଇ ଲାଇସେନ୍ସ ପ୍ରାପ୍ତ କରତକଳ ଗୁଡିକୁ ସ୍ୱତନ୍ତ୍ର ଶିଳ୍ପାଞ୍ଚଳରେ ଥଇଥାନ କରିବା ପରିବର୍ତ୍ତେ ବନବିଭାଗର ପରୋକ୍ଷ ସହାୟତାରେ ବେଆଇନ କରତକଳ ଗୁଡିକ କାକଟପୁର, ଅସ୍ତରଙ୍ଗ ଅଞ୍ଚଳରେ କୁଟୀର ଶିଳ୍ପରେ ପରିଣତ ହୋଇଛି । ଅସ୍ତରଙ୍ଗରୁ କାକଟପୁର ଓ କାକଟପୁରରୁ ଚାରିଛକ ମୁଖ୍ୟ ରାସ୍ତା କଡରେ ଛତୁଫୁଟିବା ଭଳି ଠାଆକୁ ଠାଆ ବେଆଇନ କରତକଳ ଦିନ ରାତି କାଠ କାଟୁଥିବାବେଳେ, କେନ୍ଦ୍ରାପାଟି, ଜଳେଶ୍ୱରପଡା, ତାଳଦା, କୁଣ୍ଢେଇ, ଶୁକପୋଖରୀ ସହ ଅସ୍ତରଙ୍ଗର କୁହୁଡି ଛକ ଓ ବିଭିନ୍ନ ଗ୍ରାମାଞ୍ଚଳରେ ଏକାଧିକ ବେଆଇନ କରତକଳ ରହିଛି । ଏହି ବେଆଇନ କରତକଳ ଗୁଡିକ ମଧ୍ୟରୁ କେତେକ କରତକଳକୁ ବେଆଇନଭାବେ ଚୋରାରେ ବିଦ୍ୟୁତ୍ ସଂଯୋଗ ମଧ୍ୟ କରାଯାଇଥିବାର ଅଭିଯୋଗ ସ୍ଥାନୀୟ ଗ୍ରାମବାସୀଙ୍କ ଠାରୁ ଶୁଣିବାକୁ ମିଳୁଛି । କାଠ ମାଫିଆଙ୍କ ମାଧ୍ୟମରେ ପ୍ରତ୍ୟେକଦିନ ଉପରୋକ୍ତ ଅଞ୍ଚଳରେ ଥିବା କରତକଳ ଗୁଡିକ ନିକଟକୁ ଟ୍ରାକ୍ଟର ମାଧ୍ୟମରେ ଟ୍ରିପ ଟ୍ରିପ ଚୋରାକାଠ ଯାଉଛି ଏବଂ କାଠ ଚିରା ହୋଇ ରାଜ୍ୟ ତଥା ରାଜ୍ୟ ବାହାରକୁ ଚଲାଣ ହେଉଛି । ବ୍ଲକ ଅଞ୍ଚଳରେ ଥିବା ସଂରକ୍ଷିତ, ଅଣସଂରକ୍ଷିତ, ଗ୍ରାମ୍ୟଜଙ୍ଗଲ, ବେଳାଭୂମି ଜଙ୍ଗଲରୁ ନିୟମିତ ଜୀବନ୍ତ ଗଛ କଟାଯାଉଛି । ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ବିଭିନ୍ନ ସମୟରେ ଲୋକଦେଖାଣିଆ ଭାବେ କେତେକ କରତକଳ ଉପରେ ଚଢ଼ଉ କରାଯାଇ କାଠ ଚିରା ମେସିନ ସମେତ କେତେକ ଯାଗାରୁ କାଠ ଜବତ କରିଥିଲେ ମଧ୍ୟ କରତକଳ ମାଲିକ ପରିବର୍ତ୍ତେ କରତକଳରେ କାମକରୁଥିବା ଦିନ ମଜୁରିଆମାନଙ୍କ ନାମରେ ମାମଲା ରୁଜୁ କରାଯାଉଛି । ପାଣିଛତ୍ର ନିକଟରେ ଥିବା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଅଭିଯୋଗ ସଂପର୍କରେ ତାଙ୍କ ପ୍ରତିକ୍ରିୟା ନେବାକୁ ବାରମ୍ବାର ଚେଷ୍ଟାକରା ଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ ।

# ଦାନା ପାଇଁ ଦଉଡ଼ି ଖେଳ







ଭଞ୍ଜନଗର, (ଭାସ୍କର ନ୍ୟୁଜ):ବୟସ, ମାତ୍ର ବାର ବର୍ଷ । ଦଉଡି ଉପରେ ବିପଦ ସଙ୍କୁଳ ଖେଳ । ଚାରିପଟେ ଭରପୁର ଦର୍ଶକ, ତାର ମଝିରେ ଦଉଡ଼ି ଖେଳ । ଦେଖଣାହାରୀ, ଯାହା ହାତଟେକି ଦିଅନ୍ତି, ସେତକରେ ଦାନା ଯୋଗାଡ ହୁଏ, ପରିବାରର । ଗୋଟିଏ ସ୍ଥାନରେ ଖେଳ ସରିଗଲେ, ପୁଣି ସଜବାଜ ହେବାକୁ ପଡ଼େ ଅନ୍ୟ ଏକ ଜନଗହଳିପୂର୍ଣ୍ଣ ସ୍ଥାନକୁ । ଯେଉଁଠି ସଞ୍ଜ ହୁଏ, ସେଠି ଘର ବସେ । ପରଦିନ ସକାଳୁ ପୁଣି ଖୋଜାପଡେ, ଲୋକ ଗହଳି ସ୍ଥାନ । ଏମିତି ଗୋଟିଏ ପରେ ଗୋଟିଏ ସ୍ଥାନରେ ଖେଳ ଦେଖାଇ ପେଟ ପୋଷନ୍ତି, ଛତିଶଗଡ଼ରୁ ଓଡ଼ିଶା ଆସି ବିପଦଶଙ୍କୁଳ ଖେଳ ପ୍ରଦର୍ଶନ କରୁଥିବା, କିଛି ପରିବାର । ଯାଯାବର ଜୀବନ ବିତାଉଥିବା ଏହି ଛତିଶଗଡି ପରିବାର, ଏବେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଗାଁକୁ ବୁଲି ଏଭଳି ଖେଳ ଦେଖାଉଛନ୍ତି । ଲୋକେ ଏହି ଖେଳକୁ କିଛି ସମୟ ପାଇଁ, ଉତ୍ସୁକତାର ସହ ଦେଖନ୍ତି ସତ, ହେଲେ ଏଭଳି ବିପଦଶଙ୍କୁଳ ଖେଳ ପ୍ରଦର୍ଶନ ପ୍ରତି କୌଣସି କଟକଣା ରହୁନଥିବା ଦେଖିବାକୁ ମିଳିଛି । ଛତିଶଗଡରୁ ଆସିଥିବା, ପରିବାରର ୧୨ ବର୍ଷର ଝିଅ ରୋସନ୍ ରାଣୀ । ଗଲା ୩ ବର୍ଷ ଧରି ଦଉଡ଼ି ଉପରେ ଖେଳ ପ୍ରଦର୍ଶନ କରୁଛି । ୫ମ ଶ୍ରେଣୀରେ ପାଠପଢୁଛି, ହେଲେ ପରିବାର ଲୋକେ ତାକୁ ତାଲିମ ଦେଇ, ଏଭଳି ଖେଳ ଦେଖାଇବାକୁ ସାଥିରେ ନେଇ ବିଭିନ୍ନ ସ୍ଥାନ ବୁଲୁଛନ୍ତି । ଏଭଳି ଖେଳରେ ବିପଦ ଥିଲେ ମଧ୍ୟ, ଅଭ୍ୟାସ ଯୋଗୁଁ ଏହା ସମ୍ଭବ ହୋଇପାରୁଛି ବୋଲି, ରୋଷନ୍ ରାଣୀ କହୁଛି । କେବଳ ପରିବାରର ରୋଜଗାର ପାଇଁ, ଏଭଳି ବିପଦପୂର୍ଣ୍ଣ ଖେଳକୁ, ଆପଣେଇବାକୁ ପଡୁଛି ବୋଲି, ସାଥିରେ ଥିବା ପରିବାର ଲୋକେ, ଗଣମାଧ୍ୟମ ଆଗରେ କହିଛନ୍ତି । ଯଦି ସେମାନଙ୍କୁ କୌଣସି ପ୍ରକାରେ, ସାହାଯ୍ୟ ଓ ସହଯୋଗ ମିଳନ୍ତା, ତା'ହେଲେ ଏଭଳି ଜୀବିକା ଠାରୁ ସେମାନେ ଦୂରରେ ରହି, ଅନ୍ୟ ରୋଜଗାର ପନ୍ଥା ଆପଣାଇଥାନ୍ତେ ବୋଲି, ଦେଖୁଥିବା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

# ନୃଶଂସ ସାଜିଲା ମା': ଝିଅ ଉପରେ ପକାଇଲା ଗରମ ତେଲ

ଟାଙ୍ଗୀ/ଚୌଦ୍ୱାର, (ଭାସ୍କର ନ୍ୟୁଜ): ଟାଙ୍ଗୀ ଥାନା ଅନ୍ତର୍ଗତ କଏରାପାରି ଗ୍ରାମରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା । ଦ୍ୱିତୀୟ ସ୍ୱାମୀଙ୍କ ପାଇଁ ନିଜ ଝିଅ ଉପରେ ଗରମ ତେଲ ଫୋପାଡ଼ି ଗୁରୁତର କରିଥିବା ଏକ ନୃଶଂସ ମା'କୁ ବାନ୍ଧି ଜେଲ ପଠାଇଛି ଟାଙ୍ଗୀ ପୋଲିସ । ସୂଚନା ମୁତାବକ ଟାଙ୍ଗୀ ଥାନା ଅନ୍ତର୍ଗତ କଏରାପାରି ଅଞ୍ଚଳରେ ଭଡାରେ ରୁହନ୍ତି ଆବାସ ରଞ୍ଜନ ଜେନା ଓ ତାଙ୍କ ପତ୍ନୀ ସନ୍ଧ୍ୟାରାଣୀ । ଗତକାଲି ସନ୍ଧ୍ୟାରେ ସନ୍ଧ୍ୟାରାଣୀ ତାଙ୍କ ଝିଅ ଉପରକୁ ଗରମ ତେଲ ଫୋପାଡ଼ି ଗୁରୁତର କରିଥିବା ନେଇ ଭଡାଘର ମାଲିକ ଭଟିମୁଣ୍ଡା ଗ୍ରାମର ସଞ୍ଜୟ ସାହୁ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଟାଙ୍ଗୀ ପୋଲିସ ଗୁରୁତର ଅବସ୍ଥାରେ ସନ୍ଧ୍ୟାରାଣୀଙ୍କ ଝିଅକୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଥିଲା । ଆଜି ପୋଲିସ ଅଭିଯୁକ୍ତ ମା' ସନ୍ଧ୍ୟାରାଣୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସୂଚନା ମୁତାବକ ସନ୍ଧ୍ୟାରାଣୀ ପୂର୍ବରୁ ଢେଙ୍କାନାଳ ଅଞ୍ଚଳରେ ବିବାହ କରିଥିଲେ ଓ ତାଙ୍କର ଝିଅଟିଏ ରହିଛି । ପାରିବାରିକ କଳହ ହେତୁ ସ୍ୱାମୀଙ୍କୁ ଛାଡି ସନ୍ଧ୍ୟାରାଣୀ ଟାଙ୍ଗୀ ପଳାଇ ଆସିଥିଲେ । ଟାଙ୍ଗୀରେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ସନ୍ଧ୍ୟାରାଣୀଙ୍କ ଆବାସଙ୍କ ସହିତ ପ୍ରେମ ସମ୍ପର୍କ ହେବାପରେ ତାଙ୍କୁ ବିବାହ କରି ଏକାଠି ରହୁଥିଲେ । ପରେ ତାଙ୍କର ପୁଅଟିଏ ଜନ୍ମ ହୋଇଥିଲା । କିଛିଦିନ ହେବ ଝିଅକୁ ଅଜା ଆଇଙ୍କ ପାଖରୁ ଆଣି ସନ୍ଧ୍ୟାରାଣୀ ନିଜ ପାଖରେ ରଖିଥିଲେ । ତେବେ ଝିଅ ସହିତ ତାଙ୍କ ଦ୍ୱିତୀୟ ସ୍ୱାମୀ ଅନୈତିକ ସମ୍ପର୍କ ରଖୁଥିବା ଜାଣିବା ପରେ ସେ ଏଭଳି ନୃଶଂସ କାମ କରିଥିବା ସନ୍ଧ୍ୟାରାଣୀ ପୋଲିସ ଆଗରେ ପ୍ରକାଶ କରିଛନ୍ତି । ନାବାଳିକା ଝିଅଟି ସୁସ୍ଥ ହେବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଟାଙ୍ଗୀ ଥାନାଅଧିକାରୀ ସୂଚନା ଦେଇଛନ୍ତି ।

# ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବି

ଛତ୍ରପୁର, (ଭାସ୍କର ନ୍ୟୁଜ): ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡମାଧପୁର ଗ୍ରାମର ୪ ଗୋଟି ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ସାଡି ଶାରଦା ରେଡ୍ଡୀ । ବଡମାଧପୁର ଗ୍ରାମର ଉଠା ଜଳସେଚନ ପ୍ରକଳ୍ପ ନଂ୩, ୮, ୧୧ ଓ ବଡମାଧପୁର ଉଧୁପୁରନାଳ ପ୍ରକଳ୍ପ ନଂ୩ ଆଦି ପ୍ରକଳ୍ପ ଦୀର୍ଘ ବର୍ଷ ଧରି ଅଚଳ ଅବସ୍ଥାରେ ପଡ଼ିରହିଛି । ଯାହା ଫଳରେ କି ଚଳିତ ବର୍ଷ ଖରିଫ ଋତୁରେ ବର୍ଷା ଅଭାବରୁ ଚାଷକାର୍ଯ୍ୟ ହୋଇ ପାରୁନାହିଁ । ଧାନ ତଳି ଓ ପନିପରିବା ଆଦି ନଷ୍ଟ ହୋଇଗଲାଣି । ଜଳସେଚନର ବ୍ୟବସ୍ଥା ନ ହୋଇ ପାରିବାରୁ ଚାଷୀମାନେ ବହୁ କ୍ଷତି ସହୁଛନ୍ତି ବୋଲି ଉପାଧ୍ୟକ୍ଷା ଶ୍ରୀମତୀ ରେଡ୍ଡୀ କହିଛନ୍ତି । ଏନେଇ ଗୁରୁବାର ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ବ୍ଲକ ଉପାଧ୍ୟକ୍ଷା ଶ୍ରୀମତୀ ରେଡ୍ଡୀ ।

# ମଧ୍ୟାହ୍ନ ଭୋଜନ ପାଇଁ ଜଙ୍ଗଲରୁ କାଠ ବୋହିଲେ ଛାତ୍ରଛାତ୍ରୀ







କରଞ୍ଜିଆ, (ଭାସ୍କର ନ୍ୟୁଜ): ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି । ହେଲେ ସୀମାନ୍ତ ଅଞ୍ଚଳରେ ଏହି ଯୋଜନା ଅପହଞ୍ଚ । ବିଦ୍ୟାଳୟରେ ଛାତ୍ର ଛାତ୍ରୀମାନେ ନାଚିଗାଇ ପାଠ ପଢିବା ବଦଳରେ ମଧ୍ୟାହ୍ନ ଭୋଜନ ପାଇଁ ଜଙ୍ଗଲରୁ କାଠ ସଂଗ୍ରହ କରି ବିଦ୍ୟାଳୟକୁ ଆଣୁଛନ୍ତି । ଯାହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି । ଏ ଭିଡିଓଟି ହେଉଛି ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକର ନିମାଇଁ ପୋଖରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର, ଏ ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ କହିଥିଲେ ମୁଁ ଗତକାଲି ଛୁଟିରେ ଥିଲି । ବିଦ୍ୟାଳୟରେ ଗ୍ୟାସ ଏବଂ କାଠ ନଥିବାରୁ ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଫୁଲ୍ଲ ସାହୁ ଜଙ୍ଗଲକୁ କାଠ ଆଣିବାକୁ କହିଥିଲେ ବୋଲି ପ୍ରକାଶ କରିଛନ୍ତି । ସେପଟେ ରରୁଆଁ ଗୋଷ୍ଠୀ ଶିକ୍ଷାଅଧିକାରୀ ସିଆର୍‌ସିସି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିକ୍ରିୟା ରଖିଥିଲା ବେଳେ ଛୋଟ ଛୋଟ ପିଲା ବିପଦପୂର୍ଣ୍ଣ ଜଙ୍ଗଲରୁ କାଠ ଆଣିବା ସମୟରେ ଯଦି କିଛି ଅଘଟଣ ଘଟିଥାନ୍ତା ତାହେଲେ କିଏ ଉତ୍ତର ଦାୟୀ ହୁଅନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚାରାରୋପଣ



ବାଲିପାଟଣା, (ଭାସ୍କର ନ୍ୟୁଜ): ବୃକ୍ଷ ଆମର ଜୀବନ ଅଟେ ବୃକ୍ଷ ଠାରୁ ଆମେ ବହୁତ୍ କିଛି ଉପକାର ପାଇଥାଉ, ସବୁଠୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ହେଲା ମନୁଷ୍ୟ ପାଇଁ ଅମ୍ଳଜାନ ଯାହାକି ଆମେ ବୃକ୍ଷଠାରୁ ହିଁ ପାଇ ଥାଉ । ଆଜିକାଲିର ମଣିଷ ସମାଜ ନିଜର ଆବଶ୍ୟକତାକୁ ଭରଣ କରିବା ପାଇଁ ବୃକ୍ଷ ଗୁଡ଼ିକୁ କାଟି ଦେଉଛି ଫଳରେ ବାୟୁ ମଣ୍ଡଳରେ ଅମ୍ଳଜାନର ପରିମାଣର କ୍ରମେ ହ୍ରାସ ପାଇବାରେ ଲାଗିଛି ଏହାର ଭରଣ ନିମନ୍ତେ ଏକମାତ୍ର ଉପାୟ ହେଉଛି ଚାରାରୋପଣ । ସେହି ମହାନ୍ କାମ ଆଜି ବାଲିପାଟଣା ଅଞ୍ଚଳରେ ଦେଖିବକୁ ମିଳିଛି । ଘଟଣା କ୍ରମରେ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ବିଶ୍ୱନାଥପୁରର ସରସ୍ୱତୀ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଆଜି ଏକ ଚାରାରୋପଣ କାର୍ଯ୍ୟକର୍ମ ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସଭାପତି ଡ଼ଃ ଆଦିତ୍ୟ କୁମାର ପାତ୍ର, ସଂପାଦକ ରବୀନ୍ଦ୍ର କୁମାର ମିଶ୍ର, ଉପସଭାପତି ପଦ୍ମନାଭ ସାମଲ, ଉସାମଣୀ ମହାନ୍ତି, ନରେନ୍ଦ୍ର ସାହୁ, ରାଧାନାଥ ସାମନ୍ତ ରାୟ, ରାଜକିଶୋର ସାହୁ, ଶାନ୍ତିଲତା ସାହୁ, ମଧୁସ୍ମିତା ଦାସ, ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସୁଶ୍ରୀ ସଂଗୀତା ପଣ୍ଡା, ବିଦ୍ୟାଳୟ ସଂପାଦକ ଷୌଭାଗ୍ୟ କୁମାର ମିଶ୍ର, ସଂଯୋଜକ ପ୍ରଫୁଲ୍ଲ କୁମାର ସାଠୁଆ ତଥା ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ । ଡ଼ଃ ଅଦୈତ୍ୟ କୁମାର ପାତ୍ର ଛାତ୍ର ଛାତ୍ରୀମାନଙ୍କୁ ଚାରାରୋପଣ ବିଷୟରେ ବିଶେଷ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକର୍ମକୁ ସଫଳ କରିବାରେ ସମସ୍ତ ଗୁରୁମା ଗୁରୁଜୀ ତଥା ଛାତ୍ର ଛାତ୍ରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ସାପ କାମୁଡ଼ାରେ ମହିଳା ମୃତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ):ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ସରସଦା ପଞ୍ଚାୟତ ନେନ୍ତିପୁର ଗ୍ରାମର ମନୋରମା ଜେନା(୫୫) ଗୁରୁବାର ପ୍ରତ୍ୟୁଷରେ ସର୍ପଦଂଶନରେ ପ୍ରାଣ ହରାଇଥିବା ଜଣାଯାଇଛି । ଗ୍ରାମର ଜଗବନ୍ଧୁ ଜେନାଙ୍କ ପତ୍ନୀ ମନୋରମା ଘର ପଛପଟରୁ ଘରଲିପା ପାଇଁ ମୁଷାମାଟି ଆଣିବାକୁ ଯାଇଥିବା ବେଳେ ଭୁଲବଶତଃ ମୁଷାମାଟି ଉପରେ ଗୋଡ ପଡି ଯାଇଥିଲା । ମୁଷାମାଟିରେ ଥିବା ସର୍ପ ମନୋରମା ଗୋଡକୁ କାମୁଡି ଦେଇଥିଲା । ଏକଥା ଘର ଲୋକଙ୍କୁ ମନୋରମା ଜଣାଇଥିଲା । ପରିବାର ଲୋକେ ତାଙ୍କୁ ଭଣ୍ଡାରିପୋଖରୀ ମେଡିକାଲକୁ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁତୁରା ରାଜକିଶୋରଙ୍କ ଅଭିଯୋଗ କ୍ରମେ ଥାନାରେ ୧୪/୨୨ନଂ ଅପମୃତ୍ୟୁ ମାମଲା ରଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି ।

# କେ.ଏସ୍ ସୁନ୍ଦରମ ହେଲେ ଏନ୍‌ଟିପିସିର ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ




କଣିହାଁ, (ଭାସ୍କର ନ୍ୟୁଜ):ଅନୁଗୋଳ ଜିଲ୍ଲା କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ଶ୍ରୀନିବାସା ରାଓଙ୍କ ଅବସର ପରେ କେ.ଏସ୍ ସୁନ୍ଦରାମ ନୂତନ ପ୍ରୋଜେକ୍ଟ ହେଡ୍ଭା ବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ଓ ସୁନ୍ଦରାରାମ ୧୯୮୮ରେ ଏନ୍‌ଟିପିସିରେ ଯୋଗ ଦେଇଥିଲେ ଏବଂ ବଦରପୁରରୁ କାର୍ଯ୍ୟନିର୍ବାହୀ ପ୍ରଶିକ୍ଷକ ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ । ସୁନ୍ଦରାରାମଙ୍କ ଏନଟିପିସିରେ ୩୩ ବର୍ଷ ସେବା ରହିଛି ଏବଂ ବିଭିନ୍ନ ସାମର୍ଥ୍ୟରେ ସେ ମହାରନ୍ ସେବା କରିଛନ୍ତି । ଏନଟିପିସି କାନିହାରେ ଯୋଗଦେବା ପୂର୍ବରୁ ସୁନ୍ଦରାରାମ ବିହାରର ବାରୁନି ଥର୍ମାଲ ପାୱାର ଷ୍ଟେସନରେ ପ୍ରକଳ୍ପର ମୁଖ୍ୟ ଭାବରେ ନିଯୁକ୍ତ ହୋଇଥିଲେ । ସୁନ୍ଦରାରାମ ଜଣେ ଭେଟେରାନ୍ ପାୱାର୍ ପ୍ରଫେସନାଲ୍ ଏବଂ ତାଙ୍କ ସହିତ ପାୱାର୍ ସେକ୍ଟରରେ ଏକ ସମୃଦ୍ଧ ଅଭିଜ୍ଞତା ଆଣିଛନ୍ତି । ଏନ୍‌ଟିପିସି କଣିହାଁ ମଧ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ଶ୍ରୀନିବାସା ରାଓଙ୍କୁ ୩୦ ଜୁଲାଇରେ ତାଙ୍କୁ ପ୍ରକଳ୍ପ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ଫଟୋଗ୍ରାଫରଙ୍କ ବିୟୋଗରେ ଶୋକ

ଜଗତସିଂହପୁର, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାର ଯୁବ ଫଟୋଗ୍ରାଫର ସୌମ୍ୟ ରଞ୍ଜନ ଖଟୁଆ (କାହ୍ନା) ଆଜି ଭୁବନେଶ୍ୱରରୁ ଏକ ଫଟୋ ସୁଟସାରି ଫେରୁଥିବା ସମୟରେ ବାଇକ ଦୁର୍ଘଟଣାରେ ବିରିଡ଼ିଠାରେ ଦେହାନ୍ତ ହୋଇଯାଇଛି । ଏହି ମୃତ୍ୟୁ ଖବର ପାଇ ଜଗତସିଂହପୁର ଫଟୋଗ୍ରାଫରମାନଙ୍କ ମଧ୍ୟରେ ଶୋକରଛାୟା ଖେଳି ଯାଇଛି । ଜଗତସିଂହପୁର ଫଟୋ ଓ ଭିଡିଓ ଗ୍ରାଫି ଟ୍ରେଡର୍ସ ଆସୋସିଏସନ ପକ୍ଷରୁ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଦେବା ସହ ଭଗବାନ ତାଙ୍କ ପରିବାରକୁ ସହାୟ ହୁଅନ୍ତୁ ବୋଲି କାମନା କରୁଛନ୍ତି । ସେ ଜଣେ ବେଶ ଭଲ ଫଟୋଗ୍ରାଫର ଭାବେ ବେଶ ପରିଚିତ ଥିଲେ । ତାଙ୍କ ଘର ଜଗତସିଂହପୁର ନିକଟ କୂଳସାହି ଗାଁରେ ।

# ଲୁଟି ନେଲେ ଲକ୍ଷାଧିକ ଟଙ୍କାର ସୁନା ଓ ଟଙ୍କା

ବାଲିପାଟଣା, (ଭାସ୍କର ନ୍ୟୁଜ): ବାଲିପାଟଣା ଥାନା ଅନ୍ତର୍ଗତ ରଡ଼ ଦେଉଳି ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଚୋରି ହୋଇଛି । ଆନନ୍ଦ ବିଶ୍ୱାଳଙ୍କ ଘର ଲୁହା ଆଲମିରା ଭାଙ୍ଗି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଏବଂ ନଗଦ ଟଙ୍କା ଲୁଟି ନେଇଛନ୍ତି । ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଆନନ୍ଦଙ୍କ ପରିବାର ଖାଇ ସାରି ଶୋଇଥିଲେ । ଲାଇନ କଟିଯିବାରୁ ପରିବାର ଲୋକେ ଅନ୍ୟ ଏକ ଘରକୁ ଚାଲିଯାଇଥିଲେ । ବିଳମ୍ବିତ ରାତିରେ ଚୋର ବାଡ଼ି କବାଟ ଭାଙ୍ଗି ଘରେ ପଶି ଘରେ ଥିବା ଲୁହା ଆଲମିରାକୁ ଭାଙ୍ଗି ସେଥିରେ ଥିବା ସୁନା ହାର ୧, ୨ ହଳ ବାହୁଟି, ୬ଟି ସୁନା ମୁଦି, ୨ହଳ କାନ ପେଣ୍ଡି ଫୁଲ ଓ କାନ ଫୁଲ ହଳେ, ୨ହଳ ରୁପା ପାଉଁଜି, ନଗଦ ୩୦ ହଜାର ଟଙ୍କା ଏବଂ ବ୍ୟାଙ୍କ ପାସବୁକ ଚୋର ନେଇ ଯାଇଛନ୍ତି । ପରିବାର ଲୋକେ ଉଠି ଜାଣିବା ପରେ ଆଖପାଖରେ ଖୋଜିଥିଲେ । ଚୋରମାନେ ଅଳଙ୍କାରଗୁଡ଼ିକୁ ନେଇ ଖୋଳଗୁଡ଼ିକ ବାଡ଼ି ପଟ ଲାଟିନ ପାଖରେ ପକାଇ ଚାଲି ଯାଇଛନ୍ତି । ଲୁଟ ହୋଇଥିବା ଅଳଙ୍କାରର ମୂଲ୍ୟ ୩ ଲକ୍ଷରୁ ଅଧିକ ହେବ ବୋଲି ଜଣାପଡ଼ିଛି । ଆନନ୍ଦ ଖରିଫ ଧାନ ଚାଷ ପାଇଁ ଟଙ୍କା ରଖିଥିଲେ । ଚୋର ନେଇଯିବା ପରେ ସେ ଏବେ ଚିନ୍ତାରେ ପଡ଼ିଛନ୍ତି ।

# ଜିଲ୍ଲାରେ ଏଣ୍ଡୋସ୍କୋପି ସେବା ଆରମ୍ଭ

ଜଗତସିଂହପୁର, (ଭାସ୍କର ନ୍ୟୁଜ):ଜଗତସିଂହପୁର ଜିଲ୍ଲାରେ ତଥା ଜିଲ୍ଲା ମୁଖ୍ୟାଳୟ ରେ ପ୍ରଥମ କରି ଆରମ୍ଭ ହୋଇଛି ଏଣ୍ଡୋସ୍କୋପି ସେବା । ଜଗତସିଂହପୁର ସଦର ମହକୁମାର ରଶ୍ମି ସିନେମା ହଲ ଛକରେ ଥିବା ଏକ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ର 'ସୁରକ୍ଷା ଡ଼ାଇଗ୍ନଷ୍ଟିକ ଆଣ୍ଡ ଗ୍ୟାଷ୍ଟ୍ରୋ କେୟାର' ପକ୍ଷରୁ ଜିଲ୍ଲାରେ ପ୍ରଥମ ଥର ପାଇଁ ଏହି ଏଣ୍ଡୋସ୍କୋପି ପରୀକ୍ଷାର ସୁବିଧା ଯୋଗାଇ ଦେଇଛି । ଏଥିସହିତ କଟକ ବଡ଼ ମେଡ଼ିକାଲର ଗ୍ୟାଷ୍ଟ୍ରୋଲୋଜି ବିଭାଗର କାର୍ଯ୍ୟରତ ଆସିଷ୍ଟାଣ୍ଟ ପ୍ରଫେସର ଡ଼ା ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ଦ୍ୱାରା ଲାପ୍ରୋସ୍କୋପିକ ପଦ୍ଧତିରେ ଗଲବ୍ଲାଡର ଷ୍ଟୋନ, ହିଷ୍ଟ୍ରେକ୍ଟୋମୀ, ଲେଜର ପଦ୍ଧତିରେ ଅର୍ଶ, ମଳକଣ୍ଟକ, ଭଗନ୍ଦର, ଏକଶିରା ଏବଂ ସମସ୍ତ ପ୍ରକାର ପେଟ ରୋଗର ସଫଳ ଚିକିତ୍ସା ପ୍ରଦାନ ଆରମ୍ଭ କରାଯାଇଛି । ପୂର୍ବରୁ ଏହି କେନ୍ଦ୍ରରେ ଅଲ୍ଟ୍ରାସାଉଣ୍ଡ, ପାଥୋଲୋଜି ଭଳି ସେବା ଉପଲବ୍ଧ ରହିଥିଲା । ତେବେ ଜିଲ୍ଲାରେ ପ୍ରଥମ ଥର ପାଇଁ ଏଣ୍ଡୋସ୍କୋପି ପରୀକ୍ଷା ର ସୁବିଧା ତଥା ସେବା ପ୍ରଦାନ କରାଯାଉଥିବାରୁ ରୋଗୀ ମାନଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଦେଇଛି । ତେବେ ଆଗାମୀ ଦିନରେ ରୋଗୀମାନଙ୍କୁ ଉତ୍ତମ ଏବଂ ଉନ୍ନତ ମାନର ସେବା ପ୍ରଦାନ କରାଯିବା ସହିତ ଆଉ ଦୂର ସ୍ଥାନକୁ ଚିକିତ୍ସା ପାଇଁ ଯିବାକୁ ପଡ଼ିବ ନାହିଁ ଓ ସମସ୍ତ ଆବଶ୍ୟକ ସୁବିଧା ଏଠାରେ ଉପଲବ୍ଧ କରାଯିବ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଉଭୟ ଡାକ୍ତର ଏବଂ ସଂସ୍ଥାର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ।

# ରାଶିଫଳ

ଶୁକ୍ରବାର, ୫ ଅଗଷ୍ଟ ୨୦୨୨



**ମେଷ:** ଆଜି ଆପଣ ସାଂସାରିକ ବିଷୟକୁ ଏକପାଖରେ ରଖିକରି ଆଧାତ୍ମିକତା ଆଡ଼କୁ ଧ୍ୟାନ ରହିବ । ଗଭୀର ଭାବନା ଏବଂ ମନ୍ଥନ ଆପଣଙ୍କୁ ଅଲୌକିକ ଅନୁଭୂତି କରାଇବ । ବାଣୀ ଉପରେ ନିୟନ୍ତ୍ରଣ ରଖିବା ବହୁତ ଭ୍ରାନ୍ତ ଧାରଣାରୁ ବଞ୍ଚିତ କରିବ । ଅଚାନକ ଧନ ଲାଭ ହେବ । ଶତ୍ରୁମାନଙ୍କଠାରୁ ବଞ୍ଚିକରି ରୁହନ୍ତୁ ।



**ବୃଷ:** ଗୃହସ୍ଥ ଜୀବନରେ ସୁଖ-ଶାନ୍ତି ଅନୁଭବ କରିବେ । ପାରିବାରିକ ସଦସ୍ୟ ଏବଂ ନିକଟସ୍ଥ ବନ୍ଧୁମାନଙ୍କ ସହିତ ଉତ୍ତମ ଭୋଜନ କରିବାର ଅବସର ମିଳିବ । ଛୋଟ ଯାତ୍ରାର ଆୟୋଜନ ମଧ୍ୟ ହେବାର ସଂଭାବନା ଅଛି । ସ୍ୱାସ୍ଥ୍ୟ ଭଲ ରହିବ । ଧନ ଲାଭ ହେବ ।



**ମିଥୁନ:** ଆଜି ଆପଣଙ୍କ ଅଧୁରା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ତଥା କାର୍ଯ୍ୟରେ ସଫଳତା ଏବଂ ଯଶ ପ୍ରାପ୍ତି ହେବ । ଘରେ ଶାନ୍ତି ଏବଂ ଆନନ୍ଦର ବାତାବରଣ ଆପଣଙ୍କ ମନକୁ ପ୍ରସନ୍ନ ରଖିବ । ସ୍ୱାସ୍ଥ୍ୟ ଭଲ ରହିବ । ଆର୍ଥିକ ଲାଭ ହେବ । ଅଫିସରେ ମନମାଳିନ୍ୟର ଅବସର ଆସିପାରେ । ଏହା ପ୍ରତି ସାବଧାନ ରହିବା ଆବଶ୍ୟକ ଅଟେ ।



**କର୍କଟ:** ଦିନର ଆରମ୍ଭ ଚିନ୍ତା ଏବଂ ଉଦ୍‌ବେଗର ସହିତ ହେବ । ସ୍ୱାସ୍ଥ୍ୟରେ ଅଭିଯୋଗ ମଧ୍ୟ ରହିବ । ନୂଆ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦିନ ଭଲ ନୁହେଁ । ଆକସ୍ମିକ ଧନ ଖର୍ଚ୍ଚ ହେବ । ଆଜି ବାଦ-ବିବାଦ ହେବାରେ ମନମାଳିନ୍ୟ ହୋଇପାରେ । ଅତ୍ୟଧିକ କାମୁକତା ଆପଣଙ୍କ ମାନଭଂଗର କାରଣ ନବନୁ ଏହାର ଧ୍ୟାନ ରଖିବେ । ଯାତ୍ରାରେ କଠିନତା ଆସିପାରେ ।



**ସିଂହ:** ନକାରାତ୍ମକ ବିଚାର ହତାଶା ସୃଷ୍ଟି କରିପାରେ । ଶାରୀରିକ ଏବଂ ମାନସିକ ରୂପରେ ଅସୁସ୍ଥତା ଅନୁଭବ କରିବେ । ମାତା-ପିତାଙ୍କର ସହିତ ମତଭେଦ ହୋଇପାରେ ଅଥବା ତାଙ୍କର ସ୍ୱାସ୍ଥ୍ୟ ଧ୍ୟାନ ରଖିବେ । ଜମି, ଘର ତଥା ବାହନ ଆଦିର କାଗଜପତ୍ରକୁ ଠିକ ଜାଗାରେ ସମ୍ଭାଳିକରି ରଖିବେ ।



**କନ୍ୟା:** ବିନା ଭାବି ଚିନ୍ତି କୌଣସି କାମ କରିବେ ନାହିଁ । କାର୍ଯ୍ୟରେ ସଫଳତା ମିଳିବ । ପ୍ରତିଯୋଗୀମାନଙ୍କୁ ଆପଣ ପରାସ୍ତ କରି ପାରିବେ । ଭାଇ-ବନ୍ଧୁମାନଙ୍କ ଏବଂ ପଡ଼ୋଶୀମାନଙ୍କ ସହିତ ଖୁବ୍ ଭଲ ସମ୍ବନ୍ଧ ରହିବ । ଆର୍ଥିକ ଲାଭ ମିଳିବ । ସାର୍ବଜନିକ ମାନ-ସମ୍ମାନ ପ୍ରାପ୍ତି ହେବ । ଚିତ୍ତରେ ପ୍ରସନ୍ନତା ରହିବ ।



**ତୁଳା:** ଆପଣ ଜିଦ୍ଦୀ ବ୍ୟବହାର ଛାଡ଼ିକରି ସମାଧାନ ପୂର୍ଣ୍ଣ ବ୍ୟବହାର ଆଜି ଆପଣାଇବାକୁ ହେବ । ଆପଣଙ୍କ ଅନିୟନ୍ତ୍ରିତ ବାଣୀ କାହା ସହିତ ମନମାଳିନ୍ୟ କରିପାରେ । ଦ୍ୱନ୍ଦ୍ୱରେ ଫସିଥିବା ମନ ଆପଣଙ୍କୁ କୌଣସି ଠୋସ ନିର୍ଣ୍ଣୟ ନେବାକୁ ଦେବନାହିଁ । ଆଜି କୌଣସି ମହତ୍ୱପୂର୍ଣ୍ଣ ନିର୍ଣ୍ଣୟ ନିଅନ୍ତୁ ନାହିଁ । ସ୍ୱାସ୍ଥ୍ୟର ବିଶେଷ ଧ୍ୟାନ ରଖିବେ ।



**ବିଛା:** ତନ-ମନରେ ଖୁସି ଏବଂ ପ୍ରଫୁଲ୍ଲିତ ରହିବେ । ପରିଜନମାନଙ୍କ ଏବଂ ମିତ୍ରମାନଙ୍କ ସହିତ ଉତ୍ତମ ଭୋଜନ ଯାତ୍ରା କିମ୍ବା ସାକ୍ଷାତର ଅବସର ଆସିବ । ଜୀବନସାଥୀଙ୍କ ସହିତ ଆତ୍ମୀୟତାର ଅବସର ଆସିବ । ଆର୍ଥିକ ଲାଭ ହେବ । ଶୁଭ ଅବସର ଉପରେ ବାହର ଯାତ୍ରା ହେବ । ଆନନ୍ଦଦାୟକ ସମାଚାର ପ୍ରାପ୍ତ ହେବ ।



**ଧନୁ:** ଆଜିର ଦିନ ଆପଣଙ୍କପାଇଁ ଅଳ୍ପ କଷ୍ଟଦାୟକ ରହିବ । ସ୍ୱାସ୍ଥ୍ୟ ଖରାପ ହେବ । ପାରିବାରିକ ସଦସ୍ୟମାନଙ୍କ କାରଣରୁ ମନ ଦୁଃଖୀ ହେବ । ମାନସିକ ରୂପରେ ଆପଣ ଅସୁସ୍ଥ ରହିପାରନ୍ତି । କ୍ରୋଧ ଉପରେ ଅଂକୁଶ ରଖିବାକୁ ପଡ଼ିବ । ଦୁର୍ଘଟଣା ପ୍ରତି ସଜାଗ ରୁହନ୍ତୁ । କୋର୍ଟ-କଚେରୀ ମାମଲାରେ ସାବଧାନ ରହିବେ । ଅଧିକ ଖର୍ଚ୍ଚ ହେବାରୁ ଆର୍ଥିକ ଅସୁବିଧା ରହିବ ।



**ମକର:** ସାମାଜିକ କ୍ଷେତ୍ରରେ ଚାକିରି-ଧନ୍ଧା ଏବଂ ଅନ୍ୟ କ୍ଷେତ୍ରରେ ଆଜିର ଦିନ ଲାଭଦାୟକ ରହିବ । ମିତ୍ରମାନଙ୍କ, ପରିଜନମାନଙ୍କର ସହିତ ବାହରକୁ ଯିବେ । ମାଙ୍ଗଳିକ ପ୍ରସଙ୍ଗ ଉପସ୍ଥିତ ହେବ । ମହିଳା ମିତ୍ରମାନଙ୍କ ତଥା ଜୀବନସାଥୀ ଏବଂ ସନ୍ତାନ ଲାଭ ହେବାର ଯୋଗ ଅଛି । ବିବାହୋତ୍ସୁକ ଯୁବକ-ଯୁବତୀମାନଙ୍କର ବୈବାହିକ ସମସ୍ୟା ଦୂର ହେବ । ଯାତ୍ରା କରିପାରନ୍ତି ।



**କୁମ୍ଭ:** ଆଜି ଆପଣଙ୍କ ପାଖରେ ପ୍ରତ୍ୟେକ କାର୍ଯ୍ୟ ନିର୍ବିଘ୍ନରେ ସମ୍ପୂର୍ଣ୍ଣ ହେବ । ଯେଉଁଥିରେ ଆପଣ ଖୁସି ହେବେ । ଚାକିରି ଏବଂ ବ୍ୟବସାୟରେ ସ୍ଥିତି ଆପଣଙ୍କର ଅନୁକୂଳ ରହିବ ଏବଂ କାର୍ଯ୍ୟରେ ସଫଳତା ମିଳିବ । ବୃଦ୍ଧ ତଥା ବରିଷ୍ଠ ନାଗରୀକମାନଙ୍କ ଏବଂ ଉଚ୍ଚ ପଦାଧିକାରିମାନଙ୍କର କୃପା ଦୃଷ୍ଟି ରହିବା କାରଣରୁ ଆପଣ ମାନସିକ ରୂପରେ କୌଣସି ପ୍ରକାରର ବୋଝ ମୁକ୍ତ ହେବେ ।



**ମୀନ:** ନକାରାତ୍ମକ ବିଚାର ଆପଣଙ୍କ ଉପରେ ପ୍ରଭାବ ନ ପକାଉ ଏହାର ଧ୍ୟାନ ରଖିବେ । ମାନସିକ ଅସୁସ୍ଥତା ଆପଣଙ୍କୁ ଅସୁବିଧାରେ ପକାଇପାରେ । ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅଭିଯୋଗ ରହିବ । ଚାକିରିରେ ଉଚ୍ଚ ଅଧିକାରୀମାନଙ୍କ ସହିତ ସାବଧାନୀପୂର୍ବକ କାର୍ଯ୍ୟ କରିବେ । ସନ୍ତାନମାନଙ୍କର ସମସ୍ୟା ଆପଣଙ୍କୁ ଚିନ୍ତିତ କରିବ । ଶତ୍ରୁ ନିଜର ଚାଲରେ ସଫଳ ହେବେ ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଢେଙ୍କାନାଳ, (ଭାସ୍କର ନ୍ୟୁଜ) : ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, କବୟତ୍ରୀ, ସୁସାହିତ୍ୟିକା, ଲେଖିକା ଏବଂ ଓଡିଶାର ପ୍ରତ୍ୟେକ ଓଡିଆଙ୍କ ହୃଦୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ତଥା ଅପରାଜିତା ନାୟିକା ବହ୍ନି କନ୍ୟା ନନ୍ଦିନୀ ଶତପଥୀଙ୍କର ୧୬ତମ ଶ୍ରାଦ୍ଧବାର୍ଷିକୀ ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ସାଂସଦଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଅଛି । ଅନୁଷ୍ଠାନର କୋଷାଧକ୍ଷ ରୁଦ୍ରାନ୍ତ ଦଳେଇଙ୍କ ଦ୍ୱାରା ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସହରର ନନ୍ଦିନୀ ପ୍ରେମୀ ଏବଂ 'ଆମ ପ୍ରତିଭା ଆମ ସମ୍ମାନ'ର କର୍ମକର୍ତାମାନେ ଏକତ୍ରିତ ହୋଇ ନନ୍ଦିନୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଲୋକ ରଥ, ନକୁ ମହମ୍ମଦ, ଅକ୍ତର ମହମ୍ମଦ, ରାଜେନ୍ଦ୍ର ଦାସ, କୈଳାସ ଚନ୍ଦ୍ର ନାୟକ, ସନ୍ତୋଷ ଦଳେଇ, ଭାଗି ସାହୁ, ସୋମନାଥ ଭଟ୍ଟ, ଅଶୋକ ସାହୁ, ଅକ୍ଷୟ ମହାନ୍ତି, ପ୍ରତାପ ଦାସ, ରମେଶ ମାନ୍‌ସିଂ, ଅଶୋକ ବେହେରା, ବୁଲୁ ଜେନା, ଅନିଲ୍ ରାଉତ ପ୍ରମୁଖଙ୍କ ବ୍ୟତୀତ ଅନୁଷ୍ଠାନର ବହୁ କର୍ମକର୍ତା ଉପସ୍ଥିତ ଥିଲେ ।



# ଲୋକସଭା ବାଚସ୍ପତିଙ୍କୁ ଭେଟିଲେ ବାଚସ୍ପତି ଶ୍ରୀ ଆରୁଖ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ନୂଆଦିଲ୍ଲୀସ୍ଥିତ ଲୋକସଭା ସଚିବାଳୟଠାରେ ଓଡ଼ିଶା ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଓଡ଼ିଶା ବିଧାନସଭାର ଅଧିକାରୀ ଓ କର୍ମଚାରୀମାନଙ୍କୁ ବୈଷୟିକ ଜ୍ଞାନକୌଶଳରେ ଅଧିକ ପ୍ରଶିକ୍ଷିତ କରି ଆଗାମୀ ଦିନରେ ଓଡ଼ିଶା ବିଧାନସଭାକୁ ଦେଶର ଏକ ଆଦର୍ଶ ବିଧାନସଭାରେ ପରିଣତ କରିବା ପାଇଁ କାର୍ଯ୍ୟ ଜାରି ରହିଛି ବୋଲି ବାଚସ୍ପତି ଶ୍ରୀ ଆରୁଖ ଲୋକସଭା ବାଚସ୍ପତିଙ୍କୁ ଅବଗତ କରାଇଥିଲେ । ଲୋକସଭା ବାଚସ୍ପତି ଶ୍ରୀ ବିର୍ଲା ଓଡ଼ିଶା ବିଧାନସଭାର ବିଭିନ୍ନ କାର୍ଯ୍ୟ ଓ ପରିଚାଳନା ବାବଦରେ ଶ୍ରୀ ଆରୁଖଙ୍କୁ ପଚାରି ବୁଝିଥିଲେ । ନିକଟରେ ଶେଷ ହୋଇଥିବା ବଜେଟ ଅଧିବେଶନର ଶାନ୍ତିପୂର୍ଣ୍ଣ ଓ ସୁଚାରୁ ପରିଚାଳନା ନେଇ ଶ୍ରୀ ବିର୍ଲା ଖୁସି ବ୍ୟକ୍ତ କରିବା ସହ ଆଗାମୀ ଦିନରେ ଏପରି କାର୍ଯ୍ୟଧାରା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ । ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ବିକାଶଧାରା ନେଇ ଶ୍ରୀ ବିର୍ଲା ଓ ଶ୍ରୀ ଆରୁଖଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ବାଚସ୍ପତି ଶ୍ରୀ ଆରୁଖ ଉପଢୌକନ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତି ପ୍ରଦାନପୂର୍ବକ ଶ୍ରୀ ବିର୍ଲାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଆଲୋଚନା ବେଶ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା ବୋଲି ବାଚସ୍ପତି ଶ୍ରୀ ଆରୁଖ ପ୍ରକାଶ କରିଛନ୍ତି ।

# ଏବେ ବି ଅନ୍ଧ ବିଶ୍ୱାସର ଅନ୍ଧ ଗଳିରେ ମଣିଷ

# ଗୁଣି ଗାରେଡ଼ି ସନ୍ଦେହରେ ପିଟି ପିଟି ମାରିଦେଲେ

ରାୟଗଡ଼ା, (ଭାସ୍କର ନ୍ୟୁଜ୍) : ଏବେ ବି ମଣିଷ ମନରୁ ଅନ୍ଧ ବିଶ୍ୱାସ ରୂପକ କୁସଂସ୍କାର ଦୂର ହୋଇନାହିଁ । ମଣିଷ ଯେତେ ଆଧୁନିକତାର ପାହାଚ ଚଢୁଛି ତା'ମନରେ ସେତେ ହିଂସାଭାବ ଜାଗ୍ରତ ହେଉଛି । ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଡୁଡୁକାବାହାଲ ପଞ୍ଚାୟତ ଟିଟିଗୁଡ଼ା ଗାଁରେ । ଗୁଣିଗାରେଡ଼ି ସନ୍ଦେହରେ ସେହି ଗାଁର ଜଣେ ବୃଦ୍ଧଙ୍କୁ ଗ୍ରାମବାସୀ ପିଟିପିଟି ହତ୍ୟା କରିଥିବାବେଳେ ତାଙ୍କ ଦୁଇ ପୁଅ ଅଳ୍ପକେ ବର୍ତ୍ତିଯାଇଛନ୍ତି । ତେବେ ସେମାନେ ଗ୍ରାମବାସୀଙ୍କ ମାଡ଼ରେ ଗୁରୁତର ହୋଇଥିବାରୁ ସେମାନଙ୍କୁ ଟିକିରି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ପୋଲିସ ଏହି ଘଟଣାରେ ୬ ଜଣଙ୍କୁ ଅଟକ ରଖି ପଚରା ଉଚୁରା କରୁଛି । ମିଳିଥିବା ସୂଚନାନୁଯାୟୀ, ଏହି ଗାଁରେ କେତେକ ବ୍ୟକ୍ତିଙ୍କ କ୍ରମାଗତ ମୃତ୍ୟୁ ଘଟୁଥିବାବେଳେ ଗୁଣିଗାରେଡ଼ି ଯୋଗୁଁ ଏପରି ହେଉଥିବା ଗ୍ରାମବାସୀ ସନ୍ଦେହ କରିଥିଲେ । ଏଥିନେଇ ସେମାନେ ଗ୍ରାମର ୫୫ ବର୍ଷୀୟ ଦଇ ମାଝୀଙ୍କୁ ଦାୟୀ କରିଥିଲେ । ତେବେ ବୁଧବାର ବିଳମ୍ବିତ ରାତ୍ରିରେ ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଦଇଙ୍କ ଘର କବାଟ ଭାଙ୍ଗି ଦଇ ଓ ତାଙ୍କର ୨ ପୁଅଙ୍କୁ ଘରୁ ଘୋଷାଡ଼ି ଆଣି ଗାଁ ମଝିରେ ବାନ୍ଧି ପକାଇଥିଲେ । ପରେ ସେମାନଙ୍କୁ ନିର୍ଘାତ ମାଡ଼ ମାରିଥିଲେ । ତେବେ ୨ ପୁଅ ଖସି ପଳାଇ ଆସିବାରେ ସମର୍ଥ ହୋଇଥିବାବେଳେ ବାପା ଦଇଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଗ୍ରାମବାସୀମାନେ ଅଭିଯୋଗ କରିଥିଲେ ଯେ, ଦଇ ଓ ତାଙ୍କ ୨ ପୁଅଙ୍କ ଯୋଗୁଁ ଗ୍ରାମବାସୀଙ୍କ ଜୀବନ ଅକାଳରେ ଚାଲିଯାଉଛି । ତେଣୁ ସେମାନେ ଏପରି ପଦକ୍ଷେପ ନେଇଥିବା କୁହାଯାଉଛି । ଅନ୍ୟପକ୍ଷରେ ଏହି ଘଟଣା ପ୍ରଚାରିତ ହେବା ପରେ ପୋଲିସ ୨ ଗୁରୁତର ପୁଅଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରିବା ସହ ୬ ଜଣ ଗ୍ରାମବାସୀଙ୍କୁ ଅଟକ ରଖି ଜେରା କରୁଛି । ଏହି ଘଟଣା ପରେ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଯେ, ଗୁଣିଗାରେଡ଼ି ବନ୍ଦ କରିବା ପାଇଁ ସରକାରୀ ସ୍ତରରେ ଆଇନ୍ ପ୍ରଣୟନ ହୋଇଥିଲେ ମଧ୍ୟ ଏହା ସଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନଥିବାରୁ ଏଭଳି ଅଘଟଣମାନ ବୃଦ୍ଧି ପାଇବାରେ ଲାଗିଛି ।

**Recruitment**

Wanted Marketing Executive for GaumayaAgro Private Limited for Bhubaneswar, Cuttack, Rourkela, Jharsuguda, Bolangir. Salary : 15000 TADA. Contact : 9938937563/ 9178159222

सबब बताने के लिये नोटिस
(मामूली नमूना)

अदालत जनाब:- ........................................
न्यायाधीश
परिवार न्यायालय
बस्तर स्थान जगदलपुर (छ0ग0)

प्रोसेस क्रमांक- 145 /2022
सिविल प्रकरण क्रमांक- 11-ए/2022
पेशी तारीख- 12/08/2022

लखीराम नायक ........................................आवेदक
विरूद्व
श्रीमती कुन्तला नायक ........................................अनावेदिका
बनाम

अनावेदिका:- श्रीमती कुन्तला नायक पति-लखीराम नायक, (पिता-गोविन्द सोना), उम्र- लगभग 25 वर्ष
जाति- डोम (अनु0जाति), निवासी- द्वारा-गोविन्द सोना,
ग्राम-सलेपोदा तहसील-नोरला जिला- कालाहांडी (उडीसा)

धारा- 13 (1) हि0वि0अधि0 (विवाह-विच्छेद हेतु)

इसलिये तुम्हे नोटिस दिया जाता है कि तुम खुद या मार्फत किसी वकील के जिसे मुकदमे के हाल अच्छी तरह समझा दिया हो तारीख 12 माह 08 सन् 2022 को दिन 11 बजे इस अदालत मे हाजिर होकर दरखवास्त के खिलाफ सबब बतलाओ नही तो उसकी तुम्हारी गैर-हाजिरी में सुनवाई होकर फैसला किया जावेगा। यदि उक्त तिथि को न्यायालय मे किसी कारणवश अवकाश हो जाता है तो आगामी कार्यवाही दिवस मे सुनवाई की जावेगी।

इस अदालत की मोहर से आज तारीख 25 माह 07 सन् 2022 को जारी किया गया।

मुहर

जज
न्यायाधीश,
परिवार न्यायालय बस्तर
स्थान जगदलपुर (छ0ग0)

# ଦିନକରେ ୮୭୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ରାଜ୍ୟରେ ଗୋଟିଏ ଦିନରେ ୮୭୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୧୬୪୭୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୫୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୦୦୯୫୧ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୩୨୫ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୫୦୯ ଜଣ ସଂଗରୋଧରୁ ଓ ୩୬୧ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୧୦, ବରଗଡ ଜିଲ୍ଲାରେ ୩୬, ଭଦ୍ରକ ଜିଲ୍ଲାରେ ୮, ବଲାଙ୍ଗୀର ଜିଲ୍ଲାରେ ୪୫, ବୌଦ୍ଧ ଜିଲ୍ଲାରେ ୬, କଟକ ଜିଲ୍ଲାରେ ୨୦ . ଦେବଗଡ, ଜିଲ୍ଲାରେ ୮, ଢେଙ୍କାନାଳ ଜିଲ୍ଲାରେ ୨, ଗଜପତି ଜିଲ୍ଲାରେ ୬ , ଗଂଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରେ ୫ ,ଯାଜପୁର ଜିଲ୍ଲାରେ ୧୬, ଝାରସୁଗୁଡା ଜିଲ୍ଲାରେ ୨୩ . କଳାହାଣ୍ଡି ଜିଲ୍ଲାରେ ୬୩, କନ୍ଧମାଳ ଜିଲ୍ଲାରେ ୮, କେନ୍ଦ୍ରାପଡା ଜିଲ୍ଲାରେ ୬, କେନ୍ଦୁଝର ଜିଲ୍ଲାରେ ୫, ଖୋର୍ଧା ଜିଲ୍ଲାରେ ୧୪୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୬, ମୟୁରଭଂଜ ଜିଲ୍ଲାରେ ୫୯ , ନବରଙ୍ଗପୁର ଜିଲ୍ଲାରେ ୧୨.ନୟାଗଡ ଜିଲ୍ଲାରେ ୨୧, ନୂଆପଡା ଜିଲ୍ଲାରେ ୧୨, ପୁରୀ ଜିଲ୍ଲାରେ ୨ , ରାୟଗଡା ଜିଲ୍ଲାରେ ୧୪, ସମ୍ବଲପୁର ଜିଲ୍ଲାରେ ୭୨, ସୋନପୁର ଜିଲ୍ଲାରେ ୧୭ ,ସୁନ୍ଦରଗଡ ଜିଲ୍ଲାରେ ୨୨୦ ଓ ଷ୍ଟେଟ ପୁଲରେ ୨୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କଟକ, ପାରାଦୀପରେ...

ମହିମାଙ୍କ ବଡ଼ ପୁଅଙ୍କୁ ସିବିଆଇ ଅଧିକାରୀ ସାଙ୍ଗରେ ନେଇଯାଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ସିଓ୍ୱେଜ ସିପିଂ କମ୍ପାନୀ ଜେନେରାଲ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁଙ୍କ ହତ୍ୟା ମାମଲାରେ ମହିମା ମିଶ୍ର ଓ ତାଙ୍କର ସହଯୋଗୀ ବସନ୍ତ ବଳଙ୍କୁ ଥାଇଲାଣ୍ଡ ପୋଲିସ ୨୦୧୬ ମସିହା ଡିସେମ୍ବର ମାସରେ ଗିରଫ କରିଥିଲା । ପରେ ସେମାନଙ୍କୁ ଓଡ଼ିଶା ପୋଲିସକୁ ହସ୍ତାନ୍ତର କରାଯାଇଥିଲା । ଉଭୟ ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ଧରି ଜେଲ୍‌ରେ ରହିବା ପରେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇ ମୁକୁଳି ଥିଲେ । ତେବେ ସିବିଆଇ ଚଢ଼ାଉ ପରେ ଏନେଇ ଅଧିକ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି ।

### ବଚସାରୁ...

ଯାଇଥିଲେ । ତେବେ ଗଣ୍ଡଗୋଳ ଘଟିଥିବା ସ୍ଥାନ ଠାରୁ ଅଳ୍ପ ଦୂରରେ ଅର୍ଥାତ୍ ବରଡ଼ା ଛକ ନିକଟରେ ମା ଓ ଝିଅଙ୍କ ଉପରେ ଟ୍ରକ୍‌ଟି ଓଲଟି ପଡ଼ିଥିଲା । ଯେଉଁ ଟ୍ରକ୍ ଡ୍ରାଇଭରଙ୍କ ସହ ପାଟିତୁଣ୍ଡ ହୋଇଥିଲା ସେହି ଟ୍ରକ୍‌ଟି ଓଲଟି ପଡ଼ିଥିଲା । ସ୍ଥାନୀୟ ଲୋକେ କହିଛନ୍ତି ଯେ, ଏହା ଦୁର୍ଘଟଣା ନୁହେଁ ବରଂ ଡ୍ରାଇଭର ଜାଣିଶୁଣି ଗାଡ଼ି ମଡ଼ାଇ ଦେଇଛି । ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରିବା ସହ ତୋଟାକଣ ଗାଁର ଡ୍ରାଇଭର ଅମର ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ମୃତ ମା-ଝିଅଙ୍କ ଶବ ବ୍ୟବଚ୍ଛେଦ ପରେ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

### ଚୀନ୍‌ର କ୍ଷେପଣାସ୍ତ୍ର...

ତାଇୱାନର ରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଚୀନ କ୍ଷେତ୍ରୀୟ ଶାନ୍ତିକୁ ଭଙ୍ଗ କରୁଛି । ଅନ୍ୟପଟେ ଏଲ୍‌ଏସିରେ ଭାରତ-ଆମେରିକା ଯୁଦ୍ଧାଭ୍ୟାସ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନାରୁ ପ୍ରକାଶ ଯେ, ଅକ୍ଟୋବର ୧୪ରୁ ୩୧ ମଧ୍ୟରେ ଉଭୟ ଦେଶର ସେନା ଯୁଦ୍ଧାଭ୍ୟାସ କରିବେ ।

### ଜଷ୍ଟିସ ଲଳିତ...

କରିବେ । ବୁଧବାର ପ୍ରଧାନ ବିଚାରପତି ଜଷ୍ଟିସ ରମନ୍ନା ତାଙ୍କ ଉତ୍ତରାଧିକାରୀଙ୍କ ନାମ ସୁପାରିଶ କରି ଆଇନ ମନ୍ତ୍ରଣାଳୟକୁ ପଠାଇ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଜଷ୍ଟିସ ରମନ୍ନା ଗତବର୍ଷ ଏପ୍ରିଲ୍ ୨୪ ତାରିଖରେ ଦେଶର ୪୮ତମ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ସେ ପୂର୍ବ ପ୍ରଧାନ ବିଚାରପତି ଜଷ୍ଟିସ ଏସ୍.ଏ.ବୋବଡେଙ୍କ ସ୍ଥାନ ନେଇଥିଲେ । ଜଷ୍ଟିସ ରମନ୍ନା ଆସନ୍ତା ୨୬ ତାରିଖରେ ପ୍ରଧାନ ବିଚାରପତି ପଦରୁ ଅବସର ଗ୍ରହଣ କରିବେ ।

## ରାଜ୍ୟରେ କରୋନାରେ ଆଉ ଦୁଇ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ରାଜ୍ୟରେ କରୋନାରେ ଆଉ ଦୁଇ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ମୃତ୍ୟୁର ଅଡିଟ ପ୍ରକ୍ରିୟା ସମ୍ପୂର୍ଣ ହେବା ପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରରେ ଜଣେ ୪୦ ବର୍ଷୀୟା ମହିଳାଙ୍କର କରୋନାରେ ମୃତ୍ୟୁ ଘଟିଛି । ସେହିପରି କଟକ ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ବିଏସ୍ଏଫ ଓଡ଼ିଶା ପକ୍ଷରୁ ଚାରା ରୋପଣ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଆଜାଦିକା ଅମୃତ ମହୋତ୍ସବ ଅବସରରେ ବିଏସ୍ଏଫ ଓଡ଼ିଶା ପକ୍ଷରୁ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଏସଏଫର ଆଇଜି ସତୀଶଚନ୍ଦ୍ର ବୁଢ଼ାକୋଟି ଏବଂ ଅନ୍ୟ ଅଧିକାରୀ ତଥା ଯବାନମାନେ ଯୋଗଦେଇ ଚାରା ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧାର କାର୍ମେଲ ସ୍କୁଲର ଛାତ୍ରଛାତ୍ରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ ।

## ଚା' ପିଉ ପିଉ ବାଇକ୍ ଚୋରି

ଚମ୍ପୁଆ(ଭାସ୍କର ନ୍ୟୁଜ) : ଚମ୍ପୁଆ ଥାନା ଅନ୍ତର୍ଗତ କଳିକାପ୍ରସାଦ ତାରିଣୀ ମନ୍ଦିର ପାଖରେ ଥିବା ଢାବା ରେ ଚା' ପିଉ ଥିବାବେଳେ ଜଣେ ବାଇକ ଆରୋହୀଙ୍କ ବାଇକ ଚୋରୀ ହୋଇ ଯାଇଛି । ସୂଚନା ଅନୁସାରେ ବସିରା ଗ୍ରାମର ଶ୍ରବଣ କୁମାର ପ୍ରଧାନ ତାଙ୍କ ଭିଣେଇ ଗୋବର୍ଦ୍ଧନ ପ୍ରଧାନଙ୍କ (ଓଡି-୦୯-ସି-୪୩୬୧) ନମ୍ବରର ବିଶିଷ୍ଟ ହିରୋ ହୋଣ୍ଡା ମୋଟର ସାଇକେଲକୁ ନେଇ ଚମ୍ପୁଆ ଆସୁଥିବା ବେଳେ କାଳିକାପ୍ରସାଦ ଗ୍ରାମ ରେ ଥିବା ତାରିଣୀ ମନ୍ଦିର ନିକଟରେ ଥିବା ଏକ ଢାବା ରେ ଚା ପିଇବା ପାଇଁ ଅଟକି ଥିଲେ । ସେ ଚା ପିଇ ଆସିବା ବେଳେ ଦେଖିଲେ କେହି ଜଣେ ତାଙ୍କ ବାଇକ କୁ ନେଇ ଚାଲି ଯାଇଛନ୍ତି । ତେବେ ତାଙ୍କ ମୋଟର ସାଇକେଲ କୁ ନେଇ ଯିବା ଲୋକ ତାଙ୍କର ସାଇକେଲକୁ ସେଠାରେ ଛାଡି ଚାଲି ଯାଇଛନ୍ତି । ଏ ନେଇ ଶ୍ରୀ ପ୍ରଧାନ ଚମ୍ପୁଆ ଥାନା ରେ ଏକ ଅଭିଯୋଗ କରିଥିବା ଜଣାପଡିଛି ।

**OFFICE OF THE HEADMISTRESS**
**KASTURABA GANDHI BALIKA VIDYALAYA, BANDHAPARI**
**LANJIGARH BLOCK, KALAHANDI**

**Letter No** **Date : 02.08.2022**

**Tender Call Notice**

Sealed Tender are invited from the registered firms/manufacturer/authorized dealers/whole sellers/ Govt. stores for supply of the items grocery, Nonveg, vegetable & fruits, cosmetics and toilet items/ reading writing materials, Dress materials, Electronics items to the Kasturaba Gandhi Balika Vidyalaya, Bandhapari, Lanjigarh Block of Kalahandi District for the year 2022-23.

| | |
|---|---|
| Particulars | kasturaba Gandhi Balika Vidyalaya, Bandhapari |
| Address | At/o- bandhapari, Block- Lanjigarh |
| Cost of Tender Paper | Rs.200/- |
| Last date & time of receving tender | 05.09.2022 at 10.00 A.M. |
| Date & time of opening of tender | 05.09.2022 at 11.00 A.M. |

For details visit District website www.kalahandi.nic.in & www.OSEPA.in

**By order of BDO-Cum-Chairman**
**Head Mistress**
**KGBV, Bandhapari**

**OFFICE OFFICE THE ROURKELA MUNICIPAL CORPORATION : ROURKELA** **C-950**
**INVITATION FOR BID**
**No. 10219** **Dated : 04.08.2022**
**Bid Identification No : MC/RMC/64/2022**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification No. MC/RMC/64/2022 for 07 no. Civil work with value of Rs. 2.69 lakh to Rs. 9.73 lakh.

1. Bid documents will be available in website www.tendersorissa.gov.in from 04.08.2022.
2. Bids must be submitted on 'online' on or before 16.08.2022 by 17.00 hours.
3. Bids shall be opened at 11.00 hours on 17.08.2022 in the office of the undersigned in presence of the bidders or their authorized agents.
4. Other details will be available in the website tendersorissa.gov.in.

**Sd/- Municipal Commissioner,**
**Rourkela Municipal Corporation**

**OIPR 13131/11/0077/2223**

**ଚାଷି ଭାଇ ଓ ଭଉଣୀମାନଙ୍କ ନିମନ୍ତେ ପରାମର୍ଶ** **CAD-125**

- କୃଷି ଓ ଆନୁସଂଗିକ ସମସ୍ତ ସୁବିଧା ପାଇବା ହେତୁ ଚାଷୀଭାଇମାନେ "କୃଷକ ଓଡିଶା" ଓ ଗୋ-ସୁଗମ" ରେ ନିଜର ନାମ ପଞ୍ଜିକରଣ କରାନ୍ତୁ ।
- ଧାନର ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧିପାଇଁ ଅଧିକ ଅମଳକ୍ଷମ ଶଙ୍କର ବିହନ ବ୍ୟବହାର ତଥା ଧାଡିରୁଆ କରନ୍ତୁ ।
- ଜମିର ମାଟିପରିକ୍ଷା କରିବା ପାଇଁ ନିକଟସ୍ଥ କୃଷି କର୍ମଚାରୀ /ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ଓ ମାଟି ପରିକ୍ଷାର ଫଳାଫଳ ଅନୁଯାୟୀ ଫସଲରେ ସୁଷମସାର ପ୍ରୟୋଗ କରନ୍ତୁ ।
- ବୁଣା ଧାନ ୨୫ ଦିନ ହୋଇଗଲେ ବେଉଷଣ କରିଦିଅନ୍ତୁ ଘାସ ବାଛି କିସମ ଅନୁଯାୟୀ ଆଗରୁ ମୂଳସାର ପ୍ରୟୋଗ କରିନଥିଲେ ଏକର ପ୍ରତି ୧୬ କି.ଗ୍ରା. ଫସଫରସ ଓ ୧୬ କି.ଗ୍ରା. ପଟାସ ସାର ସହିତ ଅଧା (୬ ରୁ ୮ କି.ଗ୍ରା.) ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ନାନୋ ୟୁରିଆ ଏକର ପ୍ରତି ୫୦୦ ମିଲି ବ୍ୟବହାର କରନ୍ତୁ ।
- ଧାନ ତଳି ୩ ରୁ ୪ ସପ୍ତାହ ହୋଇଗଲେ ରୋଇବା ପାଇଁ ଉପଯୁକ୍ତ ହୋଇଥାଏ । ଏକର ପ୍ରତି ୨ କି.ଗ୍ରା. ଆଜୋଟୋବାକ୍ଟର ବା ଆଜୋସ୍ପିରିଲମ ସହିତ ୨ କି.ଗ୍ରା. ପି.ଏସ.ବି. ଖତ ସହିତ ମିଶାଇ ରୋଇବା ପୂର୍ବରୁ ଜମିରେ ପ୍ରୟୋଗ କରନ୍ତୁ । ଶେଷ ଓତ କାଦୁଅରେ ଏକର ପ୍ରତି ୧୨ ରୁ ୧୬ କି.ଗ୍ରା. ଫସଫରସ ଓ ୧୨ ରୁ ୧୬ କି.ଗ୍ରା. ପଟାସ ସହିତ ଅଧା (୬ ରୁ ୮ କି.ଗ୍ରା.) ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।
- ଅନୁମୋଦିତ ରାସାୟନିକସାର କେବଳ ପଞ୍ଜିକୃତ ସାର ବିକ୍ରେତାଙ୍କଠାରୁ ଧାର୍ଯ୍ୟମୂଲ୍ୟରେ କିଣନ୍ତୁ । କୌଣସି ବିକ୍ରେତା ଅଧିକ ଅର୍ଥ ଦାବିକଲେ ଲିଖିତଭାବେ ନିକଟସ୍ଥ କୃଷିଅଧିକାରୀଙ୍କୁ ଜଣାନ୍ତୁ ।
- ଗ୍ରାମ୍ୟ ସ୍ତରୀୟ କୃଷି କର୍ମଚାରୀ ଭାଇମାନେ ଇ-ରୋଗପୋକ ସର୍ବେକ୍ଷଣ କରୁଅଛନ୍ତି । ସେମାନଙ୍କ ସହ ଯୋଗାଯୋଗକରି ଆବଶ୍ୟକମୁତାବକ ୫୦% ରିହାତିରେ କୀଟନାଶକ କିଣିବାର ସୁବିଧା ନିଅନ୍ତୁ ।
- ଭୂମିହୀନ ଭାଗଚାଷୀ ଭାଇମାନଙ୍କୁ ସହଜ ଓ ସୁବିଧାରେ ଆନୁଷ୍ଠାନିକ କୃଷିଋଣ ଯୋଗାଇ ଦେବାପାଇଁ "ବଳରାମ" ଯୋଜନା କାର୍ଯ୍ୟକାରୀ ହେଉଅଛି । ଭାଗଚାଷୀ ଭାଇମାନେ ମିଳିତ ଦେୟଗୋଷ୍ଠୀ (ଜେଏଲ.ଜି) ଗଠନ କରି ଋଣ ନେଇ ଚାଷକରିବାର ସୁଯୋଗ ନିଅନ୍ତୁ ।
- "ମୁଖ୍ୟ ମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା" ମାଧ୍ୟମରେ ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠା କରିବାପାଇଁ ନିକଟସ୍ଥ କୃଷି ଅଧିକାରୀ/କୃଷି ଯନ୍ତ୍ରୀଙ୍କ ସହ ପରାମର୍ଶ କରି ଗୋ-ସୁଗମ ପୋର୍ଟାଲରେ ପଞ୍ଜିକରଣ କରନ୍ତୁ ।
- ପ୍ରଧାନ ମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ମାଧ୍ୟମରେ ବୁନ୍ଦା ଜଳସେଚନ ଓ ଫୁଆରା ଜଳସେଚନ କରିବାପାଇଁ ସାଧାରଣ ଚାଷୀଭାଇଙ୍କ ପାଇଁ ଶତକଡା ୪୫ଭାଗ ଓ କ୍ଷୁଦ୍ର ଓ ନାମମାତ୍ର ଚାଷୀଭାଇଙ୍କ ପାଇଁ ଶତକଡା ୫୫ ଭାଗ ରିହାତିର ବ୍ୟବସ୍ଥା ଅଛି । ଏଥିପାଇଁ ନିକଟସ୍ଥ ଉଦ୍ୟାନ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

ଅଧିକ ଜାଣିବା ପାଇଁ ନିକଟସ୍ଥ ବ୍ଲକସ୍ତରୀୟ କୃଷି/ ଉଦ୍ୟାନ କୃଷି କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତଥା
ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା,ଖୋର୍ଦ୍ଧା ।

**OIPR 01011/13/0003/2223**

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
**ଆକାଶ ଶୋଭା ବିଲଡିଂ,**
**ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧**
**ପତ୍ର ସଂଖ୍ୟା ୨୮୭୮୯/ଭୁ.ଉ.କ., ଭୁବନେଶ୍ୱର ତା ୩୦.୦୭.୨୦୨୨ ରିଖ**
**AVA(M)-113/05**

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆର୍ଯ୍ୟ ବିହାର ଗୃହ ପ୍ରକଳ୍ପରେ ଗୃହ ନଂ **S-6/9(MIG)** କୁ ଶ୍ରୀ ଅକ୍ଷୟ କୁମାର ଧଳ, ପିତା ୰ ଶିବରାମ ଧଳ, ଗ୍ରାମ- ଗୋବିନ୍ଦପୁର କଚେରୀ, ପୋ- ଗୋବିନ୍ଦପୁର, ଥାନା- ଆଳି, ଜିଲ୍ଲା- କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଅକ୍ଷୟ କୁମାର ଧଳ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ବୀରେନ୍ଦ୍ର କୁମାର ବିନ୍ଧାଣୀ, ପିତା- ୰ ପ୍ରତାପ ଚନ୍ଦ୍ର ବିନ୍ଧାଣୀ, ଗ୍ରାମ- ନାଦପୁର, ପୋ- ନାଦପୁର, ଥାନା- ବଇସିଙ୍ଗା, ଜିଲ୍ଲା- ମୟୂରଭଞ୍ଜଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଉକ୍ତ ସୂଚନା ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**CAD-1350** **OIPR 13033/11/0213/2223**

**OFFICE OF THE EXECUTIVE ENGINEER, RWS&S DIVISION, BALASORE**
**Tel: 06782-262249, Fax: 262931, email: eerwss_bls@nic.in, eerwssbls@gmail.com.**
**NATIONAL COMPETITIVE BIDDING THROUGH e-Tendering**
***Identification No. 19 / 2022-23 Dt. 02.08.2022*** **O-785**

The *Executive Engineer, RWS&S Division, Balasore* on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent Grade / Class registered with Central Government / MES / Railways for the works detailed in the table below to be eventually drawn up in P1 contract with design and execution of the following Piped Water Supply Projects.

1. Nos. of Work : 19 Nos RPWS Schemes in Balasore district (Clubbed-up).
2. Estimated cost : Rs. 303.29 lakhs & Rs. 422.36 lakhs
3. Period of completion 330 days
4. Availability of bid document in Portal: Dt. 08.08.2022 at 16.00 hours to 22.08.2022 up to 17.00 hours through online.
5. Seeking of Clarification : Dt. 10.08.2022 at 10.00 hours to Dt. 17.08.2022 up to 15.00 hours
6. Date of opening of Bid : Dt. 23.08.2022 at 11.00 hours in the O/O EE, RWSS Division, Balasore.
7. Name and address of the Officer Inviting Tender :Executive Engineer, RWS&S Division, Balasore

Bid Cost will be receipt through electronic payment by NEFT / RTGS.

Further details can be seen from the e-Procurement Portal: http://tendersodisha.gov.in

Sd/- EXECUTIVE ENGINEER
RWS&S DIVISION, BALASORE

**OIPR 25013/11/0013/2223**

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Additional Chief Engineer,**
**Rushikulya Bahuda Basin, Berhampur - 760004**
**e-mail id: se_sicbam@yahoo.com** **A-436**

**e-Procurement Notice No. ACE,RBB – 14/2022-23**

1. Type of Work :- System Improvement Works..
2. Total No of Works :- 01 (One) No.
3. Amount put to tender :- Rs 880.19 lakh
4. Period of completion :- 17 ( Seventeen) calendar months

| Procurement officer | Bid Identification No. | Bid Amount (Rs. in lakh) | Availability & Submission of Bid On-line |
|---|---|---|---|
| Additional Chief Enginerr, Rushikulya Bahuda Basin,Berhampur | ACE,RBB,(BNID) - 29/2022-23 | 880.19 | From 16.08.2022, 10.00 A.M to 02.09.2022, 5.00 P.M. |

Date of opening of the Technical Bid:- 03.09.2022 at 11.30 A.M.
Further details can be seen from the Govt. website www.tendersodisha.gov.in

Additional Chief Engineer,
Rushikulya Bahuda Basin,
Berhampur.

**OIPR 32411/11/0020/2223**

**ତହସିଲ କାର୍ଯ୍ୟାଳୟ, ବୌଦ୍ଧ, ଜିଲ୍ଲା-ବୌଦ୍ଧ** **F-176**
(ଲଘୁ ଖଣିଜ ଦ୍ରବ୍ୟ ସକାଶେ ଲିଜ୍ ଇସ୍ତାହାର)
ବିଜ୍ଞପ୍ତି ସଂଖ୍ୟା ୩୧୯୧/ ତାରିଖ : ୦୩.୦୮.୨୦୨୨

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ବୌଦ୍ଧ ତହସିଲ, ଜିଲ୍ଲା-ବୌଦ୍ଧ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡ଼ିକର ଆସନ୍ତା ୫ (ପାଞ୍ଚ) ବର୍ଷ ଅର୍ଥାତ୍ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବା ଦିନଠାରୁ ଦୀର୍ଘମିଆଦି ଲିଜ୍ ପାଇଁ ତହସିଲଦାର, ବୌଦ୍ଧଙ୍କ ଦ୍ୱାରା ତା ୦୫.୦୮.୨୦୨୨ରିଖଠାରୁ ତା ୨୫.୦୮.୨୦୨୨ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟ ଦିବସ ଓ ସମୟରେ ଉପଲବ୍ଧ ହେବ । ସଇରାତ ଉତ୍ସର ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ସର୍ତ୍ତାବଳୀ www.boudh.nic.in ୱେବସାଇଟ୍‌ରେ ଉପଲବ୍ଧ ହେବ । ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି । ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତଗୁଡ଼ିକ ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିଲାମ ତାରିଖର ପୂର୍ବଦିନ ଯଥା ତା ୨୫.୦୮.୨୦୨୨ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଗ୍ରହଣ କରାଯିବ । ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତଗୁଡ଼ିକ ଗ୍ରହଣଯୋଗ୍ୟ ହେବ ନାହିଁ । ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାଫାଗୁଡ଼ିକ ତା ୨୬.୦୮.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତଗୁଡ଼ିକ ତନଖି କରାଯିବ ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି ।

**OIPR 24059/11/0002/2223** **ସ୍ୱା/- ତହସିଲଦାର, ବୌଦ୍ଧ**

**Government of Odisha**
**Department of Steel & Mines**
***
**TENDER CALL NOTICE** **G-25**

VIII-(OE-C)SM-8/2020(pt) 7606 /SM, Bhubaneswar Dated the 03.08.2022

Sealed tenders are invited from GST and Govt. Registered Travel Agencies/Tour Operators or private individuals for providing 01 No. of Vehicle i.e. "**Etios**" including driver on monthly hire basis, which shall confirm to the Terms and conditions given in Annexure-II for official use in Steel & Mines Department and Director of Steel.

1. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, Pollution Under Control Certificate, proof of up to date tax clearance etc. which are mandatory for plying of vehicle.
2. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. The monthly rate of hire charge be quoted separately in the general bid Information (excluding fuel, lubricants and GST)@ **17 KMS/ Litres**.
5. The vehicle hired shall be in good condition and shall not be older than three years. Vehicle older than **5 years** should be replaced by new vehicle by the service provider.
6. The details of the make and year of manufacture of the vehicle, Registration no. mileage (Kms covered per litre) and name of the Driver with Driving License No. and period of validity should be specifically provided in the general bid information to be furnished with the Quotation/Tender (Annexure-III)
7. The Quotation completed in all respect should reach the undersigned on or before **dt.10.08.2022 by 2.30 P.M**. and shall be opened on the same day at **3.30 P.M**. in presence of the bidders or their authorized representatives. In case this date happens to be a holiday, the tender will be opened on immediate next working day at the same designated time and place.
8. The application Form of quotation/tender containing General Bid Information & Terms and conditions for Hiring of Vehicles etc. will be available with the Joint Secretary to Government (OE), Steel & Mines Department on payment of Rs. 100/-(Non-refundable).
9. No Bid Security Money is required as per FD Letter No. 8484/F dated 05.04.2022 and a " BID SECURITY DECLARATION to be submitted in writing that " if I withdraw or modify my bid during period of validity etc I will be suspended for the time specified in the tender document."

The authority reserve the right to cancel any or all of the tenders without assigning any reason thereof.

**OIPR 30001/11/0004/2223** Sd/- Joint Secretary to Government



ତାଳଚେର, (ଭାସ୍କର ନ୍ୟୁଜ୍) : ବର୍ଷାଋତୁକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ କୋମଳମତୀ ଛାତ୍ରଛାତ୍ରୀମାନଙ୍କ କିପରି ସ୍ୱାସ୍ଥ୍ୟ ଠିକ୍ ରହିବ ଏବଂ ସ୍ୱାସ୍ଥ୍ୟରେ ଅବନତି ଦେଖାଦେଲେ ତାର ପ୍ରତିକାର ନିମନ୍ତେ ପ୍ରାଥମିକ ଚିକିତ୍ସା କରାଯାଇ ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ରଖାଯାଇ ପାରିବ ସେଥିନେଇ ଆଜି ତାଳବେଡ଼ା କ୍ଲଷ୍ଟର ପ୍ରାଥମିକ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶେଷତଃ ଭାବେ ଏହି ବର୍ଷାଋତୁରେ ଛାତ୍ରଛାତ୍ରୀମାନଙ୍କୁ ଖାଇବା ପୂର୍ବରୁ ପରିଷ୍କାର କରି ହାତଧୋଇବା, ଅତ୍ୟଧିକ ଗାଧୋଇବ ନାହିଁ, ବର୍ଷାରେ ଭିଜିବ ନାହିଁ, ଛାତ୍ରଛାତ୍ରୀମାନଙ୍କ ବିଶେଷ କରି ଖାଦ୍ୟ ପ୍ରଣାଳୀ ଶୈଳୀକୁ ଠିକ୍ ରଖିବା, ଫୁଟାପାଣି ବ୍ୟବହାର କରିବା, ଯେ କୌଣସି ଫଳ ଖାଇବା ପୂର୍ବରୁ ତାକୁ ପରିଷ୍କାର କରି ଖାଇବା ଉତ୍ୟାଦି ଉପରେ ପ୍ରଶିକ୍ଷଣ ଶିବରରେ ଆଲୋଚନା କରାଯାଇଥିଲା। ଏହି ଶିବିରରେ ହୋମିଓ ପାଥିକ ଡ଼ାକ୍ତର ଟୁନା ସାହୁ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ।



## ବାର୍ ମାଲିକଙ୍କ ଆକ୍ରମଣରେ ଯୁବକ ଗୁରୁତର

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ) : ଚୌଦ୍ୱାର ସହରରେ ଏବେ ମଦ ବାର ମାଲିକଙ୍କ ଗୁଣ୍ଡାଗର୍ଦ୍ଦି ଚର୍ଚ୍ଚାର ବିଷୟ ପାଲଟିଛି। ବାରରେ ବିକ୍ରି ହେଉଥିବା ଅବଧି ଶେଷ ମଦକୁ ନେବାକୁ ମନାକରିବାରୁ ଯୁବକଙ୍କୁ କରାଯାଇଛି ମରଣାନ୍ତକ ଆକ୍ରମଣ। ଚୌଦ୍ୱାର ସହର ଜେଲ ରୋଡ୍‌ରେ ଥିବା ଏଲିନା ମଦ ବାରକୁ ଗତ ଜୁଲାଇ ୨୮ତାରିଖରେ ଚୌଦ୍ୱାର ବଢେଇ ସାହିର ସମିର ମହାରଣା ମଦ ଆଣିବାକୁ ଯାଇଥିଲେ। ବାରର ସେଲସ୍‌ମ୍ୟାନ ତାଙ୍କୁ ଦେଇଥିବା ମଦ ବୋତଲରେ ଅବଧି ଶେଷ ହୋଇଯାଇଥିବା ଦେଖି ସମିର ଏହାକୁ ଫେରାଇ ନେବା ଲାଗି କହିଥିଲେ। ଏହି କଥାକୁ କେନ୍ଦ୍ରକରି କର୍ମଚାରୀଙ୍କ ସହ ସମିରଙ୍କ ଯୁକ୍ତିତର୍କ ହେଉଥିବା ବେଳେ ହଠାତ୍ ବାର ମାଲିକ ଓ ଅନ୍ୟଜଣେ କର୍ମଚାରୀ ଏକ ଲୁହା ପାଇପରେ ସମିରଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ସମିର ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରୁ ଦୌଡି ପଳାଇ ଆସିବା ବେଳେ ବାର୍ ମାଲିକ ବାପି ମଲ୍ଲ ଓ ତାଙ୍କ ସହଯୋଗୀ ତାଙ୍କୁ ଗୋଡେଇ ଗୋଡେଇ ପିଟିଥିଲେ। ପରେ ସମିର ଜେଲ ରାସ୍ତାର ଏକ ବୁଦାମୁଳରେ ଲୁଚି ଘରକୁ ଫୋନ କରିଥିଲେ। ଘର ଲୋକ ଆସିବା ପରେ ସମିର ଚୌଦ୍ୱାର ଥାନାକୁ ଯାଇ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସେଠାରୁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିବାବେଳେ ସମିରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ଅଭିଯୋଗ ପରେ ପୁଲିସ କେବଳ ଏକ ମାମଲା ରୁଜୁ କରି ହାଲୁକା ଦଫା ଲଗାଇ ଅଭିଯୁକ୍ତଙ୍କ ପ୍ରତି କୋହଳ ମନୋଭାବ ଦେଖାଉଥିବାର ସମିର ପ୍ରକାଶ କରିଛନ୍ତି। ଘଟଣାକୁ ୮ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ବାପି ମଲ୍ଲ ଓ ତା ସହଯୋଗୀଙ୍କୁ ଗିରଫ କରୁନଥିବାରୁ ସମିର ଏ ସଂକ୍ରାନ୍ତରେ କଟକ ଡିସିପିଙ୍କୁ ଦେଖାକରି ଅଭିଯୋଗ କରିଛନ୍ତି।



## ରଶିଲଗାଇ ଯୁବକର ଆତ୍ମହତ୍ୟା

ଧାମନଗର, (ଭାସ୍କର ନ୍ୟୁଜ) : ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ନିକଟସ୍ଥ ଖଡ଼ିପଦା ପଞ୍ଚାୟତର କୋରକଦା ଗ୍ରାମର ନୃସିଂହ ତ୍ରିପାଠୀଙ୍କ ପୁଅ ଚନ୍ଦନ ତ୍ରିପାଠୀ ପାରିବାରକ ପାରିବାରିକ କଳହରୁ ବେକରେ ରଶିଲଗା ଆତ୍ମହତ୍ୟା କରିଛନ୍ତି। ପ୍ରକାଶ ଥାଉକି ବୁଧବାର ସନ୍ଧ୍ୟାରେ ଚନ୍ଦନ ଓ ତାଙ୍କ ପରିବାର ମଧ୍ୟରେ ପାଟିମୁଣ୍ଡ ଲାଗିଥିଲା। ପରେ ଧାମନଗର କଲେଜ ରାସ୍ତାକଡ଼ରେ ଏକ ଗଛରେ ନିଜ ବେକରେ ରଶିଲଗାଇ ଚନ୍ଦନ ଆତ୍ମହତ୍ୟା କରିଥିଲା। ସ୍ଥାନୀୟ ଲୋକମାନେ ଦେଖି ପରିବାରଲୋକଙ୍କୁ ଖବର ଦେଇଥିଲେ। ପରେ ତାକୁ ଧାମନଗର ମେଡ଼ିକାଲକୁ ଆଣିଥିବାବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲା। ପୋଲିସ ଖବରପାଇ ଶବ ଜବତକରି ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି।

## ମଦ୍ୟପ ଯୁବକର ଉନ୍ମତ୍ତ କାଣ୍ଡ: ଥାନାରେ ଅଭିଯୋଗ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡା ଅଞ୍ଚଳରେ ମଦ କରିଛି ବାଉଳା। ରାତି ଅଧରେ ଗ୍ରାମଦାଣ୍ଡରେ ବୁଲୁଛି ଫାର୍ସ ଓ ଭୁଜାଲି। ଉନ୍ମତ୍ତ ଯୁବକ ୫ଟିରୁ ଉର୍ଦ୍ଧ୍ୱ ବାଇକକୁ ବାଡେଇ ବଙ୍କା କରିଥିବା ବେଳେ ସଂପୃକ୍ତ ଯୁବକ ନାମରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଫାଣ୍ଡି ଅଧିକାରୀ ଘଟଣାର ଅନୁସନ୍ଧାନ ଜାରି ରଖିଥିବା ବେଳେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିନାହାଁନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ କଳାପାଞ୍ଚଣ ପଞ୍ଚାୟତ ନାକଡିହ ଗ୍ରାମର ଅଶୋକ କରଣ ମଦ୍ୟପାନ କରି ଗ୍ରାମଦାଣ୍ଡରେ ଦିନରାତି ଆତଙ୍କ ସୃଷ୍ଟି କରିଆସୁଛି।



ଭଦ୍ରମହିଳାମାନଙ୍କୁ ଗାଳିଗୁଲଜ କରିବା ସହ ମହିଳାମାନଙ୍କର ଶୁଖୁଥିବା ପିନ୍ଧା ଲୁଗା ଓ ଅନ୍ତବସ୍ତ୍ର ଆଣି ଚିରି ପକାଉଛି। ଯାହାକୁ ନେଇ ଗ୍ରାମରେ ବିବାଦ ଦେଖାଦେଇଛି। ଗତ ବୁଧବାର ବିଳମ୍ବିତ ରାତ୍ର ଅଶୋକ ଫାର୍ସ ଭୁଜାଲି ଧରି ଗ୍ରାମଦାଣ୍ଡରେ ଆତଙ୍କ ସୃଷ୍ଟି କରିବା ସହ ବିଭିନ୍ନ ଲୋକଙ୍କୁ ଗାଳିଗୁଲଜ କରିଥିଲା। ନାକଡିହର ଚନ୍ଦ୍ରଭାନୁ ସେନାପତି ସୁଶାନ୍ତ ସେନାପତି ପ୍ରତିବାଦ କରିବାରୁ ସେମାନଙ୍କୁ ଜୀବନରେ ମାରିଦେବା ପାଇଁ ଉଦ୍ୟମ କରିବାରେ ଗ୍ରାମର ସମସ୍ତ ପରିବାର ଘରେ କବାଟ କିଳି ରହିଲେ। ଅଶୋକ କ୍ରୋଧାନ୍ୱିତ ହୋଇ ଘରବାରଣ୍ଡାରେ ଥିବା ବାଇକକୁ ଭାଙ୍ଗିବା ସହ ତାର କାଟିପକାଇଛି। ଏ ସଂପର୍କରେ ସୁଶାନ୍ତ ସେନାପତି ଚନ୍ଦ୍ରଭାନୁ ସେନାପତି ଥାନାରେ ଅଭିଯୋଗ କରିଛନ୍ତି।

## ରାଜ୍ୟରେ ସ୍ତନ୍ୟପାନର ସୁରକ୍ଷା ଓ ପ୍ରୋତ୍ସାହନ ପାଇଁ ପଦକ୍ଷେପ ନେଇଛି ବେଦାନ୍ତ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍) : ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ଝାରସୁଗୁଡ଼ା ଓ କଳାହାଣ୍ଡିରେ ସ ପ୍ତାହବ୍ୟାପୀ ସଚେତନତା, ପରାମର୍ଶ ଓ ସମ୍ବେଦନଶୀଳ ଅଧିବେଶନ ଜରିଆରେ ୨୦୦୦ରୁ ଅଧିକ ଗର୍ଭବତୀ ମହିଳା ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ନିକଟରେ ପହଁଚିଛି। 'ସ୍ତନ୍ୟପାନ ପାଇଁ ଷ୍ଟେପ ଅପ'କୁ ମୁଖ୍ୟ ପ୍ରସଙ୍ଗ କରି ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ବେଦାନ୍ତ ଆଲୁମିନିୟମର ହସପିଟାଲ (ଲାଞ୍ଜିଗଡ଼) ଓ ମମତା- ମା ଓ ଶିଶୁ ପାଇଁ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ମିଳିତ ଆନୁକୁଲ୍ୟରେ ପରିଚାଳିତ ହୋଇଥିଲା। ଶିଶୁ ଜୀବନର ପ୍ରଥମ ଛଅ ମାସକୁ କେବଳ ସ୍ତନ୍ୟପାନ କରାଇବା ଉପରେ ସଚେତନ ସୃଷ୍ଟି ସହିତ ଲାଞ୍ଜିଗଡ଼ ଅଂଚଳର ଗର୍ଭବତୀ ମହିଳାମାନଙ୍କ ଯତ୍ନ, ସେମାନଙ୍କ ପୁଷ୍ଟିକର ଖାଦ୍ୟପେୟ ବିଷୟରେ ସଚେତନ କରାଯାଇଥିଲା। କଂପାନିର ସ୍ୱାସ୍ଥ୍ୟ ସେବା ପଦକ୍ଷେପ ସଂପର୍କରେ ସୁନୀଲ ଗୁ ପ୍ତା, ସିଇଓ- ବେଦାନ୍ତ ଲିମିଟେଡ, ଝାରସୁଗୁଡ଼ା କହିଯେ ଆମର ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରାମାଂଚଳର ଲୋକମାନଙ୍କ ପାଇଁ ଗୁଣମାନର ସ୍ୱାସ୍ଥ୍ୟ ସେବା ପାଇଁ ସମର୍ପିତ। ଏଥିରେ ଡେପୁଟି ସିଇଓ, ବେଦାନ୍ତ ଲାଞ୍ଜିଗଡ଼ ଜି.ଜି.ପାଲ୍ ଓ ମାର୍ଗଦର୍ଶନକାରୀ ଡା. ଜୟନାରାୟଣ ପାଢ଼ୀ ପ୍ରମୁଖ ଯୋଗ ଦେଇ ସଦ୍ୟଜାତ ଶିଶୁ ପାଇଁ ମା କ୍ଷୀର ସର୍ବୋତ୍ତମ ବୋଲି ମତ ରଖିଥିଲେ।



## କଳାଙ୍ଗ ପ୍ରସିଦ୍ଧ ପିରବାବା ମନ୍ଦିର ପୁନରୁଦ୍ଧାର ଦାବି

ବୋଲଗଡ଼, (ଭାସ୍କର ନ୍ୟୁଜ୍):ବୋଲଗଡ ବ୍ଲକ ଅନ୍ତର୍ଗତ କଳାଙ୍ଗ ସ୍ଥିତ ପିରବାବା ପୀଠ କାହିଁ କେଉଁ କାଳରୁ ରହିଅଛି।ହିନ୍ଦୁ ଓ ମୁସଲମାନଙ୍କର ଆରାଧ ଠାକୁର ଭାବେ ପ୍ରସିଦ୍ଧି ଲାଭ କରିଛି।ଭକ୍ତ ମାନଙ୍କ ମାନସିକ ପୂରଣ ହେବା ଫଳରେ ପ୍ରତିହେ ଗୁରୁବାର ଦିନ ପୀଠରେ ଗହଳି ଲାଗିଥାଏ। ମାନସିକ ଭକ୍ତ ମାନେ କ୍ଷୀର ,ଫୁଲ, ଅତର ଚାଦର ଲାଗି ଆଦି କରିବା ସହିତ ମହିଳା ମାନେ ଧ୍ୟାନ କରିଥାନ୍ତି। ଏହି ପୁରାତନ ପିରବାବା ପୀଠର ଉନ୍ନତି ପାଇଁ ମାଣିକାଗୋଡା ଓ କଳାଙ୍ଗ ବାସୀ ରାଜ୍ୟ ମୁଖ୍ୟମନ୍ତ୍ରୀ,୫ଟି ସଚିବ ଓ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଅନୁରୋଧ କରିଅଛନ୍ତି।

## 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମ

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍) : ଭାରତ ସ୍ୱାଧୀନତାର ୭୫ତମ ପୂର୍ତ୍ତି ଅବସରରେ ସମଗ୍ର ଦେଶରେ ଏବେ ଆଜାଦି କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ଚଳିତ ଅଗଷ୍ଟ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଦେଶବାସୀ କିଭଳି ନିଜ ନିଜ ଘରେ ଜାତୀୟ ପତାକା ତ୍ରିରଙ୍ଗା ଉଡ଼ାଇ ପାରିବେ ସେ ସମ୍ପର୍କରେ ସଚେତନତା ବାର୍ତ୍ତା କାର୍ଯ୍ୟକ୍ରମ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଣ୍ଟେଲେକ୍ ଚୁଆଲ କ୍ଲବ, ଘୋରଡିଆ ଓ ନେହେରୁ ଯୁବ କେନ୍ଦ୍ର, ପୁରୀର ମିଳିତ ଆନୁକୂଲ୍ୟରେ ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ପ୍ରସାର ପ୍ରଚାର ନେଇ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସାମ୍ବାଦିକ ଦିଲ୍ଲୀପ କୁମାର ଧାଉଡିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପବିତ୍ର କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ଉଲ୍ଲାସ ଚନ୍ଦ୍ର ପାଟଶାଣୀ, ସ୍ୱେଚ୍ଛାସେବୀ ବେଣୁଧର ମଙ୍ଗରାଜ, ସାମାଜିକ କର୍ମୀ ଦୁର୍ଗାପ୍ରସାଦ ସାହୁ,ନବକିଶୋର ପାତ୍ର, ପ୍ରଦୀପ ବେହେରା, କାହ୍ନୁଚରଣ ସାହୁ, ରବୀନ୍ଦ୍ର କୁମାର ସାହୁ,ସୁଶାନ୍ତ ପୌଦାର, ରାମ ଚନ୍ଦ୍ର ପୃଷ୍ଟି, ପ୍ରକାଶ ସାହୁ, ଦେବରାଜ ବିଶ୍ୱାଳ,ଶ୍ରୀକାନ୍ତ ବୈରୀଗଞ୍ଜନ(ଟୁଲୁ) ରମେଶ ପାତ୍ର, ପ୍ରଶାନ୍ତ ପୌଦାର, ନିଳ ସାହୁ, ବ୍ରଜକିଶୋର ପାଟଳାସିଂହ, ବାଇଧର ବରାଳ, ବାମଦେବ ଜେନା, ପ୍ରକାଶ ଦାଶ ପ୍ରମୁଖ ଅନେକ ସମର୍ଥକ ଓ ଶୁଭେଚ୍ଛୁ ଅଂଶ ଗ୍ରହଣ ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଉଡ଼ାଇବାକୁ ଶପଥ ନେଇଥିଲେ।ସାମାଜିକ କର୍ମୀ ବେଣୁଧର ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୟାବହ ଅଗ୍ନିକାଣ୍ଡ: ୮ ବଖରା ଭସ୍ମୀଭୂତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ତହସିଲ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧିନ ଉପରଦୁମୁକା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୮ ବଖରା ଘର ଭସ୍ମୀଭୂତ ହୋଇଥିବା ଜଣାପଡିଛି। ଏହି ଅଗ୍ନିକାଣ୍ଡରେ ମୀନକେତନ ଦାସ, ବୈରାଗୀ ଦାସ, ଗଙ୍ଗାଧର ଦାସ, ଯଦୁମଣି ଦାସ ଓ ମଧୁସୂଦନ ଦାସଙ୍କର ୮ ବଖରା ଘର ସମେତ ଘରର ସମସ୍ତ ଆସବାବ ପତ୍ର, ଧାନ, ଚାଉଳ, ଦରକାରୀ କାଗଜପତ୍ର ଇତ୍ୟାଦି ପୋଡି ଭସ୍ମୀଭୂତ ହୋଇଯାଇଛି। ଏ ସମ୍ପର୍କରେ ଖବର ପାଇ ତିହିଡି ଦମକଳବାହିନୀ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିବା ଜଣାପଡିଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଥିବା ଆକଳନ କରାଯାଇଛି। ଅଗ୍ନିକାଣ୍ଡ ଘଟିବାର କାରଣ ଜଣାପଡିନି। ଅଗ୍ନିକାଣ୍ଡ ସମ୍ପର୍କରେ ଜାଣିବା ପରେ ସରପଞ୍ଚ ପବିତ୍ର ମୋହନ ମଲିକ, ବିଜେଡି ନେତା ଭୀମସେନ ବାରିକ, ସମବାୟ ସମିତିର ସଭାପତି ଭୀମସେନ ପ୍ରଧାନ ପ୍ରମୁଖ ଅଗ୍ନିବିପନ୍ନଙ୍କ ନିକଟରେ ପହଁଚି ସମବେଦନା ଜଣାଇବା ସହିତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶ୍ୟାମସୁନ୍ଦରପୁର ରାଜସ୍ୱ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡା ଅଗ୍ନିକାଣ୍ଡ ସ୍ଥଳରେ ପହଁଚି କ୍ଷୟକ୍ଷତିର ଆକଳନ କରି ଅଗ୍ନିବିପନ୍ନଙ୍କୁ ପଲିଥିନ୍ ଯୋଗାଇଛନ୍ତି।

## ନିୟମିତ ଜାମିନ ପାଇଲେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ

ବାଣପୁର, (ଭାସ୍କର ନ୍ୟୁଜ୍) : ଗୁରୁବାରେ ବାଣପୁର ବିଚାର ବିଭାଗୀୟ ଅଦାଲତରୁ ନିୟମିତ ଜାମିନ ପାଇଛନ୍ତି ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ। ପୂର୍ବରୁ ଉଚ୍ଚତମ ନ୍ୟାୟାଳୟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିବା ବେଳେ ବାଣପୁର ଅଦାଲତରେ ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଥିବାରୁ ପ୍ରଶାନ୍ତ ଜଗଦେବ ନିୟମିତ ଜାମିନ ପାଇ ପାରିନଥିଲେ। ଫଳରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ଜଗଦେବ ପିଆର ବଣ୍ଡରେ ବାଣପୁର କାରାଗାରରୁ ଜାମିନ ପାଇଥିଲେ। ତେବେ ଅଦାଲତ କାର୍ଯ୍ୟ ସ୍ୱାଭାବିକ ହେବା ପରେ ଗୁରୁବାର ମଧ୍ୟାହ୍ନରେ ବିଧାୟକ ପ୍ରଶାନ୍ତ ଜଗଦେବ ବାଣପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀଙ୍କ ଅଦାଲତରେ ହାଜର ହୋଇ ନିୟମିତ ଜାମିନରେ ଯାଇଛନ୍ତି। ଅଦାଲତଙ୍କ ସର୍ତ୍ତ ମୁତାବକ ଦୁଇ ଜଣ ଜାମିନଦାର ଏବଂ ୩୦ ହଜାର ଟଙ୍କା ମୁଚାଲିକାରେ ଜାମିନ ପାଇଛନ୍ତି ପ୍ରଶାନ୍ତ ଜଗଦେବ। ତେବେ ଉକ୍ତ ମାମଲାଟି ବାଣପୁର ଜେଏମଏଫସିଙ୍କ କୋର୍ଟରୁ ଭୁବନେଶ୍ୱର ଏଡିଜେ-୩ଙ୍କ ଅଦାଲତକୁ ସ୍ଥାନାନ୍ତର ହୋଇଛି।

## 'ଯାଜପୁର ମାଟିର ଗର୍ବ ଥିଲେ ମହାପାତ୍ର ବାବୁ'

ଯାଜପୁର, (ଭାସ୍କର ନ୍ୟୁଜ୍) : ଚାହୁଁ ଚାହୁଁ ଇତିମଧ୍ୟରେ ୧୦ ଦିନ ବିତିଗଲା। ଦିନରେ ୧୦ ଥର ଦେଖାହେଉଥିବା ଲୋକଟି ସତେଯେମିତି ଲୁଚକାଳି ଖେଳୁଛି ଯାଜପୁର ସହରରେ ରହୁଥିବା ତାଙ୍କର ଅତି ଆପଣାର ଲୋକମାନଙ୍କ ସହିତ। କିଏ କହେ ସେ ଯେଉଁଠିକି ଯାଇଛନ୍ତି ତାହା ଏକ ଅଫେରା ରାଜ୍ୟ। କେବଳ ସ୍ମୃତିରେ ସ୍ମୃତିରେ ସେ ବନ୍ଧୁମାନଙ୍କ ପାଖରେ ଏବେବି ଉପସ୍ଥିତ ଥିଲାପରି ଲାଗୁଅଛି। ଦଶରଥପୁର ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଏକ କୁଳୀନ ପରିବାରରେ ଜନ୍ମଗ୍ରହଣ କରି ନିଜର ଅଦମ୍ୟ ସାହସ, ଉତ୍ସାହ, କର୍ମତତ୍ପରତା ଓ ଉଚ୍ଚାଭିଳାଷ ତାଙ୍କୁ ଏତେ ଉଚ୍ଚ ସୋପାନରେ ପହ[illegible]ାଇଥିଲେ ଯେ ତାଙ୍କ ଅବର୍ତ୍ତମାନକୁ ସହଯୋଗୀମାନେ ସହିବା କଷ୍ଟକର ହୋଇପଡ଼ିଛି। ପିତା ସ୍ୱର୍ଗତଃ କାର୍ତ୍ତିକ ଚନ୍ଦ୍ର ମହାପାତ୍ର ପଶ୍ଚିମବଙ୍ଗ ସରକାରଙ୍କ ଅଧିନରେ ଜଣେ ସରକାରୀ କର୍ମଚାରୀଭାବେ କାର୍ଯ୍ୟ କରିଥିଲେ। ତାଙ୍କର ୩ ଗୋଟି ପୁଅ ମଧ୍ୟରେ ପ୍ରସନ୍ନ ଥିଲେ ଜ୍ୟେଷ୍ଠ ଓ ତାଙ୍କ ପରେ ପ୍ରମୋଦ ଓ ପ୍ରଦୀପ ଦୁଇପୁଅ ସହିତ ଜ୍ୟେଷ୍ଠା କନ୍ୟା ବିଶିଷ୍ଟ ସମାଜସେବୀ ତଥା କଂଗ୍ରେସ ଦଳର ଜଣେ ଟାଣୁଆ ନେତା ଶିଶିର ନାୟକଙ୍କୁ ବିବାହ କରିଥିଲେ। ପ୍ରସନ୍ନ ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଶେଷକରି ମଙ୍ଗଳପୁର ବଜାରରେ ଥିବା ସର୍ବପୁରାତନ ହାଇସ୍କୁଲ "ମହତାବ ହାଇସ୍କୁଲ"ରେ ମାଟ୍ରିକ୍ ପାଶ୍ କରିଥିଲେ। ପ୍ରକାଶଥାଉ କି, ସାରା ଯାଜପୁରର ସୁଖ୍ୟାତି ଅର୍ଜନ କରିଥିବା ସ୍ୱର୍ଗତଃ ଯଦୁମଣି ସାମଲ ଥିଲେ ସେସମୟର ପ୍ରଧାନଶିକ୍ଷକ। ଏହାପରେ ପ୍ରସନ୍ନ ସାଧୁ ଗୌଡ଼େଶ୍ୱର ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରି ସମାଜସେବାକୁ ନିଜର ଜୀବନର ପରମ ବ୍ରତଭାବେ ବାଛିନେଇଥିଲେ। ବାଲେଶ୍ୱରଠାରେ ବାଲେଶ୍ୱର ଜିଲ୍ଲା କଞ୍ଜ୍ୟୁମର କୋ-ଅପରେଟିଭ୍ ସୋସାଇଟିରେ ସମ୍ପାଦକଭାବେ ଯୋଗଦେଇ ନିଜ କର୍ମମୟ ଜୀବନର ପ୍ରଥମ ପାହାଚ ଚଢ଼ିବା ସହ ମନରେ ଉଙ୍କିମାରିଥିଲା ଅସୁମାରୀ ସ୍ୱପ୍ନ। ସେହି ସ୍ୱପ୍ନକୁ ସାକାର କରିବାପାଇଁ ସେ ଯାଜପୁର ଫେରି ଆରମ୍ଭ କରିଥିଲେ ଯାଜପୁର ଜିଲ୍ଲା କଞ୍ଜ୍ୟୁମର କୋ-ଅପରେଟିଭ୍ ସୋସାଇଟି। ଏହି ଅନୁଷ୍ଠାନର ସେ ଥିଲେ ପ୍ରତିଷ୍ଠାତା ସମ୍ପାଦକ। ମୃତ୍ୟୁ ପର୍ଯ୍ୟନ୍ତ ଏହି ଗୁରୁ ଦାୟିତ୍ୱକୁ ସୂଚାରୁରୂପେ ସମ୍ପାଦନା କରିବା ସହ ଅସଂଖ୍ୟ ପ୍ରଶଂସକ ଓ ବନ୍ଧୁ ଅର୍ଜନ କରିପାରିଥିଲେ। ଏ ସମସ୍ତଙ୍କୁ ହଠାତ୍ ଛାଡ଼ିଦେଇ ସେ ଏକ ଅଫେରା ପଥରେ ଚାଲିଯିବେ ବୋଲି କେହି କେବେ ସ୍ୱପ୍ନରେ ଭାବିନଥିଲେ। ହଠାତ୍ ତାଙ୍କ ମୃତ୍ୟୁ ଖବର ତାଙ୍କ ପ୍ରଶଂସକମାନଙ୍କର ପାଦତଳର ମାଟିକୁ ସତେଯେପରି ଖସାଇ ଦେଇଥିଲା। ସେବେଠୁ ପ୍ରିୟ ପରିଜନମାନେ ଗୁମୁରି ଗୁମୁରି କାନ୍ଦିବା ସହ ତାଙ୍କ ସହ ଅଙ୍ଗେ ନିଭାଇଥିବା ବହୁ କାହାଣୀ ସହରର ପ୍ରତି ଗଳିକନ୍ଦିରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି। ଅବଶ୍ୟ ବ୍ୟକ୍ତିଗତ ଜୀବନରେ ତାଙ୍କ ପରିବାର ପାଇଁ ସେ କୌଣସି ସାମାଜିକ କାର୍ଯ୍ୟକ୍ରମ ବାକି ରଖିନାହାନ୍ତି। ନିଜର ଦୁଇଟି ଝିଅଙ୍କୁ ଦୁଇଟି ଆଦର୍ଶ ପରିବାରରେ ବିଭାଦେବା ସହ ବୈଷୟିକ ଜ୍ଞାନକୌଶଳରେ ଚରମ ଉତ୍କର୍ଷତା ହାସଲ କରିଥିବା ଗୋଟିଏମାତ୍ର ପୁଅ ଏକ ପ୍ରତିଷ୍ଠିତ କମ୍ପାନୀର ଉଚ୍ଚ ସୋପାନରେ ଅବସ୍ଥାପିତ ହୋଇଛନ୍ତି। ତେବେ ସହର ତଥା ଜିଲ୍ଲାପାଇଁ ସେ ଆରମ୍ଭ କରିଥିବା ବିଭିନ୍ନ କାର୍ଯ୍ୟ ସତେଯେପରି ଅଧୁରା ରହି ତାଙ୍କ ଚଲାପଥକୁ ଚାହିଁବସିଛି। ଜଣେ ନିରଳସ, ମିଷ୍ଟଭାଷୀ, ପରୋପକାରୀ ତଥା ମେଳାପି ବନ୍ଧୁଙ୍କୁ ହରାଇ ଅସଂଖ୍ୟ ପ୍ରିୟଜନ ତାଙ୍କ ଗୁଣଗାନ କରୁଛନ୍ତି। ଜନ୍ମ ପରେ ମୃତ୍ୟୁ ଯେପରି ସତ୍ୟ, ପରପାରିକୁ ଚାଲିଯାଇଥିବା ସେ ମହାନ ଆତ୍ମା ଆଉ ନଫେରିବା ମଧ୍ୟ ସତ୍ୟ।



ଫାଇଲ୍ ଫଟୋ

## ବିପୁଳ ପରିମାଣର ଶାଗୁଆନ କାଠ ଜବତ

ଢେଙ୍କାନାଳ, (ଭାସ୍କର ନ୍ୟୁଜ) : ଶାଗୁଆନ ଗଛ କାଠଗଣ୍ଡି ସହିତ ୨ଟି ହାତ କରତ ଜବତ କଲା ବନବିଭାଗ। ଜିଲ୍ଲା ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ସେକ୍ସନ ଅଧିନସ୍ଥ ବାରିହାପୁର ପଂଚାୟତର ମଗର ମହାଣର ଏକ ଆମ୍ବ ବୁରି ବଗିଚାରୁ ଶାଗୁଆନ ଗଛ ଗଣ୍ଡି କଟାଯାଇଥିବା କାଠ ସହିତ ୨ଟି ହାତ କରତ ଜବତ ହୋଇଛି। ବିଶେଷ ସୂତ୍ରରୁ ଖବର ପାଇ ଡିହଡୋଳ ସେକ୍ସନ ବନପାଳ ଅଜିତ ଦଳେଇ ଓ ଅଁଳାକଟା ଏଲିଫ୍ୟାଂଟ ୱାଚ ଟାୱାରର ଫରେଷ୍ଟ ଗାର୍ଡ ନିରଞ୍ଜନ ନାୟକ ଏକ ଟିମ ବାରିବାପୁର ମଗର ମହାଣ ମିଟୁ ଆମ୍ବତୋଟାରେ ଅଚାନକ ଚଢାଉ କରିଥିଲା. ଚଢାଉରେ ୮୦ରୁ ୯୦ ସିଫ୍ଟ କଟା ଶାଗୁଆନ ଗଣ୍ଡି କାଠ ବନବିଭାଗ ଜବତ କରିଛି। ଜବତ ଶାଗୁଆନ କାଠର ଆନୁମାନିକ ମୂଲ୍ୟ ୨.୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ତେବେ ଏ ବିଷୟରେ ଡିହଡୋଳ ବନପାଳଙ୍କୁ ପଚାରିବାରୁ ଶାଗୁଆନ କାଠ ଜବତ କରାଯାଇଛି ଆସାମୀ ମାନେ ଦୌଡି ପଳେଇ ଯାଇଥିବାରୁ କୌଣସି କେସ କରାଯାଇନାହିଁ। ତେବେ ଡିହଡୋଳ ସେକ୍ସନ ବନପାଳ ଅଜିତ ଦଳେଇ କହିଛନ୍ତି କି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏପଟେ କାଠ ମାଫିଆମାନେ ଦୈନିକ ଜଙ୍ଗଲରୁ ନିର୍ଦ୍ଦିଦରେ ବହୁ ମୂଲ୍ୟବାନ କାଠ କାଟି ଚାଲାଣ କରୁଥିବା ବେଳେ ବନବିଭାଗ ଜାଣି ଅଜଣା ଭଳି ଅଭିନୟ କରୁଛି ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।


X-30

ଓଡିଶା ସରକାର

କୋରାପୁଟ ଜିଲ୍ଲାପାଳଙ୍କ କାଯ୍ୟାଳୟ

ଅଧିସୁଚନା

ପତ୍ରସଂଖ୍ୟା-୪୮୨/୨୨ ତାରିଖ-୧୮.୦୬.୨୨

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ଜୟପୁର ମାଲକାନଗିରି ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା:କନେଇଜୁବା, ଥାନା-ବୋରିଗୁମ୍ମା ନଂ-୨୮, ତହସିଲ-ବୋରିଗୁମ୍ମା, ଜିଲ୍ଲା-କୋରାପୁଟ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧୯.୫୧୬ ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ ( RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୁଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୁଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମୀ ଅଧିଗ୍ରହଣ ଅଧିସୁଚନା ସମ୍ପର୍କିତ ଅଧିସୁଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନିନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୁଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧-ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୁପ ଜୟପୁର ମାଲକାନଗିରି ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ନିର୍ବାହୀ ଯନ୍ତ୍ରୀ, ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ),ପୁର୍ବତଟ ରେଳପଥ କୋରାପୁଟ।
୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ- ଜୟପୁର ମାଲକାନଗିରି ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା।
୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ ସଂଲଗ୍ନ କରାଗଲା
୫-ପୂନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ ଜିଲ୍ଲାପାଳ,ଜୟପୁର।
୬-ଜମିର ବିବରଣୀ
ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ NIL ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟପୁର-ମାଲକାନଗିରି-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୁଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ଶ୍ରୀ ଅବ୍ଦାଲ ଏମ୍ ଅଖତର୍ (ଭା.ପ୍ର.ସେ)
ଜିଲ୍ଲାପାଳ

ଭୂମି ଅନୁସୁଚୀ
ମୌଜା:କନେଇଜୁବା, ଥାନା-ବୋରିଗୁମ୍ମା ନଂ-୨୮, ତହସିଲ-ବୋରିଗୁମ୍ମା, ଜିଲ୍ଲା-କୋରାପୁଟ
ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ସତ୍ୱ | ପ୍ଲଟ ନଂ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୫ | ରୟତି | ୧୨ | ୧.୭୩୦ | ୦.୫୦୭ | ଡଙ୍ଗର-୨ | ପଦୁ ଗାଦବା,ପି-ପିଡା ଗାଦବା,ଜା-ଗାଦବା,ବା-ନିଜଗାଁ |
| ୫୦/୧୯୫ | ରୟତି | ୧୪ | ୦.୩୮୦ | ୦.୦୬୪ | ଡଙ୍ଗର-୩ | ମଙ୍ଗଳଦେଇ ଗାଦବା ସ୍ୱା-ଘାସିରାମ ଗାଦବା, କମଲୁ ଗାଦବା ପି-ଘାସିରାମ ଗାଦବା ଜା-ଗାଦବା ବା-ନିଜଗାଁ |
| ୫୦/୨୮ | ରୟତି | ୧୪/୩୪୬ | ୦.୭୦୦ | | ଡଙ୍ଗର-୩ | ଭଗବାନ ଗାଦବା ପି-ମନଧର ଗାଦବା ଜା-ଗାଦବା ବା-କନେଇଜୁବା |
| ୫୦/୧୮୬ | ରୟତି | ୧୪/୫୦୦ | ୦.୫୦୦ | | ଡଙ୍ଗର-୩ | ଗୋବିନ୍ଦ ଗାଦବା ପି-ଘେନୁଆ ଗାଦବା ଜା-ଗାଦବା ବା-ନିଜଗାଁ |
| ୫୦/୧୮୭ | ରୟତି | ୧୪/୫୦୮ | ୦.୨୦୦ | | ଡଙ୍ଗର-୩ | ଲମ୍ବୋଦର ଗାଦବା ପି-ଘେନୁଆ ଗାଦବା ଜା-ଗାଦବା ବା-ନିଜଗାଁ |
| ୫୦/୧୮୮ | ରୟତି | ୧୪/୫୧୨ | ୦.୩୨୦ | | ଡଙ୍ଗର-୩ | ଅଭିମନ୍ୟୁ ଗାଦବା ପି-ଘେନୁଆ ଗାଦବା ଜା-ଗାଦବା ବା-ନିଜଗାଁ |
| ୫୦/୧୮୯ | ରୟତି | ୧୪/୫୧୭ | ୦.୧୦୦ | | ଡଙ୍ଗର-୩ | ନିଳକଣ୍ଠ ଗାଦବା ପି-ଘେନୁଆ ଗାଦବା ଜା-ଗାଦବା ବା-ନିଜଗାଁ |
| | | ୧୪/୫୧୮ | ୦.୩୦୦ | | ଡଙ୍ଗର-୩ | |
| | | ୧୪/୫୨୦ | ୦.୨୦୦ | | ଡଙ୍ଗର-୩ | |
| ୫୦/୧୯୦ | ରୟତି | ୧୪/୫୨୯ | ୦.୧୨୦ | | ଡଙ୍ଗର-୩ | ଦସରଥ ଗାଦବା ପି-ଘେନୁଆ ଗାଦବା ଜା-ଗାଦବା ବା-ନିଜଗାଁ |
| ୫୦/୧୯୧ | ରୟତି | ୧୪/୫୩୪ | ୦.୧୩୦ | | ଡଙ୍ଗର-୩ | ତୁଳାରାମ ଗାଦବା ପି-ଚୈତନ୍ୟ ଗାଦବା ଜା-ଗାଦବା ବା-ନିଜଗାଁ |
| ୫୦/୧୯୨ | ରୟତି | ୧୪/୫୩୯ | ୦.୧୩୦ | | ଡଙ୍ଗର-୩ | ଭକ୍ତରାମ ଗାଦବା ପି-ଚୈତନ୍ୟ ଗାଦବା ଜା-ଗାଦବା ବା-ନିଜଗାଁ |
| ୩୩ | ରୟତି | ୧୫ | ୧.୩୫୦ | ୧.୩୫୦ | ଡଙ୍ଗର-୩ | ମୁକୁନ୍ଦ ଗାଦବା,ପି-ଅର୍ଜୁନ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୫୦/୨୦୦ | ରୟତି | ୧୬ | ୦.୨୮୦ | ୩.୨୨୩ | ଡଙ୍ଗର-୨ | ନିଳା ଗାଦବା,ସ୍ୱା-ଖଗପାତି ଗାଦବା, କମଲୁ ଗାଦବା,ପି-ଖଗପତି ଗାଦବା,ଜା-ଗାଦବା,ବା-ନିଜଗାଁ |
| ୫୦/୫୪ | ରୟତି | ୧୬/୩୭୦ | ୧.୦୦୦ | | ଡଙ୍ଗର-୨ | ଭଗବାନ ଗାଦବା ପି-ମନଧର ଗାଦବା ଜା-ଗାଦବା ବା-ନିଜଗାଁ |
| ୫୦/୬୧ | ରୟତି | ୧୬/୩୭୭ | ୨.୫୦୦ | | ଡଙ୍ଗର-୨ | ଭାନୁ ଗାଦବା ସ୍ୱା-ତୁଳାରାମ ଗାଦବା ଜା-ଗାଦବା ବା-ନିଜଗାଁ |
| ୫୦/୬୩ | ରୟତି | ୧୬/୩୮୧ | ୦.୯୦୦ | | ଡଙ୍ଗର-୨ | ଭାନୁ ଗାଦବାଣି ସ୍ୱା-ତୁଳାରାମ ଗାଦବା ଜା-ଗାଦବା ବା-ନିଜଗାଁ |
| ୩୩ | ରୟତି | ୧୮ | ୦.୮୧୦ | ୦.୮୧୦ | ଡଙ୍ଗର-୨ | ମୁକୁନ୍ଦ ଗାଦବା,ପି-ଅର୍ଜୁନ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୫୦/୨୦୦ | ରୟତି | ୧୯ | ୧.୮୦୦ | ୧.୮୦୦ | ଡଙ୍ଗର-୨ | ନିଳା ଗାଦବା,ସ୍ୱା-ଖଗପାତି ଗାଦବା, କମଲୁ ଗାଦବା,ପି-ଖଗପତି ଗାଦବା,ଜା-ଗାଦବା,ବା-ନିଜଗାଁ |
| ୫୦/୧୯୯ | ରୟତି | ୨୦ | ୨.୮୦୦ | ୨.୮୦୦ | ଡଙ୍ଗର-୨ | ଗୋବିନ୍ଦ ଗାଦବା,ଲମ୍ବୋଦର ଗାଦବା, ଅଭିମନ୍ୟୁ ଗାଦବା,ନିଳକଣ୍ଠ ଗାଦବା, ଦଶରଥ ଗାଦବା,ହରି ଗାଦବା,ପି-କମଲଲୋଚନ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୩ | ରୟତି | ୨୧ | ୦.୭୮୦ | ୦.୭୮୦ | ଡଙ୍ଗର-୨ | ଆଙ୍କୁ ଗାଦବା,ସୁକମନ ଗାଦବା ପି-ଧନ ଗାଦବା, ଜା-ଗାଦବା,ବା-ନିଜଗାଁ |
| ୪୨ | ରୟତି | ୨୨ | ୦.୩୩୦ | ୦.୩୩୦ | ଡଙ୍ଗର-୩ | ସୁକମନ ଗାଦବା ପି-ଧନ ଗାଦବା, ଜା-ଗାଦବା,ବା-ନିଜଗାଁ |
| ୪୪ | ରୟତି | ୨୪ | ୦.୬୧୦ | ୦.୬୧୦ | ଡଙ୍ଗର-୨ | ସୁନାଧର ଗାଦବା, ପି-ରାମ ଗାଦବା, ଜା-ଗାଦବା,ବା-ନିଜଗାଁ |
| ୪୪ | ରୟତି | ୨୬ | ୦.୦୯୦ | ୦.୦୯୦ | ଧାନ-୩ | ସୁନାଧର ଗାଦବା, ପି-ରାମ ଗାଦବା, ଜା-ଗାଦବା,ବା-ନିଜଗାଁ |
| ୪୩ | ରୟତି | ୨୮ | ୦.୨୭୦ | ୦.୧୫୯ | ଧାନ-୨ | ମଧୁ ସୁଦନ ଗାଦବା, ରଘୁନାଥ ଗାଦବା,ପି-ସୁନାଧର ଗାଦବା, ଜା-ଗାଦବା,ବା-ନିଜଗାଁ |
| ୪୩ | ରୟତି | ୨୯ | ୦.୮୮୦ | ୦.୯୧୦ | ଧାନ-୨ | ମଧୁ ସୁଦନ ଗାଦବା, ରଘୁନାଥ ଗାଦବା,ପି-ସୁନାଧର ଗାଦବା, ଜା-ଗାଦବା,ବା-ନିଜଗାଁ |
| ୫୦/୯ | ରୟତି | ୨୯/୩୨୪ | ୦.୨୦୦ | | ଧାନ-୨ | ସୁକମନ ଗାଦବା ପି-ଧନ ଗାଦବା, ଜା-ଗାଦବା,ବା-ନିଜଗାଁ |
| ୪୩ | ରୟତି | ୩୦ | ୧.୩୨୦ | ୦.୯୬୩ | ଧାନ-୨ | ମଧୁ ସୁଦନ ଗାଦବା, ରଘୁନାଥ ଗାଦବା,ପି-ସୁନାଧର ଗାଦବା, ଜା-ଗାଦବା,ବା-ନିଜଗାଁ |
| ୪୩ | ରୟତି | ୩୧ | ୦.୧୫୦ | ୦.୦୨୪ | ଧାନ-୩ | ମଧୁ ସୁଦନ ଗାଦବା, ରଘୁନାଥ ଗାଦବା,ପି-ସୁନାଧର ଗାଦବା, ଜା-ଗାଦବା,ବା-ନିଜଗାଁ |
| ୩୩ | ରୟତି | ୩୬ | ୦.୯୧୦ | ୦.୭୩୮ | ଧାନ-୩ | ମୁକୁନ୍ଦ ଗାଦବା,ପି-ଅର୍ଜୁନ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୩୩ | ରୟତି | ୩୮ | ୨.୪୩୦ | ୦.୧୨୦ | ଡଙ୍ଗର-୨ | ମୁକୁନ୍ଦ ଗାଦବା,ପି-ଅର୍ଜୁନ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୯ | ରୟତି | ୬୮ | ୧.୭୧୦ | ୧.୧୫୯ | ଡଙ୍ଗର-୨ | ଖଗପତି ଗାଦବା,ପି-ଡମ୍ବରୁ ନାୟକ,ଜା-ଗାଦବା,ବା-ନିଜଗାଁ |
| ୪୧ | ରୟତି | ୬୯ | ୧.୧୯୦ | ୦.୧୪୫ | ଡଙ୍ଗର-୨ | ଶିବ ଗାଦବା,ପି-ଖେଦୋ ଗାଦବା,ଜା-ଗାଦବା,ବା-ନିଜଗାଁ |
| ୫୦/୪୨ | ରୟତି | ୭୨ | ୧.୬୭୭ | ୦.୩୨୦ | ଡଙ୍ଗର-୨ | ନନ୍ଦନ ମାଝୀ,ପି-ଶ୍ୟାମଘନ ମାଝୀ, ଜା-ଭତରା, ବା-ସାନଗୁମୁଡା,ଜି-ନବରଙ୍ଗପୁର |
| ୨୬ | ରୟତି | ୭୩ | ୧.୩୦୦ | ୦.୦୭୩ | ଡଙ୍ଗର-୨ | ବଳରାମ ପୁଜାରି , ମଧୁ ପୁଜାରୀ ପି-ମନ୍ଦର ଜା- ଗାଦବା ଗାଦବା ବା-ନିଜଗାଁ |
| ୩୮ | ରୟତି | ୭୬ | ୨.୧୪୦ | ୧.୦୬୯ | ଡଙ୍ଗର-୨ | ସମ୍ବାରୁ ଗାଦବା,ପି-ଚାମରା ଗାଦବା,ଜା-ଗାଦବା,ବା-ନିଜଗାଁ |
| ୯ | ରୟତି | ୭୭ | ୦.୫୬୦ | ୦.୦୧୧ | ଡଙ୍ଗର-୨ | ଖଗପତି ଗାଦବା,ପି-ଡମ୍ବରୁ ନାୟକ,ଜା-ଗାଦବା,ବା-ନିଜଗାଁ |
| ୨୬ | ରୟତି | ୭୮ | ୧.୬୦୦ | ୦.୯୪୩ | ଡଙ୍ଗର-୨ | ବଳରାମ ପୁଜାରି ମଧୁ ପୁଜାରି ପି-ମନ୍ଦର ଗାଦବା ଜା-ଗାଦବା ବା-ନିଜଗାଁ |
| ୧୬ | ରୟତି | ୭୯ | ୨.୩୪୦ | ୦.୫୧୮ | ଡଙ୍ଗର-୨ | ଚୈତନ ଗଣ୍ଡା, ପି-ଖଗପତି ମହୁରିଆ,ଜା-ଡମ୍ବ,ବା-ନିଜଗାଁ |
| | | ମୋଟ | | ୧୯.୫୧୬ | | |

ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ଜୟପୁର-ନବରଙ୍ଗପୁର/ ଜୟପୁର-ମାଲକାନଗିରି ନୂତନ ଓସାରିଆ
ରେଳ ସଂଯୋଗୀକରଣ ପ୍ରକଳ୍ପ, ଜୟପୁର, ଜିଲ୍ଲା- କୋରାପୁଟ

OIPR 24057/14/0047/2223



ନୂଆଦିଲ୍ଲୀ : ଭାରତୀୟ ଜନତା ପାର୍ଟିରେ ହରିୟାଣା କଂଗ୍ରେସର ବରିଷ୍ଠ ନେତା କୁଲଦୀପ ବିଷ୍ଣୋଇ ଯୋଗ ଦେଇଛନ୍ତି। ବୁଧବାର ସେ ଆଡାମପୁର ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ସେ ନିଜେ ଜୁନ୍ ମାସରେ କଂଗ୍ରେସରୁ ବହିଷ୍କୃତ ହୋଇଥିଲେ। ସେ ମଧ୍ୟ ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିଲେ। କୁଲଦୀପ ବିଧାୟକ ପଦରୁ ଇସ୍ତଫା ଦେବା ପରେ ବିଜେପିରେ ଯୋଗ ଦେଇଛନ୍ତି। ଦୀର୍ଘ ଦିନର ବିଦ୍ରୋହ ପରେ ସେ ଦଳ ଛାଡିବାକୁ ନିଷ୍ପତ୍ତି ନେଇଥିଲେ।

## ଆମେରିକା କଂଗ୍ରେସର ଅନୁମୋଦନ
## ସ୍ୱିଡେନ-ଫିନଲ୍ୟାଣ୍ଡ ନାଟୋରେ ଯୋଗଦେବେ



ନୂଆଦିଲ୍ଲୀ : ୟୁକ୍ରେନ ଉପରେ ରୁଷର ଆକ୍ରମଣ ସମୟରେ ସେ ନାଟୋ (ଉତ୍ତର ଆଟଲାଣ୍ଟିକ୍ ଚୁକ୍ତି ସଂଗଠନ)ରେ ଯୋଗଦେବାକୁ ଚେଷ୍ଟା କରୁଛି। ରୁଷ ଏହାର ଅନ୍ୟ ପଡୋଶୀ ଦେଶମାନଙ୍କୁ ମଧ୍ୟ ନାଟୋଠାରୁ ଦୂରରେ ରଖିବାକୁ ଉଦ୍ୟମ କରୁଥିଲାବେଳେ ଫିନଲ୍ୟାଣ୍ଡ ଏବଂ ସ୍ୱିଡେନ ନାଟୋ ଗୋଷ୍ଠୀରେ ଯୋଗଦେବେ। ରୁଷର ଧମକ ମଧ୍ୟରେ ସେମାନେ ନାଟୋ ସଦସ୍ୟତା ପାଇଁ ଆବେଦନ କରିଥିଲେ, ଯାହା ଆମେରିକା କଂଗ୍ରେସର ଅନୁମୋଦନ ଲାଭ କରିଛି। ତୁର୍କୀ ନାଟୋରେ ଯୋଗଦେବା ପାଇଁ ସ୍ୱିଡେନର ଉଦ୍ୟମକୁ ବିରୋଧ କରିଥିଲା, କିନ୍ତୁ ଆମେରିକା ତାକୁ ମନାଇବାରେ ସକ୍ଷମ ହୋଇଛି। ଏଭଳି ପରିସ୍ଥିତିରେ ଏହି ଦୁଇ ଦେଶର ସଦସ୍ୟତା ପାଇଁ ଆମେରିକା କଂଗ୍ରେସର ଅନୁମୋଦନ ଆବଶ୍ୟକ ଥିଲା। ଯାହା ବର୍ତ୍ତମାନ ଘଟିଛି । ସ୍ୱିଡେନ, ଫିନଲ୍ୟାଣ୍ଡ ଏବଂ ନରୱେ ଏହି ତିନୋଟି ଦେଶକୁ ସ୍କାଣ୍ଡିନାଭିଆ ଦେଶ ଭାବେ ବିବେଚନା କରାଯାଏ । ନାଟୋର ପ୍ରତିଷ୍ଠାତା ସଦସ୍ୟମାନଙ୍କ ମଧ୍ୟରୁ ନରୱେ ଅନ୍ୟତମ । ଫିନଲ୍ୟାଣ୍ଡ ଏବଂ ସ୍ୱିଡେନ ଏପର୍ଯ୍ୟନ୍ତ ନିଜକୁ କୌଣସି ସାମରିକ ମିଳିତ ମଞ୍ଚର ଅଂଶ ହେବାକୁ ବାରଣ କରିଥିଲେ। କିନ୍ତୁ ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ ଉଭୟ ଦେଶରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଜନସାଧାରଣ ଉଭୟ ଦେଶକୁ ନାଟୋରେ ଯୋଗଦେବାକୁ ଅନୁମୋଦନ କରିଥିଲେ। ଯାହା ପରେ ଉଭୟ ଦେଶର ପାର୍ଲାମେଣ୍ଟରେ ଏ ସମ୍ପର୍କରେ ଘୋଷଣା କରାଯାଇଥିଲା। ବର୍ତ୍ତମାନ ଆମେରିକା କଂଗ୍ରେସର ଅନୁମୋଦନ ପାଇବା ପରେ ଏହି ପ୍ରକ୍ରିୟା ବହୁତ ଦ୍ରୁତ ହେବ। ଏହି ତିନୋଟି ସ୍କାଣ୍ଡିନାଭିଆ ଦେଶର ସୀମା ରୁଷ ସହିତ ରହିଛି ଏବଂ ସେମାନେ ରୁଷର କିଛି ଅଂଶ ସହିତ ଯୋଗାଯୋଗ କରନ୍ତି ।

## 'ଆମର କାମ ହେଉଛି ସମ୍ବିଧାନର ସୁରକ୍ଷା'

ନୂଆଦିଲ୍ଲୀ : ନ୍ୟାସନାଲ ହେରାଲ୍ଡ ମାମଲାରେ ଚାଲିଥିବା ଇଡି ଅନୁସନ୍ଧାନ ବେଳେ ୟଙ୍ଗ ଇଣ୍ଡିଆର କାର୍ଯ୍ୟାଳୟକୁ ସିଲ୍ କରାଯିବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିଜର ପ୍ରତିକ୍ରିୟା ଦେଇଛନ୍ତି।



ରାହୁଲ କହିଛନ୍ତି- ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୟ କରୁନାହୁଁ। ସେମାନେ ଯାହା କରିବାକୁ ଚାହାଁନ୍ତି ତାହା କରନ୍ତୁ । ଆମର କାମ ହେଉଛି ସମ୍ବିଧାନର ସୁରକ୍ଷା ପାଇଁ ଲଢିବା। ଦେଶର ସମ୍ମାନ ପାଇଁ ସଂଗ୍ରାମ କରୁଛୁ । ଏହି ଯୁଦ୍ଧ ଜାରି ରହିବ । ରାହୁଲ କହିଛନ୍ତି – ବର୍ତ୍ତମାନ କୌଣସି ସତ୍ୟଗ୍ରାହ ହେବ ନାହିଁ, ବର୍ତ୍ତମାନ ଯୁଦ୍ଧ ହେବ। ରାହୁଲଙ୍କ ବିବୃତ୍ତିରେ ବିଜେପି ମୁଖପାତ୍ର ସମ୍ବିତ ପାତ୍ରା କହିଛନ୍ତି- ଦେଶର ଆଇନ ସମସ୍ତଙ୍କ ପାଇଁ ସମାନ। ସେ କଂଗ୍ରେସ ସଭାପତି କିମ୍ବା କଂଗ୍ରେସର ପୂର୍ବତନ ସଭାପତିଙ୍କ ପାଇଁ ପରିବର୍ତ୍ତନ କରିପାରିବେ ନାହିଁ। ସେମାନେ ଭାରତର ନିୟମ ସହିତ ବିବାଦ କରିବାକୁ ଚାହୁଁଛନ୍ତି। ସେମାନଙ୍କୁ ଆଇନ ବିରୁଦ୍ଧରେ ଲଢିବାକୁ ଅନୁମତି ଦିଆଯିବ ନାହିଁ କିମ୍ବା ସେମାନଙ୍କୁ ପଳାଇଯିବାକୁ ମଧ୍ୟ ଦିଆଯିବ ନାହିଁ। ନ୍ୟାସନାଲ ହେରାଲ୍ଡ ମାମଲାରେ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଦିଲ୍ଲୀର ହେରାଲ୍ଡ ବିଲଡିଂରେ ଅବସ୍ଥିତ ୟଙ୍ଗ ଇଣ୍ଡିଆ କମ୍ପାନୀର କାର୍ଯ୍ୟାଳୟକୁ ସିଲ୍ କରିଛି।

## ରାତି ଅଧରେ ଇଡିରେ ହାଜର ହେଲେ ଖଡଗେ

ନୂଆଦିଲ୍ଲୀ : କଂଗ୍ରେସ ଅଭିଯୋଗ କରିଛି ଯେ ସଂସଦ ଅଧିବେଶନରେ ଥିବା ସମୟରେ ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ (ଇଡି) ଦ୍ୱାରା ରାଜ୍ୟସଭାରେ ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କୁ ଡକାଯିବାରୁ ଜଣାପଡିଛି ଯେ ମୋଦୀ ଶାସନର ସ୍ତର ଦିନକୁ ଦିନ ଖରାପ ହେବାରେ ଲାଗିଛି। ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଟୁଇଟ୍ କରି କହିଛନ୍ତି ଯେ ସଂସଦ ଅଧିବେଶନରେ ଥିବାବେଳେ ଇଡି ରାଜ୍ୟସଭାରେ ବିରୋଧୀଦଳର ନେତା ମଲ୍ଲିକାର୍ଜୁନ ଖଡଗେଙ୍କୁ ଡକାଇଛି। ସେ ରାତି ପ୍ରାୟ ୧୨:୩୦ ସମୟରେ ସଂସଦ ଛାଡି ଇଡି ସମ୍ମୁଖରେ ହାଜର ହୋଇଥିଲେ।



ଖଡଗେ କହିଛନ୍ତି ଯେ ତାଙ୍କୁ ରାତି ୧୨.୩୦ରେ ଇଡି ଡକାଇଛି ତେଣୁ ସେ ଆଇନ ଅନୁସରଣ କରିବାକୁ ଇଡି କାର୍ଯ୍ୟାଳୟକୁ ଯିବାକୁ ଚାହୁଁଛନ୍ତି। ସେ କହିଥିଲେ,'ଗୃହ ଚାଲିଥିବାବେଳେ ଇଡି ମୋତେ ଡକାଇବା ଉପଯୁକ୍ତ କି?

## ହାୱାଲା କାରବାରର ପ୍ରମାଣ ମିଳିଲା
## ସୋନିଆ-ରାହୁଲଙ୍କ ବିବୃତ୍ତି ପୁନ-ଯାଞ୍ଚ କରିବ ଇଡି




ନୂଆଦିଲ୍ଲୀ : ନ୍ୟାସନାଲ ହେରାଲ୍ଡ ମାମଲାରେ ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ (ଇଡି) ହାୱାଲା ଲିଙ୍କ ପାଇଛି । ଇଡି ବର୍ତ୍ତମାନ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବିବୃତ୍ତିକୁ ପୁନ ଯାଞ୍ଚ କରିବ। ଇଡି ସୂତ୍ରରୁ କୁହାଯାଇଛି ଯେ ନ୍ୟାସନାଲ ହେରାଲ୍ଡ, ଏହାର ଅନୁବନ୍ଧିତ କମ୍ପାନୀ ଏବଂ ତୃତୀୟ ପକ୍ଷ ମଧ୍ୟରେ ହାୱାଲା କାରବାରର ପ୍ରମାଣ ମିଳିଛି। ଦିଲ୍ଲୀର ହେରାଲ୍ଡ ବିଲଡିଂରେ ୟଙ୍ଗ ଇଣ୍ଡିଆ କାର୍ଯ୍ୟାଳୟର ଅନୁସନ୍ଧାନ ବେଳେ ଇଡି କିଛି ଡକ୍ୟୁମେଣ୍ଟ ପାଇଛି। ଏହି ଡକ୍ୟୁମେଣ୍ଟରେ ମୁମ୍ବାଇ ଏବଂ କୋଲକାତାରେ ହାୱାଲା ଅପରେଟରଙ୍କ କାରବାରର ପ୍ରମାଣ ମିଳିଛି। ସୂଚନାନୁସାରେ, ୟଙ୍ଗ ଇଣ୍ଡିଆ କାର୍ଯ୍ୟାଳୟର ତଦନ୍ତ ଶେଷ ହେବା ପରେ ଅନୁସନ୍ଧାନକାରୀ ସଂସ୍ଥା ପ୍ରମୁଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏହି କାର୍ଯ୍ୟ କ'ଣ ହେବ, ଉତ୍ସଗୁଡିକ ଏପର୍ଯ୍ୟନ୍ତ ସ୍ପଷ୍ଟ ଭାବରେ କହି ନାହାଁନ୍ତି । ପଚରାଉଚରା ବେଳେ ସୋନିଆ ଏବଂ ରାହୁଲ ଗାନ୍ଧୀ କହିଥିଲେ ଯେ ସେମାନେ ୟଙ୍ଗ ଇଣ୍ଡିଆରୁ କୌଣସି ନଗଦ ସମ୍ବନ୍ଧୀୟ ଲାଭ ନେଇ ନାହାଁନ୍ତି। ୟଙ୍ଗ ଇଣ୍ଡିଆରୁ ମିଳିଥିବା ଦଲିଲଗୁଡ଼ିକ ପରେ ଇଡି ଉଭୟଙ୍କ ଉତ୍ତରରେ ସନ୍ତୁଷ୍ଟ ନୁହଁନ୍ତି, ତେଣୁ ସେମାନଙ୍କ ବିବୃତ୍ତି ପୁନ ଯାଞ୍ଚ କରାଯିବ । ନ୍ୟାସନାଲ ହେରାଲ୍ଡ ମାମଲାରେ ସୋନିଆ ଗାନ୍ଧୀଙ୍କୁ ୩ ଦିନରେ ୧୨ ଘଣ୍ଟା ପଚରାଉଚରା କରାଯାଇଥିଲା। ଇଡି ୨୧ ଜୁଲାଇରେ ୩ ଘଣ୍ଟା, ୨୬ ଜୁଲାଇରେ ୬ ଘଣ୍ଟା ଏବଂ ୨୭ ଅଗଷ୍ଟରେ ୩ ଘଣ୍ଟା ପ୍ରଶ୍ନ କରିଥିଲା। ଏହି ସମୟରେ ତାଙ୍କଠାରୁ ୧୦୦ ରୁ ଅଧିକ ପ୍ରଶ୍ନ ପଚରାଯାଇଥିଲା । ଜୁନ୍ ମାସରେ ୫ ଦିନ ମଧ୍ୟରେ ରାହୁଲ ଗାନ୍ଧୀଙ୍କୁ ୫୦ ଘଣ୍ଟାରୁ ଅଧିକ ସମୟ ଧରି ପ୍ରଶ୍ନ କରିଥିଲେ ଇଡି।

## ମଙ୍କିପକ୍ସ : ଦିଲ୍ଲୀରେ ମହିଳା ସଂକ୍ରମିତ, ଦେଶରେ ୯ ମାମଲା

ନୂଆଦିଲ୍ଲୀ: ଭାରତରେ ମଙ୍କିପକ୍ସ ମାମଲା ବୃଦ୍ଧି ପାଉଛି। କେରଳରେ ମଙ୍କିପକ୍ସରେ ଜଣଙ୍କର ମୃତ୍ୟୁ ହୋଇଥିଲାବେଳେ ଏବେ ଭାରତରେ ମଙ୍କିପକ୍ସର ନବମ ମାମଲା ସାମ୍ନାକୁ ଆସିଛି। ଦିଲ୍ଲୀର ଜଣେ ୩୧ ବର୍ଷୀୟ ନାଇଜେରିଆ ମହିଳାଙ୍କଠାରେ ମଙ୍କିପକ୍ସ ଥିବା ଜଣାପଡିଛି। ମହିଳା ଜଣକ ଜ୍ୱରରେ ପୀଡିତ ଅଛନ୍ତି ଏବଂ ତାଙ୍କ ହାତରେ କ୍ଷତ ଅଛି। ପୀଡିତା ଲୋକନାୟକ ଜୟପ୍ରକାଶ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଉକ୍ତ ମହିଳା ଦେଶ ବାହାରକୁ ଯାଇ ନଥିଲେ। ସେ ଦୀର୍ଘ ଦିନ ଧରି ଦିଲ୍ଲୀରେ ଅଛନ୍ତି। ଏଭଳି ପରିସ୍ଥିତିରେ ମଙ୍କିପକ୍ସର



ସଂକ୍ରମଣ ତାଙ୍କ ନିକଟରେ କିପରି ପହଞ୍ଚିଲା, ଏହାର ଅନୁସନ୍ଧାନ କରାଯାଉଛି। କୁହାଯାଉଛି ଯେ ମହିଳା ଜଣକ ଜ୍ୱର ଏବଂ ଶରୀରରେ ଘା'ଭଳି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଦିଲ୍ଲୀର ମଙ୍କିପକ୍ସର ଏହା ହେଉଛି ଚତୁର୍ଥ ମାମଲା। ସରକାରୀ ଆକଳନ ଅନୁଯାୟୀ, ବର୍ତ୍ତମାନ ପର୍ଯ୍ୟନ୍ତ ଭାରତରେ ମୋଟ ୯ ଟି ମଙ୍କିପକ୍ସର ମାମଲା ଦେଖିବାକୁ ମିଳିଛି। ଏହିସବୁ ମାମଲା କେରଳ ଏବଂ ଦିଲ୍ଲୀରେ ଦେଖିବାକୁ ମିଳିଛି। କେରଳରେ ୫ ଟି ମାମଲା ନିଶ୍ଚିତ ହୋଇଥିବାବେଳେ ଦିଲ୍ଲୀରେ ୪। ମଙ୍କିପକ୍ସ ମାମଲାକୁ ଦୃଷ୍ଟିରେ ରଖି ଭାରତ ସରକାର ପରାମର୍ଶଦାତା ନିଯୁକ୍ତ କରିଛନ୍ତି। ଏପରି ପରିସ୍ଥିତିରେ ସାନିଟାଇଜର, ମାସ୍କ, ଗ୍ଲୋଭସ୍ ବ୍ୟବହାର କରାଯିବା ଉଚିତ୍ । ଏହା ସହିତ ସଂକ୍ରମିତ ଲୋକଙ୍କ ସାମଗ୍ରୀ ବ୍ୟବହାରକୁ ଏଡାଇ ଦିଆଯାଇପାରେ । ତଥାପି, ସଂକ୍ରମିତ ଲୋକଙ୍କୁ ଭେଦଭାବ କରିବାର କୌଣସି ଆବଶ୍ୟକତା ନାହିଁ, କିନ୍ତୁ ସେମାନଙ୍କର ଯତ୍ନନେବା ଆବଶ୍ୟକ ।

## ୧୪୦୦ କୋଟି ମୂଲ୍ୟର ଡ୍ରଗ୍ସ ଜବତ

ମୁମ୍ବାଇ: ମହାରାଷ୍ଟ୍ର କ୍ରାଇମବ୍ରାଞ୍ଚର ଆଣ୍ଟି ନାର୍କୋଟିକ୍ସ ସେଲ୍, ୱର୍ଲି ୟୁନିଟ୍ ପାଲଘର ଜିଲ୍ଲାର ନାଲାସୋପାରାରେ ଔଷଧ ନିର୍ମାତା କମ୍ପାନୀ ଉପରେ ରେଡ୍ କରିଛି। ଏହି ଅବସରରେ ୧୪୦୦ କୋଟି ଟଙ୍କାର ୭୦୦ କିଲୋରୁ ଊର୍ଦ୍ଧ୍ୱ ମେଫେଡ୍ରୋନ୍ (ଡ୍ରଗ୍ସ) ଜବତ କରାଯାଇଛି। ଏହି ମାମଲାରେ ୫ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରୁ ୪ ଅଭିଯୁକ୍ତ ମୁମ୍ବାଇର ହୋଇଥିବାବେଳେ ଜଣେ ନାଲାସୋପାରାରୁ ଧରାହୋଇଛନ୍ତି। ସିପି (ଏଏନ୍‌ସି) ଦତ୍ତା ନାଲୱାଡେ ପ୍ରେସ୍ କନ୍‌ଫରେନ୍ସ ଜରିଆରେ ସୂଚନା ଦେଇଛନ୍ତି କି ୫୨ ବର୍ଷୀୟ ମୁଖ୍ୟ ଅଭିଯୁକ୍ତଙ୍କ ନିକଟରେ ଅର୍ଗାନିକ୍ କେମିଷ୍ଟ୍ରିରେ ପୋଷ୍ଟ ଗ୍ରାଜୁଏଟ୍ କରି ଡ୍ରଗ୍ସ ପ୍ରସ୍ତୁତ କରିବାର ଫର୍ମୁଲା ହାସଲ କରିନେଇଥିଲା ଓ ନିଜେ ଡ୍ରଗ୍ସ ତିଆରିରେ ଲିପ୍ତ ଥିଲା। ଏହି ଡ୍ରଗ୍ସ ଉଚ୍ଚମାନର ଥିବାବେଳେ ଅଭିଯୁକ୍ତଜଣକ ଏହାକୁ ବିକ୍ରି କରିବା ପାଇଁ ସୋସିଆଲ ମିଡିଆ ପ୍ଲାଟଫର୍ମର ବ୍ୟବହାର କରୁଥିବା ଜଣାଯାଇଛି।

## କିରାଣୀଙ୍କ ଘରୁ କୋଟି କୋଟି ଟଙ୍କାର ସମ୍ପତ୍ତି ଜବତ

ଭୋପାଳ: ମଧ୍ୟପ୍ରଦେଶରେ ଦୁର୍ନୀତିର ଏକ ବଡ ମାମଲା ସାମ୍ନାକୁ ଆସିଛି। ଏଠାରେ ଜଣେ କିରାଣୀଙ୍କ ଘରୁ କୋଟି କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ଇକୋନୋମିକ୍ ଅଫେନ୍ସ ୱିଙ୍ଗ୍ ଦ୍ୱାରା କରାଯାଇଥିବା ଚଢାଉରେ କିରାଣୀଙ୍କ ଘରୁ ଏତେ ଧନ ସାମ୍ନାକୁ ଆସିଛି ଯେ ଯାଞ୍ଚ ସମୟରେ ଅଧିକାରୀମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କିରାଣୀ ହିରୋ କେସୱାନୀଙ୍କ ନିକଟରୁ ପ୍ରାୟ ୮୫ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି। ଏହା ବ୍ୟତୀତ ଜମି ଏବଂ ଘରର ଦଲିଲ ଯାହାର ମୂଲ୍ୟ କୋଟି କୋଟି ଟଙ୍କା ।

## ସୁପ୍ରିମକୋର୍ଟରେ ମହାରାଷ୍ଟ୍ର ବିବାଦ: ସୋମବାର ପର୍ଯ୍ୟନ୍ତ ଶୁଣାଣି ସ୍ଥଗିତ

ନୂଆଦିଲ୍ଲୀ : ମହାରାଷ୍ଟ୍ରରେ ଦେଖାଦେଇଥିବା ରାଜନୀତିକ ବିବାଦ ସୁପ୍ରିମକୋର୍ଟରେ ବିଚାର ଚାଲିଛି। ସୁପ୍ରିମକୋର୍ଟ ସୋମବାର ପର୍ଯ୍ୟନ୍ତ ଶୁଣାଣି ସ୍ଥଗିତ ରଖିଛନ୍ତି। କୋର୍ଟ କହିଛନ୍ତି- ସୋମବାର ଦିନ ଏହି ମାମଲା ୫ ଜଣ ବିଚାରପତିଙ୍କ ବେଞ୍ଚକୁ ହସ୍ତାନ୍ତର କରାଯିବ। ଅଗଷ୍ଟ ୮ ହେଉଛି ଉଭୟ ପକ୍ଷଙ୍କ ପାଇଁ ନିର୍ବାଚନ ଆୟୋଗରେ ଆଫିଡେଭିଟ୍ ଦେବାର ଶେଷ ତାରିଖ। ଯଦି କୌଣସି ଦଳ ସମୟ ଆବଶ୍ୟକ କରନ୍ତି, ଆୟୋଗ ଏହାକୁ ବିଚାର କରିବେ। ଏହା ପୂର୍ବରୁ ଗୁରୁବାର ଅନୁଷ୍ଠିତ ଶୁଣାଣିରେ ୧୬ ଜଣ ଶିବସେନା ବିଧାୟକଙ୍କ ବହିଷ୍କାର ମାମଲା ପ୍ରଥମେ ଶୁଣାଣି ହୋଇଥିଲା। ସିନ୍ଦେ ଗୋଷ୍ଠୀର ଓକିଲ ହରିଶ ସାଲଭେ ପ୍ରଥମେ ତାଙ୍କ ପକ୍ଷ ଉପସ୍ଥାପନ କରିଥିଲେ। ବାଚସ୍ପତିଙ୍କ କ୍ଷମତା ଏବଂ ପଦ୍ଧତିର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରି ସାଲଭେ କହିଛନ୍ତି- ଯେପର୍ଯ୍ୟନ୍ତ ବିଧାୟକ ତାଙ୍କ ପଦରେ ଅଛନ୍ତି, ସେ ଗୃହର କାର୍ଯ୍ୟକଳାପରେ ଭାଗ ନେବାକୁ ହକଦାର। ଯଦିଓ ସେ ଦଳ ବିରୋଧରେ ଭୋଟ୍ ଦିଅନ୍ତି, ତେବେ ଭୋଟ୍ ବୈଧ ହେବ। ଏହା ଉପରେ ମୁଖ୍ୟ ବିଚାରପତି ରମନ୍ନା ପ୍ରଶ୍ନ କରିଛନ୍ତି ଯେ ନିର୍ବାଚିତ ହେବା ପରେ ଦଳର ବିଧାୟକଙ୍କ ଉପରେ ନିୟନ୍ତ୍ରଣ ନାହିଁ । ସେ କେବଳ ବିଧାନସଭା ଦଳର ଅନୁଶାସନ ପାଇଁ ଉତ୍ତରଦାୟୀ।

# ବାଣିଜ୍ୟ



ନୂଆଦିଲ୍ଲୀ: ସୁନା-ରୂପା ମୂଲ୍ୟରେ ବୃଦ୍ଧି ଘଟିଛି । ପୂର୍ବ ଦିନ ତୁଳନାରେ ଆଜି ୨୪ କ୍ୟାରେଟ୍ ଶୁଦ୍ଧତାର ୧୦ ଗ୍ରାମ ସୁନା ପାଇଁ ୫୧,୮୧୫ ଟଙ୍କା ମୂଲ୍ୟରେ ବୁଲିଅନ୍ ବଜାର ଖୋଲିଛି । ପୂର୍ବ ଦିନ ତୁଳନାରେ ୨୪ କ୍ୟାରେଟ୍ ଶୁଦ୍ଧତାର ୧୦ ଗ୍ରାମ ସୁନା ମୂଲ୍ୟ ଆଜି ୨୪୯ ଟଙ୍କା ବୃଦ୍ଧି ପଞ୍ଜିକୃତ ହୋଇଛି। ୯୯୫ ଶୁଦ୍ଧତାର ସୁନା ମୂଲ୍ୟ ଆଜି ୧୦ ଗ୍ରାମ ପିଛା ୫୧,୬୦୮ ଟଙ୍କା ଖୋଲିଛି । ୯୧୬ ଶୁଦ୍ଧତାର ସୁନା ଆଜି ୨୨୮ ଟଙ୍କା ବୃଦ୍ଧି ପରେ ୧୦ ଗ୍ରାମ ପିଛା ୪୭,୪୬୩ ଟଙ୍କାରେ ଖୋଲିଛି । ୭୫୦ ଶୁଦ୍ଧତାର ସୁନା ଆଜି ୧୮୬ ଗ୍ରାମ ବୃଦ୍ଧି ପରେ ୧୦ ଗ୍ରାମ ପିଛା ୩୮,୮୬୧ ଟଙ୍କା ଖୋଲିଛି । ସେହିପରି ରୂପା ମୂଲ୍ୟ ମଧ୍ୟ ଆଜି ବୃଦ୍ଧି ପାଇଛି ।

## ରାଜ୍ୟରେ ପିଏନ୍‌ବିର ୩୪୦ତମ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଷ୍ଟ୍ରାୟତ୍ତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ଅନୁଗୁଳ ଜିଲ୍ଲାର ବଇଣ୍ଡାଠାରେ ରାଜ୍ୟର ୩୪୦ତମ ଶାଖାକୁ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଏ. ଉଦୟ ଭାସ୍କର ରେଡ୍ଡୀ ଉଦ୍‌ଘାଟନ କରିଛନ୍ତି। ଏହି ଶାଖାଟି ପିଏନ୍‌ବି କଟକ ମଣ୍ଡଳର ୬୮ତମ ଶାଖା ଅଟେ। ଏହି ଅବସରରେ ବ୍ୟାଙ୍କର କଟକ ମଣ୍ଡଳ ମୁଖ୍ୟ ଜିତେନ୍ଦ୍ର ସ୍ୱାଇଁ, ମୁଖ୍ୟ ପ୍ରବନ୍ଧକ ସୁବାଷ ଶତପଥିଙ୍କ ସମେତ ବ୍ୟାଙ୍କର ନୂତନ ଶାଖାର ଶାଖା ପ୍ରବନ୍ଧକ ଓ ବ୍ୟାଙ୍କ କର୍ମଚାରୀମାନଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତିବିଶେଷମାନେ ମଧ୍ୟ ଉପସ୍ଥିତ ଥିଲେ।

## ତାଇୱାନ ସଙ୍କଟକୁ ନେଇ ଷ୍ଟକ ବଜାର ଅସ୍ଥିର

ନୂଆଦିଲ୍ଲୀ : ଭାରତୀୟ ଷ୍ଟକ୍ ମାର୍କେଟ ଉପରେ ଅନ୍ତର୍ଜାତିକ ପ୍ରଭାବ ପଡିଛି। ଆମେରିକା ସଂସଦର ବାଚସ୍ପତି ନାନସୀ ପେଲୋସି ତାଇୱାନରୁ ଫେରିବା ପରେ ଚୀନ୍ ଅଧିକ ଆକ୍ରମଣାତ୍ମକ ହୋଇପଡିଛି। ଚାଇନା ଏବଂ ଆମେରିକା ମଧ୍ୟରେ ତିକ୍ତତା ମଧ୍ୟ ଷ୍ଟକ୍ ମାର୍କେଟରେ ଅସ୍ଥିରତା ସୃଷ୍ଟି କରିଛି। ଏହି କାରଣରୁ ଭାରତୀୟ ଷ୍ଟକ୍ ବଜାର ଗୁରୁବାର ସାମାନ୍ୟ ହ୍ରାସ ହୋଇଥିଲା। ସେନସେକ୍ସ ୫୧.୭୩ ପଏଣ୍ଟ ରେ ୦.୦୯ ପ୍ରତିଶତ କମ୍ ହୋଇଥିଲାବେଳେ ନିଫଟି ୬.୨୦ ପଏଣ୍ଟରେ ୦.୦୪ ପ୍ରତିଶତ ହ୍ରାସ ହୋଇଥିଲା । ନିଫଟିରେ ସିପ୍ଲା, ସନ୍ ଫାର୍ମା, ନେଷ୍ଟଲେ ଇଣ୍ଡିଆ, ଇନଫୋସିସ୍ ଏବଂ ଆପୋଲୋ ହସ୍ପିଟାଲ୍ ସର୍ବାଧିକ ଲାଭକାରୀ ଥିଲେ । ଏନଟିପିସି, ଟାଟା ଗ୍ରାହକ ଉତ୍ପାଦ, କୋଲ ଇଣ୍ଡିଆ, ଏସବିଆଇ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସର୍ବାଧିକ କ୍ଷତି ସହିଥିଲେ। ଧାତୁ, ଆଇଟି ଏବଂ ସ୍ୱାସ୍ଥ୍ୟସେବା ୧-୨ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ରିଅଲିଟି ଇଣ୍ଡେକ୍ସ ୧ ପ୍ରତିଶତ ହ୍ରାସ ପାଇଛି ।

## ବିମାନବନ୍ଦରରୁ ମିଳିଲା ୪୨.୨୫ ଲକ୍ଷ ଟଙ୍କାର ବିଦେଶୀ ମୁଦ୍ରା

ନୂଆଦିଲ୍ଲୀ: ବିମାନବନ୍ଦରରୁ ୪୨.୨୫ ଲକ୍ଷ ମୂଲ୍ୟର ବିଦେଶୀ ମୁଦ୍ରା (ଆମେରିକୀୟ ଡଲାର) ଉଦ୍ଧାର କରାଯାଇଥିଲା। ଗୁରୁବାର ଆଇଜି ବିମାନବନ୍ଦର, ଟର୍ମିନାଲ୍ ୩ ସ୍ଥିତ ସିଏସ୍ଏଫ୍ ସର୍ଭିଲାନ୍ସ ଏବଂ ଇଣ୍ଟେଲିଜେନ୍ସ ୱିଙ୍ଗର ସଦସ୍ୟମାନେ ଚେକ୍ ଇନ୍ କାଉଣ୍ଟରରେ ଜଣେ ଯାତ୍ରୀଙ୍କ ସନ୍ଦେହଜନକ ଗତିବିଧିକୁ ଲକ୍ଷ୍ୟ କରିଥିଲେ। ପରେ ଏହି ଯାତ୍ରୀଙ୍କୁ ରାଉନାକ ଆଫ୍ରିଜ ଭାବେ ପରିଚିତ କରାଯାଇଥିଲା ଯିଏ ଷ୍ଟାର ଆଲିଆନ୍ସ ବିମାନ ନମ୍ବର ଓଜ-୧୪୧ ଦ୍ୱାରା ଦିଲ୍ଲୀରୁ ଦୁବାଇ ଯାତ୍ରା କରିବାକୁ ଯାଉଥିଲେ। ଯେତେବେଳେ ସନ୍ଦେହରେ, ତାଙ୍କର ଜିନିଷଗୁଡିକ ଭଲ ଭାବରେ ଯାଞ୍ଚ କରାଯାଇଥିଲା । ଏକ୍ସ-ରେ ମେସିନ୍ ମାଧ୍ୟମରେ ତାଙ୍କର ସବୁଜ ଟ୍ରଲି ବ୍ୟାଗ୍ ଯାଞ୍ଚ କରିବା ସମୟରେ, ତାଙ୍କ ବ୍ୟାଗରେ କିଛି "ପ୍ଲାଷ୍ଟିକ୍ ଥ୍ରେଡ୍ ରୋଲ୍" ବୈଦେଶିକ ମୁଦ୍ରାର ଚିତ୍ର ଦେଖିବାକୁ ମିଳିଥିଲା। ଚେକ୍ ଇନ୍ ପ୍ରକ୍ରିୟା ଏବଂ ଇମିଗ୍ରେସନ୍ ଆନୁଷ୍ଠାନିକତା ସମାପ୍ତ କରିବା ପରେ ଯାତ୍ରୀଙ୍କୁ ସିଏସ୍ଏଫ୍ ସର୍ଭିଲାନ୍ସ ଏବଂ ଇଣ୍ଟେଲିଜେନ୍ସ ଶାଖାର ସଦସ୍ୟମାନେ ଅଟକାଇ ବିମାନବନ୍ଦରର କଷ୍ଟମ୍ସ କାର୍ଯ୍ୟାଳୟକୁ ଆଣିଥିଲେ। କଷ୍ଟମ୍ସ ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କ ବ୍ୟାଗଗୁଡିକର ପୁଙ୍ଖାନୁପୁଙ୍ଖ ଯାଞ୍ଚରେ ପ୍ରାୟ ୪୨.୨୫ ଲକ୍ଷ ଟଙ୍କା ମୂଲ୍ୟର ୫୨,୮୦୦ ଆମେରିକୀୟ ଡଲାର ବାହାର କରାଯାଇଥିଲା।

## ଲେନୋଭୋର ନୂଆ ରେଞ୍ଜର ୟୋଗା ଓ ଲିଜନ୍ ଲାପ୍‌ଟପ୍‌କୁ ସୃଜନଶୀଳତା ଓ ଖେଳ ପାଇଁ ସଶକ୍ତ କରାଯାଇଛି

ନୂଆଦିଲ୍ଲୀ: ଲେନୋଭୋ ପକ୍ଷରୁ ଭାରତରେ ଏହାର ପରବର୍ତ୍ତୀ ପିଢିର ଜୁଏଲ୍ କ୍ରାଫ୍ଟେଡ୍ ୟୋଗା ସିରିଜ୍; ଦ ବ୍ୟାଟେଲ୍-ରେଡି ଲିଜନ୍ ଓ ଆଇଡିଆପ୍ୟାଡ୍ ଗେମିଙ୍ଗ୍ ଲାପ୍‌ଟପ୍‌ର ଉନ୍ମୋଚନ କରାଯାଇଛି ଯାହା ଉପଭୋକ୍ତାଙ୍କୁ ନିଜ ଶୈଳୀରେ ଅଧିକ କିଛି କରିବା ପାଇଁ ସଶକ୍ତ କରୁଛି। ଏହି ନୂତନ ଶୃଙ୍ଖଳାରେ ଲିଜନ୍ ୫ଆଇ, ଲିଜନ୍ ୫ଆଇ ପ୍ରୋ, ଲିଜନ୍ ସ୍ଲିମ୍ ୭ଆଇ ଓ ଆଇଡିଆପ୍ୟାଡ୍ ଗେମିଙ୍ଗ୍ ୩ଆଇ ସହିତ ୟୋଗା ୯ଆଇ, ୟୋଗା ସ୍ଲିମ୍ ୭ଆଇ ପ୍ରୋ ଓ ୟୋଗା ୭ଆଇ ସାମିଲ ରହିଛି। ୟୋଗା, ଲିଜନ୍ ଓ ଆଇଡିଆପ୍ୟାଡ୍ ଗେମିଙ୍ଗ୍



ଲାପ୍‌ଟପ୍‌ଗୁଡିକ ଲେନୋଭୋ ଡଟ୍ କମ୍ ଏବଂ ଭୁବନେଶ୍ୱର ଲେନୋଭୋ ଏକ୍ସକ୍ଲୁସିଭ୍ ଷ୍ଟୋର୍‌ଗୁଡିକରେ ଉପଲବ୍ଧ ଏସମ୍ପର୍କରେ ଲେନୋଭୋ ଇଣ୍ଡିଆର କ୍ୟୁମର ନର୍ଥ ଆଣ୍ଡ ଇଷ୍ଟ-ସେଲ୍‌ସ ହେଡ୍ ବିପୁଲ୍ ମାଥୁର କହିଛନ୍ତି, 'ପୂର୍ବାଂଚଳ ଭାରତରେ ୬୦ରୁ ଅଧିକ ଲେନୋଭୋ ଏକ୍ସକ୍ଲୁସିଭ୍ ଷ୍ଟୋର୍‌ଗୁଡିକ ସହିତ ଗ୍ରାହକମାନେ ଆମର ନୂଆ ରେଞ୍ଜର ୟୋଗା, ଲିଜନ୍ ଓ ଆଇଡିଆପ୍ୟାଡ୍ ଗେମିଙ୍ଗ୍ ଲାପ୍‌ଟପ୍‌ଗୁଡିକରେ ଶୁଦ୍ଧ ପ୍ରଦର୍ଶନ ଓ ଆରାମଦାୟକ ଗତିଶୀଳତା କିଭଳି ଦେଖାଯାଏ ତାହାର ଅନୁଭୂତି ପାଇବାକୁ ସକ୍ଷମ ହେବେ। ଆମ ଷ୍ଟୋର୍‌ଗୁଡିକରେ ଥିବା ଆମର ଟିମ୍ ଗ୍ରାହକଙ୍କୁ ଖେଳ ହେଉ କିମ୍ବା କଂଟେଂଟ୍ କ୍ରିଏଶନ ପାଇଁ, ସଠିକ୍ ଡିଭାଇସ୍ ଚୟନ କରିବାରେ ସାହାଯ୍ୟ କରିବା ପାଇଁ ସୁସଜ୍ଜିତ ରହିଛି। ମୁଁ ନିଶ୍ଚିତ ଯେ, ଆମର ଗ୍ରାହକମାନେ ଆମର ନୂଆ ରେଞ୍ଜର ଲାପ୍‌ଟପ୍‌ଗୁଡିକରେ ନୂଆ ଫିଚର, ଡ୍ୟୁରାବୁଲ ଷ୍ଟାଇଲ୍ ଓ ଉନ୍ନତ ଏର୍ଗୋନୋମିକ୍ସକୁ ପସନ୍ଦ କରିବେ। ଲେନୋଭୋ ୟୋଗା ୯ଆଇ, ୟୋଗା ସ୍ଲିମ୍ ୭ଆଇ ପ୍ରୋ ଓ ୟୋଗା ୭ଆଇ ଓଟ୍‌ମିଲ୍, ଷ୍ଟର୍ମ ଗ୍ରେ ଓ ସ୍ଲେଟ୍ ଗ୍ରେ କଲର୍‌ରେ ଆସୁଛି ଏବଂ ଏଗୁଡିକ ଯଥାକ୍ରମେ ୧,୬୯,୯୯୦ ଟଙ୍କା, ୧୦୬,୯୯୦ ଟଙ୍କା ଓ ୧,୧୪,୯୯୦ ଟଙ୍କାରେ ଉପଲବ୍ଧ ହେବ। ଲିଜନ୍ ୫ଆଇ, ଲିଜନ୍ ୫ଆଇ ପ୍ରୋ ଷ୍ଟର୍ମ ଗ୍ରେ କଲର୍‌ରେ ଏବଂ ଲିଜନ୍ ସ୍ଲିମ୍ ୭ଆଇ ଯଥାକ୍ରମେ ୧୪୪,୯୯୦ ଟଙ୍କା, ୧୬୪,୯୯୦ ଟଙ୍କା ଓ ୧୫୦,୯୯୦ ଟଙ୍କାରେ ଉପଲବ୍ଧ ହେବ। ଓନିକ୍ସ ଗ୍ରେ କଲର୍‌ରେ ଆଇଡିଆପ୍ୟାଡ୍ ଗେମିଙ୍ଗ୍ ୩ଆଇ ୮୪,୯୯୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ।

## '୨ ବର୍ଷରେ ଆମେରିକା ଭଳି ସଡ଼କ ପ୍ରସ୍ତୁତ ହୋଇଯିବ'

ନୂଆଦିଲ୍ଲୀ: ରାଜ୍ୟସଭାରେ ଗୁରୁବାର ପ୍ରଶ୍ନକାଳ ସମୟରେ କେନ୍ଦ୍ରୀୟ ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ୍ ଗଡକରୀ କହିଛନ୍ତି କି ମାତ୍ର ୨ ବର୍ଷ ମଧ୍ୟରେ ଦେଶର ସଡ଼କକୁ ଆମେରିକା ଭଳି କରି କରିଦିଆଯିବ। ସେ କହିଛନ୍ତି କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରରେ ଅର୍ଥର କୌଣସି ଅଭାବ ନାହିଁ। ନୀତିନ୍ ଗଡକରୀ ଆହୁରି କହିଛନ୍ତି କି ଆସନ୍ତା ୩ ବର୍ଷ ମଧ୍ୟରେ ଦେଶରେ ୨୬ଟି ଗ୍ରୀନ୍ ଏକ୍ସପ୍ରେସ୍ ୱେ ବନାଇବାର ଯୋଜନା ପ୍ରସ୍ତୁତ କରାଯାଇଛି।

## ଚଳିତ ଅଗଷ୍ଟରୁ ଏୟାରଟେଲ୍ ପକ୍ଷରୁ ୫ଜି ମୁତୟନ ଆରମ୍ଭ

ମୁମ୍ବାଇ: ଏୟାରଟେଲ୍ ପକ୍ଷରୁ ଘୋଷଣା କରାଯାଇଛି ଯେ, ଚଳିତ ଅଗଷ୍ଟରୁ ଏହା ୫ଜି ନିୟୋଜନ ଆରମ୍ଭ କରିବା ପାଇଁ ଏରିକ୍ସନ, ନୋକିଆ ଓ ସାମ୍‌ସଙ୍ଗ ସହିତ ୫ଜି ନେଟ୍‌ୱର୍କ ଚୁକ୍ତି ସ୍ୱାକ୍ଷର କରିଛି। କନେକ୍ଟିଭିଟି ଓ ସର୍ବଭାରତୀୟ ସ୍ତରରେ ପରିଚାଳିତ ସେବାଗୁଡିକ ପାଇଁ ଏୟାରଟେଲ୍‌ର ଏରିକ୍ସନ ଓ ନୋକିଆ ସହିତ ଦୀର୍ଘ ଦିନ ଧରି ସମ୍ପର୍କ ରହିଆସିଥିବା ବେଳେ ସାମ୍‌ସଙ୍ଗ ସହିତ ସହଭାଗିତା ଚଳିତ ବର୍ଷରୁ ଆରମ୍ଭ ହେବ। ଭାରତୀୟ ଦୂରସଂଚାର ବିଭାଗ ଦ୍ୱାରା ପରିଚାଳିତ ସ୍ପେକ୍ଟ୍ରମ ନିଲାମ୍ ପରେ ପରେ ୫ଜି ସହଭାଗିତା ହୋଇଛି, ଯେଉଁଠାରେ ଏୟାରଟେଲ୍ ନିଲାମରେ ଭାଗ ନେବା ସହିତ ୯୦୦ ମେଗାହର୍ତ୍ସ, ୧୮୦୦ ମେଗାହର୍ତ୍ସ, ୨୧୦୦ ମେଗାହର୍ତ୍ସ, ୩୩୦୦ ଏମ୍‌ଏଚ୍‌ଜେଡ୍ ଓ ୨୬ ଜିଗାହର୍ତ୍ସ ଫ୍ରିକ୍ୱେନ୍ସିରେ ୧୯୮୬୭.୮ ମେଗାହର୍ତ୍ସ ସ୍ପେକ୍ଟ୍ରମ ଅଧିଗ୍ରହଣ କରିଛି। ଏହି ଚୁକ୍ତି ସମ୍ପର୍କରେ ଏୟାରଟେଲ୍‌ର ଏମ୍‌ଡି ଓ ସିଇଓ ଶ୍ରୀ ଗୋପାଳ ଭିଟ୍ଟଲ କହିଛନ୍ତି, ' ଆମେ ଏହା ଘୋଷଣା କରି ଖୁସି ଅନୁଭବ କରୁଛୁ ଯେ, ଏୟାରଟେଲ୍ ଅଗଷ୍ଟରେ ୫ଜି ସେବାର ଶୁଭାରମ୍ଭ କରିବ। ଆମର ନେଟ୍‌ୱର୍କ ଚୁକ୍ତିଗୁଡିକ ଚୂଡା' ହୋଇସାରିଛି ଏବଂ ଏୟାରଟେଲ୍ ଆମର ଉପଭୋକ୍ତାଙ୍କୁ ୫ଜି କନେକ୍ଟିଭିଟିର ସମ୍ପୂର୍ଣ୍ଣ ଲାଭ ପ୍ରଦାନ କରିବା ପାଇଁ ବିଶ୍ୱବ୍ୟାପୀ ସର୍ବୋତ୍ତମ ଟେକ୍ନୋଲୋଜି ପାର୍ଟନରଙ୍କ ସହିତ କାର୍ଯ୍ୟ କରିବ। ଏକ ଡିଜିଟାଲ ଅର୍ଥନୀତିକୁ ଭାରତର ରୂପା'ରଣ ଟେଲିକମ୍ ଦ୍ୱାରା ଆଗକୁ ବଢିଛି ଏବଂ ୫ଜି ଭାରତର ଶିଳ୍ପ, ଉଦ୍ୟୋଗ ଓ ସାମାଜିକ-ଅର୍ଥନୈତିକ ବିକାଶର ଡିଜିଟାଲ ରୂପା'ରଣକୁ ପରିଚାଳନା କରିବା ପାଇଁ ଏକ ଉନ୍ନତ ସୁଯୋଗ ପ୍ରଦାନ କରୁଛି। ଏହି ଚୁକ୍ତି ଉପରେ ଏରିକ୍ସନର ସିଇଓ ଓ ଅଧ୍ୟକ୍ଷ ବୋରଜେ ଏକ୍‌ହଲମ କହିଛନ୍ତି, ' ଆମେ ଭାରତୀ ଏୟାରଟେଲ୍‌କୁ ଭାରତରେ ଏହାର ୫ଜି ସେବାର ଶୁଭାରମ୍ଭ ସହିତ ସହଯୋଗ କରିବା ପାଇଁ ଅପେକ୍ଷା କରିଛୁ। ୫ଜି ଭାରତକୁ ଏହାର ଡିଜିଟାଲ ଇଣ୍ଡିଆ ଲକ୍ଷ୍ୟକୁ ଅନୁଭବ କରିବା ଏବଂ ଦେଶର ସମାବେଶୀ ବିକାଶକୁ ହାସଲ କରିବା ପାଇଁ ସକ୍ଷମ କରିବ।' ସେହିଭଳି ଏହି ସହଭାଗିତା ସମ୍ପର୍କରେ ନୋକିଆର ଅଧ୍ୟକ୍ଷ ଓ ସିଇଓ ପେକା ଲୁଣ୍ଡମାର୍କ କହିଛନ୍ତି, 'ଏହି ଉଲ୍ଲେଖନୀୟ ଚୁକ୍ତି ଭାରତୀ ଏୟାରଟେଲ୍ ସହ ଆମର ଦୀର୍ଘ ଦିନର ସହଭାଗିତାକୁ ଆହୁରି ମଜଭୁତ କରିଛି। ଆମେ ଆନନ୍ଦିତ ଯେ, ବିଶ୍ୱର ଅନ୍ୟତମ ସର୍ବବୃହତ୍ ନେଟ୍‌ୱର୍କରେ ଉତ୍କୃଷ୍ଟମାନର ୫ଜି ପ୍ରଦର୍ଶନ ପ୍ରଦାନ କରିବା ପାଇଁ ସେମାନେ ନୋକିଆର ବେଷ୍ଟ-ଇନ୍-କ୍ଲାସ୍ ଏୟାରସ୍କେଲ୍ ବେସ୍‌ବ୍ୟାଣ୍ଡ ଓ ରେଡିଓ ପୋର୍ଟଫୋଲିଓକୁ ଚୟନ କରିଛନ୍ତି। ଏୟାରଟେଲ୍ ହାସଟ୍ୟାଗ ଏୟାରଟେଲ୍ ୫ଜିର ଶୁଭାରମ୍ଭ କରିବା ପାଇଁ ଏକ ନେଟ୍‌ୱର୍କ ପାର୍ଟନର ଭାବେ ସାଉଥ୍ କୋରିଆନ୍ ମେଜର୍ ସାମ୍‌ସଙ୍ଗ ସହ ମଧ୍ୟ ହାତ ମିଳାଇଛି। ପ୍ରଥମ ଥର ପାଇଁ ଉଭୟ କମ୍ପାନୀ ମିଳିତ ଭାବେ କାର୍ଯ୍ୟ କରିବେ। ଏହି ସହଭାଗିତା ସମ୍ପର୍କରେ ସାମ୍‌ସଙ୍ଗ ଇଲେକ୍‌ଟ୍ରୋନିକ୍ସରେ ନେଟ୍‌ୱର୍କସ ବିଜ୍‌ନେସ୍‌ର ମୁଖ୍ୟ ଓ ଅଧ୍ୟକ୍ଷ ପଲ୍ (କ୍ୟୁଙ୍ଗ୍‌ହୁନ୍) ଚେଉନ୍ କହିଛନ୍ତି, '୫ଜି କ୍ଷେତ୍ରରେ ଏକ ଗ୍ଲୋବାଲ ଲିଡର୍ ଭାବେ ସାମ୍‌ସଙ୍ଗ ଅଭିନବ ସମାଧାନ ପ୍ରଦାନ କରିବା ପାଇଁ ଏୟାରଟେଲ୍ ସହିତ ଏହି ୫ଜି ଯାତ୍ରା ଆରମ୍ଭ କରିବା ଲାଗି ଉତ୍ସାହିତ ରହିଛି ଯାହା ଭାରତର ଔଦ୍ୟୋଗିକ ଉତ୍ସାହକୁ ଆଗକୁ ବଢାଇବା ଓ ଦେଶ ପାଇଁ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାରେ ସାହାଯ୍ୟ କରିବ।


MISSING



BEFORE THE NOTARY PUBLIC, TALCHER, I, Amarjit Lalbabu Roy, Gajsingh, Post-Senduari, Gaj Singh, Dist-Muzaffarpur, State-Bihar, pin-843111 & presently working-TATA/Ntpc-Deepsikha, P.S.-Ntpc Town, Dist-Angul, Odisha; do hereby solemnly affirm and state as follows; One PAPPU KUMAR aged about 26 years S/o- Gopal Ray of village-Madhopur, Rajapur, Dist-Muzaffarpur, State-Bihar. On dated 26/07/2022, he was gone to his village till 02/08/2022 he is not reach at his home. If any person trace him please contact-9975153404 / 9525821769



ଯାଜପୁର, (ଭାସ୍କର ନ୍ୟୁଜ) : ଯାଜପୁର ସ୍ଥିତ ବାଣପୁର ଉର୍ମିଳା ବିହାର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଯାଜପୁର ଯୋଗ ସାଧନା କେନ୍ଦ ପକ୍ଷରୁ ଗୁରୁବାର ଦିନ ଜଡ଼ିବୁଟି ଦିବସ ପାଳିତ ହୋଇଯାଇଛି । ପୂଜ୍ୟ ଆଚାର୍ଯ୍ୟ ବାଳକୃଷ୍ଣ ଜୀଙ୍କ ୫୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ବିଦ୍ୟାଳୟ ପରିସରରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇ ଗାୟତ୍ରୀ ଦେବୀଙ୍କୁ ପୂଜା ଆରାଧନା କରାଯାଇଥିଲା । ପରେ ପୂଜ୍ୟ ବାଳକୃଷ୍ଣ ଜୀଙ୍କ ଉଦ୍ଦେଶ୍ୟରେ ଏକ ଆଲୋଚନା ସଭା ଅନୁଷ୍ଠିତ ହେବା ସହିତ ବୃକ୍ଷରୋପଣ ଓ ବୃକ୍ଷ ବ□ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗ ଗୁରୁ ମନ୍ମଥ କୁମାର ସାମଲ, ଗୋପୀନାଥ ସେଠୀ ଓ ସରୋଜ ଜେନାଙ୍କ ତତ୍ତ୍ୱାବଧାନରେ ସଦସ୍ୟ ସତ୍ୟ ମହାନ୍ତି, ପରମାନନ୍ଦ ତ୍ରିପାଠି, ଆଦିତ୍ୟ ଦାସ, ଆନନ୍ଦ ଚନ୍ଦ୍ର ସାହୁ, ଶ୍ରୀନିବାସ ସାହୁ, ଉମାକାନ୍ତ ବିଶ୍ୱାଳ, ବର୍ଷୀତା ଗୁରୁ ମା' ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

### ମନ୍ତ୍ରୀଙ୍କ ପ୍ରତିଶୃତି ପରେ ମଧ ଟାଙ୍ଗୀରେ ଜାରି ରହିଛି ବିଦ୍ୟୁତ୍ କାଟ୍

# ସମିତି ସଭ୍ୟାଙ୍କ ଆନ୍ଦୋଳନ ଚେତାବନୀ



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ତିନିଜଣ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ଆସି ବହୁ ଆଡମ୍ବରପୂର୍ଣ୍ଣ ଜନସଭାରେ ନୂତନ ୩୩କେଭି ଲାଇନ ସଂଯୋଗୀ କରଣର ଶୁଭ ଉଦ୍‌ଘାଟନ କରିବା ସହ ଟାଙ୍ଗୀ ଅଞ୍ଚଳର ବିଦ୍ୟୁତ କାଟ ଓ ଲୋ-ଭୋଲଟେଜ ସମସ୍ୟା ଦୁର ହେଲା ବୋଲି ଘୋଷଣା କରି ବାହାବା ନେଇଗଲେ । ହେଲେ ମନ୍ତ୍ରୀମାନଙ୍କ ଘୋଷଣା ଫମ୍ପା ଆବାଜରେ ପରିଣତ ହୋଇଛି । ଏବେ ମଧ ଟାଙ୍ଗୀ ଅଞ୍ଚଳରେ ଦୈନିକ ୨/୩ ଘଣ୍ଟା ବିଦ୍ୟୁତ କାଟ ହେବା ସହ ଲୋ-ଭୋଲଟେଜ ସମସ୍ୟା ଲାଗି ରହିଛି । ଏହାର ପ୍ରତିବାଦରେ କୋଟସାହିର ସମିତିସଭ୍ୟା ମଧୁସ୍ମିତା ଛତାର ଚୌଦ୍ୱାର ବିଦ୍ୟୁତ ଏସଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ତାଙ୍କ କହିବାନୁସାରେ ଗତ ଜୁନ ମାସ ୮ତାରିଖରେ ରାଜ୍ୟ ସରକାରଙ୍କ ତିନିଜଣ ମନ୍ତ୍ରୀ ପ୍ରଫୁଲ କୁମାର ମଲିକ, ପ୍ରଦୀପ ଅମାତ, ପ୍ରିତିରଂଜନ ଘଡେଇ ଓ ସ୍ଥାନୀୟ ବିଧାୟ ପ୍ରଶାନ୍ତ କୁମାର ବେହେରା ମିଳିତଭାବେ ମଣିଆ ୧୩୨/୩୩ଗ୍ରୀଡରୁ ଟାଙ୍ଗୀ ୩୩/୧୧ କେଭି ସବ୍‌ଷ୍ଟେସନ୍‌କୁ ୩୩ କେଭି ଲାଇନ ସଂଯୋଗୀ କରଣର ଶୁଭ ଉଦ୍‌ଘାଟନ କରି ଅଞ୍ଚଳର ବିଦ୍ୟୁତ ସମସ୍ୟା ସମାଧାନ ହୋଇଥିଲା ବୋଲି ଘୋଷଣା କରିଥିଲେ । ଇତି ମଧ୍ୟରେ ୨ମାସ ବିତିଯାଇଥିଲେ ମଧ ଦୈନିକ ୨ରୁ ୩ ଘଣ୍ଟା ବିଦ୍ୟୁତ କାଟ, ସକାଳ ୯ଟା ଠାରୁ ରାତ୍ର ୧୧ଟା ପର୍ଯ୍ୟନ୍ତ ଲୋ ଭୋଲଟେଜ (୧୪୦-୧୭୦) କରେଣ୍ଟ ରହୁଛି । ପ୍ରାୟତଃ ପ୍ରତ୍ୟେକ ରବିବାର ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ ହେଉଛି । ମନ୍ତ୍ରୀ ଓ ବିଧାୟକଙ୍କ ଉଦ୍‌ଘାଟନ ଓ ପ୍ରତିଶୃତି ପରେ ମଧ ଅଞ୍ଚଳରେ ଏଭଳି ବିଦ୍ୟୁତ ସମସ୍ୟା ଦେଖାଦେଉଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ୧୫ଦିନ ମଧ୍ୟରେ ଏହାର ସ୍ଥାୟୀ ସମାଧାନ କରାନଗଲେ ଟାଙ୍ଗୀ ବାସିନ୍ଦାମାନେ ଟାଙ୍ଗୀ ସବ୍‌ଷ୍ଟେସନ ଘେରାଉ କରିବା ସହ ବିଦ୍ୟୁତ ବିଭାଗର ଅଧିକାରୀମାନଙ୍କୁ ଟାଙ୍ଗୀ ଅଞ୍ଚଳରେ ପ୍ରବେଶ ନିଷେଦ କରାଯିବ ବୋଲି ସମିତିସଭ୍ୟା ମଧୁସ୍ମିତା ଛତାର ଚେତାବନୀ ଦେଇଛନ୍ତି ।

## ଚୋରି ବୋଲେରୋ ଉଦ୍ଧାର

ରଣପୁର, (ଭାସ୍କର ନ୍ୟୁଜ୍): ନୟାଗଡ ଜିଲ୍ଲା ଚାନ୍ଦପୁର ଥାନା ଜଣେ ଅଭିଯୁକ୍ତ କୁ ଦିନିକିଆ ରିମାଣ୍ଡରେ ଆଣି ଏକ ଚୋରୀ ବୋଲେରୋ କୁ ଉଦ୍ଧାର କରିଥିବା ଜଣାପଡିଛି । ଗତ ମାର୍ଚ୍ଚ ମାସରେ ଚାନ୍ଦପୁର ଥାନା ରାଇପଡା ଗ୍ରାମର କ୍ରସର ମାଲିକ ବ୍ରହ୍ମାନନ୍ଦ ମାଝୀ ଙ୍କ ନାଲି ରଙ୍ଗର ବୋଲେରୋ ଚୋରୀ ହୋଇଥିଲା । ପୋଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁକରି ଚୋର ଓ ଚୋରୀ ଗାଡିର ସନ୍ଧାନ ରେ ଥିଲା । ଚାନ୍ଦପୁର ଥାନା ଉପ ନିରୀକ୍ଷକ ରମେଶ ବେହେରା ଭୁବନେଶ୍ୱର ଝାଡପଡା ଜେଲ ରୁ ଖୋର୍ଦ୍ଧା ସଦରଥାନା ବେଣାପରୀ ଗ୍ରାମର ଇବାତୁଲା ଓରଫ୍ କୁର୍ବାନ୍ କୁ ଏକଦିନିଆ ରିମାଣ୍ଡରେ ଆଣିଥିଲେ । ପଚରା ଉଚରା କରିବା ପରେ ସେ ବୋଲେରୋ ଗାଡି ଚୋରୀ କରିବା ଘଟଣାକୁ ସ୍ୱୀକାର କରିଥିଲା । ତାକୁ ନେଇ ଖୋର୍ଦ୍ଧା ସଦରଥାନା ଅଂଚଳ ରୁ ପୋଲିସ ବୋଲେରୋ ଗାଡିଟିକୁ ଜବତ କରିଥିଲା । ଅଭିଯୁକ୍ତ କୁ ରଣପୁର ଅଦାଲତରେ ହାଜର କରାଇଥିବା ଜଣାପଡିଛି । ଜବତ ଚୋରୀ ବୋଲେରୋ ଟିକୁ ମାଲିକ ବ୍ରହ୍ମାନନ୍ଦ ମାଝିଁ ଙ୍କୁ ହସ୍ତାଂର କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ । ପୋଲିସର ସୂଚନା ଅନୁଯାଇ ଅଭିଯୁକ୍ତ ଅନ୍ୟଥାନାରେ ଚୋରୀ ହୋଇଥିବା ଆଠ ଦଶ ଗୋଟି ଗାଡିଚୋରୀ ମାମଲାରେ ସଂପୃକ୍ତ ରହିଅଛି ।

# ମନ୍ତ୍ରୀ ଉଷା ଦେବୀଙ୍କ ଚଣ୍ଡୀହର ଦେବ ପୀଠ ଦର୍ଶନ



ବାଲୁଗାଁ, (ଭାସ୍କର ନ୍ୟୁଜ୍): ଗୁରୁବାର ପୂର୍ବାହ୍ନରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଚଣ୍ଡେଶ୍ୱର ସ୍ଥିତ ବାବା ଚଣ୍ଡୀହର ଦେବଙ୍କ ମନ୍ଦିରରେ ପହଞ୍ଚି ଚଣ୍ଡିହର ଦେବଙ୍କୁ ଦର୍ଶନ କରିଛନ୍ତି । ଏହା ସହ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି । ପୂଜାର୍ଚ୍ଚନା କରିବା ପରେ ମନ୍ଦିର ପରିସରରେ ବେଶ୍ କିଛି ସମୟ ଅତିବାହିତ କରିବା ଅବସରରେ ମନ୍ଦିର ପୂଜକମାନଙ୍କ ସହ ମନ୍ଦିରର ପୂଜା ବିଧି ସଂପର୍କରେ ପଚାରି ଆଲୋଚନା କରିଛନ୍ତି ମନ୍ତ୍ରୀ । ଏହା ସହ ମନ୍ତ୍ରୀ ଉଷା ଦେବୀ ଚଣ୍ଡିହର ଦେବଙ୍କ ନିକଟରେ ରାଜ୍ୟର ଜନ ସାଧାରଣଙ୍କ କଲ୍ୟାଣ ନିମନ୍ତେ ଆଶୀର୍ବାଦ ଭିକ୍ଷା କରିଥିବା ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି । ମନ୍ତ୍ରୀଙ୍କ ଗସ୍ତ ଅବସରରେ ଟାଙ୍ଗୀ ପୋଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ସତ୍‌ସଙ୍ଗ ବିହାର ସମ୍ମୁଖରେ ପ୍ରସ୍ତାବିତ ମଦ ବାର୍ ଖୋଲିବାକୁ ବିରୋଧ

ତିହିଡି, (ଭାସ୍କର ନ୍ୟୁଜ) : ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ମୁକୁନ୍ଦପୁର ଗ୍ରାମ ପଞ୍ଚାୟତ ଅଧିନ ଭଦ୍ରକ - ଚାନ୍ଦବାଲି ରାଜ୍ୟ ରାଜପଥ କଡରେ ଥିବା ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତସଙ୍ଗ ବିହାର ସମ୍ମୁଖରେ ପ୍ରସ୍ତାବିତ ମଦବାର୍ ଖୋଲିବାକୁ ବିରୋଧ କରାଯାଇଛି । ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ବିରେନ୍ଦ୍ର ନାୟକ, ଖାରବେଳ ବେହେରା, ନବ କିଶୋର ପତି, ସନ୍ତୋଷ କୁମାର ନାୟକ, ମଧୁସୂଦନ ନାୟକ, ଧନେଶ୍ୱର ସେଠୀ, ଭୀମସେନ ଦାସ, ଲଳିତେନ୍ଦୁ ସାହୁ, ନାଗେଶ୍ୱର ସାହୁ, ଗଙ୍ଗାଧର ଦତ୍ତ, ସୀତାକାନ୍ତ ଓଝା, ପ୍ରହଲ୍ଲାଦ ଦାସ, କରୁଣକାର ଓଝା, ନିର୍ମଳାନନ୍ଦ ସାହୁ, ଆଦିତ୍ୟ ପଣ୍ଡା, ଉଷାରାଣୀ ପଣ୍ଡା, ଦେବ କୁମାର ପାଢୀ ପ୍ରମୁଖଙ୍କ ସହିତ ଶତାଧିକ ଅଞ୍ଚଳବାସୀ ଜିଲ୍ଲାପାଳ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବୀ କରିଛନ୍ତି । ପ୍ରକାଶ ଯେ, ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତସଙ୍ଗ ବିହାରରେ ଦିବ୍ୟସତସଙ୍ଗ ଓ ଉତ୍ସବମାନ ବସରେ ବହୁ ସମୟରେ ଅନୁଷ୍ଠିତ ହୋଇଥାଏ । ଏହି ଉତ୍ସବକୁ ବ୍ଲକ ବାହାରୁ ବହୁ ସଂଖ୍ୟାରେ ଅନୁକୁଳଚନ୍ଦ୍ରଙ୍କ ଭକ୍ତମାନେ ସେମାନଙ୍କ ପରିବାର ସହିତ ଆସିଥାନ୍ତି । ଏହି ଧାର୍ମିକ ଅନୁଷ୍ଠାନ ଲୋକମାନଙ୍କର ଆଧାତ୍ମିକ ଚେତନାର ବିକାଶ କରିବା ସହିତ ନୈତିକତାର ଅଭିବୃଦ୍ଧି କରାଇଥାଏ । ଏହି ସତସଙ୍ଗ ବିହାର ସମ୍ମୁଖରେ ଯଦି ପ୍ରସ୍ତାବିତ ମଦ ଦୋକାନ ଖୋଲାଯାଏ ତାହାଲେ ଧାର୍ମିକ ଅନୁଷ୍ଠାନ ସତସଙ୍ଗ ବିହାର ପ୍ରଭାବିତ ହେବ। ମଦବାର୍ ପାଇଁ ଲୋକମାନେ ନିଶାଗ୍ରସ୍ତ ହୋଇ ସତସଙ୍ଗ ବିହାରକୁ ଆସୁଥିବା ଭକ୍ତମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ସତସଙ୍ଗ ବିହାର ଉପରେ କୁପ୍ରଭାବ ପକାଇବ । ଯାହାଫଳରେ ସତସଙ୍ଗ ବିହାରକୁ ଭକ୍ତମାନେ ଆସିବାକୁ ଇଚ୍ଛା କରିବେ ନାହିଁ । ତେବେ ଏହି ପ୍ରସ୍ତାବିତ ମଦ ବାର୍ ନ ଖୋଲାଯିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି ।

## ମେଧାବୀ ଛାତ୍ରୀଙ୍କୁ କୋ-ଅପରେଟିଭ୍ ସୋସାଇଟିର ସହାୟତା



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବ୍ଲକର ଆୟବା ପଞ୍ଚାୟତର ଗଣ୍ଡାକିଆ ଗ୍ରାମର ସୁରେନ୍ଦ୍ର ଲେଙ୍କାଙ୍କ ଝିଅ ମୋନାଲିସା ଲେଙ୍କା ଗଣ୍ଡାକିଆ ଗୋବରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୮୩ପ୍ରତିଶତ ମାର୍କ ରଖି ପାସ କରିଛନ୍ତି । ଉଚ୍ଚଶିକ୍ଷା ନିମନ୍ତେ ପାଠ ପଢିବାକୁ ତାଙ୍କ ପରିବାର ନିକଟରେ ଅର୍ଥ ନଥିବାରୁ ସେ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କରିଥିଲେ ମଧ ପ୍ରଶାସନ ଶୁଣିନଥିଲା । ତାଙ୍କ ବାପା ସୁରେନ୍ଦ୍ର ଗୁଜୁରାଟର ସୁରତ ସହରରେ ଶ୍ରମିକ ଭାବେ କାର୍ଯ୍ୟରତ । ମାଆ ଏବଂ ଅନ୍ୟ ତିନି ଭଉଣୀଙ୍କୁ ନେଇ ତାଙ୍କ ପରିବାର । ଏ ସମ୍ପର୍କରେ ଖବର ପାଇ କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟିର ସଭାପତି, ସମବାୟବୀତ ତଥା ସମାଜସେବୀ ପ୍ରମୋଦ କୁମାର ସାହୁ ତାଙ୍କ ଗ୍ରାମ ଗଣ୍ଡାକିଆ ସ୍ଥିତ ବାସଭବନରେ ପହ□ ଗୋଟିଏ ସାଇକେଲ ନଗଦ ୫ହଜାର ଟଙ୍କା, ମା'ଙ୍କୁ ଶାଢୀ ଏବଂ ଭଉଣୀମାନଙ୍କୁ ପୋଷାକ ପ୍ରଦାନ କରିଛନ୍ତି । ଭବିଷ୍ୟତରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଭଲ ପାଠ ପଢିଲେ ସୋସାଇଟି ପକ୍ଷରୁ ତାଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସଭାପତି ଶ୍ରୀ ସାହୁ ପ୍ରତିଶୃତି ଦେଇଛନ୍ତି । ସୋସାଇଟି ସବୁବେଳେ ମେଧାବୀ, ଆର୍ଥିକ ଅନଗ୍ରସର, କ୍ରୀଡା, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ ଯୋଗାଇ ଦେଇ ଆସୁଛି । ଏହି ସହାୟତା ପ୍ରଦାନ ସମୟରେ ସହର ଶାଖାର ପରିଚାଳକ, ଦୈନିକ ସଂଗ୍ରହକାରୀ ଏଜେଣ୍ଟ ଅରକ୍ଷିତ ଜେନା, ରଞ୍ଜନ ରଣା, ପ୍ରଦୀପ ବେହେରା, ବିଚିତ୍ରାନନ୍ଦ କର, ଦେବାଶିଷ ମିଶ୍ର, ଅବଦୁଲ ସତ୍ତାର ପ୍ରମୁଖ ଉପସ୍ଥିତ ଥିଲେ ।

## ନଦୀରେ ଭାସି ମାଓବାଦୀ ନିଖୋଜ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବଡଗାଁ ଅଞ୍ଚଳରେ ଥିବା ମୋଟକୀ ନଦୀରେ ଜଣେ ମାଓବାଦୀ ଭାସିଯାଇ ନିଖୋଜ ନେଇ ମାଓ ସଙ୍ଗଠନ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି । ସୂଚନା ଅନୁଯାୟୀ ଛତିଶଗଡର ବଡଗାଁରେ ମାଓ ସଙ୍ଗଠନ ସକ୍ରିୟ ଥିବା ବେଳେ ମାଓବାଦୀ ମାନେ ଜଙ୍ଗଲ ମଧ୍ୟରେ ଯାଉଥିବା ବେଳେ ମୋଟକୀ ନଦୀ ପାର ହେଉଥିବା ବେଳେ ଜଣେ ମାଓବାଦୀ ଏହି ନଦୀରେ ଭାସି ଯାଇଥିବା ବେଳେ ତାଙ୍କର କୌଣସି ପତ୍ତା ମିଳୁ ନଥିବା ବସ୍ତର ମାଓ ଡିଭିଜନ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି । ନିଖୋଜ ମାଓବାଦୀର ନାମ ସୁରେଶ ହିଡକୋ ବୋଲି ଜଣାପଡିଛି ।

## କଲେଜରେ ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାଲିପାଟଣା ଥାନା ଅନ୍ତର୍ଗତ ବନମାଳୀପୁର କଲେଜରେ ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ମାରପିଟ ପର୍ଯ୍ୟନ୍ତ କଥା ଯାଇଛି । ଯୁକ୍ତ ୨ ଛାତ୍ର ଙ୍କୁ + ୩ ବର୍ଷର କିଛି ଛାତ୍ର ଏବଂ ଅଣଛାତ୍ର ମାଡ଼ ମାରିଥିବା ଜଣାପଡିଛି । କଲେଜ କର୍ମଚାରୀ ବୁଝାଇବାକୁ ଯାଇ ରୋଷର ଶିକାର ହୋଇଥିଲେ । ଛାତ୍ରମାନେ ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ପେଲା ଠେଲା କରିଥିଲେ । ପୁଲିସ ପହଁଞ୍ଚିବା ପୂର୍ବରୁ ଅଣଛାତ୍ର ମାନେ କଲେଜ ପରିସରରୁ ଛତ୍ର ଭଙ୍ଗ ଦେଇଥିଲେ । ବନମାଳୀପୁର ଫାଣ୍ଡିରେ ଘଟଣାର ସମାଧାନ ହୋଇଥିବା ଜଣାପଡିଛି । ଘଟଣାର ବିବରଣୀରୁ ପ୍ରକାଶ ଯେ, କୌଣସି କାରଣକୁ କେନ୍ଦ୍ର କରି ଜଣେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରଙ୍କ ସହ ଯୁକ୍ତ ୩ ବର୍ଷର ପିଲାଙ୍କ ମଧ୍ୟରେ ଗଣ୍ଡଗୋଳ ସୂତ୍ରପାତ ହୋଇଥିଲା । ଏହା ଉଗ୍ରରୂପ ଧାରଣ କରିବା ପରେ ଉପର କ୍ଲାସ ଛାତ୍ର କିଛି ଅଣଛାତ୍ରଙ୍କୁ କଲେଜକୁ ଡାକିଥିଲେ ଏବଂ ସମ୍ପୃକ୍ତ ଛାତ୍ରଙ୍କୁ ମାଡ଼ ମାରିଥିଲେ । କଲେଜ କର୍ତ୍ତୃପକ୍ଷ ଗଣ୍ଡଗୋଳକାରିଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । ହେଲେ ସେମାନେ ଓଲଟି ଶୋଧାବକା କରିଥିଲେ । ତେଣୁ କର୍ମଚାରୀ ପୁଲିସକୁ ଫୋନ କରି ଡାକିଥିଲେ । ବନମାଳୀପୁର ଫାଣ୍ଡି ପୁଲିସ ପହଁଞ୍ଚିବା ପରେ ଘଟଣା ଶାନ୍ତ ପଡିଥିଲା । କିଛି ବିଶୃଙ୍ଖଳିତ ଛାତ୍ର ଓ ଅଣଛାତ୍ର କଲେଜ କର୍ମଚାରୀଙ୍କୁ ଆକ୍ରମଣ ପାଇଁ ପରୋକ୍ଷ ରେ ଧମକ ଦେଇଥିବା ଜଣାପଡିଛି । ଗଣ୍ଡଗୋଳ ପଛରେ ପ୍ରେମ ବ୍ୟାପର ଥିବା ଶୁଣିବାକୁ ମିଳିଛି । ଘଟଣା ସମାଧାନ ହୋଇଥିବା ଫାଣ୍ଡି ଅଧିକାରୀ ହରେକୃଷ୍ଣ ପ୍ରଧାନ ସୂଚନା ଦେଇଛନ୍ତି । ଉତ୍ତେଜନା ଲାଗି ରହିଥିବା ଜଣାପଡିଛି ।

## ଜନବହୁଳ ଅଞ୍ଚଳରେ ମୋବାଇଲ ଟାୱାର ସ୍ଥାପନକୁ ବିରୋଧ



ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ସହରର ଜନବହୁଳ ଅଞ୍ଚଳ ମାନସିଂବଜାରରେ ଉଚ୍ଚ କ୍ଷମତାସମ୍ପନ୍ନ ମୋବାଇଲ ଟାୱାର ନିର୍ମାଣକୁ ବିରୋଧ କରିଛନ୍ତି ସ୍ଥାନୀୟ ଲୋକେ । ଏନେଇ ୱାର୍ଡ଼ କାଉନସିଲର ମୀତା ପଟ୍ଟନାୟକଙ୍କ ନେତୃତ୍ୱରେ ମାନସିଂବଜାରର ମହିଳା ଓ ପୁରୁଷମାନେ ଗୁରୁବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି । ବାଲେଶ୍ୱର ପୌରାଞ୍ଚଳର ୫ ନଂ ୱାର୍ଡ଼ର ଜନସଂଖ୍ୟା ଅନ୍ୟାନ୍ୟ ୱାର୍ଡ଼ ଅପେକ୍ଷା ଅଧିକ ଥିବା ବେଳେ ଏଠାରେ ମୋବାଇଲ ଟାୱାର ସ୍ଥାପନ ସମ୍ପୂର୍ଣ୍ଣ ଭୁଲ ନିଷ୍ପତ୍ତି ବୋଲି ଆରୋପ ଉଠାଇଛନ୍ତି କାଉନସିଲର ଶ୍ରୀମତୀ ପଟ୍ଟନାୟକ । ସାମ୍ପ୍ରତିକ ସ୍ଥିତିରେ ଉଚ୍ଚ କ୍ଷମତା ସମ୍ପନ୍ନ ୫-ଜି ମୋବାଇଲ ଟାୱାରରୁ ବିକିରଣ ହେଉଥିବା ତେଜସ୍ୱ ରଶ୍ମି ପଶୁପକ୍ଷୀ ସମେତ ମାନବ ଶରୀର ପାଇଁ ଅତ୍ୟକ୍ଷ କ୍ଷତିକାରକ ବୋଲି ସାବ୍ୟସ୍ତ ହୋଇଛି । ଅତଏବେ ଏହାକୁ ସର୍ବଦା ଜନବହୁଳ ଅଞ୍ଚଳରୁ ଦୂରରେ ସ୍ଥାପନ କରିବା କଥା । ମାତ୍ର ବିଭିନ୍ନ କମ୍ପାନିର ପ୍ରତିନିଧିମାନେ ସ୍ଥାନୀୟ ଜମି ମାଲିକଙ୍କୁ ଅଧିକ ଭଡ଼ାଅର୍ଥର ଲୋଭ ଦେଖାଇ ଓ ବିନା ଜନ ଶୁଣାଣିରେ ତଥା ସ୍ଥାନୀୟ କାଉନସିଲରଙ୍କ ଅନୁମୋଦନ ନ ନେଇ ଟାୱାର ନିର୍ମାଣ କରିବା ସମ୍ପୂର୍ଣ୍ଣ ବେଆଇନ ବୋଲି ଶ୍ରୀମତୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ଟାୱାର ନିର୍ମାଣ କାର୍ଯ୍ୟ ବନ୍ଦ ସହ ତାହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସ୍ଥାନୀୟ ବାସିନ୍ଦା ଜିଲାପାଳଙ୍କଠାରେ ଦାବି କରିଛନ୍ତି । ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ କାଉନସିଲର ଶ୍ରୀମତୀ ପଟ୍ଟନାୟକଙ୍କ ସମେତ ସୋନାଲି ବେହେରା, ଦେବ କୁମାର ବେହେରା, ପଦ୍ମଲୋଚନ ବେହେରା, ରୀତିକ ପଟ୍ଟନାୟକ, ବାବୁ ଦେ, ଶାନ୍ତି ବେହେରା ପ୍ରମୁଖ ଉପସ୍ଥିତ ଥଲେ ।

## ମରଣାନ୍ତକ ଆକ୍ରମଣ କରି ଟଙ୍କା ଲୁଟ୍

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଥାନା ଆମ୍ବଲି ଆମ୍ବଗୁଡା ଗ୍ରାମ ଠାରେ ଜଣକ ଘରେ କବାଟ ହାଣି ଘର ମାଲିକଙ୍କୁ ମରଣାତକ ଆକ୍ରମଣ କରି ୩୯ ହଜାର ଟଙ୍କା ଲୁଟ କରାଜାଇଛି । ପ୍ରାପ୍ତ ସୂଚନାନୁଯାୟୀ, କାକିରିଗୁମ୍ମା ଥାନା ଆମ୍ବଲି ଆମ୍ବଗୁଡା ଗାଁର ରାସ୍ତା କଡରେ ଦୋକାନ କରିଥିବା ଲିଙ୍ଗରାଜ ବିସୋଇ ରାକ୍ଷୀ ବେପାର କରି ୩୯ ହଜାର ଟଙ୍କା ରଖିଥିଲେ ।ମଙ୍ଗଳବାର ରାତିରେ ୪ଜଣ ଦୁର୍ବୃତ୍ ହାତରେ ମାରଣାସ୍ତ୍ର ଧରି ଲିଙ୍ଗରାଜଙ୍କ ଘର କବାଟ ବାଡେଇ ଥିଲେ । ଲିଙ୍ଗରାଜ କବାଟ ଖୋଲିବା କ୍ଷଣି ତାଙ୍କ ଉପରକୁ ଅତର୍କିତ ମାରଣାସ୍ତ୍ରରେ ଆକ୍ରମଣ କରି ୩୯ ହଜାର ଟଙ୍କାଧରି ଛୁ' ମାରିଥିଲେ ।ମାରଣାସ୍ତ୍ର ଆକ୍ରମଣରେ ସିଏ ଆହାତ ହୋଇ ବର୍ତ୍ତମାନ ଚିକିତ୍ସିତ ଅବସ୍ଥାରେ ଥିବା ବେଳେ କାକିରିଗୁମ୍ମା ଥାନାରେ ଏକ ମାମଲା ରୁଜୁ କରି ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଚି । ଦୁର୍ବୃତ୍ତମାନେ ଗିରଫ ହେବା ପରେ ସବୁକିଛି ପର୍ଦ୍ଦାଫାସ ହେବ ବୋଲି ପୋଲିସ କହିଛି ।

## ଅରିଷଣ୍ଡ ପଞ୍ଚାୟତ ମନେରଗା ଯୋଜନାରେ ମହାଦୁର୍ନୀତି




ନିମାପଡ଼ା, (ଭାସ୍କର ନ୍ୟୁଜ) : ନିମାପଡା ବ୍ଲକରେ ମନେରଗା ଯୋଜନାରେ ବ୍ୟାପକ ଦୁର୍ନୀତି ଘଟୁଥିବାବେଳେ ବ୍ଲକ ପ୍ରଶାସନ ନିରବ ରହିବା ପଛରେ ଏକ ବଡ ଧରଣର ଡିଲ ହୋଇଥିବା ଆଶଙ୍କା କରାଯାଉଛି । କେତେକ ବ୍ୟକ୍ତ ପୋଖରୀ ନଖୋଳି ହୁଡାକୁ ଛାଞ୍ଚି ବିଲ୍ କରିନେଇଛନ୍ତି । ଅନ୍ୟ କେତେକ ବ୍ୟକ୍ତି ପଡିଆରେ ମାଟି ୨୦ଟ୍ରିପ୍ ପକାଇ ୨୦୦ ଟ୍ରିପ୍‌ର ବିଲ କରିଛନ୍ତି । ଭଲ ରାସ୍ତାରେ ସାମାନ୍ୟ କିଛି ମାଟି ପକାଇ ତାକୁ ମଧ ବିଲ କରିନେଇଛନ୍ତି । ଗ୍ରାମ ରୋଜଗାର ସେବକ ଏହି ଘଟଣାରେ ମୁଖ୍ୟ ସାଜିଥିବା ବେଳେ ସରପଞ୍ଚ ଆଖିବୁଜି ଦେଇଛନ୍ତି । ରାଜକୋଷ ଖାଲି ହୋଇଯଉ ପଛେ କର୍ମୀଙ୍କୁ ବଞ୍ଚାଇବା ସଦୃଶ ଘଟରା ନିମାପଡା ଅଂଚଳରେ ଚର୍ଚ୍ଚାର ଖୋରାକ୍ ଯୋଗାଇଛି । ଏପରି ଘଟଣାକୁ ବୁଦ୍ଧିଜିବୀ ମହଲରେ ନିନ୍ଦା କରାଯିବା ସହ ବ୍ଲକ କର୍ମଚାରୀଙ୍କ ବିରୁଦ୍ଧରେ ଉଚ୍ଚସ୍ତରୀୟ ତଦନ୍ତ ଦାବୀ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ଅରିଷଣ୍ଡ ପଞ୍ଚାୟତରେ ସରକାରଙ୍କ ସରକାରଙ୍କ ବିକାଶ ଅଧାରେ ଅଟକିଛି । ବ୍ଲକ ପକ୍ଷରୁ ଜନସାଧାରଣଙ୍କ ସୁବିଧା ପାଇଁ ପାର୍କ ନିର୍ମାଣ କରାଯାଉଥିବା ବେଳେ ଘାସ ପଡିଆରେ ପାଚେରୀ କରାଯାଇ ଅଧାପନ୍ତରିଆ ଅଛି । ଗ୍ରାମମାନଙ୍କର ରାସ୍ତା ଅବସ୍ଥା ବେହାଲ । ଏପରି କାର୍ଯ୍ୟ ବ୍ଲକ ପ୍ରଶାସନ ଦୃଷ୍ଟି ନଦେଇ ମନେରଗା ଯୋଜନା କାର୍ଯ୍ୟରେ ବେଶ ତତ୍ପରତା ଦେଖାଇଛି । ଏବର୍ଷ ମନେରଗା ଯୋଜନାରେ ବହୁ ଅର୍ଥ ଘୋଟାଲା ହୋଇଛି । ଗ୍ରାମରୋଜଗାର ସେବକ କରଗତ ହୋଇ ଏହାର ମୁଖ୍ୟ ସାଜିଥିଲେ ମଧ ଅଧିକାରୀଙ୍କ ନିଦ ଭାଙ୍ଗୁନାହିଁ । ତେବେ କ'ଣ ପାଇଁ ଅଧିକାରୀ ନିରବ ରହିଛନ୍ତି ତାହା କାର୍ଯ୍ୟଦକ୍ଷତା ଉପରେ ସନ୍ଦେହ ସୃଷ୍ଟି କରିଛି । କେନ୍ଦ୍ର ସରକାରଙ୍କ ମନେରଗା ଯୋଜନା କାର୍ଯ୍ୟର ଅର୍ଥକୁ ଚଳୁ କରାଯାଉଛି । କେତେକ କର୍ମଚାରୀଲୋକଦେଖାଣିଆ ଭାବେ ଭଙ୍ଗା ଜିପ୍‌ରେ ବସି କାର୍ଯ୍ୟ ଅନୁଧ୍ୟାନ କରିବା ନାମରେ ମିଠା ପଇଡା ପାଣି ପିଉଥିବା ଘଟଣା ଦାଣ୍ଡରେ ପଡି ହାଟରେ ଗଡୁଛି । ଏହି ଘଟଣା ପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ଦାବୀ ହୋଇଛି । ପ୍ରକାଶ ଥାଉକି ଭିଆଇପି ମାନଙ୍କ ଜବ୍ କାର୍ଡରେ ଏହି ପଞ୍ଚାୟତରେ କାର୍ଯ୍ୟ କରାଯାଇଛି । ଟ୍ରାକ୍ଟର ଜେସିବି କାର୍ଯ୍ୟ କରିଥିବା ବେଳେ ଜବ୍‌କାର୍ଡ ସଂଗ୍ରହ କରି କାର୍ଡଧାରୀଙ୍କୁ କିଛି ଅର୍ଥ ଶୁଂଘାଇ ଅନ୍ୟ ଅର୍ଥକୁ ଦଳୀୟ ନେତା ଚଳୁ କରିଛନ୍ତି ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୩ ଆହତ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମଟରସାଇକେଲ ଦୁର୍ଘଟଣାରେ ଜଣେ ମୃତ ଏବଂ ୩ ଆହାତ ହୋଇଥିବା ଜଣାପଡିଛି । ପ୍ରାପ୍ତ ସୂଚନା ଅନୁଯାୟୀ କରଞ୍ଜିଆ ୱାର୍ଡ ନମ୍ବର ୧୫ କରଞ୍ଜିଆ-ଖିଚିଁ ରାସ୍ତାର ଟାଇଲ ଫେକ୍ଟାରୀ ନିକଟରେ ବାରିଆ ଥାନା କୁଦସାହି ଗ୍ରାମର ଗୌରମୋହନ ଜେରାଇ (୧୯)ପିତା ମୃତ୍ୟୁଞ୍ଜୟ ଜେରାଇ,ବାବୁଲୁ ତିରିଆ (୧୮)ପିତା ନନ୍ଦ ତିରିଆ,ଓ ଝରଣା ତିରିଆ(୧୬)ପିତା ମିଥୁନ ତିରିଆ ସେମାନଙ୍କ ଘରୁ ଝରଣାକୁ କରଞ୍ଜିଆରୁ ରାହାଙ୍ଗଗଡ୍ଡୁ,ଚୈଦ୍ୱ।ର ବିଦ୍ୟାଳୟକୁ ଯିବାପାଇଁ ବସରେ ବସାଇବା ପାଇଁ ଆସୁଥିଲେ । ଏହି ସମୟରେ ଅପରପଟୁ ସାଇକେଲ୍‌ରେ ଆସୁଥିବା କରଞ୍ଜିଆ ଗଡ଼ସାହ ବାସିନ୍ଦା ଗୁଲା ଦେହରୀ (୫୦)ଙ୍କ ସହିତ ମୃତ୍ୟୁଞ୍ଜୟ ଆସୁଥିବା ବାଇକ୍ ନମ୍ବର (ଓଡି ୦୯-ଏଲ-୨୯୪୬)ର ମୁହାଁମୁହିଁ ଧକ୍କା ହୋଇଥିଲା । ନିକଟସ୍ଥ ଲୋକମାନେ ସମସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ । କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଡ଼ାକ୍ତର ଗୁଲା ଦେହରୀଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ।

# ନିମ୍ନମାନର ସ୍ପର ନିର୍ମାଣ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି




ରାଜନଗର, (ଭାସ୍କର ନ୍ୟୁଜ): ରାଜନଗର ବ୍ଲକ କଂଗ୍ରେସ ପକ୍ଷରୁ ଦଳୀୟ କାର୍ଯ୍ୟାଳୟଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ରକୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କେରଡାଗଡ-ଅଳତାଙ୍ଗ ରାସ୍ତାର ଭାଟପଡାଠାରେ ହଂସୁଆ ନଦୀକୂଳରେ ତଟବନ୍ଧ ବିଭାଜନ ପକ୍ଷରୁ ନାବାର୍ଡ ସହାୟତାରେ କରାଯାଉଥିବା ସ୍ପର ଓ ପଥର ପ୍ୟାକିଂ ନିମ୍ନମାନର କାମ ହୋଇଥିବାରୁ ବ୍ଲକ ବିଜେଡି ସଭାପତି ଅଶୋକକୁମାର ପ୍ରତିହାରୀ କିଛି ଗଣମାଧମ ଜରିଆରେ ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ । ଠିକା ସଂସ୍ଥା ଜିଲ୍ଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତିଙ୍କ ଅନୁଗତମାନେ ଏହି କାମ କରୁଛନ୍ତି, ଏହା ନିମ୍ନମାନର ହେଉଛି, ବିଶେଷକରି ଭଗବତୀ କନଷ୍ଟ୍ରକସନ କମ୍ପାନୀଠାରୁ ଠିକା ନେଇଥିବା ସତ୍ୟଜିତ ପାତ୍ର ଅଂଶୁମାନଙ୍କ ଏକାନ୍ତ ଅନୁଗତ ସେ ଦୃଷ୍ଟିରୁ ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ । ଯାହାକୁ ନେଇ କଂଗ୍ରେସ ପକ୍ଷରୁ ସମ୍ବାଦିକ ସମ୍ମିଳନୀ କରାଯାଇଥିଲା । କଂଗ୍ରେସ ନେତା ସନ୍ତୋଷକୁମାର ମହାନ୍ତି ସତ୍ୟଜିତ କଂଗ୍ରେସର ନୁହେଁ, ବିଜେଡିର ଅନୁଗତ ବୋଲି ଆରୋପ କରିଥିଲେ । ଏପରିକି ଠିକାଦାର ସତ୍ୟଜିତ ବିଧାୟକ ଧ୍ରୁବ ସାହୁଙ୍କ ପିଉସୀର ପୁତୁରା ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ । ସତ୍ୟଜିତ କଂଗ୍ରେସର ନୁହେଁ, ବିଜୁ ଜନତାଦଳର ଏକାନ୍ତ ଅନୁଗତ ବୋଲି ଫଟୋଚିତ୍ର ପ୍ରଦର୍ଶନ କରିଥିଲେ । ବ୍ଲକ ବିଜେଡି ସଭାପତି ଯେଉଁ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି, ତାକୁ ସେ ସ୍ୱାଗତ କରିଥିଲେ । ଏହି ସରକାରରେ ଦୁର୍ନିତୀ ହେଉଛି ବୋଲି ସରକାରୀ ଦଳର ନେତା ସ୍ୱୀକାର କରି ଏହାକୁ ସତ ବୋଲି ପ୍ରମାଣିତ କରିଛନ୍ତି । ସୂଚନା ଥାଉକି, ଏହି ବ୍ଲକ ଭାଟପଡାଠାରେ ନିର୍ମାଣ କରାଯାଉଥିବା ପଥର ସ୍ପର କାମକୁ ଓଡିଶା କନଷ୍ଟ୍ରକସନ କମ୍ପାନୀ ୧୪କୋଟି ୭୭ଲକ୍ଷ ଟଙ୍କା କାମକୁ ଭଗବତୀ କନଷ୍ଟ୍ରକସନ କମ୍ପାନୀକୁ ଠିକା ଦେଇଥିଲା । ଏହି କାମ ଶେଷ ହୋଇନାହିଁ, ଏହା ନିର୍ମାଣାଧିନ ଅବସ୍ଥାରେ ରହିଛି । ଯାହାକୁ ନେଇ ରାଜନୈତିକ ଦଳର ନେତାଙ୍କ ମଧ୍ୟରେ କାଦୁଅ ଫିଙ୍ଗାଫିଙ୍ଗି ଆରମ୍ଭ ହୋଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ପାରେଶ୍ୱର ନାୟକ, ଅଶୋକ ବଳ, ଦିଲ୍ଲୀପ ସିଂ, ମୋହନ ଦାସ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ ।